APRIL 28, 2026
TUESDAY, BHUBANESWAR

ଏପ୍ରିଲ ୨୮, ୨୦୨୬
ମଙ୍ଗଳବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର

AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 236 | ବର୍ଷ- ୧ ● ସଂଖ୍ୟା- ୨୩୬ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- | PAGES - 12 ● PRICE- 7/-

## ଜଳବିମାନ ଉଡ଼ାଣ ହେବ




ନୂଆଦିଲ୍ଲୀ,୨୭।୪: ଦେଶରେ ଜଳବିମାନ ବା ସିପ୍ଲେନ ବିମାନ ଉଡାଣ ବାଟ ଖୋଲିଛି। ସ୍କାଏହପ୍ ଏଭିଏସନ୍ ନାମକ କମ୍ପାନିକୁ ଏଥିପାଇଁ ବିମାନସେବା ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଅନୁମତି ବା ଏୟାର ଅପରେଟର ସାର୍ଟିଫିକେଟ୍ (ଏଓସି) ମିଳିଛି। ସ୍କାଏହପ୍ ଏଭିଏସନର ସୂଚନା ଅନୁଯାୟୀ, ଚଳିତମାସ ୬ ତାରିଖରେ କମ୍ପାନି ଉତ୍ତରାଖଣ୍ଡର ଗଙ୍ଗା ବ୍ୟାରେଜ୍ ଓ ତେହରି ହ୍ରଦରେ ଜଳବିମାନର ପରୀକ୍ଷାମୂଳକ ଉଡାଣ ଓ ଅବତରଣ ସଫଳତାର ସହ ସମ୍ପାଦନ କରିଥିଲା। ଏହାପରେ କମ୍ପାନିକୁ ଡିଜିସିଏ ଏହାର ବାଣିଜ୍ୟିକ ସେବା ପାଇଁ ପ୍ରମାଣପତ୍ର ବା ଅନୁମତି ପ୍ରଦାନ କରିଛି। କମ୍ପାନିର ପ୍ରତିଷ୍ଠାତା ତଥା ସିଇଓ ଅବନୀ ସିଂହ କହିଛନ୍ତି, ଏଓସି ହାସଲ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଆମେ ଚଳାଇ ଆସିଥିବା ନିରବଚ୍ଛିନ୍ନ ଉଦ୍ୟମର ଏହା ଫଳ। ଆଗକୁ ବଢ଼ିବାରେ ଏହି ପ୍ରମାଣପତ୍ର ଆମ ପାଇଁ ସହାୟକ ହେବ।

▲ ସ୍କାଏହପ୍ ଏଭିଏସନ୍ କମ୍ପାନିକୁ ଡିଜିସିଏର ଅନୁମତି
▲ ଗଙ୍ଗା ବ୍ୟାରେଜ୍ ଓ ତେହରି ହ୍ରଦରେ ଜଳବିମାନର ପରୀକ୍ଷାମୂଳକ ଉଡାଣ ଓ ଅବତରଣ ସଫଳ

ଉଲ୍ଲେଖଯୋଗ୍ୟ, ଅବନୀ ସିଂହ ହେଉଛନ୍ତି ସ୍ପାଇସଜେଟ୍‌ର ପ୍ରତିଷ୍ଠାତା ଅଜୟ ସିଂହଙ୍କ ଝିଅ। ସୂଚନା ଅନୁଯାୟୀ, ଏହି କମ୍ପାନି ଅବନୀଙ୍କ ନିଜସ୍ୱ ଏବଂ ସ୍ପାଇସଜେଟ୍ ସହିତ ଏହାର କୌଣସି ସଂପର୍କ ☞ପୃଷ୍ଠା-୨

## ସାରା ଦେଶରେ ପାଗ ପରିବର୍ତ୍ତନ ସମ୍ଭାବନା

# ୩୦ ମଧ୍ୟରେ ଉତ୍ତର-ପୂର୍ବ ଭାରତରେ ଝଡ଼ବର୍ଷା

❖ ମେ’ ୨ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ, ସିକିମ, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ବିହାରରେ ଝଡ଼ବର୍ଷା
❖ ଚଳିତ ବର୍ଷ ‘ସୁପର ଏଲ୍ ନିନୋ’ ସମ୍ଭାବନା
❖ ସମୁଦ୍ର ତାପମାତ୍ରାରେ ଦ୍ରୁତ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଏହାର ମୂଳ କାରଣ



ନୂଆଦିଲ୍ଲୀ,୨୭।୪: ବଦଳିବ ପାଗ। ତାତିରୁ ଆଶ୍ୱସ୍ତି ଦେବ ବର୍ଷା। ସାରା ଦେଶରେ ପାଗ ପରିବର୍ତ୍ତନ ହେବାର ସମ୍ଭାବନା ଅଛି। ଆଗାମୀ ୩ ଦିନ ପର୍ଯ୍ୟନ୍ତ ପ୍ରବଳ ବେଗରେ ପବନ ବହିବା ସହିତ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସତର୍କ ସୂଚନା ଜାରି କରିଛି। ଉତ୍ତର ଏବଂ ମଧ୍ୟ ଭାରତର ସମତଳ ଅଞ୍ଚଳଗୁଡ଼ିକରେ ପ୍ରବଳ ଗରମ ଅନୁଭୂତ ହେଉଥିବାବେଳେ, କିଛି ଅଞ୍ଚଳରେ ଆଗାମୀ ତିନି ଦିନ ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଉତ୍ତର-ପୂର୍ବ ଭାରତରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି।

୨୭ ଏପ୍ରିଲରୁ ୩୦ ତାରିଖ ମଧ୍ୟରେ, ଉତ୍ତର-ପୂର୍ବ ଭାରତରେ ଝଡ଼ବର୍ଷା, ବିଜୁଳି ଏବଂ ପ୍ରବଳ ପବନ (୩୦-୫୦ କିମି/ଘଣ୍ଟା) ସହିତ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି। ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ମେ ୨ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ସେହିପରି, ମେ ୨ ତାରିଖ ପର୍ଯ୍ୟନ୍ତ ପୂର୍ବ ଭାରତର କିଛି ଅଂଶ ବିଶେଷକରି ପଶ୍ଚିମବଙ୍ଗ, ସିକିମ, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ବିହାରରେ ମଧ୍ୟ ଝଡ଼ବର୍ଷା ଏବଂ ବିଜୁଳି ସହିତ ବର୍ଷା ହୋଇପାରେ।

ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି)ର ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ, ୨୦୨୬ ମସିହାରେ ‘ସୁପର ଏଲ୍ ନିନୋ’ ସୃଷ୍ଟି ହୋଇପାରେ। ଏହା ଫଳରେ ☞ପୃଷ୍ଠା-୨

### ସର୍ବାଧିକ ଉତ୍ତପ୍ତ ସହର: ୯୫% ଭାରତର

ନୂଆଦିଲ୍ଲୀ: ସମଗ୍ର ଭାରତ ଏବେ ତାପର ପ୍ରକୋପରେ ଜଳୁଛି। ଏପ୍ରିଲ୍ ମାସରୁ ଆରମ୍ଭ ହୋଇଥିବା ବେଳେ ମେ’ ମାସରେ ଏହା ରୁଦ୍ର ରୂପ ଧାରଣ କରିବ। ଭାରତ ଏବେ ବିଶ୍ୱର ‘ଗ୍ଲୋବାଲ୍ ହିଟ୍ ଏପିକସେଣ୍ଟର’ରେ ପରିଣତ ହୋଇଛି। ରିପୋର୍ଟ ଅନୁଯାୟୀ, ପୃଥିବୀର ୧୦୦ଟି ସର୍ବାଧିକ ଉତ୍ତପ୍ତ ସହର ମଧ୍ୟରୁ ୯୫ଟି କେବଳ ଭାରତରେ ଅବସ୍ଥିତ। ଉତ୍ତର, ମଧ୍ୟ ଓ ପୂର୍ବ ଭାରତରେ ଆକାଶରୁ ନିଆଁ ବର୍ଷୁଥିବା ପରି ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ପାରଦ ୪୫ ଡିଗ୍ରୀ ସେଲସିୟସ୍‌କୁ ଅତିକ୍ରମ କରିଛି, ଯାହା ଲୋକଙ୍କ ଜୀବନକୁ ଅସହ୍ୟ କରିଦେଇଛି। ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସମେତ ଝାରସୁଗୁଡା, ବଲାଙ୍ଗୀର ଓ ସୁନ୍ଦରଗଡ଼ରେ ତାପମାତ୍ରା ରେକର୍ଡ ଛୁଇଁଛି। ଦିନବେଳେ ଝାଞ୍ଜି ପବନ ଓ ତୀବ୍ର ଖରା ଲୋକଙ୍କୁ ଅସହାୟ କରୁଥିବା ବେଳେ ଅଂଶୁଘାତର ଆଶଙ୍କା ବଢ଼ିଛି। ବିଶେଷଜ୍ଞମାନେ କହୁଛନ୍ତି,ଏଲ୍-ନିନୋ ପ୍ରଭାବ, ବଢୁଥିବା ପ୍ରଦୂଷଣ, ସବୁଜ ଆବରଣର ହ୍ରାସ ଓ ଅତ୍ୟଧିକ ସହରୀକରଣ ଏହି ଭୟଙ୍କର ପରିସ୍ଥିତି ପଛର ମୂଳ କାରଣ। ପୂର୍ବରୁ ଏପ୍ରିଲ୍ ମାସରେ ମଧ୍ୟମ ତାପମାତ୍ରା ଅନୁଭୂତ ହେଉଥିବା ବେଳେ ଏବେ ସେହି ସୀମା ଭାଙ୍ଗି ରେକର୍ଡ ସ୍ତରରେ ପହଞ୍ଚିଛି। Indian Meteorological Department (IMD) ଅନୁଯାୟୀ, ଏପ୍ରିଲ୍ ୨୮ ପରେ କିଛି ଅଞ୍ଚଳରେ ହାଲୁକା ବର୍ଷା ସମ୍ଭାବନା ଥିଲେ ମଧ୍ୟ, ମେ’ ମାସରେ ଏହି ତାପ ଆହୁରି ବଢ଼ିବାର ଆଶଙ୍କା ରହିଛି।

**ମେ’ରେ ସ୍ଥିତି ଆହୁରି ଭୟଙ୍କର**

## ଭଉଣୀର କଙ୍କାଳ ଧରି ବ୍ୟାଙ୍କରେ ହାଜର ଭାଇ



ପାଟଣା(କେଉଁଝର), ୨୭।୪(ପାର୍ଥ ସାରଥି ପାତ୍ର): ସୋମବାର ପାଟଣା ବ୍ଲକ୍ ଅନ୍ତର୍ଗତ ମଲ୍ଲୀପସି ସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଭଉଣୀର କଙ୍କାଳ ଦେଖାଇ ଜମାଟଙ୍କା ନେବାକୁ ଜଣେ ଭାଇ ଦାବି କରିବା ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ହେଲେ ପାଟଣା ବ୍ଲକ୍ ଅନ୍ତର୍ଗତ ଡିଆନାଳି ଗ୍ରାମର ଜିତୁ ମୁଣ୍ଡା। ତାଙ୍କ ମୃତ ଭଉଣୀ କଲରା ମୁଣ୍ଡାଙ୍କ ନାମରେ ୧୯ ହଜାର ୩ ଶହ ଟଙ୍କା ଏହି ବ୍ୟାଙ୍କରେ ଜମା ଥିଲା। ସୋମବାର, ଏହି ଟଙ୍କା ନେବାକୁ ତାଙ୍କ ଭାଇ ଜିତୁ ବ୍ୟାଙ୍କକୁ ଆସିଥିଲେ। ଯାହା ନାମରେ ଟଙ୍କା ଅଛି ସେ ନ ଆସିଲେ ଟଙ୍କା ଦିଆଯିବ ନାହିଁ ବୋଲି ବ୍ୟାଙ୍କର ଶାଖା ପରିଚାଳକ ରୋକ୍‌ଠୋକ୍ ଶୁଣାଇଦେଇଥିଲେ। ଏଥିରେ ବିବ୍ରତ ହୋଇ ଜିତୁ ମୁଣ୍ଡା ସିଧାସଳଖ ଯାଇ ଗାଁ ଶ୍ମଶାନ ଘାଟରେ ପୋତାଯାଇଥିବା ଭଉଣୀର କଙ୍କାଳକୁ ଖୋଳିଥିଲେ ଓ ତାକୁ କାନ୍ଧରେ ପକାଇ ତିନି କିଲୋମିଟର ଦୂର ମଲ୍ଲୀପସି ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାକୁ ଚାଲିଚାଲି ଆସି ପହଞ୍ଚିଥିଲେ। କଙ୍କାଳକୁ ବ୍ୟାଙ୍କ ବାରଣ୍ଡାରେ ରଖି ଜମାଟଙ୍କା ଦେବାକୁ ଦାବି କରିଥିଲେ। ଏହି ଘଟଣା ଦେଖିବାକୁ ବ୍ୟାଙ୍କ ସମ୍ମୁଖରେ ☞ପୃଷ୍ଠା-୨

★ ଭଉଣୀ ନାମରେ ଜମାଥିଲା ୧୯,୩୦୦ ଟଙ୍କା
★ ଟଙ୍କା ମିଳିବାର ପ୍ରତିଶ୍ରୁତି ପରେ ଭଉଣୀର କଙ୍କାଳ ନେଇ ଫେରିଗଲେ ଭାଇ

## ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗ

# ଆଜି ବିଶାଳ ମହିଳା ଆକ୍ରୋଶ ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର,୨୭।୪: ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱାଧୀନତାର ସାତ ଦଶନ୍ଧି ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ‘ନାରୀଶକ୍ତି ବନ୍ଦନ ଅଧିନିୟମ’ ଆଣିଥିଲେ। ଏହି ଅଧିନିୟମ ମହିଳାମାନଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ଦୃଢୀଭୁତ କରୁଥିଲା। ମାତ୍ର କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଣ୍ଟ ଏହାକୁ ସଂସଦରେ ପାରିତ କରେଇ ଦେଇନଥିଲା। ବିଜେଡି ଏହାକୁ ସମର୍ଥନ କରିଥିଲା। ଏଥିରୁ ବିରୋଧୀଦଳ ଗୁଡିକର ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ସେମାନଙ୍କ ଏହି ମହିଳା ବିରୋଧୀ ଷଡଯନ୍ତ୍ର ବିରୋଧରେ ଆକ୍ରୋଶ ପ୍ରତିଫଳିତ ହେଉଛି। ଚାରିଆଡେ ଏବେ ପ୍ରତିବାଦ ଓ ଆନ୍ଦୋଳନ କରାଯାଉଛି। ଏହି ମହିଳା ଆକ୍ରୋଶକୁ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ଗତ ୨୨ ତାରିଖରେ ରାଜଧାନୀ ଭୁବନେଶ୍ୱଠାରେ ବିଶାଳ ‘ଜନ ଆକ୍ରୋଶ ମହିଳା ପଦଯାତ୍ରା’ ଆୟୋଜନ କରାଯାଇଥିଲା। ସେହିପରି ଗତ ୨୪ ଓ ୨୫ ତାରିଖରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ‘ଜନ ଆକ୍ରୋଶ ମହିଳା ସମ୍ମିଳନୀ ଓ ପଦଯାତ୍ରା’ ଅନୁଷ୍ଠିତ ହୋଇଯାଇଛି। ସମାଜର ବିଭିନ୍ନ ବର୍ଗର ମହିଳାମାନେ ଏଥିରେ ସାମିଲ ହୋଇଛନ୍ତି। ଜିଲ୍ଲାସ୍ତରରେ ଏହି ମହିଳା ଆକ୍ରୋଶ ଯାତ୍ରାକୁ ବ୍ୟାପକ ସମର୍ଥନ ମିଳିବା ପରେ ଏବେ ରାଜ୍ୟର ସମସ୍ତ ମଣ୍ଡଳସ୍ତରରେ ମହିଳାମାନେ ବ୍ୟାପକ ପ୍ରତିବାଦ କରିବେ। ଏନେଇ ୨୭ରୁ ୨୯ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟର ସମସ୍ତ ମଣ୍ଡଳରେ ‘ଜନ ଆକ୍ରୋଶ ମହିଳା ପଦଯାତ୍ରା’ ଅନୁଷ୍ଠିତ ହେବ। ଆସନ୍ତାକାଲି ଭୁବନେଶ୍ୱରରେ ଏକ ବିରାଟ ମହିଳା ଆକ୍ରୋଶ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ସମାଜର ପ୍ରତ୍ୟେକ ବର୍ଗର ମହିଳା ବହୁ ସଂଖ୍ୟାରେ ଏହି ମଶାଲ ଯାତ୍ରାରେ ସାମିଲ ହେବା ସହ ମଣ୍ଡଳସ୍ତରରେ ହେବାକୁ ଥିବା ସମ୍ମିଳନୀକୁ ବ୍ୟାପକ ସମର୍ଥନ କରିବାକୁ ଶ୍ରୀମତୀ ପଟ୍ଟନାୟକ ଅନୁରୋଧ କରିଛନ୍ତି। ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ ବିଜେପି ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି।ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା.ଐଶ୍ବର୍ଯ୍ୟା ବିଶ୍ୱାଳ ଉପସ୍ଥିତ ଥିଲେ।




◆ ୨୯ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ମଣ୍ଡଳରେ ‘ଜନ ଆକ୍ରୋଶ ମହିଳା ପଦଯାତ୍ରା’
◆ ଜିଲ୍ଲାସ୍ତରରେ ମିଳିଛି ବ୍ୟାପକ ସମର୍ଥନ
◆ ମହିଳାଙ୍କୁ ସାମ୍ବିଧାନିକ ଅଧିକାର ଦେବାପାଇଁ ଲଢ଼େଇ ଜାରି ରଖିବ ବିଜେପି

## ୩୦ ମେ’ ସୁଦ୍ଧା ବକେୟା ରାଜସ୍ୱ ମାମଲା ସଂଶୋଧନ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୭।୪: ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅଧିଗ୍ରହୀତ ଜମି ମାମଲାରେ ଭୂମି ରାଜସ୍ୱ ମାଫ୍ (ଏବେଟ୍‌ମେଣ୍ଟ) ଏବଂ ଜମିପଟ୍ଟା ବା ରେକର୍ଡ ଅଫ ରାଇଟସ୍ ସଂଶୋଧନକୁ ତ୍ୱରିତ ଓ ସମୟୋପଯୋଗୀ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଚିଠି ଲେଖି ଉଚିତ୍ ସମୟରେ ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ ସମ୍ବନ୍ଧରେ ଉଚିତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ ଅନୁଯାୟୀ ଅଧିଗ୍ରହଣ ସମ୍ବନ୍ଧୀୟ ସଂଶୋଧନ ସୁନିଶ୍ଚିତ କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି।

ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ, ଅନେକ ମାମଲାରେ ଭୂମି ରାଜସ୍ୱ ମାଫ୍ ଓ ଜମିପଟ୍ଟା ସଂଶୋଧନ କାର୍ଯ୍ୟ ବକେୟା ରହିଛି। ଯାହା ଫଳରେ ଜମି ସମ୍ବନ୍ଧୀୟ ରେକର୍ଡ୍ ନିୟମିତ ଭାବେ ସଂଶୋଧନ ହେବାରେ ବ୍ୟାଘାତ ସୃଷ୍ଟି ହେଉଛ। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ବକେୟା ମାମଲାଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ଭିତରେ ସମାଧାନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାପାଳମାନେ ମାସିକ ଭିତ୍ତିରେ ଲକ୍ଷ୍ୟ ଧାର୍ଯ୍ୟ କରି ତହସିଲଦାରମାନଙ୍କ ମାଧ୍ୟମରେ ଆବଶ୍ୟକୀୟ ସଂଶୋଧନ କାର୍ଯ୍ୟ ସମ୍ପାଦନ କରିବେ। ଉପ-ଜିଲ୍ଲାପାଳମାନଙ୍କୁ ଏହି କାର୍ଯ୍ୟର ନିରୀକ୍ଷଣ ଦାୟିତ୍ୱ ଦିଆଯିବା ସହ ରେଭେନ୍ୟୁ ଡିଭିଜନାଲ କମିଶନରମାନେ (ଆରଡିସି) ପ୍ରତି ଦୁଇ ମାସରେ ଏହାର ସମୀକ୍ଷା କରିବେ ଏବଂ ରାଜସ୍ୱ ପର୍ଷଦ (ବୋର୍ଡ୍ ଅଫ ରେଭେନ୍ୟୁ) ପ୍ରତି ତିନି ମାସରେ ସମୀକ୍ଷା କରି ବିଭାଗକୁ ସଂକଳିତ ରିପୋର୍ଟ ପ୍ରଦାନ କରିବେ। ତେବେ ରାଜସ୍ୱ ବିଭାଗ ଦ୍ୱାରା ଏ ପର୍ଯ୍ୟନ୍ତ ସଂଶୋଧିତ ରିପୋର୍ଟ୍ ସଠିକ୍ ସମୟରେ ହସ୍ତଗତ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ସଂଶୋଧିତ ରେକର୍ଡ ନଥିବା ଯୋଗୁଁ ଅନଧିକୃତ କିମ୍ବା ବିବାଦୀୟ ଜମି ପୁନର୍ବାର କିଣାବିକା ରୋକିବା ପାଇଁ ଜିଲ୍ଲାପାଳମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ଯେ, ☞ପୃଷ୍ଠା-୨

**ରାଜସ୍ୱ ମାଫ୍ ପ୍ରସ୍ତାବକୁ ଶୀଘ୍ର ସମ୍ପାଦନ ଓ ଜମିପଟ୍ଟା ସମୁଚିତ ସମୟରେ ସଂଶୋଧନ କର**



## ଅକ୍ଷର ବ୍ୟଙ୍ଗ ବିଚାର

**ଡ.ଗିରୀଶ ରଂଜନ**

ଗରମ ସାଙ୍ଗକୁ ବର୍ଷା ଓ ଝଡ଼
ମାଡ଼ିତ ଆସୁଛି ନିତି
ଜଳବାୟୁର ପରିବର୍ତ୍ତନ
ଖେଳୁଅଛି କିତି କିତି
ଜୀବନ ଗଲାଣି ତାତି
ଝଡ଼ ବର୍ଷା ଆଉ ବିପର୍ଯ୍ୟୟ
ଏବେ ମଣିଷର ଚିର ସାଥି

## ଆଇନ ମନ୍ତ୍ରୀଙ୍କୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ଦେଲେ ଲିଙ୍ଗରାଜ ମନ୍ଦିର ସତ୍ତ୍ୱଲିପି କମିଟି

# ଶୃଙ୍ଖଳିତ ନୀତିକାନ୍ତି ନେଇ ପ୍ରସ୍ତାବ

ଭୁବନେଶ୍ୱର,୨୭।୪: ମହାପ୍ରଭୁ ଲିଙ୍ଗରାଜଙ୍କ ସତ୍ତ୍ୱଲିପି କମିଟି ପକ୍ଷରୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି।

ଲିଙ୍ଗରାଜ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ଓ ସୁପରିଚାଳନା ନିମନ୍ତେ ଆବଶ୍ୟକ ପରାମର୍ଶ ଦେବା ପାଇଁ ଜଷ୍ଟିସ୍ ଡ. ଦୁର୍ଗାପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇଜଣିଆ କମିଟି ଗଠିତ ହୋଇଥିଲା। ଏହି କମିଟି ସୋମବାର, ନିଜର ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ଦାଖଲ କରିଛନ୍ତି। ଏଥିରେ ମନ୍ଦିରର ସେବା ପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ଓ ରୋଷଶାଳା ମରାମତି, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା, ସେବାୟତ ପାଇଁ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ, ହୁଣ୍ଡି ପରିଚାଳନା, ଜମି ସମସ୍ୟା ସମାଧାନ ନେଇ ପ୍ରାୟ ୧୬ଟି ପ୍ରସ୍ତାବ ଦେଇଛନ୍ତି।

ମନ୍ତ୍ରୀ ଶ୍ରୀହରିଚନ୍ଦନ ଏହି ରିପୋର୍ଟ ଗ୍ରହଣ କରିବା ସହ ଏହାକୁ ସଂପୂର୍ଣ୍ଣ ଅନୁଶୀଳନ କରି ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ନୀତିକାନ୍ତି ସହ ସମସ୍ତ ସେବାୟତ, ନିଯୋଗ ଏବଂ ଭକ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ବ୍ୟବସ୍ଥା କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ସବୁ ମନ୍ଦିରରେ ବଜ୍ରପାତ ନିରୋଧକ ଲାଗିବ। ଆର୍ଥିଂ ଯୋଗୁ ବଡ କ୍ଷୟକ୍ଷତିରୁ ଲିଙ୍ଗରାଜ ମନ୍ଦିର ରକ୍ଷା ପାଉଥିବା ସେ ସୂଚନା ଦେଇଥିଲେ। ଏହି ଅବସରରେ ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବିଜେପି ☞ପୃଷ୍ଠା-୨



○ ସେବାୟତଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା
○ ମନ୍ଦିର ଓ ରୋଷଘର ମରାମତି ଏବଂ ଆଲୋକୀକରଣ ହେବ
○ ସବୁ ମନ୍ଦିରରେ ଲାଗିବ ବଜ୍ରପାତ ନିରୋଧକ

## ଖୁବଶୀଘ୍ର ପ୍ରକାଶ ପାଇବ ଦଶମ ପରୀକ୍ଷା ଫଳ

ଭୁବନେଶ୍ୱର,୨୭।୪: ଓଡ଼ିଶାର ଲକ୍ଷଲକ୍ଷ ଛାତ୍ରଛାତ୍ରୀଙ୍କ ପ୍ରତୀକ୍ଷା ଶେଷ ହେବାକୁ ଯାଉଛି। ଖୁବ୍ ଶୀଘ୍ର ପ୍ରକାଶ ପାଇବ ଦଶମ ଓ ଯୁକ୍ତ ଦୁଇ ପରୀକ୍ଷା ଫଳ। ଏନେଇ ସୂଚନା ଦେଇଛନ୍ତି ବୋର୍ଡ ସଭାପତି। ତେବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ତ୍ରୁଟି ବିହୀନ ପରୀକ୍ଷା ପରିଚାଳନା ପରେ ଯଥା ସମୟରେ ପ୍ରକାଶ ପାଇବ ରେଜଲ୍ଟ। ଚଳିତ ବର୍ଷ ପ୍ରାୟ ୫ ଲକ୍ଷ ୬୦ ହଜାର ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ, ପରୀକ୍ଷା ପରିଚାଳନା ସୁଚାରୁ ଓ ତ୍ରୁଟିବିହୀନ ଭାବେ ସମ୍ପନ୍ନ ହୋଇଛି। ତେଣୁ ଫଳାଫଳ ମଧ୍ୟ ଠିକ୍ ସମୟରେ ପ୍ରକାଶ ପାଇବ ବୋଲି ଆଶା ବଢ଼ିଛି। ଏହା ସହ ରାଜ୍ୟରେ ବଢୁଥିବା ତୀବ୍ର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ଖରାଛୁଟି ସମୟରେ ଘରେ ରହି ପଢ଼ାରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ଏବେ ସମସ୍ତଙ୍କ ଆଖି ରେଜଲ୍ଟ ଉପରେ। କେବେ ଆସିବ ଫଳାଫଳ ତାହାକୁ ନେଇ ଉତ୍ସାହ ବଢିଛି।

ଅକ୍ଷର
AKHYARA ODISHA ଓଡ଼ିଶା



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଜଳବିମାନ ଉଡ଼ାଣ...

ନାହିଁ। ପ୍ରଥମ ପର୍ଯ୍ୟାୟରେ ସ୍କାଏହପ୍ ୫ଟି ଦ୍ୱୀପ ଏବଂ ମୁଖ୍ୟ ସ୍ଥଳଭାଗ ମଧ୍ୟରେ ଯୋଗାଯୋଗ ସ୍ଥାପନ ପାଇଁ ସେବା ଆରମ୍ଭ କରିବା ଯୋଜନା ରଖିଛି। ୧୯ ଆସନ ବିଶିଷ୍ଟ ଜଳବିମାନରେ ଏହି ସେବା ଆରମ୍ଭ ହେବ। ଏଥିସହିତ ଦେଶର ଅନ୍ୟାନ୍ୟ ଭାଗରେ ମଧ୍ୟ ଏହି ସେବା ପାଇଁ ବିଚାର କରାଯାଉଛି। ଦେଶର ଯେଉଁ ଅଞ୍ଚଳରେ ପାରମ୍ପରିକ ବିମାନବନ୍ଦର ନାହିଁ କିମ୍ବା ସ୍ଥାପନ କରିବା କଷ୍ଟସାଧ୍ୟ ସେସବୁ ଅଞ୍ଚଳକୁ ବିମାନରେ ଯୋଗାଯୋଗ ସୁବିଧା ଯୋଗାଇବାରେ ଜଳବିମାନ ସେବା ସହାୟକ ହେବ।

### ୩୦ ମଧ୍ୟରେ ଉତ୍ତର-ପୂର୍ବ...

ମୌସୁମୀ ବର୍ଷା ହ୍ରାସ ପାଇବ ଏବଂ ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ହେବ। ୧୮୭୭-୭୮ ପରି ଏକ ବିପର୍ଯ୍ୟୟ ପୁନରାବୃତ୍ତି ହୋଇପାରେ। ପ୍ରାୟ ୧୫୦ ବର୍ଷ ପୂର୍ବେ ଘଟିଥିବା ବିନାଶକାରୀ ଏଲ୍ ନିନୋ ବିଶ୍ୱ ସ୍ତରରେ ବ୍ୟାପକ ଦୁର୍ଭିକ୍ଷ, ମରୁଡ଼ି ସୃଷ୍ଟି କରିବା ସହିତ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁର କାରଣ ହୋଇଥିଲା। ସମୁଦ୍ର ତାପମାତ୍ରାରେ ଦ୍ରୁତ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ହେଉଛି ଏହାର ମୂଳ କାରଣ।

ପଶ୍ଚିମା ବାୟୁ ସହିତ ଏକ ପଶ୍ଚିମ ବିସ୍ତାର ସକ୍ରିୟ ଅଛି। ପୂର୍ବ ଉତ୍ତର ପ୍ରଦେଶ ଏବଂ ଆଖପାଖ ଅଞ୍ଚଳଗୁଡ଼ିକରେ ଏକ ଘୂର୍ଣ୍ଣିବଳୟ ପରିସର ଜାରି ରହିଛି। ପଶ୍ଚିମ ବାୟୁ ଜେଟ୍ ଷ୍ଟ୍ରିମ୍ ବର୍ତ୍ତମାନ ପୂର୍ବ ଭାରତରେ ସକ୍ରିୟ ଅଛି। ଏହାର ପ୍ରଭାବରେ ଆଗାମୀ ତିନି ଦିନ ପାଇଁ ଉତ୍ତର-ପଶ୍ଚିମ ଏବଂ ମଧ୍ୟ ଭାରତରେ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ଜାରି ରହିବାର ସମ୍ଭାବନା ଅଛି, ଯାହା ପରେ ପାଗ ପରିବର୍ତ୍ତନ ହେବାର ଆଶା କରାଯାଉଛି। ଆଗାମୀ ସପ୍ତାହରେ, ପୂର୍ବ ଭାରତରେ ବଜ୍ରପାତ ସହିତ ଝଡ଼ବର୍ଷା ହେବାର ସମ୍ଭାବନା ଅଛି। ବିଶେଷକରି, ଉତ୍ତର-ପଶ୍ଚିମ ଭାରତରେ ଏପ୍ରିଲ ୨୮ରୁ ମେ ୨ ମଧ୍ୟରେ, ମଧ୍ୟ ଭାରତରେ ଏପ୍ରିଲ ୨୭ ରୁ ଏପ୍ରିଲ ୩୦ ମଧ୍ୟରେ ଏବଂ ଦକ୍ଷିଣ ଭାରତରେ ଏପ୍ରିଲ ୨୮ ରୁ ଏପ୍ରିଲ ୩୦ ମଧ୍ୟରେ କିଛି ଅଞ୍ଚଳରେ ବର୍ଷା ମଧ୍ୟ ହୋଇପାରେ।

ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୪୨ ଡିଗ୍ରୀ ସେଲସିୟସ୍ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲସିୟସ୍ ରହିଛି। ଧୂଳିଝଡ଼ ଏବଂ ବର୍ଷାର ସମ୍ଭାବନା ଯୋଗୁଁ ପ୍ରଚଣ୍ଡ ଗରମରୁ କିଛିଟା ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି। ମଙ୍ଗଳବାର ଦିନ ସହରର ବିଭିନ୍ନ ସ୍ଥାନରେ ପ୍ରବଳ ପବନ ସହିତ ହାଲୁକା ବର୍ଷା କିମ୍ବା ଝିପିଝିପି ବର୍ଷା ହୋଇପାରେ। ଆଗାମୀ ତିନି ଦିନ ପର୍ଯ୍ୟନ୍ତ ଦିଲ୍ଲୀରେ ମେଘ ଲାଗି ରହିବ ବୋଲି ଆଶା କରାଯାଉଛି। କିଛି ଅଞ୍ଚଳରେ ଗ୍ରୀଷ୍ମ ଲହରୀ ହେବାର ସମ୍ଭାବନା ଥିବା ବେଳେ, ଅପରାହ୍ନ ସମୟରେ ହାଲୁକା ବର୍ଷା ସହିତ ଝଡ଼ବର୍ଷା ହେବାର ସମ୍ଭାବନା ଅଛି। ପବନର ବେଗ ଘଣ୍ଟା ପ୍ରତି ୩୦ ରୁ ୫୦ କିଲୋମିଟର ମଧ୍ୟରେ ରହିବ। ୨୮, ୨୯ ଏବଂ ୩୦ ଏପ୍ରିଲରେ ପାଗ ଅସ୍ଥିର ରହିବ ବୋଲି ଆଶା କରାଯାଉଛି। ପରବର୍ତ୍ତୀ ସମୟରେ ମେ' ୧ ଏବଂ ୨ ରେ ପାଗ ଶୁଖିଲା ରହିବା ସହିତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି।

### ଭଉଣୀର କଙ୍କାଳ...

ଶହଶହ ଲୋକ ରୁଣ୍ଡ ହୋଇଯାଇଥିଲେ। ବ୍ୟାଙ୍କ୍ କର୍ମଚାରୀଙ୍କ ଠାରୁ ସୂଚନା ପାଇ ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜିତୁକୁ ବୁଝାସୁଝା କରିବା ସହିତ ଟଙ୍କା ଦିଆଯିବାର ପ୍ରତିଶ୍ରୁତି ଦେବାପରେ ସେ କଙ୍କାଳକୁ ନେଇ ଚାଲିଯାଇଥିଲେ। ସୂଚନାଯୋଗ୍ୟ, କଲରା ମୁଣ୍ଡା କିଛି ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କ ସ୍ୱାମୀ ଓ ଏକମାତ୍ର ପୁତ୍ର ସନ୍ତାନଙ୍କର ମୃତ୍ୟୁ ଘଟିଛି। ୨ ମାସ ପୂର୍ବେ କଲରାଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। କଲରାଙ୍କ ନିକଟ ସମ୍ପର୍କୀୟ ବୋଇଲେ, ତାଙ୍କ ଭାଇ ଜିତୁ ହିଁ ଏକମାତ୍ର ବ୍ୟକ୍ତି ଥିଲେ।

### ୩୦ ମେ' ସୁଦ୍ଧା ବକେୟା...

ସମସ୍ତ ରାଜସ୍ୱ ମାଫ୍ ପ୍ରସ୍ତାବକୁ ଶୀଘ୍ର ସମ୍ପାଦନ କରିବା ସହିତ ଜମି ଅଧିଗ୍ରହଣ ଅଧିକାରୀଙ୍କ (ଏଲଏଓ) ଦ୍ୱାରା ପ୍ରସ୍ତାବିତ ମାମଲାରେ ନିୟମାନୁସାରେ ଜମିପଟ୍ଟା ସମୁଚିତ ସମୟରେ ସଂଶୋଧନ କରିବେ।

ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ବକେୟା ରାଜସ୍ୱ ମାଫ୍ ଓ ଜମିପଟ୍ଟା ସଂଶୋଧନ କାର୍ଯ୍ୟକୁ ୩୦ ମଇ ୨୦୨୬ ମଧ୍ୟରେ ସମ୍ପନ୍ନ କରିବାକୁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ଏହା ପରେ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦିଷ୍ଟ ଫର୍ମାଟ୍ ଅନୁସାରେ ସମ୍ବନ୍ଧିତ ସୂଚନା ୧୫ ଜୁନ ୨୦୨୬ ମଧ୍ୟରେ ରାଜସ୍ୱ ବିଭାଗକୁ ପ୍ରେରଣ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ସରକାର ଜମି ସମ୍ବନ୍ଧୀୟ ରେକର୍ଡର ସମୟୋପଯୋଗୀ ସଂଶୋଧନ, ଜମି ଅଧିଗ୍ରହଣ ପ୍ରକ୍ରିୟାର ସଠିକ୍ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସ୍ୱଚ୍ଛ, ଦକ୍ଷ ତଥା ପାରଦର୍ଶୀ ରାଜସ୍ୱ ପ୍ରଶାସନ ସୁନିଶ୍ଚିତ କରିବା ନିମନ୍ତେ ନିଜର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

### ଶୃଙ୍ଖଳିତ ନୀତିକାନ୍ତି...

କ୍ଷମତାକୁ ଆସିବା ପରେ ନିଜର ନିର୍ବାଚନ ପ୍ରତିଶ୍ରୁତି କ୍ରମେ ୨୦୨୫ରେ ଲିଙ୍ଗରାଜ ମନ୍ଦିରର ପରିଚାଳନା ସଂସ୍କାର ନିମନ୍ତେ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ଏକ କମିଟି ଗଠନ କରିଥିଲେ। ଚଳିତ ବର୍ଷ ଜାନୁଆରିରେ କମିଟି ପ୍ରଥମ ଅନ୍ତରୀଣ ରିପୋର୍ଟରେ ଶ୍ରୀମନ୍ଦିର ପରିଚାଳନା ଢାଞ୍ଚାରେ ଲିଙ୍ଗରାଜ ମନ୍ଦିର ପରିଚାଳନା କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସର ସମୀକ୍ଷା ଏବଂ ଚୂଡ଼ାନ୍ତ କରିବାକୁ ମଧ୍ୟ କହିଥିଲେ।

# ପଦୋନ୍ନତି ପଦ ସଂଖ୍ୟା ବୃଦ୍ଧି ଦାବି



ରାୟଗଡ଼ା, ୨୭/୪(ଅକ୍ଷର ଓଡିଶା ) ରାଜ୍ୟ ଅଣଗେଜେଟେଡ ପ୍ରାଣୀଚିକିତ୍ସା ବୈଷୟିକ କର୍ମଚାରୀ ସଂଘ, ରାୟଗଡ଼ା ଜିଲା ଶାଖାର ୫ମ ତ୍ରୟବାର୍ଷିକ ସାଧାରଣ ସମ୍ମିଳନୀ ଓ ଆଗାମୀ ତିନିବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଧନପତି କଣ୍ଡାଗିରିଙ୍କ ସଭାପତିତ୍ୱରେ ଗୁଣପୁର ଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାକାରୀ ଡ଼ଃ. ମୃର୍ମୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ପ୍ରାଣୀ ଚିକିତ୍ସାକାରୀ ଡ଼ଃ. ଅଶୋକ କୁମାର ବେହେରା ଓ ବ୍ଲକ ପ୍ରାଣୀ ଚିକିତ୍ସାକାରୀ ଡ଼ଃ. କୃଷ୍ଣାନନ୍ଦ ବେହେରା ଯୋଗଦେଇଥିଲେ । ରାଜ୍ୟ ସଂଘ ସଭାପତି ପ୍ରଶାନ୍ତ ମିଶ୍ର ମୁଖ୍ୟ ବକ୍ତା, ସଙ୍ଗଠନ ସମ୍ପାଦକ ରାମଚନ୍ଦ୍ର ନାୟକ ଓ ଦକ୍ଷିଣାଞ୍ଚଳ ସଂଗଠକ ପ୍ରସାଦ ପାସୁରେଡି ଅନ୍ୟତମ ବକ୍ତା ଭାବେ ଯୋଗଦେଇଥିଲେ । ଜିଲା ସମ୍ପାଦକ ଦୀପକ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସମ୍ମିଳନୀରେ ସଂଘର ବିଭିନ୍ନ ଦାବି ଯଥା କ୍ୟାଡର ପୁନର୍ଗଠନରେ ଅସଙ୍ଗତି, ପଦୋନ୍ନତି ପଦ ସଂଖ୍ୟା ବୃଦ୍ଧି, ଓଆର୍ଏସ୍ପି ରୁଲ-୨୦୧୭ ଅନୁଯାୟୀ ପ୍ରଥମ ପଦୋନ୍ନତିରେ ୪୨୦୦ ଗ୍ରେଡ୍ ପେ ପ୍ରଦାନ, ପଦବୀ ନାମ ପରିବର୍ତ୍ତନ ଓ କାର୍ଯ୍ୟସାରଣୀର ସମସ୍ୟା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସଂଘବଦ୍ଧ ଭାବେ ଦାବି ଉପସ୍ଥାପନ ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସଂଘର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା କରାଯାଇଥିଲା । ରମେଶ ଚନ୍ଦ୍ର ବାଗ ସଭାପତି, ଦୀପକ ସାହୁ ସମ୍ପାଦକ, ବାବୁଲା ଶବର, କାନ୍ଦୁଲା ଲକ୍ଷ୍ମୀ ଉପସଭାପତି, ପଦ୍ମନ ପାଲକା ସହ ସମ୍ପାଦକ, ଚନ୍ଦ୍ର ଶେଖର ଗୁପ୍ତା କୋଷାଧ୍ୟକ୍ଷ ଓ ସଂଗଠକ ଭାବେ ରାଜସିଂହ ବାହିନୀପତି ନିର୍ବାଚିତ ହୋଇଥିଲେ। ନିରଞ୍ଜନ ହିମିରିକା ଓ ସହଦେବ ରଥଙ୍କୁ ଉପଦେଷ୍ଟା ଭାବେ ନିଯୁକ୍ତ କରାଯାଇଥିଲା । ସହଦେବ ରଥ, ଜଗଦୀଶ ପାତ୍ର, ରାମଚନ୍ଦ୍ର ନାୟକ ଓ ଆଞ୍ଚଳିକ ସଂଗଠକ ପ୍ରସାଦ ପାସୁରେଡି ନିର୍ବାଚନ ପରିଚାଳନା କରିଥିଲେ । ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମିଶ୍ର ନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇଥିଲେ । ସତ୍ୟ ଜେନା ମଞ୍ଚ ପରିଚାଳନା କରିଥିଲେ ।

## ସହରରେ ଖୋଲିଲା JMGର ନୂତନ ଶୋରୁମ

କେନ୍ଦ୍ରାପଡ଼ା, ୨୭/୪ (ଅଲେଖ ନାୟକ) କେନ୍ଦ୍ରାପଡ଼ା ସହରରେ ଶୁଭାରମ୍ଭ ହେଲା ଓଁଗଏ କାମ୍ପାନୀର ନୂତନ ହିରୋ ଡିଲର ଶୋରୁମ ଓ ମ୍ୟାନେଜିଙ୍ଗ ଡାଇରେକ୍ଟ ପ୍ରଦୀପ ଅଗ୍ରୱାଲ ଏବଂ ଇଷ୍ଟ ଜୋନ ମ୍ୟାନେଜିଙ୍ଗ ଡାଇରେକ୍ଟର ଲକ୍ଷ୍ମୀ ସେହେତଙ୍କ ନେତୃତ୍ୱରେ ଶୁଭାରମ୍ଭ ହୋଇଯାଇଛି JMG କମ୍ପାନୀର ନୂତନ ହିରୋ ଡିଲର ଶୋରୁମ ଓ କଟକ ଜିଲ୍ଲା ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବର୍ତ୍ତମାନ ସୁଦ୍ଧା ୨୦୦ରୁ ଉର୍ଦ୍ଧ ଗାଡ଼ି ବିକ୍ରି ହୋଇସାରିଛି ଓ କେନ୍ଦ୍ରାପଡ଼ାରେ ହିରୋ ଡିଲରସିପ ଖୋଲାଯାଇଛି ଯାହା କଷ୍ଟମର ମାନଙ୍କ ପାଇଁ ସ୍ପେୟାର ପାର୍ଟ୍ସ ଏବଂ ଅନ୍ୟାନ ସୁବିଧା ଯୋଗାଇ ଦିଆଯିବ ଓ ଜିଲ୍ଲାରେ ଏହା ସର୍ବ ବୃହତ ହିରୋ ଶୋରୁ ହୋଇଥିବା ବେଳେ ଆଗାମୀ ସମୟରେ ଜିଲ୍ଲା ବାସି ଏବଂ ସହର ବାସୀଙ୍କ ମନ ଜିଣିବା ସହ ଶବୁ ପ୍ରକାର ଏବଂ ଶବୁ ମଡେଲ ଗାଡ଼ି ଉପଲବ୍ଧ ରହିବ, ଓ ସମସ୍ତ ପ୍ରକାର କଷ୍ଟମର ସୁବିଧା ଯୋଗାଇଦିଆଯିବ ବୋଲି ମ୍ୟାନେଜିଙ୍ଗ ଡାଇରେକ୍ଟ ପ୍ରଦୀପ ଅଗ୍ରୱାଲ କହିଥିଲେ ।

# ମିଳିନି ପାଠ୍ୟ ପୁସ୍ତକ

କଣ୍ଟିଲୋ, ୨୭/୪(ରଜତ ଦାସ୍): ଶିକ୍ଷା ଅବ୍ୟବସ୍ଥା ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ।ପ୍ରାୟ ମାସେ ତଳୁ ପରୀକ୍ଷା ଫଳ ଘୋଷଣା ସରିଥିଲେ ମଧ୍ୟ ଖଣ୍ଡପଡା ବ୍ଲକ ଅଞ୍ଚଳର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କୁ ମିଳିନି ପାଠ୍ୟପୁସ୍ତକ। ବହି ମିଳିନଥିବାରୁ ପିଲାମାନଙ୍କ ପାଠପଢା ଗଭୀର ଭାବେ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି ।ଏଣେ ସ୍କୁଲ ଛୁଟି ସରକାର ଘୋଷଣା କରିଛନ୍ତି। ପାଠ୍ୟ ପୁସ୍ତକ ବିନା ପିଲାଙ୍କ ପାଠ ପଢା ଚୁଲିକି ଗଲାଣି। ରେଜଲ୍ଟ ବାହାରିବା ସଂଗେ ସଂଗେ ପାଠ୍ୟ ପୁସ୍ତକ ବଣ୍ଟନ ଶେଷ ହେବା କଥା। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଯିବା ସହ ପାଠ୍ୟ ପୁସ୍ତକ ଯୋଗାଣରେ ଅହେତୁକ ବିଳମ୍ବ ଯୋଗୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ପ୍ରତିକ୍ରିୟା ନେବାରେ ବ୍ଲକକୁ ଏପର୍ଯ୍ୟନ୍ତ ଆବଶ୍ୟକ ଥିବା ବହି ଆସିନଥିବା କହିଛନ୍ତି। ତୁରନ୍ତ ବହି ଯୋଗାଣ ପାଇଁ ଅଭିଭାବକମାନେ ଦାବି କରୁଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡା, ୨୭/୦୪ (ଅଲେଖ ନାୟକ )ଆଜି ବ୍ଲକଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ନିଜ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଶିବିରରେ ମୋଟ ୬୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୪୮ ଟି ବ୍ୟକ୍ତଗତ ଏବଂ ୧୫ ଟି ସାମୂହିକ । ତଦ୍‌ମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ



ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରାଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଯେ, ଆଜି ବ୍ଲକରେ ଗତ ୨ ଫେବୃଆରୀରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୯୩ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୩ ଟି ଅଭିଯୋଗର ସମାଧାନ ହୋଇସାରିଛି ।

## ବିରୋଧୀ ଦଳମାନଙ୍କର ମହିଳା ବିରୋଧୀ ମାନସିକତା ବିରୁଦ୍ଧରେ ବିଜେପିର ସାମ୍ବାଦିକ ସମ୍ମିଳନୀ




ନୟାଗଡ଼, ୨୭/୦୪ (ଅକ୍ଷର ଓଡିଶା ) ସଂସଦରେ ମହିଳା ବିଲ୍‌କୁ ବିରୋଧୀ ଦଳମାନେ ବାଧାପ୍ରାପ୍ତ କରିବା ପରେ, ସେମାନଙ୍କର ଅସଲ ଚେହେରା ଓ ମହିଳା ବିରୋଧୀ ମାନସିକତାକୁ ଜନସାଧାରଣଙ୍କ ସମ୍ମୁଖରେ ଉଜାଗର କରିବା ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ସାରା ଦେଶରେ ଅଭିଯାନ ଆରମ୍ଭ କରିଛି। ଏହି କ୍ରମରେ ଆଜି ନୟାଗଡ଼ ପୁରୁଣା ରାଜବାଟୀ ପରିସରରେ ନୟାଗଡ଼ ବିଜେପି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ରାଜ୍ୟ ବିଜେପି ସମ୍ପାଦିକା ସ୍ମୃତି ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁଷ୍ମନ୍ତ ସ୍ୱାଇଁ, ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟା ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା, ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ରାଜ୍ୟ ବିଜେପିର ସଦସ୍ୟା ତଥା ସମାଜସେବୀ ମନୀଷା ଜେନା,ବିଜେପି ପୂର୍ବତନ ଜିଲ୍ଲା ସଭାପତି, ସନ୍ୟାସୀ ପ୍ରଧାନ, ଜିଲ୍ଲା ପରିଷଦ ମେମ୍ବର ଲକ୍ଷ୍ମୀପ୍ରିୟା ତରାଇ, ସମ୍ପାଦକ ବିଜେପି ନୟାଗଡ଼ ଜିଲ୍ଲା କମିଟି ସାରଳା ସାମନ୍ତରାୟ, ଉପ ସଭାପତି ନୟାଗଡ଼ ଜିଲ୍ଲା କମିଟି, ବିଜେପି ମାଧବ ବେହେରା, ସମ୍ପାଦକ ବିଜେପି ନୟାଗଡ଼ ଜିଲ୍ଲା କମିଟି, ରୀଙ୍କିନା ଗୌଡ଼ ପ୍ରମୁଖ ଯୋଗ ଦେଇ ବିରୋଧୀ ଦଳଙ୍କ ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହିଳା ମାନଙ୍କ ସଶକ୍ତିକରଣ ପାଇଁ ଅଣାଯାଇଥିବା ଐତିହାସିକ ବିଲ୍‌କୁ କେବଳ ରାଜନୈତିକ ସ୍ୱାର୍ଥ ପାଇଁ ବିରୋଧୀମାନେ ଅଟକାଇ ରଖିଛନ୍ତି। ଏହା ଭାରତର ୭୦ କୋଟି ମହିଳାଙ୍କ ପ୍ରତି ଏକ ଅପମାନ ବୋଲି ନେତୃ ବୃନ୍ଦ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ବିଜେପି ର ବରିଷ୍ଠ ସଦସ୍ୟ ନସିର ଅହମ୍ମଦ ପରିଚାଳନା କରିଥିଲେ।

# ଗୋ ସମ୍ମାନ ଆହ୍ୱାନ ଅଭିଯାନ




ନୟାଗଡ଼, ୨୭/୪ (ଅକ୍ଷର ଓଡ଼ିଶା)- ସମଗ୍ର ଭାରତ ବର୍ଷରେ ଗୋ ହତ୍ୟା ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଓ ଗୋ ମାତାଙ୍କୁ ରାଷ୍ଟ୍ରୀୟ ସ୍ତରରେ ରାଷ୍ଟ୍ରମାତା ସମ୍ମାନ ଦାବିରେ ସମ୍ପୂର୍ଣ୍ଣ ଦେଶରେ ଥିବା ସମସ୍ତ ତହସିଲର ତହସିଲ ଦାରଙ୍କ ମାଧ୍ୟମରେ ଆଜି ତା ୨୭.୦୪ ୨୦୨୬ ରିଖ ସୋମବାର ଦିବା ୧୦ ଘଟିକା ସମୟରେ ମାନ୍ୟବର ପ୍ରଧାନ ମନ୍ତ୍ରୀ ମହାମହିମ ରାଷ୍ଟ୍ରପତି ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ମହାମହିମ ରାଜ୍ୟପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି ଏହି ଅବସର ରେ ନୟାଗଡ ଜିଲ୍ଲାରେ ଥିବା ସମସ୍ତ ଆଠ ଗୋଟି ତହସିଲ ରେ ତହସିଲ ଦାରଙ୍କ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଗୋସେବକ ଭାଇମାଙ୍କଦ୍ୱାରା ଦାବି ପତ୍ର ପ୍ରଦାନ କରାଯାଇଛି।

**ଗୋମାତା ସମ୍ମାନ ପାଇଁ ଜାତୀୟ ଆହ୍ୱାନ**

# କେନ୍ଦ୍ରୀୟ ଆଇନ ଦାବି ଜୋରଦାର

ଗୋପ, ୨୭/୪(ସନ୍ତୋଷ କୁମାର ଭୋଳ)ଦେଶବ୍ୟାପୀ ଗୋଭକ୍ତ, ସନ୍ତ ସମାଜ ଓ ସଚେତନ ନାଗରିକମାନଙ୍କ ପକ୍ଷରୁ ''ଗୌ ସମ୍ମାନ ଆହ୍ୱାନ ଅଭିଯାନ'' ଅଧୀନରେ ଗୋମାତାଙ୍କ ସୁରକ୍ଷା, ସମ୍ମାନ ଓ ସଂରକ୍ଷଣ ପାଇଁ ଏକ କେନ୍ଦ୍ରୀୟ ଆଇନ ଆଣିବାକୁ ଦେଶବ୍ୟାପୀ ଦାବି ଜୋରଦାର ହୋଇଛି। ଏହି ଅଭିଯାନର ଅଂଶରୂପ ଆଜି ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ସ୍ୱାମୀ କୃଷ୍ଣାନନ୍ଦ ମହାରାଜ (ପୁରୀ), ସ୍ୱାମୀ ପ୍ରଶାନ୍ତ ଗିରି (ହରିଦ୍ୱାର), ଗୋସେବକ ସମ୍ପଦ କୁମାର ଜେନା, ଗୋପ୍ରେମୀ ସନ୍ତୋଷ କୁମାର ଭୋଳ, ସରତ କୁମାର ବେହେରା ଓ ଗୋପ ସୁରକ୍ଷା ମଞ୍ଚର ସଭାପତି ସଚ୍ଚିଦାନନ୍ଦ ଗୋଛାୟତ ପ୍ରମୁଖ ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଅଧିକ ଗୋପ୍ରେମୀ ଯୋଗଦେଇ ଗୋମାତାଙ୍କ ସୁରକ୍ଷା ପ୍ରତି ନିଜ ଅଟୁଟ ସମର୍ପଣ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ



ଶେଷରେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରାର୍ଥନା ପତ୍ର ପ୍ରଦାନ କରାଯାଇଥିଲା। ଗୋଚୋରାଚାଳନ, ଅବୈଧ ବଧ ଓ ରାସ୍ତାଘାଟରେ ଅବହେଳିତ ଗାୟମାନଙ୍କ ଅବସ୍ଥା ସମାଜକୁ ଗଭୀର ଭାବେ ବ୍ୟଥିତ କରୁଛି ।ସେମାନଙ୍କ ମତାନୁସାରେ, ଗୋବଂଶ କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ, ବରଂ ଗ୍ରାମୀଣ ଅର୍ଥନୀତିର ମୂଳ ଆଧାର। ''ଆତ୍ମନିର୍ଭର ଭାରତ'' ଗଠନରେ ଗୋକେନ୍ଦ୍ରିକ କୃଷି ଓ ପ୍ରାକୃତିକ ଚାଷ ପ୍ରଣାଳୀର ଭୂମିକା ଅତ୍ୟନ୍ତ ଜରୁରୀ ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ପତ୍ରରେ କାଶୀ ବିଶ୍ୱନାଥ ଧାମ ଓ ମହାକାଳ ଲୋକ ପରି ପ୍ରକଳ୍ପ ମାଧ୍ୟମରେ ସାଂସ୍କୃତିକ ପୁନରୁତ୍‌ଥାନ ଘଟିଥିବା କଥା ଉଲ୍ଲେଖ କରାଯାଇ, ଏହାର ଅଗ୍ରଗତି ସ୍ୱରୂପ ଗୋମାତାଙ୍କୁ ''ଜାତୀୟ ସମ୍ମାନ'' ଦେବାକୁ ସମୟୋଚିତ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଦାବି ଉଠିଛି। ସେହିପରି, ଗୋପାଳନ ଓ ଗୋବଂଶ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରିବାକୁ ମଧ୍ୟ ଅଭିଯାନକାରୀମାନେ ଦାବି କରିଛନ୍ତି, ଯାହା ମାଧ୍ୟମରେ ଏହି କ୍ଷେତ୍ରରେ ସଂଗଠିତ ଓ ଦୃଢ଼ ପଦକ୍ଷେପ ନିଆଯାଇପାରିବ। ଏହି କାର୍ଯ୍ୟକ୍ରମରେ ସୁଦର୍ଶନ ମିଶ୍ର, ଅନୀଲ ପରମାଣିକ, ଚନ୍ଦ୍ରକାନ୍ତ ସାହୁ ସହଯୋଗ କରିଥିଲେ।

# ଚାଷୀଙ୍କ ପଞ୍ଜିକରଣ ନେଇ ତିନି ଘଣ୍ଟା ଧାରଣା ଦେଲା ବିଜେଡ଼ି

କୋରାପୁଟ, ୨୭/୪ (ଅକ୍ଷର ଓଡ଼ିଶା)- କୋରାପୁଟ ଜିଲ୍ଲାରେ ଚାଷୀ ପଞ୍ଜୀକରଣ ରୁ କଟିଲେ ପ୍ରାୟ ପାଞ୍ଚ ହଜାର ଚାଷୀ ଏବଂ ଉଗ କିଷାନ୍‌ରୁ କଟିଛନ୍ତି ପ୍ରାୟ ୪୩ ହଜାର। ଏହାକୁ ବିରୋଧ କରି ଆଜି କୋରାପୁଟ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସାମନାରେ ବିଜେଡି ନେତୃତ୍ୱ ରେ ଧାରଣାରେ ବସିଥିଲେ ଜିଲ୍ଲାର ଶତାଧିକ ଚାଷୀଙ୍କ ସହ ବିଜେଡି ର ଆଗଧାଡ଼ିର ନେତାଗଣ ।ପୂର୍ବତନ ମନ୍ତ୍ରୀ ତଥା ବିଜେଡି ର ବରିଷ୍ଠ ନେତା ରବି ନାରାୟଣ ନନ୍ଦ ଙ୍କ ନେତୃତ୍ୱରେ ଆଜି ଏହି ବିକ୍ଷଭ କରାଯାଇଥିଲା ।ସକାଳ ଏଗାରଟାରୁ ଦିନ ଦୁଇଟା ପର୍ଯ୍ୟନ୍ତ ଏହି ବିକ୍ଷଭ ପରେ ଜିଲାପାଳଙ୍କ ଅନୁପସ୍ଥିତି ରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି। ଡବଲ ଇଞ୍ଜିନ ସରକାରରେ ଚାଷୀଙ୍କୁ ଡବଲ ଧୋକା ମିଳୁଛି ।କେତେବେଳେ ମଣ୍ଡି ସମସ୍ୟା ତ ଆଉ କେତେବେଳେ ଧାନ ବିକ୍ରି ଭଳି ସମସ୍ୟା ପିଚା ଛାଡୁନି ।ପ୍ରଶାସନିକ ଅପାରଗତା ବା ପରିଚାଳନା ଗତ ତ୍ରୁଟିପାଇଁ କୋରାପୁଟ ଜିଲାର ଅନେକ ଚାଷୀ ଏବେବି ପଞ୍ଜିକରଣ ରୁ ବଞ୍ଚିତ ଅଛନ୍ତି ।ଚାଷ ଛଡା ଅନ୍ୟ ଜୀବିକା ଜୀବିକା ନାହିଁ କୋରାପୁଟ ଚାଷୀଙ୍କର ।ଧାନ ବିକ୍ରି କରିବା ପାଇଁ ରବି ଋତୁରେ କେବେ ଆରମ୍ଭ ହେଲା କେବେ ଶେଷ ହେଲା ଚାଷୀ ଜାଣିପାରିଲେ ନାହିଁ। ବିଦ୍ୟୁତ, ସର୍ଭର ଓ ସାର୍ଟିଫିକେଟ ର ସମସ୍ୟା ଦେଖାଗଲା ।ତେଣୁ ପଞ୍ଜିକରଣ ରେ ସମସ୍ୟା ଦେଖାଗଲା ,ଆଗକୁ ଦଲାଲ ମାଧ୍ୟମରେ ଚାଷୀ କମ ଦରରେ ବିକ୍ରି କରିବା ପାଇଁ ବାଧ ହେବେ ଓ ଶୋଷଣର ଶିକାର ହେବେ ।ଅନ୍ୟପଟେ, ଉଗ କିଷାନ ରେ ୪୩ ହଜାର ଚାଷୀ ଙ୍କୁ କାଟି ଦିଆଯାଇଛି ତେଣୁ ସେମାନଙ୍କ ନାକୁ ପୁଣି ଯୋଡ଼ା ଯାଉ ବୋଲି ଶ୍ରୀ ନନ୍ଦ ଦାବି କରିଛନ୍ତି। ଆଜିର ଏହି ଧାରଣା ରେ ପୂର୍ବତନ ବିଧାୟକ ଗଣ,ଜିଲାସଭାପତି ଏବଂ ବିଜେଡିର ଅନେକ କର୍ମୀ ଓ ନେତା ମାନେ ଯୋଗ ଦେଇଥିଲେ।

# ସମ୍ବଲପୁର ସହର ଅବାଧ ନିଶା ବ୍ୟବସାୟର ପେଣ୍ଠସ୍ଥଳି

ସମ୍ବଲପୁର, ୨୭/୪(ଦେବେନ୍ଦ୍ର ମିଶ୍ର ) ସମ୍ବଲପୁର ସହର ରେ ଅବାଧରେ ନିଶା ଦ୍ରବ୍ୟ ର କରବାର ଚାଲୁଥିବା ସତ୍ୱେ ପୋଲିସ ପ୍ରଶାସନ ତରଫରୁ ଯେତେ ଧର ପଗଡ଼ ହେଉଛି ତାହା ସ୍ୱୀକାର ଯୋଗ୍ୟ ନୁହେଁ ବୋଲି ସଚେତନ ନାଗରିକ ମହଲ ରେ ଅଭିଯୋଗ ଉଠୁଛି। ପ୍ରକାଶଯୋଗ୍ୟ ଯେ ସହର ମଧ୍ୟରେ ତଥା ଉପଖଣ୍ଡ ଅଂଚଳ ରେ ଅବାଧ ରେ ଦେଶୀ ମହୁଲି,ବିଦେଶୀ ମଦ, ଗଞ୍ଜାଇ, କଫସିରାପ, ନିଶା ଟେବ୍ଲେଟ କରବାର ର ରେକେଟ ସକ୍ରିୟ ରହିଥିବା ଦେଖିବାକୁ ମିଳୁଛି ସତ କିନ୍ତୁ ପୋଲିସ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସତ୍ୱେ ଡ୍ରଗ ମାଫିଆ ଙ୍କୁ କୌଣସି ଫରକ ପଡୁନଥିବା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜ୍ୟସରକାରଙ୍କ କଡା ନିର୍ଦ୍ଦେଶ ଏବଂ ପ୍ରଶାସନର ଦୃଢ଼ ପଦକ୍ଷେପ ଏହି ନିଶା ରେକେଟ କୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେଇ ପାରୁ ନଥିବା ସାଧାରଣ ରେ ବିସ୍ମୟ ସୃଷ୍ଟି କରୁଛି। ଏକ ଆକଂଳନ ରୁ ଜଣା ଯାଉଛି ଯେ ସହର ମଧ୍ୟରେ ଏବଂ ସହର ଉପଖଣ୍ଡ ଅଂଚଳରେ ପ୍ରାୟ ଏକ ହଜାର ରୁ ଉର୍ଦ୍ଧ୍ୱ କୁଟିଆ ଦେଶୀ ମଦ ବିକ୍ରି କେନ୍ଦ୍ର ୫୦୦ ରୁ ଉର୍ଦ୍ଧ୍ୱ ପାନଦୋକାନ ମାନଙ୍କରେ ଗଂଜେଇ,ନିଶା ଟେବଲ ବିକ୍ରି ଚାଲିଥିବା ପ୍ରଶାସନ ଓ ଅବକାରୀ ବିଭାଗ ର ଦମନ କାରି ସକ୍ରିୟତା କେତେ ତାହା ସ୍ପଷ୍ଟ ଜଣାପଡୁଛି। ବିଗତ ଦିନରେ ପୋଲିସ ର ସକ୍ରିୟତା ଫଳରେ ବହୁ ବହୁ ପରିମାଣ ରେ ନିଶା ଦ୍ରବ୍ୟ ଜବତ ହେଉଥିବା ଏବଂ ଗିରଫଦାରୀ ହେଉଥିବା ସତ୍ୟ କିନ୍ତୁ ତା ସତ୍ୱେ ବି ଏ ଅବାଧ ବ୍ୟବସାୟ ଚାଲୁ ରହୁ ଥିବା ପଛରେ ନିଶ୍ଚିତ କାହାରି ପ୍ରଚ୍ଛନ୍ନ ହାତ ରହିଥିବା ସାଧାରଣ ରେ ସଂଦେହ ସୃଷ୍ଟି କରୁଛି।

# ଇଚ୍ଛାପୁର-ପୁଆଣିଆଁ ରାସ୍ତା ପ୍ରତି ପ୍ରଶାସନର ଦୃଷ୍ଟି ନାହିଁ

ଖଣ୍ଡପଡା ୨୭ଝ୪ (ରଜତ ଦାସ୍) ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତର ପୁଆଣିଆଁ ଗ୍ରାମରୁ ନିକଟସ୍ଥ ଇଚ୍ଛାପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଦିର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡି ରହିଛି ।ଉକ୍ତ ରାସ୍ତାର ଉନ୍ନତିକରଣ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ୨ଟି ଗ୍ରାମର ବାସିନ୍ଦା ବାରମ୍ବାର ଦାବି କରି ଆସୁଥିଲେ ହେଁ ସେଥିପ୍ରତି ଖଣ୍ଡପଡ଼ା ବ୍ଲକ ପ୍ରଶାସନ ନତୁବା ଜନ ପ୍ରତିନିଧିମାନେ କେହି ହେଲେ ଧ୍ୟାନ ଦେଉ ନଥିବାରୁ ବର୍ଷ ବର୍ଷ ଧରି ରାସ୍ତାଟି ଅବହେଳିତ ଅବସ୍ଥାରେ ପଡି ରହିଥିବା ଜଣାପଡିଛି। ଉକ୍ତ ୨ ଟି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଦୂରତ୍ୱ ମାତ୍ର ୧ କିଲୋମିଟରରୁ କମ ହୋଇଥିବା ବେଳେ ଦୂରତ୍ୱ କମ ଦୃଷ୍ଟିରୁ ଗ୍ରାମବାସୀ ଏହି ରାସ୍ତା ଦେଇ ବର୍ଷ ତମାମ ଯାତାୟାତ ନିମନ୍ତେ ନିର୍ଭର କରିଥାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ନିମନ୍ତେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ମୁଖ୍ୟମନ୍ତ୍ରୀ ସଡକ ଯୋଜନା, ପଞ୍ଚାୟତ ସମିତି ଅନୁଦାନ ଅର୍ଥ, ସାଂସଦ ପାଣ୍ଠି ଅନୁଦାନ ଅର୍ଥ, ମନରେଗା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ହେଁ ଦୀପ ତଳ ଅନ୍ଧାର ପରି ପ୍ରଶାସନିକ ଅଧିକାରୀ ନତୁବା ଲୋକ ପ୍ରତିନିଧି କେହି ହେଲେ ଉକ୍ତ ରାସ୍ତାର ଉନ୍ନତିକରଣ ଦିଗରେ ଧ୍ୟାନ ଦେଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ରାସ୍ତାର ଉନ୍ନତିକରଣ ଦିଗରେ ବ୍ଲକ ପ୍ରଶାସନ, ଖଳିସାହି ପଞ୍ଚାୟତ କର୍ତ୍ତୃପକ୍ଷ, ନୟାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଦୃଷ୍ଟି ଦେବାକୁ ଇଚ୍ଛାପୁର ଓ ପୁଆଣିଆ ଗ୍ରାମର ବାସିନ୍ଦା ଦାବି କରିଛନ୍ତି।

**ନବୋଦୟ ବିଦ୍ୟାଳୟ ତୁଡ଼ିପାଜୁରେ ଯୁକ୍ତ ୨ ଛାତ୍ର ଆତ୍ମହତ୍ୟା ଘଟଣା**

# ନ୍ୟାୟ ଦାବିରେ ୭ କିଲୋମିଟର ଚାଲି ଭେଟିଲେ ଏସପି ଓ ଜିଲ୍ଲାପାଳଙ୍କୁ




ଫିରିଙ୍ଗିଆ, ୨୭/୪( ମନୋଜ ସାହୁ) କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ସଦର ଥାନା ଅନ୍ତର୍ଗତ ତୁଡ଼ି ପାଜୁ ପଞ୍ଚାୟତର ତୁଡ଼ି ପାଜୁ ନବୋଦୟ ବିଦ୍ୟାଳୟରେ ଗତ ୨୦ ତାରିଖରେ ବିଦ୍ୟାଳୟର ନିଜ କକ୍ଷରେ ଫ୍ୟାନରେ ରଶି ଲଗାଇ ଆତ୍ମ ହତ୍ୟା କରିଥିବା ଘଟଣାରେ ମୃତ ଛାତ୍ରଙ୍କ ତରଫରୁ ହତ୍ୟା କରାଯାଇଥିବା ନେଇଁ ଅଭିଯୋଗ କରିଥିଲେ । ଶବ ବ୍ୟବଚ୍ଛେଦ ପରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶବ ରଖି ନ୍ୟାୟ ଦାବିରେ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ଶବକୁ ନିଜ ଗ୍ରାମକୁ ନେଇଥିଲେ। ତେବେ ଘଟଣା ଆଜକୁ ପ୍ରାୟ ସାତ ଦିନ ବିତିଯାଇଥିବା ବେଳେ ପରିବାର ଲୋକେ କୌଣସି ନ୍ୟାୟ ନ ମିଳିବା ଅଭିଯୋଗ କରିଥିବା ବେଳେ ପୁଣି ମୃତକଙ୍କ ପରିବାର ଲୋକ ଏବଂ ନବୋଦୟ ବିଦ୍ୟାଳୟର ପଚାଶରୁ ଉର୍ଦ୍ଧ ଛାତ୍ରଛାତ୍ରୀ ନ୍ୟାୟ ଦାବିରେ ବିଦ୍ୟାଳୟରୁ ସକାଳ ୭ଟାରେ ପ୍ରାୟ ୭ କିଲୋମିଟର ଦୁର ଚାଲି ଚାଲି ଫୁଲବାଣୀ ପହଞ୍ଚି ଛାତ୍ର ମୃତ୍ୟୁର ନ୍ୟାୟ ଦାବୀ କରି ଦିନ ତମାମ ଫୁଲବାଣୀରେ ରହିବା ସହ କନ୍ଧମାଳ ଏସପି ହରିଶ ବିଶି ଏବଂ ଜିଲ୍ଲାପାଳ ବେଦ ଭୂଷଣଙ୍କୁ ଭେଟି ଆଲୋଚନା କରିବା ସହ ନ୍ୟାୟ ଦାବୀ କରିଛନ୍ତି । ତେବେ ପଚାଶରୁ ଉର୍ଦ୍ଧ ଛାତ୍ରଛାତ୍ରୀ ପ୍ରାୟ ୭ କିଲୋମିଟର ଚାଲିକି ଜିଲ୍ଲାପାଳଙ୍କୁ ଭେଟିବା ଭଳି ଅଭାବନୀୟ ଘଟଣାରେ ପ୍ରଶାସନ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଞ୍ଚଳବାସୀ । ଅନ୍ୟପଟେ ଅତିଶୀଘ୍ର ଜୀଏବି ଏହି ଘଟଣାରେ ସମ୍ପୃକ୍ତି ଅଛନ୍ତି ତାଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଛାତ୍ରଛାତ୍ରୀ ଏବଂ ପରିବାର ଲୋକେ ଦାବୀ କରିଥିବା ବେଳେ ଘଟଣାରେ ଛାତ୍ରଛାତ୍ରୀ ଓ ପରିବାର ଲୋକେ ଏସପିଙ୍କୁ ଭେଟି ଦୀର୍ଘ ସମୟ ଆଲୋଚନା କରିଥିଲେ ଓ ମୃତ ଛାତ୍ରକୁ ବିଦ୍ୟାଳୟର କର୍ତ୍ତୃପକ୍ଷ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଉଥିଲେ ବୋଲି ମଧ୍ୟ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଏହି ଘଟଣାରେ ଗୁରୁତ୍ୱ ଦେଇ ତଦନ୍ତ କରାଯିବ ଓ ଯିଏ ବି ସମ୍ପୃକ୍ତ ଅଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବାର ଲୋକ ଓ ଛାତ୍ରଛାତ୍ରୀମାନଙ୍କୁ କନ୍ଧମାଳ ଏସପି ହରିଶ ବିଶି ଏବଂ ଜିଲାପାଳ ବେଦ ଭୂଷଣ ପ୍ରତିଶ୍ରୁତି ଦେଇଥିଲେ ।

# କୂଅରୁ ଯୁବକଙ୍କୁ ସୁରକ୍ଷିତ ଉଦ୍ଧାର କଲା ଅଗ୍ନିଶମ ବାହିନୀ



ଗଁଦିଆ ୨୭/୦୪(ବେତୁଜୀ ପ୍ରସାଦ): ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଅଞ୍ଚଳରେ ଜଣେ ୧୮ ବର୍ଷୀୟ ଯୁବକ କୂଅ ମଧ୍ୟକୁ ଖସି ପଡ଼ିଥିବା ବେଳେ ଅଗ୍ନିଶମ ବିଭାଗ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ମିଳିଥିବା ସୂଚନା ମୁତାବକ ଶ୍ରୀରାମଚନ୍ଦ୍ରପୁର ଗ୍ରାମର ଉମାକାନ୍ତ ରଥଙ୍କ ପୁଅ ସତ୍ୟବ୍ରତ ରଥ (୧୮) ଆଜି ଅପରାହ୍ନ ପ୍ରାୟ ୧୨ଟା ୪୫ ମିନିଟ୍ ସମୟରେ ଅସାବଧାନତା କାରଣରୁ ନିକଟସ୍ଥ ଏକ କୂଅ ମଧ୍ୟକୁ ଖସି ପଡ଼ିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ତୁରନ୍ତ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।ଖବର ପାଇ ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟିମ୍ ସଦସ୍ୟ ସନ୍ତୋଷ କୁମାର ଷେଣ୍ଢ, ରମାକାନ୍ତ ସାହୁ, ଖିରୋଦ ଧାରୁଆ, ଦେବଦତ୍ତ ଦାସ ଓ ସୌରଭ କୁମାର ବେହେରା ପ୍ରମୁଖ କଠିନ ପରିଶ୍ରମ କରି ଯୁବକଙ୍କୁ କୂଅ ଭିତରୁ ସଫଳତାର ସହ ବାହାରକୁ ଆଣିଥିଲେ। ଉଦ୍ଧାର ପରେ ତାଙ୍କୁ ଚିକିତ୍ସା ପାଇଁ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅଗ୍ନିଶମ କର୍ମଚାରୀଙ୍କ ଏହି ତ୍ୱରିତ ସେବା ପାଇଁ ସ୍ଥାନୀୟ ଅଞ୍ଚଳରେ ସେମାନଙ୍କୁ ପ୍ରଶଂସା କରାଯାଇଛି।

## ‘ନାରୀ ଶକ୍ତି ବନ୍ଦନ’ ପାଇଁ ଢେଙ୍କାନାଳରେ ବିଜେପିର ହୁଙ୍କାର

# ବିରୋଧୀ ଦଳଙ୍କ ‘ଔଷଧ ବିକଳରେ ତାଟିଆ କାମୁଡା’ : ରାସବିହାରି ବେହେରା

ଢେଙ୍କାନାଳ,୨୭/୦୪ (ସୁଶାନ୍ତ କୁମାର ପାଣୀ): ସଂସଦରେ ଗତ ଏପ୍ରିଲ ୧୬ ଓ ୧୭ ତାରିଖରେ ଆଗତ ହୋଇଥିବା ଐତିହାସିକ ‘ନାରୀ ଶକ୍ତି ବନ୍ଦନ ଅଧିନିୟମ’ ତଥା ସମ୍ବିଧାନ ୧୩୧ତମ ସଂଶୋଧନ ବିଲ୍, ସୀମା ନିର୍ଦ୍ଧାରଣ ବିଲ୍ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ୍‌କୁ ବିରୋଧୀ ଦଳଗୁଡ଼ିକ ବିରୋଧ କରିଥିବା ଘଟଣାକୁ ନେଇ ଢେଙ୍କାନାଳ ଜିଲ୍ଲା ବିଜେପି ପକ୍ଷରୁ ଦୃଢ ପ୍ରତିକ୍ରିୟା ପ୍ରକାଶ ପାଇଛି।ଜିଲ୍ଲା କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଘଟିକାରେ ଜିଲ୍ଲା ସଭାପତି ରାସବିହାରି ବେହେରାଙ୍କ ଅଧ୍ୟକ୍ଷତାରେ ‘ନାରୀ ଶକ୍ତି ବନ୍ଦନ’ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବେହେରା କହିଲେ, “ସଂସଦରେ ମହିଳାଙ୍କୁ ୩୩% ସଂରକ୍ଷଣ ଦେବା ବିଲ୍‌କୁ ବିରୋଧ କରି କଂଗ୍ରେସ, ସମାଜବାଦୀ ପାର୍ଟି, ଟିଏମସି ଓ ଡିଏମକେ ଦେଶର ଅଧା ଜନସଂଖ୍ୟା ସହ ବିଶ୍ୱାସଘାତକତା କରିଛନ୍ତି। ସେମାନଙ୍କର ମହିଳା-ବିରୋଧୀ ମାନସିକତା ସମ୍ପୂର୍ଣ୍ଣ ରୂପେ ପଦାରେ ପଡିଯାଇଛି।



ବିରୋଧୀ ଦଳ ଏବେ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି।”ରାଜ୍ୟ ସମ୍ପାଦିକା ଡ. ପ୍ରୀତି ପ୍ରତିଭା ଭୋଲ କହିଲେ, “ସମସ୍ତଙ୍କ ଘରେ ନାରୀ ଅଛନ୍ତି। ତେଣୁ ନାରୀ ଶକ୍ତି ବନ୍ଦନ ଅଧିନିୟମ ନିଶ୍ଚୟ ଆସିବ। ମହିଳାଙ୍କ ଅସମ୍ମାନ ଆଉ ଚଳିବ ନାହିଁ। ଦରକାର ବେଳେ ଆମେ କାଳୀ ରୂପ ନେବୁ।”ଜିଲ୍ଲା ଉପସଭାନେତ୍ରୀ ଇତିଶ୍ରୀ ସାହୁ କହିଲେ, “ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପଷ୍ଟ କରିଛନ୍ତି ଯେ, ନୀତି ନିର୍ଦ୍ଧାରଣରେ ମହିଳାଙ୍କ ଭାଗିଦାରୀ କୌଣସି ଅନୁଗ୍ରହ ନୁହେଁ, ଏହା ସେମାନଙ୍କର ସ୍ୱାଭାବିକ ଅଧିକାର। ଯେଉଁମାନେ ଏହି ଐତିହାସିକ ସୁଯୋଗକୁ ବାଧାପ୍ରାପ୍ତ କରିଛନ୍ତି, ଆଗାମୀ ନିର୍ବାଚନରେ ସେମାନେ ମହିଳାଙ୍କ ପ୍ରବଳ କ୍ରୋଧର ସମ୍ମୁଖୀନ ହେବେ।”ପ୍ରେସ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସଂସଦରେ ସ୍ପଷ୍ଟ କରିଛନ୍ତି – “ସୀମା ନିର୍ଦ୍ଧାରଣ ଦ୍ୱାରା କୌଣସି ରାଜ୍ୟର କ୍ଷତି ହେବ ନାହିଁ; ବରଂ ଦକ୍ଷିଣ ଭାରତର ଆନୁପାତିକ ପ୍ରତିନିଧିତ୍ୱ ସୁରକ୍ଷିତ ରହିବ ଓ ବୃଦ୍ଧି ଘଟିବ।” ସମାଜବାଦୀ ପାର୍ଟି ଭଳି ଦଳଗୁଡ଼ିକ କୋଟା ଭିତରେ ଧର୍ମଭିତ୍ତିକ ସଂରକ୍ଷଣର ଅସାମ୍ବିଧାନିକ ଦାବି ଉଠାଇ କେବଳ ତୁଷ୍ଟିକରଣ ଓ ପ୍ରସଙ୍ଗକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି।ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରଥ ବିଶ୍ୱାଳ, ରାଜ୍ୟ ସମ୍ପାଦକ କୃଷକ ମୋର୍ଚ୍ଚା ଅରୁଣ ନାୟକ, ଜିଲ୍ଲା ଉପସଭାପତି ଧ୍ରୁବଚରଣ ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା, ପୂର୍ବତନ ଜିଲ୍ଲା ସଭାପତି ନରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ମାତୃ ପ୍ରସାଦ ନନ୍ଦ ସଂଯୋଜନା କରିଥିଲେ।ବିଜ୍ଞପ୍ତିରେ କୁହାଯାଇଛି, “ଭାରତୀୟ ଜନତା ପାର୍ଟି ମହିଳା ସଶକ୍ତୀକରଣ ଏବଂ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ। ମହିଳାମାନେ ସେମାନଙ୍କର ଉଚିତ୍ ପ୍ରାପ୍ୟ ପାଇବା ନିଶ୍ଚିତ କରିବାକୁ ଏହି ମହିଳା-ବିରୋଧୀ ଶକ୍ତିମାନଙ୍କ ସହ ଦଳ ଦୃଢ଼ତାର ସହ ଲଢ଼ିବ। ଗତ ଏପ୍ରିଲ ୧୬ ଓ ୧୭ ତାରିଖରେ ସଂସଦରେ ଯେଉଁ ଲଜ୍ଜାଜନକ, ଅଗଣତାନ୍ତ୍ରିକ ଓ ମହିଳା-ବିରୋଧୀ ଆଚରଣ ଦେଖିବାକୁ ମିଳିଲା, ତାହାକୁ ଦଳ ଦୃଢ଼ ନିନ୍ଦା କରୁଛି।”

# ତୁମୁସିଙ୍ଗା ଥାନା ହାଜତରୁ ଅଭିଯୁକ୍ତ ଗୁଡୁ ଫେରାର

## ପୋଲିସ ଖୋଜିଖୋଜି ନୟାନ୍ତ ମିଳୁନାହିଁ ଅଭିଯୁକ୍ତର ପତା

କାମାକ୍ଷାନଗର: ୨୭/୪ ( ସୁମନ୍ତ ଜେନା) ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନାରେ ଗୁରୁତର ଘଟଣା ଘଟିଛି । ହତ୍ୟା ସମ୍ପର୍କିତ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ପୋଲିସ ହେପାଜତରୁ ଖସି ପଳାଇଯାଇଛି ।ପୋଲିସ ସୂଚନା ଅନୁସାରେ, ବିଜାଡିହି (ଆସ୍ଥୟୀ )ଗ୍ରାମର ଗୁଡୁ ପଧପଇଁତ(୨୦ବର୍ଷ)ଙ୍କୁ ୨୪ ଏପ୍ରିଲରେ ଗିରଫ କରାଯାଇଥିଲା। ସେ ଅପରାଧ ସ୍ୱୀକାର କରି ଅପରାଧରେ ବ୍ୟବହୃତ ପଥର ମଧ୍ୟ ପୋଲିସ ଜବତ କରିଥିଲେ। ତାଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଚିକିତ୍ସା ଓ ପରୀକ୍ଷା ନିରୀକ୍ଷା ପରେ ଥାନା ଲକ୍‌ଅପରେ ରଖାଯାଇଥିଲା। ପରଦିନ ଆଦାଲତକୁ ପଠାଇବାକୁ ବ୍ୟବସ୍ଥା ହେଉଥିଲା।୨୫ ଏପ୍ରିଲ ସକାଳ ପ୍ରାୟ ୬.୩୫ ରେ ହଠାତ୍ ସେଣ୍ଟ୍ରି କନଷ୍ଟେବଲ୍ ଦେଖିବାକୁ ପାଇ ଥିଲେ ହାଜତରେ ଗୁଡୁ ନାହିଁ। ଚିତ୍କାର କରି ଖୋଜିବା ପରେ ଘଟଣା ଜଣାପଡିଥିଲା। ପୋଲିସ ପକ୍ଷରୁ ତୁରନ୍ତ ଖୋଜଖୋଜି ଆରମ୍ଭ କରାଯାଇଥିଲେ ମଧ୍ୟ ୨୪ ଘଣ୍ଟା ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ଫେରାର ଗୁଡୁର ପତା ମିଳିନି। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଥାନା ପାଖ ବିଭିନ୍ନ ଜଙ୍ଗଲରେ ଦିନରାତି ପଇଁତରା ମାରିବା ସହିତ ତଦନ୍ତ ଜାରି ରଖିଛି । ସୂଚନାଯୋଗ୍ୟ ବର୍ଷେ ପୂର୍ବରୁ ଗୁଡୁ ବିବାହ କରିଥିଲା । ସେମାନେ ଆସ୍ଥୟୀ ଭାବେ ଆମ୍ବବୋଲ ଜଙ୍ଗଲରେ ମହୁ ସଂଗ୍ରହ କରିବାକୁ ୧୮ ତାରିଖ ଦିନ ଯାଇଥିଲେ ସେଠାରେ ପତ୍ନୀଙ୍କୁ ପଥରରେ ଆକ୍ରମଣ କରିଥିଲେ । ୧୯ ତାରିଖରେ ଆମ୍ବୁଲାନ୍ସ ଯୋଗେ ଢେଙ୍କାନାଳକୁ ପତ୍ନୀକୁ ନିଆଯାଇଥିଲା। ୨୧ ତାରିଖରେ ଝିଅର ବାପା ତୁମୁସିଙ୍ଗା ଥାନାରେ ଏତଲା ଦେଇଥିଲେ ତାଙ୍କ ଝିଅକୁ ମାରି ଦିଆଯାଇଛି । ୨୪ ତାରିଖରେ ଗୁଡୁକୁ ପୋଲିସ ଗିରଫ କରିଥିଲା। ସେହି ଗୁଡୁ ପୋଲିସ କୁ ଚକମା ଦେଖାଇ ହାଜତରୁ ଫେରାର ହୋଇଥିବା ଜଣାପଡିଛି ।ଏନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ପୋଲିସ ତରଫରୁ ମୁହଁ ଖୋଲୁନାହାଁନ୍ତି କୌଣସି ଅଧିକାରୀ ।

## ଗଁଦିଆ ବ୍ଲକରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

# ୮୮ଟି ଆବେଦନ ଗ୍ରହୀତ, ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ

ଗଁଦିଆ, ୨୭/୦୪ (ବେତୁଜୀ ପ୍ରସାଦ): ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପହଞ୍ଚିଛି ଲୋକଙ୍କ ନିକଟରେ। ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ବୃହତ୍ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୮୮ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଗୁଡ଼ିକର ସମୟାନୁବର୍ତ୍ତୀ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସମେତ ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଉପ-ଜିଲ୍ଲାପାଳ ପଦ୍ମଚରଣ ସାହୁ, ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠି ଉପସ୍ଥିତ ରହି ଲୋକଙ୍କ ସମସ୍ୟା ବୁଝିଥିଲେ। ସ୍ୱାସ୍ଥ୍ୟ ସେବାର ସମୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଞ୍ଜୟ କୁମାର ମହାପାତ୍ର ଏବଂ ଆଇନ ଶୃଙ୍ଖଳା ରକ୍ଷା ପାଇଁ ସଦର ଏସଡିପିଓ ରମେଶ ଡୋରା ମଧ୍ୟ ସାମିଲ ହୋଇଥିଲେ। ଶିବିରକୁ ସୁଚାରୁରୂପେ ପରିଚାଳନା କରିବାରେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ଏବଂ



ତହସିଲଦାର ସତ୍ୟଜିତ ମହାପାତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ ଓ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସ୍ଥିତପ୍ରଜ୍ଞ ମହାନ୍ତିଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ପଞ୍ଜୀକୃତ ହୋଇଥିବା ୮୮ଟି ଅଭିଯୋଗ ମଧ୍ୟରେ ମୁଖ୍ୟତଃ ଜମିଜମା ବିବାଦ, ବାସଗୃହ ଯୋଜନା, ଭତ୍ତା ଏବଂ ଗ୍ରାମୀଣ ଭିତ୍ତିଭୂମି ସମ୍ପର୍କିତ ସମସ୍ୟା ରହିଥିଲା। ଜିଲ୍ଲାପାଳ ଶ୍ରୀ ପାଟିଲ ପ୍ରତ୍ୟେକ ଅଭିଯୋଗକାରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। କେତେକ ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିବା ବେଳେ ବାକି ଅଭିଯୋଗଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ୍ କରିଛନ୍ତି। ପ୍ରଶାସନର ଏହି ଜନସମ୍ପର୍କ ଅଭିଯାନକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

# ମହାବୀର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଗୋ ମାତା ସୁରକ୍ଷା ପାଇଁ ଦାବିପତ୍ର ପ୍ରଦାନ

ଖଜୁରିଆକଟା ୨୭/୪(ନୀଳକଣ୍ଠ ଦାସ) ହିନ୍ଦୋଳରୋଡ ସ୍ଥିତ ମହାବୀର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଗୋ ବଂଶ ସୁରକ୍ଷା ପାଇଁ ମାନ୍ୟବର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀ ଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ। ସେମାନଙ୍କର ଅଭିଯୋଗ ହେଲା ଗୋ ପାଳନ ନିମନ୍ତେ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ସହିତ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ



କରୁଥିବା ବେଳେ ଗୋ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନଥିବା ଅଭିଯୋଗ କରିଛନ୍ତି। ଗୋ ମାତା ମାନେ ଜାତୀୟ ରାଜପଥ ରେ ଅବାଧରେ ବିଚରଣ କରିବା ଯୋଗୁଁ ନାନା ଦୃଘଟଣା ଘଟି ଧନଜୀବନ ହାନୀ ହେଉଛି । ଅନେକ ଗୋ ମାତା ମୃତ୍ୟୁ ବରଣ କରୁଥିବା ବେଳେ ଅନେକ ଆହତ ହୋଇ କଷ୍ଟ ଅନୁଭବ କରୁଛନ୍ତି।ଏ ସମ୍ପର୍କରେ ମହାବୀର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସଚେତନତା ସୃଷ୍ଟି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।ଗୋ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରି ଗୋ ସୁରକ୍ଷା ଅଭିଯାନ ପକ୍ଷରୁ ଦାବି କରିଛନ୍ତି।ସଦସ୍ୟମାନେ ହିନ୍ଦୋଳ ରୋଡ ସ୍ଥିତ ଜଗନ୍ନାଥ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଗୋ ମାତା ସୁରକ୍ଷା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ସାମ୍ବାଦିକ ଅମରେନ୍ଦ୍ରଙ୍କ ବିୟୋଗରେ ଶୋକସଭା



ଖଜୁରିଆ କଟା ୨୭/୪(ନୀଳକଣ୍ଠ ଦାସ) ହିନ୍ଦୋଳ-ଢେଙ୍କାନାଳ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ଦୈନିକ ଭାସ୍କର ଖବରକାଗଜର ଜିଲ୍ଲା ପ୍ରତିନିଧି ଅମରେନ୍ଦ୍ର ଦାସଙ୍କ ଗତ ୨୪ତାରିଖରେ ଅକାଳ ବିୟୋଗ ହିନ୍ଦୋଳ ସାମ୍ବାଦିକ ସଙ୍ଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି ।୨୨ମାର୍ଚ୍ଚ ୧୯୬୮ରେ ଜନ୍ମିତ ଏବଂ ଦୈନିକ ଖବର କାଗଜ ଭାସ୍କର ରୁ ସାମ୍ବାଦିକତା ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସେଥିରେ କାର୍ଯ୍ୟ କରୁଥିଲେ ।ତାଙ୍କ ଅକାଳ ବିୟୋଗରେ ଆଜିସନ୍ଧ୍ୟାରେ ସାତମାଇଲ ଠାରେ ହିନ୍ଦୋଳ ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ସୁମନ୍ତ ଦେହୁରୀଙ୍କ ସଭାପତିତ୍ୱରେ ଏକଶୋକସଭା ଆୟୋଜିତ ହୋଇଥିଲା ଏବଂ ସମସ୍ତ ସଦସ୍ୟ ସ୍ୱର୍ଗତ ଅମରେନ୍ଦ୍ର ଙ୍କ ଆତ୍ମାର ସଦଗତି କାମନାକରି ନୀରବପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇ ବାର୍ଷିକଉତ୍ସବ, ଆୟବ୍ୟୟ ଆଲୋଚନା ସହ ସଙ୍ଘର ବିଭିନ୍ନ କାର୍ଯ୍ୟକ୍ରମ, ଆଗାମୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ହୋଇଥିଲା ।ହିନ୍ଦୋଳ ସାମ୍ବାଦିକ ସଙ୍ଘ ସଦାସର୍ବଦା ଜନସେବାରେ, ଦୁର୍ନୀତି ଅନ୍ୟାୟ ବିରୋଧରେ ସ୍ୱରଉତ୍ତୋଳନ କରିବାସହ ସମାଜର ଦଳିତଅବହେଳିତ ସାଧାରଣ ଜନତାଙ୍କ ପାଇଁ କାର୍ଯ୍ୟ ଜାରିରଖିବ ଏବଂ ସଙ୍ଘକୁ ଆହୁରି ସଶକ୍ତ କରାଯିବ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ।ଏହି ବୈଠକରେ ସମ୍ପାଦକ ପ୍ରଭାତରଞ୍ଜନ ପୃଷ୍ଟି,ବରିଷ୍ଠ ସଦସ୍ୟ ବ୍ରହ୍ମାନନ୍ଦ ପଟ୍ଟନାୟକ,ରବିନାରାୟଣ ପଟ୍ଟନାୟକ,ପ୍ରଦ୍ୟୁମ୍ନ ବେହେରା, ସଞ୍ଜୟ ପାଲ,ପ୍ରକାଶ ନାୟକ, ଜଗନ୍ନାଥ ଦାସ,ପ୍ରତାପ ପଟ୍ଟନାୟକ, ବିନୟ ବେହେରା, ନୀଳକଣ୍ଠ ଦାସ,ରମେଶ ସାହୁ,ଦୀପ୍ତିକାନ୍ତ ପ୍ରଧାନ,ଧବଳପ୍ରସାଦ ସାହୁ ,ସୌଭାଗ୍ୟରଞ୍ଜନ ସର,ପ୍ରଶାନ୍ତ ଜେନାମାଣି,ଗୌତମ ମୁଦୁଲି,ସୁଶାନ୍ତ ସାମଲ ପ୍ରମୁଖ ଯୋଗଦେଇଥିଲେ ।

# ଗଁଦିଆରେ ଗ୍ରହରାଜ ଶନିଶ୍ଚର ଦେବଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଗଁଦିଆ, ୨୭/୦୪ (ବେତୁଜୀ ପ୍ରସାଦ):ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ଗଁଦିଆ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀ ଶ୍ରୀ ଗ୍ରହରାଜ ଶନିଶ୍ଚର ଦେବଙ୍କ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଗ୍ରାମର ଶ୍ରୀ ଶ୍ରୀ ରାଧାକୃଷ୍ଣ ଜୀଉ ମଠ ଛକଠାରେ ନବନିର୍ମିତ ଏହି ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆସନ୍ତା ମଙ୍ଗଳବାର ଠାରୁ ଆରମ୍ଭ ହେବ।ମନ୍ଦିର ପରିଚାଳନା କମିଟି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୮/୦୪/୨୦୨୬ ରିଖରେ ଅଙ୍କୁରାରୋପଣ, ଯଜ୍ଞଶାଳା ପ୍ରବେଶ ଓ ଅଧିବାସ କର୍ମ ଅନୁଷ୍ଠିତ ହେବ। ଏହାପରେ ଲଗାତାର ତିନିଦିନ ଧରି ବିଭିନ୍ନ ଧାର୍ମିକ ବିଧି ସମ୍ପନ୍ନ ହେବା ପରେ ମଇ ମାସ ୧ ତାରିଖରେ ମହାସମାରୋହରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ଏହି ଉପଲକ୍ଷେ ତିନି ଦିନ ଧରି ଗ୍ରାମରେ ବ୍ୟାପକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା, ପାଲା, କୀର୍ତ୍ତନ ଏବଂ ଆଧ୍ୟାତ୍ମିକ ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଭବ୍ୟ ଉତ୍ସବରେ ଗଁଦିଆ ଅଞ୍ଚଳ ତଥା ଆଖପାଖ ଗ୍ରାମର ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ



ଯୋଗଦେଇ ପ୍ରଭୁଙ୍କ କୃପା ଲାଭ କରିବାକୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିନୀତ ନିବେଦନ କରାଯାଇଛି। ସମଗ୍ର ଅଞ୍ଚଳରେ ଏବେ ଏହି ପ୍ରତିଷ୍ଠା ଉତ୍ସବକୁ ନେଇ ଏକ ଭକ୍ତିମୟ ତଥା ଆନନ୍ଦଉଲ୍ଲାସର ବାତାବରଣ ସୃଷ୍ଟି ହୋଇଛି।

# ରେଙ୍ଗାଲି ବାମବନ୍ଧ କେନାଲ ଡିଭିଜନ କାର୍ଯ୍ୟାଳୟକୁ ଜବତ

## ବକେୟା ଟଙ୍କା ପାଇଁ କୋର୍ଟରେ ଆବେଦନ କଲେ ରାଜଲକ୍ଷ୍ମୀ କନଷ୍ଟ୍ରକସନ

କାମାକ୍ଷାନଗର: ୨୭/୪(ସୁମନ୍ତ ଜେନା)କାମାକ୍ଷାନଗର ସହର ଜିରିଡାମାଳି ଠାରେ ଥିବା ରେଙ୍ଗାଳି ବାମବନ୍ଧ କେନାଲ ଡିଭିଜନ କାର୍ଯ୍ୟାଳୟ କୁ ଜବତ କଲେ କଟକ ବ୍ୟବସାୟିକ



କୋର୍ଟ । ଜଉମୁଦ ଦେଇ ଜବତ କଲେ କୋର୍ଟ । ରାଜଲକ୍ଷ୍ମୀ କନଷ୍ଟ୍ରକ୍ସନ ନାମକ ଠିକାସଂସ୍ଥା ର କେନାଲ କାମ କୁ ନେଇ ବକେୟା ଟଙ୍କା ପାଇବାକୁ ଥିବାବେଳେ ଆଜି ପର୍ଯ୍ୟନ୍ତ ଟଙ୍କା ନମିଳିବାରୁ କୋର୍ଟଙ୍କ ନିର୍ଦ୍ଦେଶ ରେ କାର୍ଯ୍ୟାଳୟକୁ ଜବତ କରାଯାଇଛି । ସୂଚନା ଅନୁସାରେ ରେଙ୍ଗାଳିବାମବନ୍ଧ କେନାଲ ଡିଭିଜନ ଅଧୀନରେ ୨୦୦୩-୦୪ ମସିହା ରେ ରାଜଲକ୍ଷ୍ମୀ କନଷ୍ଟ୍ରକ୍ସନ ନାମକ ଠିକା ସଂସ୍ଥା ଭଏରପୁର ନିକଟରେ ପ୍ରାୟ ୧ କୋଟି ଟଙ୍କା ର କେନାଲ କାର୍ଯ୍ୟ କରିଥିଲେ । କାମ ସାରିବା ପରେ ଅନେକ ବର୍ଷ ଯାଏଁ ବିଭାଗ ତରଫରୁ ଉକ୍ତ ଠିକାସଂସ୍ଥା କୁ ବିଲ ବାବଦ ଅର୍ଥ ପ୍ରଦାନ କରାଯାଇନଥିଲା । ଯାହା ଫଳରେ ଠିକାସଂସ୍ଥା ତରଫରୁ କଟକ ବ୍ୟବସାୟିକ କୋର୍ଟରେ ଆବେଦନ କରାଯାଇଥିଲା । ଏହାପରେ କୋର୍ଟଙ୍କ ଦ୍ୱାରା ବାରମ୍ବାର ରେଙ୍ଗାଳି ବାମବନ୍ଧ କେନାଲ ଡିଭିଜନ କାର୍ଯ୍ୟାଳୟ ଓ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନୋଟିସ କରାଯାଇଥିଲା । ମାତ୍ର ବିଭାଗ ତରଫରୁ ଏହାକୁ ନେଇ କୌଣସି ସମାଧାନ ହୋଇପାରିନଥିଲା । ଫଳରେ ଆଜି କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କୋର୍ଟ ଅଧିକାରୀ ଓ ଠିକାସଂସ୍ଥା ର ଓକିଲ ବାମବନ୍ଧ କାର୍ଯ୍ୟାଳୟ ଠାରେ ପହଞ୍ଚି କାର୍ଯ୍ୟାଳୟ କୁ ଜବତ କରିଥିଲେ । ପ୍ରାୟ ୨୨ ବର୍ଷ ହେବ ଠିକାସଂସ୍ଥା ନିଜ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ବର୍ତ୍ତମାନ ଏହାର ମୂଲ୍ୟ ପ୍ରାୟ ତିନିକୋଟି ରୁ ଉର୍ଦ୍ଧ ହେବାନେଇ ଠିକାସଂସ୍ଥା ତରଫରୁ ପ୍ରକାଶ କରାଯାଇଛି ।

# ଗଁଦିଆ ତହସିଲ କାର୍ଯ୍ୟାଳୟରେ ଉପ ଜିଲ୍ଲାପାଳଙ୍କ ଆକସ୍ମିକ ପରିଦର୍ଶନ

ଗଁଦିଆ, ୨୭/୦୪ (ବେତୁଜୀ ପ୍ରସାଦ):ଢେଙ୍କାନାଳ ଜିଲ୍ଲା ଗଁଦିଆ ତହସିଲ କାର୍ଯ୍ୟାଳୟରେ ଆଜି ସକାଳୁ ସକାଳୁ ଉପ ଜିଲ୍ଲାପାଳଙ୍କୁ ଦେଖି କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି। ସକାଳ ପ୍ରାୟ ୭ଟା ସମୟରେ ଉପ ଜିଲ୍ଲାପାଳ ପଦ୍ମଚରଣ




ସାହୁ କୌଣସି ପୂର୍ବ ସୂଚନା ନଦେଇ ହଠାତ୍ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଆକସ୍ମିକ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ସମୟରେ କାର୍ଯ୍ୟାଳୟର ସମୟାନୁବର୍ତ୍ତିତା ଓ କାର୍ଯ୍ୟ ପ୍ରଣାଳୀର ଅସଲ ଚିତ୍ର ପଦାକୁ ଆସିଛି। ଉପ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ପ୍ରଥମେ କର୍ମଚାରୀଙ୍କ ଉପସ୍ଥିତି ପଞ୍ଜିକା ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଜଣାପଡିଥିଲା ଯେ, କାର୍ଯ୍ୟ ସମୟ ହୋଇଥିଲେ ମଧ୍ୟ ଅଳ୍ପ କେତେ ଜଣ କର୍ମଚାରୀ ନିଜ କର୍ତ୍ତବ୍ୟରେ ଅବହେଳା କରି ଅନୁପସ୍ଥିତ ଅଛନ୍ତି। ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଉପ ଜିଲ୍ଲାପାଳ ଶ୍ରୀ ସାହୁ ସମ୍ପୃକ୍ତ ଅନୁପସ୍ଥିତ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କୁ 'ଅନୁପସ୍ଥିତ' ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଉପ ଜିଲ୍ଲାପାଳ କହିଥିଲେ ଯେ, ସରକାରୀ କାର୍ଯ୍ୟାଳୟରେ ସମୟନିଷ୍ଠା, ଶୃଙ୍ଖଳା ଓ ସ୍ୱଚ୍ଛତା ଅତ୍ୟନ୍ତ ଆବଶ୍ୟକ। ଜନସାଧାରଣଙ୍କ ସେବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାଳୟରେ କର୍ମଚାରୀମାନେ ଧାର୍ଯ୍ୟ ସମୟରେ ଉପସ୍ଥିତ ରହିବା ଜରୁରୀ। ଏଥିରେ କୌଣସି ପ୍ରକାରର କୋହଳ ମନୋଭାବ ବରଦାସ୍ତ କରାଯିବ ନାହିଁ।ଉପ ଜିଲ୍ଲାପାଳଙ୍କ ଏହି ଆକସ୍ମିକ ଯାଞ୍ଚ ପରେ ତହସିଲ କାର୍ଯ୍ୟାଳୟରେ ଏକ ପ୍ରକାର ଚଞ୍ଚଳତା ସୃଷ୍ଟି ହୋଇଥିବା ବେଳେ ଅନ୍ୟ କର୍ମଚାରୀମାନେ ନିଜ ନିଜ କାର୍ଯ୍ୟ ପ୍ରତି ଅଧିକ ସଚେତନ ହୋଇଥିବା ଦେଖାଯାଇଥିଲା। ଆଗାମୀ ଦିନରେ ମଧ୍ୟ ଏଭଳି ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ସୂଚନା ମିଳିଛି।

# ନ୍ୟୁ ଇଣ୍ଡିଆ ଅନୁଷ୍ଠାନ ଦ୍ୱାରା ବାଉଁଶରୁ ସୌଖୀନ ସାମଗ୍ରୀ ପ୍ରସ୍ତୁତି ତାଲିମି କାର୍ଯ୍ୟକ୍ରମ

ଢେଙ୍କାନାଳ୨୭/୦୪(ଅକ୍ଷର ଓଡ଼ିଶା) : ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନ୍ୟୁ ଇଣ୍ଡିଆ, ସନ୍ତୁପୁର ଏବଂ ଓଡିଶା ବାଉଁଶ ବିକାଶ ସଂସ୍ଥା ସହାୟତାରେ ସନ୍ତୁପୁରସ୍ଥିତ ନ୍ୟୁ ଇଣ୍ଡିଆ ପ୍ରଶିକ୍ଷଣ କେନ୍ଦ୍ରରେ ୨୫ଜଣ ମହିଳା ବାଉଁଶ କାରିଗରଙ୍କୁ ୧୫ ଦିନିଆ ବାଉଁଶରୁ ସୌଖୀନ ସାମଗ୍ରୀ ପ୍ରସ୍ତୁତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ପ୍ରଶିକ୍ଷକ ଭାବରେ କଳ୍ପନା ସାହୁ ତାଲିମ୍ ଦେଇ ବାଉଁଶରୁ ଫୁଲଝୁଡି, ସଂଙ୍ଗା କାନଫୁଲ, ପେନ୍ ଷ୍ଟାଣ୍ଡ, ଫୁଲଦାନି, ଚାବି ରିଙ୍ଗ୍, କପ୍, ୱାଲ୍ ହାଙ୍ଗିଙ୍ଗ୍, ଚୁଡି ଷ୍ଟାଣ୍ଡ, ଟ୍ରେ, ଫୁଲ ତୋଡା, କଳସୀ, ପିଡ ଆଦି ତାଲିମି ମାଧ୍ୟମରେ ଶିକ୍ଷାଦେବା ଦ୍ୱାରା ସମସ୍ତ ଅଂଶଗ୍ରହଣକାରୀ ନିଜେ ନିଜେ ପ୍ରସ୍ତୁତ କରିପାରିଛନ୍ତି ଉପରୋକ୍ତ ସାମଗ୍ରୀ । ସମସ୍ତ କାରିଗର ପ୍ରତ୍ୟେକ ଦିନ ତାଙ୍କ ଘରେ ଉକ୍ତ ସାମଗ୍ରୀ ପ୍ରସ୍ତୁତ କରି ନ୍ୟୁ ଇଣ୍ଡିଆ ଅନୁଷ୍ଠାନ ମାଧ୍ୟମରେ ଓଡିଶା ବାଉଁଶ ବିକାଶ ସଂସ୍ଥାକୁ ବିକ୍ରୟ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ନ୍ୟୁ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ପ୍ରତ୍ୟକ୍ଷ ତଦାରଖ କରିବା ସହ ପରିଚାଳିତ କରିଥିଲେ ।

# ମଙ୍ଗଳପୁର ମଜୁରୀ ଛକଠାରେ ପଂଚରାତ୍ର ଶ୍ରୀଜଗନ୍ନାଥ ପାରାୟଣ

ଢେଙ୍କାନାଳ, ୨୭/୦୪(ଅକ୍ଷର ଓଡ଼ିଶା): ଢେଙ୍କାନାଳ ସହର ଉପକଣ୍ଠ ମଙ୍ଗଳପୁର ଗ୍ରାମ ମଜୁରୀ ଛକ ଠାରେ ଆଦ୍ୟ ସୋମବାର ଠାରୁ ଆଗାମୀ ୫ଦିନ ଧରି ଶ୍ରୀ ଜଗନ୍ନାଥ ପଂଚରାତ୍ର ପାରାୟଣ ଓ ବିଶ୍ୱସାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ । କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ସମସ୍ତ କମିଟି ମେମ୍ବର ଗ୍ରାମବାସୀଙ୍କ ସହାୟତାରେ ସକାଳ ୬ଟାରେ କଳସଯାତ୍ରା, ପୂର୍ବାହ୍ନ ୯ ଘଟିକାରେ ସୂର୍ଯ୍ୟପୂଜା ଓ ଅଙ୍କୁରାରୋପଣ ହୋଇଥିଲା ଏବଂ ସଂଧ୍ୟା ୭ ଘଟିକାରେ ବାବା ଦଧିବାମନ ଦାସଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ କଥାମୃତ ପରିବେଷଣ କରିବେ । ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ପ୍ରଶନ କୁମାର ଦାସ ଓ ମୁଖ୍ୟ କର୍ତା ପାଣ୍ଡବ ଚନ୍ଦ୍ର ଦାସ ଓ କର୍ତୀ ଭାରତି ଦସ ଥିଲେ ।

# ବାଙ୍କିଡି ଗ୍ରାମରେ ବାଦିପାଲା ଉଦ୍‌ଯାପିତ



ହିନ୍ଦୋଳ -୨୭/୪- (ଅଜୟ କୁମାର ଭଞ୍ଜ )ହିନ୍ଦୋଳ ଉପଖଣ୍ଡ ପାଟଲା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଡି ଗ୍ରାମର ମା ଟିପିରାଶୁଣୀ ପାଲା ମଣ୍ଡପରେ ତିନିରାତ୍ର ଧରି ଚାଲିଥିବା ଦ୍ୱିତୀୟ ପାଲା ମହୋତ୍ସବ ରବିବାର ରାତ୍ରରେ ଉଦଯାପିତ ହୋଇଯାଇଛି । ଶୁକ୍ରବାର , ଶନିବାର ଓ ରବିବାର ତିନିରାତ୍ର ଧରି ଗାୟକ ବାଣୀକଣ୍ଠ ବନମାଳୀ ପତି ଓ ସାଥିଙ୍କ ସହ ଗାୟକ ବାଗ୍ମୀ ନାରାୟଣ ମହାରଣା ଓ ସାଥି ଗୀତା, ଭାଗବତ ଓ ପୁରାଣ ଶାସ୍ତ୍ରକୁ ନେଇ ଖୁବ୍ ଉଚ୍ଚ କୋଟିର ପ୍ରତିଦ୍ୱନ୍ଦ୍ୱିତା ମୂଳକ ପାଲା ପରିବେଶଣ କରିଥିଲେ । ଉପଖଣ୍ଡର ବିଭିନ୍ନ ସ୍ଥାନରୁ ବହୁ ସତ୍ୟନାରାୟଣ ମଞ୍ଚର ଉଦ୍ୟକ୍ତା ସମେତ ଆଖ ପାଖ ଅଞ୍ଚଳର ବହୁ ସାହିତ୍ୟ ଶ୍ରୋତା ପାଲା ପ୍ରେମୀ ପ୍ରତ୍ୟେହ ଯୋଗଦାନ କରିଥିଲେ । ମା ଟିପିରାଶୁଣୀ ପାଲା କମିଟିର ସମସ୍ତ ସଦସ୍ୟ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ଆଇନଗତ କାର୍ଯ୍ୟାନୁଷ୍ଠାନ

ଆମ ଦେଶରେ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ଜୀବନବ୍ୟାପୀ ମୁକ୍ତି ହେଉଛି ଏକ ବିରଳ ସୁବିଧା ସୁଯୋଗ। ଦୋଷ, ଅପରାଧ କଲେ ସାଧରଣ ଲୋକଙ୍କଠାରୁ ଆରମ୍ଭ କରି ଲୋକପ୍ରତିନିଧି, ବିଚାରପତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ଥିବାବେଳେ ଭାରତର ନିର୍ବାଚନ କମିଶନର କାର୍ଯ୍ୟ କର୍ତ୍ତାମାନଙ୍କୁ କର୍ତବ୍ୟ ନିର୍ବାହ ସମୟରେ ଯେକୌଣସି କାର୍ଯ୍ୟକଳାପ ପାଇଁ ଜୀବନବ୍ୟାପୀ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ଅବ୍ୟାହତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ନିର୍ବାଚନ କମିଶନରଙ୍କ (ନିଯୁକ୍ତି, ସେବା ଓ କାର୍ଯ୍ୟକାଳ ସର୍ତାବଳୀ) ଆଇନ-୨୦୨୩ର ଏହି ବ୍ୟବସ୍ଥା ରହିଛି। କିନ୍ତୁ ଜୀବନବ୍ୟାପୀ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ମୁକ୍ତିର ସାମ୍ବିଧାନିକ ବୈଧତା ଏବଂ ପରିଣାମ ସ୍ୱରୁପ ଦେଶରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନାରେ ଏହା କ୍ଷତିକାରକ ହେବା ଆଶଙ୍କା ନେଇ ଏକ ପିଟିସନ ଏବେ ସୁପ୍ରିମକୋର୍ଟରେ ଏବେ ଦାୟର ହୋଇଛି। ସୁପ୍ରିମକୋର୍ଟ ପିଟିସନକୁ ଗ୍ରହଣ କରି କେନ୍ଦ୍ର ସରକାର ଓ ନିର୍ବାଚନଙ୍କ ଉପରେ ନୋଟିସ ଜାରି କହିଛନ୍ତି ଯେ, ଏହି ପ୍ରସଙ୍ଗର ସାମ୍ବିଧାନିକ ବୈଧତା ଏବଂ ନିର୍ବାଚନ କମିଶନଙ୍କ ସ୍ୱାଧୀନତା, ନିରପେକ୍ଷତା ଉପରେ ଏହାର ପ୍ରଭାବ ନେଇ ଏବେ ପରୀକ୍ଷା ନିରୀକ୍ଷା କରିବାକୁ। ଏହା ଏକ ସ୍ୱାଗତଯୋଗ୍ୟ ନିଷ୍ପତି, ଏଥିରେ ସନ୍ଦେହ ନାହିଁ। ଅଭିଯୋଗକାରୀ ତାଙ୍କ ପିଟିସନରେ ଦର୍ଶାଇଛନ୍ତି ଯେ, ଜୀବନବ୍ୟାପୀ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ମୁକ୍ତି ଦେବା ପାଇଁ ପାର୍ଲିଆମେଂଟରେ ପ୍ରଣୀତ ଆଇନ ପ୍ରଭାବ ସୁଦୂର ପ୍ରସାରୀ ଏବଂ ଅଭୂତପୂର୍ବ। ଏଭଳି ଆଇନ ଅନୁଷ୍ଠାନ ଅପେକ୍ଷା ବ୍ୟକ୍ତିଙ୍କୁ ଉଦ୍ଧ୍ୱେର ରଖିଥିବା ମନେହୁଏ। ଏହା ବ୍ୟତୀତ ଏଭଳି ଆଇନ ପାର୍ଲିଆମେଂଟେ ସଦସ୍ୟ ଏବଂ ମନୋନୀତ ଅଣନିର୍ବାଚିତ ପ୍ରତିନିଧିମାନଙ୍କ ପରି ନିର୍ବାଚିତ ଲୋକପ୍ରତିନିଧିମାନଙ୍କ ମଧ୍ୟରେ ପ୍ରଭେଦ କରାଇବା ସୂଚକ କି, ନୁହେଁ ତାହା ଆବେଦନକାରୀ ପ୍ରଶ୍ନ କରିଛନ୍ତି। ଅପରାଧିକ ମାମଲାରେ ସାଂସଦ, ବିଧାୟକମାନଙ୍କୁ ବହୁମୂଲ୍ୟ ଦେବାକୁ ପଡୁଛି। ସେମାନଙ୍କ ବିରୁଦ୍ଧରେ ଅପରାଧିକ ମାମଲାର ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତ ରହିଛି। ଦୋଷୀ ସାବ୍ୟସ୍ତ ହୋଇ ଦୁଇ ବର୍ଷରୁ ଅଧିକ କାଳ ଦଣ୍ଡିତ ହେଲେ ଅଯୋଗ୍ୟ ଘୋଷିତ ବେହା ସହ ଜେଲ ଯିବାକୁ ପଡୁଛି। ନିର୍ବାଚିତ ପ୍ରତିନିଧିଙ୍କ ତୁଳନାରେ ଅଣନିର୍ବାଚିତ କର୍ମକର୍ତ୍ତାଙ୍କୁ ଉଚ୍ଚ ପଦବୀ ଓ ଚାକିରି ନିରାପତାକୁ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ଜୀବନବ୍ୟାପୀ ମୁକ୍ତି ଦେଇ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସେମାନେ ଏକ ପୃଥକ ବର୍ଗର କି ବୋଲି ପିଟିସନକାରୀ ପଚାରିଛନ୍ତି। ସେହିପରି ପିଟିସନକାରୀ ମଧ୍ୟ ନିର୍ବାଚନ କମିଶନଙ୍କ ନିଯୁକ୍ତି ନେଇ ଭାରତର ପ୍ରଧାନ ବିଚାରପତିଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜଣେ କ୍ୟାବିନେଟ ମନ୍ତ୍ରୀଙ୍କ ମନୋନୀତ କରିବାର ବୈଧତା ଓ ମୂଲ୍ୟବୋଧକୁ ଚ୍ୟାଲେଞ୍ଜ କରିଛନ୍ତି। ନିର୍ବାଚନ କମିଶନଙ୍କ ନିଯୁକ୍ତି ନେଇ ଗଠିତ ତିନି ଜଣିଆ କମିଟିରେ ଅନ୍ୟ ଦୁଇ ସଦସ୍ୟ ହେଉଛନ୍ତି ପ୍ରଧାନମନ୍ତ୍ରୀ ଓ ବିରୋଧିଦଳ ନେତା। ଯାହାକି ତିନିଜଣିଆ ମନୋନୟନକାରୀ କମିଟିରେ ସରକାରଙ୍କୁ ଅଧିକ ଶକ୍ତିଶାଳୀ କରିବା ସହ ନିର୍ବାଚନ କମିଶନଙ୍କ ସ୍ୱାଧୀନତା ଭିତିଭୂମିକୁ ଦୁର୍ବଳ କରିଦେଇଛି। ନିର୍ବାଚନ କମିଶନଙ୍କ ନିଯୁକ୍ତି ନେଇ ସମ୍ବିଧାନରେ କୌଣସି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ନଥିବାବେଳେ ସୁପ୍ରିମକୋର୍ଟର ସାମ୍ବିଧାନିକ ଖଣ୍ଡପୀଠ ପ୍ରଧାନମନ୍ତ୍ରୀ, ବିରୋଧିଦଳ ନେତା ଓ ପ୍ରଧାନ ବିଚାରପତିଙ୍କୁ ନେଇ ଏକ ତିନିଜଣିଆ କମିଟି ଗଠନ କରିଥିଲେ।

# ହଜିଯାଉଥିବା ମାନଚିତ୍ର: ୨୦୨୬ରେ ଡିମେନ୍ସିଆକୁ ବୁଝିବା ଏବଂ ଏହାର ପ୍ରତିରୋଧ ପାଇଁ ଏକ ସମ୍ପୂର୍ଣ୍ଣ ମାର୍ଗଦର୍ଶିକା

ଆମ ଘରର ନିରବ କୋଣଗୁଡ଼ିକରେ ଏକ ଗୁପ୍ତ ସଙ୍କଟ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହା ପ୍ରଥମେ ଘରର ଚାବି କେଉଁଠି ରଖିଦେବା, ଜଣେ ପ୍ରିୟ ବନ୍ଧୁଙ୍କ ନାମ ଭୁଲିଯିବା କିମ୍ବା ବହୁ ବର୍ଷ ଧରି ରହୁଥିବା ନିଜ ପଡ଼ୋଶୀ ଅଞ୍ଚଳରେ ହଠାତ୍ ଦ୍ୱନ୍ଦ୍ୱରେ ପଡ଼ିଯିବା ଭଳି ଘଟଣାରୁ ଆରମ୍ଭ ହୋଇଥାଏ। ବହୁ ବର୍ଷ ଧରି ଆମେ ଏହି ମୁହୂର୍ତ୍ତଗୁଡ଼ିକୁ 'ବାର୍ଦ୍ଧକ୍ୟର ଏକ ଅଂଶ' କହି ଏଡ଼ାଇ ଦେଉଥିଲେ। କିନ୍ତୁ ୨୦୨୬ ମସିହାର ବୈଜ୍ଞାନିକ ଗବେଷଣା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ତଥ୍ୟ ଏହା ସ୍ପଷ୍ଟ କରିଛି ଯେ, ଡିମେନ୍ସିଆ ବାର୍ଦ୍ଧକ୍ୟର ଏକ ସାଧାରଣ ପ୍ରକ୍ରିୟା ନୁହେଁ। ଏହା ମସ୍ତିଷ୍କର ଏକ ଚିକିତ୍ସା ଅବସ୍ଥା ଏବଂ ଏହାକୁ ବୁଝିବା ହିଁ ଆମର ମାନସିକ ଭବିଷ୍ୟତକୁ ସୁରକ୍ଷିତ ରଖିବାର ପ୍ରଥମ ପଦକ୍ଷେପ।

ଡିମେନ୍ସିଆ ହେଉଛି ଏକ 'ଛତା ସଦୃଶ ଶବ୍ଦ' (umbrella term), ଯେମିତି କି 'ହୃଦ୍‌ରୋଗ'। ଏହା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରୋଗକୁ ବୁଝାଏ ନାହିଁ, ବରଂ ବିଭିନ୍ନ ପ୍ରକାରର ମସ୍ତିଷ୍କ ସମସ୍ୟା ଯୋଗୁଁ ଦେଖାଯାଉଥିବା ଲକ୍ଷଣଗୁଡ଼ିକର ସମାହାରକୁ ବୁଝାଏ। ଏହା ଆମର ସ୍ମୃତି ଶକ୍ତି, ଚିନ୍ତାଧାରା, ଯୁକ୍ତି କରିବାର କ୍ଷମତା ଏବଂ ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ। ଆଜି ସାରା ବିଶ୍ୱରେ ୫୭ ମିଲିୟନରୁ ଅଧିକ ଲୋକ ଏହି ସମସ୍ୟା ସହ ଜୀବନ ବିତାଉଛନ୍ତି ଏବଂ ଭାରତରେ ମଧ୍ୟ ଏହି ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ତେବେ ଏକ ଆଶାର କିରଣ ଏହା ଯେ, ସାମ୍ପ୍ରତିକ ଗବେଷଣା ଅନୁଯାୟୀ ପ୍ରାୟ ୪୫% ଡିମେନ୍ସିଆ ମାମଲାକୁ ଆମେ ଆମର ଜୀବନଶୈଳୀରେ ପରିବର୍ତ୍ତନ କରି ରୋକି ପାରିବା କିମ୍ବା ବିଳମ୍ବିତ କରିପାରିବା।

ମସ୍ତିଷ୍କର ରୂପରେଖକୁ ବୁଝିବା ଡିମେନ୍ସିଆକୁ ବୁଝିବା ପାଇଁ ଆମକୁ ପ୍ରଥମେ ସୁସ୍ଥ ମସ୍ତିଷ୍କର କାର୍ଯ୍ୟଶୈଳୀକୁ ଦେଖିବାକୁ ହେବ। ମସ୍ତିଷ୍କକୁ ଏକ ଜୀବନ୍ତ ସହର ଭାବେ କଳ୍ପନା କରନ୍ତୁ। ଏଠାରେ ସ୍ନାୟୁ କୋଷ ବା 'ନ୍ୟୁରନ୍'ଗୁଡ଼ିକ ବିଦ୍ୟୁତ ସଙ୍କେତ ମାଧ୍ୟମରେ ପରସ୍ପର ସହ ଯୋଗାଯୋଗ କରନ୍ତି। ଏହି ସଙ୍କେତଗୁଡ଼ିକ ଆମକୁ ଜଳଖିଆରେ କ'ଣ ଖାଇଥିଲେ ସେଇଟା ମନେ ରଖିବା ଠାରୁ ଆରମ୍ଭ କରି କାର୍ ଚଲାଇବା ଏବଂ ପ୍ରେମ ବ୍ୟକ୍ତ କରିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ସାହାଯ୍ୟ କରେ। ଡିମେନ୍ସିଆ ଦ୍ୱାରା ପ୍ରଭାବିତ ମସ୍ତିଷ୍କରେ ଏହି ଯୋଗାଯୋଗ ମାର୍ଗଗୁଡ଼ିକ କଟିଯାଏ। ପ୍ରୋଟିନ୍‌ଗୁଡ଼ିକ ରାସ୍ତାରେ ଅବରୋଧ ସୃଷ୍ଟି କରନ୍ତି କିମ୍ବା ରକ୍ତ ସଞ୍ଚାଳନରେ ବାଧା ଉପୁଜେ, ଫଳରେ ନ୍ୟୁରନ୍‌ଗୁଡ଼ିକ ଦୁର୍ବଳ ହୋଇ ମରିଯାଆନ୍ତି। ଯେତେବେଳେ ଏହି କୋଷଗୁଡ଼ିକ ନଷ୍ଟ ହୁଅନ୍ତି, ମନରୁ ସ୍ମୃତିର ମାନଚିତ୍ର ଧୀରେ ଧୀରେ ଲିଭିବାକୁ ଲାଗେ।

ପରିବର୍ତ୍ତନର ବିଭିନ୍ନ ସୋପାନ ଡିମେନ୍ସିଆ ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ଗତି କରିଥାଏ। ପ୍ରାଥମିକ ସୋପାନରେ (Mild) ବ୍ୟକ୍ତି ନିଜେ ସ୍ୱାଧୀନ ଭାବେ ଚଳିପାରନ୍ତି କିନ୍ତୁ ସ୍ମୃତି ଶକ୍ତି ହ୍ରାସ ପାଇବା ବା ଜଟିଳ କାମ କରିବାରେ ଅସୁବିଧା ଅନୁଭବ କରନ୍ତି। ମଧ୍ୟମ ସୋପାନରେ ଦୁନିଆ ଅଧିକ ଦ୍ୱନ୍ଦ୍ୱପୂର୍ଣ୍ଣ ହୋଇପଡ଼େ। ଗାଧୋଇବା ବା ପୋଷାକ ପିନ୍ଧିବା ଭଳି ଦୈନିକ କାର୍ଯ୍ୟ ପାଇଁ ସାହାଯ୍ୟ ଆବଶ୍ୟକ ହୁଏ। ଅନ୍ତିମ ସୋପାନରେ (Severe) ବ୍ୟକ୍ତି ସମ୍ପୂର୍ଣ୍ଣ ଭାବେ ଅନ୍ୟ ଉପରେ ନିର୍ଭରଶୀଳ ହୁଅନ୍ତି। ସେମାନେ ନିଜର ଆତ୍ମୀୟମାନଙ୍କୁ ଚିହ୍ନିବାର କ୍ଷମତା ହରାଇ ପାରନ୍ତି। ଏହି ସୋପାନଗୁଡ଼ିକୁ ବୁଝିବା ଦ୍ୱାରା ପରିବାର ସଦସ୍ୟମାନେ ଭୟଭୀତ ନହୋଇ ସହାନୁଭୂତିର ସହ ଯୋଜନା କରିପାରିବେ।

ଡିମେନ୍ସିଆର ବିଭିନ୍ନ ରୂପ ସବୁ ଡିମେନ୍‌ସିଆ ସମାନ ନୁହେଁ। ଏହାର ପ୍ରକାର ଭେଦ ବୁଝିବା ଜରୁରୀ କାରଣ ଏହା ହିଁ ଚିକିତ୍ସା ପ୍ରଣାଳୀ ନିର୍ଦ୍ଧାରଣ କରେ। ଆଲଜାଇମର ରୋଗ ସବୁଠାରୁ ସାଧାରଣ ଅଟେ, ଯାହା ପ୍ରାୟ ୬୦% ରୁ ୭୦% କ୍ଷେତ୍ରରେ ଦେଖାଯାଏ। ଏଥିରେ ମସ୍ତିଷ୍କରେ ଅସ୍ୱାଭାବିକ ପ୍ରୋଟିନ୍ ଜମା ହୁଏ। ଭାସ୍କୁଲାର ଡିମେନ୍ସିଆ ବ୍ରେନ୍ ଷ୍ଟ୍ରୋକ୍ ପରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେତୁ ହୋଇଥାଏ। ଲୁଇ ବଡି ଡିମେନ୍ସିଆରେ ବ୍ୟକ୍ତି ବାସ୍ତବରେ ନଥିବା ଜିନିଷ ଦେଖିବା (hallucinations) ଭଳି ଲକ୍ଷଣ ଦେଖାଯାଏ। ଫ୍ରଣ୍ଟୋଟେମ୍ପୋରାଲ ଡିମେନ୍ସିଆ (FTD) ସାଧାରଣତଃ ଅଳ୍ପ ବୟସର ଲୋକଙ୍କୁ ହୋଇଥାଏ ଏବଂ ଏହା ବ୍ୟକ୍ତିର ସ୍ମୃତି ଅପେକ୍ଷା ତାଙ୍କର ବ୍ୟବହାର ଓ ବ୍ୟକ୍ତିତ୍ୱକୁ ଅଧିକ ପ୍ରଭାବିତ କରେ।

ଭଲ ଖବର: ପ୍ରତିକାରଯୋଗ୍ୟ ଡିମେନ୍ସିଆ ଆଧୁନିକ ଚିକିତ୍ସା ବିଜ୍ଞାନରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି 'ପ୍ରତିକାରଯୋଗ୍ୟ ଡିମେନ୍‌ସିଆ'ର ଚିହ୍ନଟ। ବେଳେବେଳେ କେତେକ

ଚିକିତ୍ସାଯୋଗ୍ୟ ସମସ୍ୟା ଯୋଗୁଁ ଡିମେନ୍‌ସିଆ ଭଳି ଲକ୍ଷଣ ଦେଖାଯାଏ:



ଡକ୍ଟର ଜ୍ୟୋତିର୍ମୟୀ ମହାପାତ୍ର

ଭିଟାମିନ୍ ଅଭାବ: ଭିଟାମିନ୍ B ୧୨, B ୧, କିମ୍ବା B୬ ର ଅଭାବ ଯୋଗୁଁ ଗଭୀର ଭ୍ରମ ଓ ସ୍ମୃତି ହ୍ରାସ ହୋଇପାରେ।

ଥାଇରଏଡ୍ ସମସ୍ୟା: ଥାଇରଏଡ୍ ଗ୍ରନ୍ଥିର କମ୍ ବା ଅଧିକ କାର୍ଯ୍ୟ କରିବା ମସ୍ତିଷ୍କକୁ ପ୍ରଭାବିତ କରେ।

ସଂକ୍ରମଣ: ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ପରିସ୍ରା ସଂକ୍ରମଣ ହେଲେ ହଠାତ୍ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ

ଔଷଧର ପାର୍ଶ୍ୱ ପ୍ରତିକ୍ରିୟା: ନିଦ କିମ୍ବା ଚିନ୍ତା ପାଇଁ ବ୍ୟବହାର ହେଉଥିବା କେତେକ ଔଷଧ ଯୋଗୁଁ ମଧ୍ୟ ଏପରି ହୋଇପାରେ।

ପ୍ରତିରୋଧର ଶକ୍ତି: ୪୫ ପ୍ରତିଶତ ଆମେ ଆମର ବୟସ କିମ୍ବା ବଂଶଗତ ଗୁଣକୁ ବଦଳାଇ ପାରିବା ନାହିଁ, କିନ୍ତୁ ଆମର ଜୀବନଶୈଳୀ ଆମ ହାତରେ। ୧. ହୃଦୟର ସ୍ୱାସ୍ଥ୍ୟ ହିଁ ମସ୍ତିଷ୍କର ସ୍ୱାସ୍ଥ୍ୟ: ଉଚ୍ଚ ରକ୍ତଚାପ ଏବଂ ମଧୁମେହକୁ ନିୟନ୍ତ୍ରଣ କରିବା ଦ୍ୱାରା ମସ୍ତିଷ୍କର କୋଷଗୁଡ଼ିକ ସୁରକ୍ଷିତ ରୁହନ୍ତି। ୨. ବ୍ୟାୟାମର ଆବଶ୍ୟକତା: ଶାରୀରିକ ସକ୍ରିୟତା ମସ୍ତିଷ୍କ ପାଇଁ 'ସାର' ସଦୃଶ କାମ କରେ। ସପ୍ତାହକୁ ୧୫୦ ମିନିଟ୍ ବ୍ୟାୟାମ ମସ୍ତିଷ୍କର ନୂଆ କୋଷ ଗଠନରେ ସାହାଯ୍ୟ କରେ। ୩. ସଠିକ୍ ଖାଦ୍ୟ: ଶାଗ, ପନିପରିବା, ଫଳ, ବାଦାମ ଏବଂ ଓମେଗା-୩ ଯୁକ୍ତ ମାଛ ଖାଇବା ଦ୍ୱାରା ମସ୍ତିଷ୍କରେ ପ୍ରଦାହ କମ୍ ହୋଇଥାଏ। ୪. ନିଦ୍ରା: ଶୋଇବା ସମୟରେ ଆମ ମସ୍ତିଷ୍କ ନିଜ ଭିତରୁ ବିଷାକ୍ତ ପଦାର୍ଥ ସଫା କରେ। ଦିନକୁ ୭ ରୁ ୮ ଘଣ୍ଟା ଗଭୀର ନିଦ୍ରା ଏକ ଶକ୍ତିଶାଳୀ ପ୍ରତିରୋଧକ। ୫. ସାମାଜିକ ସକ୍ରିୟତା: ନୂଆ କଥା ଶିଖିବା ଏବଂ ବନ୍ଧୁବାନ୍ଧବଙ୍କ ସହ ଯୋଗାଯୋଗ ରଖିବା ଦ୍ୱାରା ମସ୍ତିଷ୍କ ସଜାଗ ରହେ। ପାରମ୍ପରିକ ଜ୍ଞାନର ଭୂମିକା ଭାରତୀୟ ପରମ୍ପରାରେ ଥିବା ଜ୍ଞାନକୁ ଆଜିର ବିଜ୍ଞାନ ମଧ୍ୟ ସ୍ୱୀକାର କରୁଛି। ହଳଦୀରେ ଥିବା 'କର୍କ୍ୟୁମିନ' ମସ୍ତିଷ୍କକୁ ପ୍ରଦାହରୁ ରକ୍ଷା କରେ। ବ୍ରାହ୍ମୀ ଏବଂ ଅଶ୍ୱଗନ୍ଧା ଭଳି ଜଡ଼ିବୁଟିଗୁଡ଼ିକ ସ୍ମୃତି ଶକ୍ତି ବଢ଼ାଇବା ଓ ମାନସିକ ଚାପ କମାଇବାରେ ସାହାଯ୍ୟ କରେ। ଧ୍ୟାନ ଏବଂ ଯୋଗ ମଧ୍ୟ ମସ୍ତିଷ୍କର କାର୍ଯ୍ୟକ୍ଷମତା ବୃଦ୍ଧି କରେ।

ଯତ୍ନକାରୀଙ୍କ ପାଇଁ ପରାମର୍ଶ ଡିମେନ୍‌ସିଆ ଏକ ପାରିବାରିକ ଯାତ୍ରା। ଘରର ପରିବେଶକୁ ସୁରକ୍ଷିତ ରଖିବା, ନିୟମିତ କାର୍ଯ୍ୟସୂଚୀ ପାଳନ କରିବା ଏବଂ ସରଳ ଭାଷାରେ ଯୋଗାଯୋଗ କରିବା ଦ୍ୱାରା ରୋଗୀ ଶାନ୍ତି ପାଆନ୍ତି। ରୋଗୀଙ୍କ ସେବା କରୁଥିବା ବ୍ୟକ୍ତି ମଧ୍ୟ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଏବଂ ଆବଶ୍ୟକ ସ୍ଥଳେ ସାହାଯ୍ୟ ମାଗିବା ଉଚିତ୍।

ଉପସଂହାର: ଏକ ଆହ୍ୱାନ ୨୦୨୬ ମସିହାରେ ଆମେ ଏହି ସମସ୍ୟା ଆଗରେ ଅସହାୟ ନୁହେଁ। ଆମର ସଚେତନତା ଏବଂ ଜୀବନଶୈଳୀ ଦ୍ୱାରା ଆମେ ଆମ ମସ୍ତିଷ୍କ ପାଇଁ ଏକ 'ଦୁର୍ଗ' ତିଆରି କରିପାରିବା। ଡିମେନ୍‌ସିଆ ହୁଏତ ଜଣେ ବ୍ୟକ୍ତିର ସ୍ମୃତିକୁ ନେଇଯାଇପାରେ, କିନ୍ତୁ ଏହା ସେମାନଙ୍କର ସମ୍ମାନକୁ ଛଡ଼ାଇ ନେବା ଉଚିତ୍ ନୁହେଁ।

ଦୃଷ୍ଟି ଆକର୍ଷଣ (Special Note): ଏକ ନିର୍ଦ୍ଦିଷ୍ଟ ରୋଗ ନିରୂପଣ ପାଇଁ ଜଣେ ସ୍ୱାସ୍ଥ୍ୟ ସେବା ବୃତ୍ତିଧାରୀ (Healthcare Professional/Doctor)ଙ୍କ ପରାମର୍ଶ ନେବା ଅତ୍ୟନ୍ତ ଆବଶ୍ୟକ, କାରଣ ଏହାର ଲକ୍ଷଣ ଅନ୍ୟ କେତେକ ଚିକିତ୍ସାଯୋଗ୍ୟ ଅବସ୍ଥା ସହିତ ସମାନ ହୋଇପାରେ।

ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ସୂଚନା (Disclaimer): ଏହି ପ୍ରବନ୍ଧଟି କେବଳ ଶିକ୍ଷାଗତ ଏବଂ ସୂଚନା ପ୍ରଦାନ ଉଦ୍ଦେଶ୍ୟରେ ଲେଖାଯାଇଛି ଏବଂ ଏହା ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଉପଲବ୍ଧ ଗବେଷଣା ତଥ୍ୟ ଉପରେ ଆଧାରିତ। ଏହା କୌଣସି ପ୍ରକାରର ଡାକ୍ତରୀ ପରାମର୍ଶ, ରୋଗ ନିରୂପଣ କିମ୍ବା ଚିକିତ୍ସା ନୁହେଁ। ଡିମେନ୍‌ସିଆ ଏକ ଜଟିଳ ଅବସ୍ଥା ଯାହା ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ହୋଇଥାଏ। କୌଣସି ବି ଶାରୀରିକ ବା ମାନସିକ ସମସ୍ୟା ପାଇଁ ସର୍ବଦା ଜଣେ ଅଭିଜ୍ଞ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ଏହି ପ୍ରବନ୍ଧ ପଢ଼ିବା ପରେ ଡାକ୍ତରଙ୍କ ପରାମର୍ଶ ନେବାରେ ଅବହେଳା କରନ୍ତୁ ନାହିଁ।

# ଭାଗ୍ୟ, ସାହିତ୍ୟ ଓ ସାହିତ୍ୟର ଭାଗ୍ୟ

**ବିନୋଦ ମହାରଣା**

ଏହା ନିଶ୍ଚିତ ଯେ, ମଣିଷର ଜନ୍ମ ଯେତିକି ସତ୍ୟ, ମୃତ୍ୟୁ ବି ସେତିକି ସତ୍ୟ। ଅର୍ଥାତ ଜୀବନ ଓ ମୃତ୍ୟୁ ସୃଷ୍ଟିର ନିୟମ। ସୃଷ୍ଟି ହେଉଛି ପ୍ରକୃତିର ଏକ ସୁନ୍ଦର ଓ ନିଷ୍ଠୁର ନିୟମ। ଏହାଠାରୁ ବଳି ଶକ୍ତିଶାଳୀ ଆଉ କେହି ନାହିଁ। ସାରା ବିଶ୍ୱ ବ୍ରହ୍ମାଣ୍ଡରେ ଏହା ଚିର ଗତିଶୀଳ। ସୃଷ୍ଟି ନଥିଲେ ବିନାଶ ଆସିବ ନାହିଁ, ବିନାଶ ନଥିଲେ ସୃଷ୍ଟି ଆସିବ ନାହିଁ। ଧରାପୃଷ୍ଠରେ କିଏ କେତେ ବର୍ଷ ବଞ୍ଚିବ ତାହା କୌଣସି ଦୈବୀଶକ୍ତି ନିର୍ଦ୍ଧାରଣ କରି ନଥାନ୍ତି ବରଂ ପ୍ରକୃତିର କୋଟି କୋଟି ବର୍ଷ ସୁନିୟନ୍ତ୍ରିତ ବିବର୍ତ୍ତନିକ ଚୟନ, ବୈଜ୍ଞାନିକ ଆବଶ୍ୟକତା, ଶାରୀରିକ ଯୋଗ୍ୟତା ଅନୁସାରେ ବୟସ ନିର୍ଦ୍ଧାରିତ ହୋଇଥାଏ। ପ୍ରତି ପ୍ରାଣୀ ନିକଟରେ କିଛି ନା କିଛି ଅପୂର୍ବ, ଅବିଶ୍ୱସନୀୟ, ସ୍ୱତନ୍ତ୍ର ଗୁଣ ରହିଛି ଯାହାର କୃତ୍ରିମତା ଅସମ୍ଭବ। ଅଣୁଜୀବଠାରୁ ଆରମ୍ଭ କରି ମଣିଷ ଯାଏ ଲକ୍ଷ ଲକ୍ଷ ପ୍ରଜାତିର ଜୀବ କ୍ଷେତ୍ରରେ ନାନା ପ୍ରକାର ବୈଶିଷ୍ଟ୍ୟ ଖଞ୍ଜିଛି ପ୍ରକୃତି। କାହା ନିକଟରେ ସହଜାତ ପ୍ରବୃତ୍ତି ତ କାହା ନିକଟରେ ବଳ, କାହା ନିକଟରେ ଅପରିସୀମ ଜ୍ଞାନ ତ କାହା ନିକଟରେ ପ୍ରକୃତି ସହ ଖାପ ଖୁଆଇବା ଲାଗି ଅତି ବିଚିତ୍ର ବ୍ୟବସ୍ଥା। ଏସବୁକୁ କେହି ସୃଷ୍ଟି କରିନାହିଁ ବରଂ କୋଟି କୋଟି ବର୍ଷର ଜୀବ ଗଠନ ପ୍ରକ୍ରିୟାରେ ଏସବୁ ଅଂଶବିଶେଷ। ଆଗକୁ ଆସୁଥିବା କୋଟି କୋଟି ବର୍ଷରେ ବି କ'ଣ ଯେ ନହେବ ତାହା କହିବା ସମ୍ଭବ ନୁହେଁ। ଏହି ପରିପ୍ରେକ୍ଷୀରେ କୌଣସି ପ୍ରାଣୀ ଯେତେ ଶକ୍ତିଶାଳୀ ହୁଅନ୍ତୁ ନା କାହିଁକି ସେମାନଙ୍କ ଆୟୁଷ ପ୍ରକୃତିର ସୁନିର୍ଦ୍ଦିଷ୍ଟ ଚୟନଗତ ସମୟସୀମା ବ୍ୟତୀତ ଅନ୍ୟ କାହା ଦ୍ୱାରା ନିର୍ଦ୍ଧାରିତ ନୁହେଁ। ପ୍ରତି ଘଟଣାବଳୀ ପଛରେ କିଛି କାରଣ, ଅଘଟଣ, ସମ୍ଭାବନା ଆଦି ରହିଥିବାବେଳେ ଏସବୁକୁ ମଣିଷ ଦୈବୀଶକ୍ତି ନିର୍ଦ୍ଧାରିତ ବୋଲି ବିବେଚନା କରିଥାଏ। ଯଦି କେହି ଦୈବୀଶକ୍ତି ବା ଦେବତା ବା ଅନ୍ୟ କୌଣସି ମହାଶକ୍ତି (ଭାବନାଭିତ୍ତିକ) ବା ସୃଷ୍ଟିକର୍ତ୍ତାର(!) କୌଣସି ଜୀବକୁ ସୃଷ୍ଟି କରିଥାନ୍ତି ତେବେ ତାହା ତ ସମାନ ପ୍ରକାର ହୋଇଥାନ୍ତା। ସେହି ଶକ୍ତି ତ ନିଶ୍ଚୟ ଉଦାର ହୋଇଥିବେ କାରଣ କାହାକୁ ସୃଷ୍ଟି କରିବାକୁ ହେଲେ ତ ପ୍ରଥମେ ସେହି ଶକ୍ତି ତ ଦୟାଳୁ ନିଶ୍ଚିତ ହୋଇଥିବେ। ତାହା ଯଦି ସତ୍ୟ ତେବେ ଜଣେ ବ୍ୟକ୍ତି କାହିଁକି ଧନୀ ହୁଏ ଅନ୍ୟ ଜଣେ କାହିଁକି ଗରିବ ହୁଏ? ଜଣେ କାହିଁକି ମହାପୁରୁଷ ହୁଏ ଅନ୍ୟ ଜଣେ କାହିଁକି ଅପରାଧୀ ହୁଏ? ଏହି ଶହ ଶହ ପ୍ରଶ୍ନ ଜାଗିଉଠିବା ସ୍ୱାଭାବିକ। ମଣିଷ ନିଜର ସ୍ୱାର୍ଥ ଲାଗି ଦେବତା ସୃଷ୍ଟି କରେ। ନିଜର ଭାଗ୍ୟ, ଭବିଷ୍ୟତକୁ ସୁଖ ସମୃଦ୍ଧିରେ ରଖିବା ଲାଗି ନାନା ପ୍ରକାର ଉଦ୍ୟମ କରେ। ଅନେକ ପ୍ରକାର ଅନ୍ଧବିଶ୍ୱାସରେ ନିଜକୁ ବାନ୍ଧି ରଖେ।

ମଣିଷ ଜାଣେ ତା'ର ମୃତ୍ୟୁ ସୁନିଶ୍ଚିତ। ସୀମିତ ବି ଜୀବନକାଳ। ତଥାପି ସେ ଯେପରି ଭାବେ ବିଭିନ୍ନ ଲିପ୍ସାରେ ଲିପ୍ତ ହୁଏ ତାହା ଖୁବ୍ ଆଶ୍ଚର୍ଯ୍ୟ ଲାଗେ। ନିଜକୁ ସମୃଦ୍ଧି ସ୍ତରକୁ ନେବା ଲାଗି ନାନା ପ୍ରକାର ଫନ୍ଦି କରେ, ଦୁର୍ନୀତି କରେ, ପାପ କରେ, ଆବଶ୍ୟକତାଠାରୁ ଅଧିକ ସଞ୍ଚୟ କରେ ଇତ୍ୟାଦି। ନିଜର ପାପ କର୍ମ ଘୋଡ଼ାଇବା ଲାଗି ସେ ହୋମ, ଯଜ୍ଞାଦି କରେ। ମନ୍ଦିର ନିର୍ମାଣ କରେ। ସେ ଯୁକ୍ତି କରେ କପାଳ ଲିଖନ କେ କରିବ ଆନ। ହେଲେ ପ୍ରଶ୍ନ ଉଠେ ଯଦି କପାଳ ଅନୁସାରେ ସବୁ କିଛି ନିର୍ଦ୍ଧାରିତ ତେବେ ତାହାକୁ ବଦଳାଇବା ଲାଗି ମଣିଷ କାହିଁକି ଉଦ୍ୟମ କରେ? କାହିଁକି ପୂଜାପାଠ କରେ? କାହିଁକି ଭୋଗରାଗ କରେ? ସବୁ କିଛି ଯଦି ପୂର୍ବ ଲିଖିତ ତେବେ ମଣିଷ କାହିଁକି ସେଥିରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରେ? ମଣିଷ ଏକ ମୂର୍ଖ ପ୍ରାଣୀ ନୁହେଁ କି? ପୁଣି କୁହେ- ସବୁ ସେହି ପ୍ରଭୁଙ୍କ ଇଚ୍ଛା। ପ୍ରଶ୍ନ ଉଠେ ହତ୍ୟା, ଲୁଣ୍ଠନ, ଗଣଦୁଷ୍କର୍ମ, ଗଣହତ୍ୟା, ଯୁଦ୍ଧ ଆଦି କ'ଣ ସେହି ପ୍ରଭୁଙ୍କ ଇଚ୍ଛା କି?

ଯଦି ଭାଗ୍ୟ ସବୁକିଛି ଏବଂ ପ୍ରଭୁଙ୍କ ଦ୍ୱାରା ଦତ୍ତ ତେବେ ଦୁଷ୍କର୍ମ, ହତ୍ୟା, ଗରିବୀ, ଆତ୍ମହତ୍ୟା ଆଦି କ'ଣ ଭାଗ୍ୟ ନିର୍ଦ୍ଧାରିତ କି? ଯଦି ସବୁ କିଛି ଭାଗ୍ୟ ନିର୍ଦ୍ଧାରିତ ତେବେ ମଣିଷ ପୂଜାପଦ୍ଧତି କରୁଛି କାହିଁକି?

ଭାଗ୍ୟ ନାମକ ଏକ ପ୍ରସଙ୍ଗରେ ମଣିଷ ନିଜକୁ ସମ୍ପୂର୍ଣ୍ଣ ଅନ୍ଧମାନସିକତାରେ ବଶବର୍ତ୍ତୀ କରିସାରିଛି। ଭାଗ୍ୟ ପରି ଏକ ବିଷୟ ମଣିଷକୁ ବାନର ସ୍ତରକୁ ସର୍ବଦା ଉତ୍ତରଣ କରିଥାଏ। ବାନରରୁ ମଣିଷକୁ ଉତ୍ତରଣ ପ୍ରକ୍ରିୟାରେ ମଣିଷ ନାନା ପ୍ରକାର ପ୍ରକ୍ରିୟାର ସମ୍ମୁଖୀନ ହୋଇଆସିଛି। ବାହ୍ୟ ପରିବେଶ, ପ୍ରକୃତିଗତ ପ୍ରଭାବ, ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବ, ବିବର୍ତ୍ତନିକ ପ୍ରଭାବ ଆଦି କାରଣରୁ ମଣିଷ ପ୍ରତି ମୁହୂର୍ତ୍ତରେ ବିଭିନ୍ନ ଅବସ୍ଥାର ସମ୍ମୁଖୀନ ହୋଇଥାଏ। ଏସବୁ ଜଟିଳ ବିଷୟରାଜିର ବିଜ୍ଞାନ ସମ୍ମତ କାରଣ ଥାଏ। ବେଳବଳେ ଅନେକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥାଏ। ତେବେ ଏସବୁକୁ ନିଜର କର୍ମାନୁମୋଦିତ ଫଳ ବୋଲି ବିବେଚନା କରିବା ବଦଳରେ ମଣିଷ ଏକ ଦୈବୀଶକ୍ତିର ପ୍ରଭାବ ବୋଲି ବିଚାର କରେ।

ଭାଗ୍ୟ ବୋଲି ବାସ୍ତବରେ କିଛି ନାହିଁ। ଏହା ଏକ କଳ୍ପନା ଯାହାର କୌଣସି ବସ୍ତୁଗତ ପ୍ରଭାବ ନାହିଁ ବା ବିଜ୍ଞାନସମ୍ମତ ପ୍ରମାଣ ନାହିଁ। ଅପରପକ୍ଷେ ସାହିତ୍ୟ ଏପରି ଏକ ବିଷୟ ଯାହାର ବିଜ୍ଞାନସମ୍ମତ ବର୍ଣ୍ଣନା ନଥିଲେ ତାହା ଅମୂଳକ। ସମାଜ, ବିଜ୍ଞାନ, ବସ୍ତୁବାଦୀ ଦର୍ଶନ ଆଧାରିତ ସାହିତ୍ୟ ହିଁ ବାସ୍ତବରେ ସାହିତ୍ୟ। ସାହିତ୍ୟ ଯଦି ମାନବବାଦୀ ନହୁଏ ତେବେ ତାହାର ଯଥାର୍ଥତା କ'ଣ?

ଏଠାରେ ଏକ ପ୍ରଶ୍ନ ଉଠିପାରେ ମାନବବାଦୀ ସାହିତ୍ୟ କ'ଣ? ସାଧାରଣ ଭାବେ କହିବାକୁ ଗଲେ ଯାହା ମାନବର କଥା କୁହେ ତାହା ହିଁ ମାନବବାଦୀ। ମାତ୍ର ଏହା ଅଯଥାର୍ଥ। ଏହାର ବୈଜ୍ଞାନିକ ଅନୁଶୀଳନ ଜରୁରୀ। ଆଧ୍ୟାତ୍ମିକ ସାହିତ୍ୟ ତ ମାନବବାଦର ପ୍ରକୃଷ୍ଟ ଉଦାହରଣ ବୋଲି କୁହାଯାଏ। ମାତ୍ର ବାସ୍ତବରେ ଆଧ୍ୟାତ୍ମିକ ସାହିତ୍ୟ କ'ଣ ମଣିଷକୁ ମୁକ୍ତିର ମାର୍ଗ ଦେଖାଏ? ଆଧ୍ୟାତିକ ସାହିତ୍ୟ କ'ଣ ଅର୍ଥନୈତିକ ସମତା ବିଷୟ କୁହେ? ଏହି ସାହିତ୍ୟ କ'ଣ ଶ୍ରେଣୀ ସଂଘର୍ଷ ବିଷୟ କୁହେ? ଏହା ବସ୍ତୁବାଦୀ ଦର୍ଶନର ପରିପନ୍ଥୀ ନୁହେଁ କି? ଆଧ୍ୟାତ୍ମିକତା ହୁଏତ ମଣିଷକୁ ଆଦର୍ଶ ମାର୍ଗରେ ପରିଚାଳିତ କରିପାରେ। ମାତ୍ର ମଣିଷ ଆଦର୍ଶବାଦୀ ହୋଇଗଲେ ତା'ର ଅର୍ଥନୈତିକ ଅଧିକାର ହାସଲ ହୋଇପାରିବ କି? ଆଦର୍ଶବାଦୀ ଭାବେ ମଣିଷ ବୈପ୍ଲବିକ ଦର୍ଶନର ମାର୍ଗ ବାଛିଥାଏ କି? ଆଦର୍ଶର ଅର୍ଥ ନୁହେଁ ସଂଗ୍ରାମ। ମଣିଷକୁ ସଂଗ୍ରାମ ପଥରୁ ବିଚ୍ୟୁତ କରାଇ ଏକ ସାଲିସମୂଳକ ଜୀବନର ମାନ୍ୟତା ପ୍ରଦାନ କରିଥାଏ ଆଧ୍ୟାତ୍ମିକ ସାହିତ୍ୟ। ସବୁକିଛିକୁ କପାଳ ଲିଖନ ବୋଲି ଦର୍ଶାଇଥାଏ। ଏହା ସବୁ କିଛିକୁ ବିଶ୍ୱ ବିହାରୀଙ୍କ ଅବଦାନ ବୋଲି ଦର୍ଶାଏ। ମଣିଷ ପୂର୍ବ ଜନ୍ମର ଫଳ ଭୋଗିଥାଏ ବୋଲି କହିଥାଏ। ଦାରିଦ୍ର୍ୟ, ଗରିବୀକୁ ଭାଗ୍ୟ ବୋଲି ବିବେଚନା କରିଥାଏ। ପୁଞ୍ଜିବାଦ, ସାମ୍ରାଜ୍ୟବାଦ, ସାମ୍ପ୍ରଦାୟିକତାବାଦ ବିରୋଧରେ ଲଢ଼ିବା ବଦଳରେ ଆଧ୍ୟାତ୍ମିକତା ଏସବୁରେ ସାଲିସ କରିବାର ମାର୍ଗ ଦର୍ଶାଇଥାଏ। ବାଲ୍ୟକାଳରୁ ଶିକ୍ଷା ବ୍ୟବସ୍ଥାରେ ଆଧ୍ୟାତ୍ମିକତାର ପ୍ରସାର ଏତେ ଅଧିକ ହୋଇଥାଏ ଯେ, ସ୍ୱାଧୀନ ଚିନ୍ତା କରିବା ଶିଶୁ ପକ୍ଷେ କଷ୍ଟକର ହୋଇଥାଏ। ଶିଶୁ ସାହିତ୍ୟରେ ଭାବବାଦର ଯଥେଚ୍ଛା ପ୍ରୟୋଗ ଯୋଗୁ କୋମଳମତି ଶିଶୁ ଧର୍ମକୁ ଜୀବନ ବୋଲି ଗ୍ରହଣ କରିଥାନ୍ତ। ସବୁ କିଛି ଭାଗ୍ୟର ଅବଦାନ ବୋଲି ବିଚାର କରିଥାନ୍ତି। ଏହା ସହ ସେମାନେ ମୁକ୍ତି ଲାଗି ସଂଗ୍ରାମର ଶେଷ ଅସ୍ତ୍ରଟିକୁ ହଜାଇ ଦେଇଥାନ୍ତି। ଅର୍ଥାତ ସଂଗ୍ରାମ ଲାଗି ଆବଶ୍ୟକ ଶ୍ରେଣୀଗତ ଅସ୍ତ୍ରକୁ ହଜାଇ ଦେଇଥାନ୍ତି। କୋଟି କୋଟି ମନ୍ଦିର ନିର୍ମିତ ହୋଇଥିଲେ ବି ମଣିଷ ଲାଗି ସେସବୁ ତଥାପି ନିଅଣ୍ଟ ହେଲାଣି। ଏହାର ଅର୍ଥ ମଣିଷ ଏବେ ବି ବୌଦ୍ଧିକ ଅନ୍ଧକାର ମଧ୍ୟରେ ସଢୁଛି। ଶ୍ରେଣୀ ଅସ୍ତ୍ର ଧରିବା ବଦଳରେ ନଡ଼ିଆ, କଦଳୀ ଧରିବାକୁ ଚାହୁଁଛି।

ଶ୍ରେଣୀ ତତ୍ତ୍ୱବିହୀନ ସାହିତ୍ୟର ମୂଲ୍ୟ କିଛି ନାହିଁ। ହଜାର ହଜାର ଆଧ୍ୟାତ୍ମିକ ସାହିତ୍ୟ ସୃଷ୍ଟି କଲେ ବି ତାହାର ମୂଲ୍ୟ କିଛି ନାହିଁ। ଆଧ୍ୟାତ୍ମିକତାର ଗୋଟିଏ ମାତ୍ର ନିଷ୍କର୍ଷ ଏହା ଯେ, ସବୁ କିଛି ଭଗବାନଙ୍କ ସୃଷ୍ଟି, ଯାହା ଘଟୁଛି ତାହା ତାଙ୍କର ଲୀଳା, ଯାହା ଘଟିବାର ଥିବ ତାହା ଘଟିବ ଇତ୍ୟାଦି। ଏହା କ'ଣ ଜନତାର ଉପଯୁକ୍ତ ଦର୍ଶନ ହୋଇପାରିବ ନା ଜନତାଙ୍କୁ ମୁକ୍ତିର ମାର୍ଗରେ ପରିଚାଳିତ କରିପାରିବ? ଯଦି ସାହିତ୍ୟ ମଣିଷର ସ୍ୱାଧୀନତା, ଅର୍ଥନୈତିକ ସମାନତା, ଧର୍ମ-ଜାତି-ବର୍ଣ୍ଣବିହୀନ ସମାଜ ବିଷୟ କୁହେ ନାହିଁ ତେବେ ସାହିତ୍ୟ ସୃଷ୍ଟି କରିବାର ଆବଶ୍ୟକତା ନାହିଁ। ବିଶ୍ୱ ସାହିତ୍ୟ ଇତିହାସରେ ଏପରି କିଛି ପୁସ୍ତକ ଲେଖାଯାଇଛି ଯାହାର ବିକଳ୍ପ ନାହିଁ। ଅନ୍ତତଃ ସେହି ପୁସ୍ତକଗୁଡ଼ିକର ମର୍ଯ୍ୟାଦା, ଆହ୍ୱାନ, ଆଦର୍ଶ ଆଦିକୁ ପ୍ରସାରିତ କରାଯାଉ। ତଥାକଥିତ ସାହିତ୍ୟ ରଚନା କରି ଶହ ଶହ ତଥାକଥିତ ପୁସ୍ତକ ରଚନା/ପ୍ରକାଶନ କରି ପରିବେଶ ନଷ୍ଟ କରିବା ଅନାବଶ୍ୟକ। କାର୍ଲ ମାର୍କ୍ସ, ଫ୍ରେଡରିକ ଏଙ୍ଗେଲସ, ଖଲିଲ ଜିବ୍ରାନ, ଖ୍ରୀଷ୍ଟୋଫର କଡୱେଲ, କେ.ଏନ. ପାନିକର, ଫିଓଦର ଦସ୍ତୟୋଭସ୍କି, ମାକ୍ସିମ ଗର୍କୀ, ନିକୋଲାଇ ଅସ୍ତ୍ରୋଭସ୍କି, ଚାର୍ଲସ ଡାରଉଇନ, ଜିଆରଡିନୋ ବ୍ରୁନୋ, ଗାଲିଲିଓ ଗିଲେଲି, ଭଗତ ସିଂ, ଅନନ୍ତ ପଟ୍ଟନାୟକ, ସଚ୍ଚି ରାଉତରାୟ, ରବି ସିଂ ପ୍ରମୁଖ ଯେଉ ସବୁ ପୁସ୍ତକ ଲେଖିଯାଇଛନ୍ତି ବୋଧହୁଏ ସେଗୁଡ଼ିକର ପୁନଃପ୍ରକାଶନ ହେଲେ କିଛି ଅସୁବିଧା ହୋଇ ନଥାନ୍ତା। ଅଯଥାରେ ହଜାର ହଜାର ଲେଖକଙ୍କ ବିକୃତ ମାନସକତା ବଳୟରେ ସାହିତ୍ୟ ଆଉ ଛଟପଟ ହୋଇ ନଥାନ୍ତା। ମଣିଷ ଜନ୍ମ ହେବା ମାତ୍ରେ ସେ ବନ୍ଦୀ ହୋଇଥାଏ। ତଥାକଥିତ ସାମାଜିକ ଓ ସରକାରୀ ନୀତି ନିୟମ, ପରମ୍ପରା, ବିଶ୍ୱାସ, ଭାଗ୍ୟବାଦ, ଆଧ୍ୟାତ୍ମିକବାଦ, ଜାତି-ଧର୍ମ-ବର୍ଣ୍ଣବାଦ ଶିକୁଳିରେ ବାନ୍ଧି ହୋଇଯାଏ। ଏସବୁକୁ ଖୋରାକ ଯୋଗାଇଥାଏ ଆଧ୍ୟାତ୍ମିକ ସାହିତ୍ୟ। ବାଲ୍ୟକାଳରୁ ଏସବୁର ପ୍ରଭାବରେ ଶିଶୁଟିଏ ଏପରି ଭାବେ ପ୍ରଭାବିତ ହୋଇଯାଇଥାଏ ସେ ନିଜସ୍ୱ ଇଚ୍ଛାରେ କିଛି କରିବାକୁ ସାହସ ପାଏନାହିଁ। ବାଟ ପାଏନାହିଁ। ପିତାମାତା, ପରିବାର, ସମାଜ ନିର୍ଦ୍ଦେଶିତ ଗତିପଥରେ ସେ ନିଜକୁ ସମର୍ପି ଦେବାକୁ ବାଧ ହୋଇଥାଏ ଯାହା ମାନବିକ ଅଧିକାରର ପରିପନ୍ଥୀ। ମଣିଷର ଅର୍ଥ ନୁହେଁ କୌଣସି ବ୍ୟବସ୍ଥା ମଧ୍ୟରେ ବାନ୍ଧି ହୋଇରହିଯିବା। ସେ ଜନ୍ମ ହୁଏ ଏକ ସାଧାରଣ ପ୍ରାଣୀର ରୂପ ନେଇ। ମାତ୍ର ତାକୁ ପାରିବାରିକ ବନ୍ଧନ, ବ୍ୟବସ୍ଥା, ରୀତିନୀତି, ପରମ୍ପରା, ବ୍ୟବସ୍ଥା ମଣିଷ ରୂପେ ଗଢ଼ିତୋଳେ। ଏସବୁ କ୍ଷେତ୍ରରେ ବେଶ୍ ଖୋରାକ ଯୋଗାଇଥାଏ ଆଧ୍ୟାତ୍ମିକ ସାହିତ୍ୟ। ଏସବୁ ସାହିତ୍ୟ ସାମାଜିକ ବିପ୍ଳବ, ମୁକ୍ତି, ପ୍ରଗତି, ବ୍ୟକ୍ତି ସ୍ୱାଧୀନତା, ବିବର୍ତ୍ତନିକ ବିଜ୍ଞାନର ଧାରା, ପ୍ରକୃତିର ନିର୍ବାଚିତ ନିୟମ, ବିଜ୍ଞାନର ପରିପନ୍ଥୀ। ବହୁଳଭାଗ ଲୋକ ତାହାକୁ ଗ୍ରହଣ କଲେ ଯେ ତାହା ଲୋକପ୍ରିୟ ସାହିତ୍ୟ- ତାହା ନୁହେଁ। ଭାବବାଦୀ ସାହିତ୍ୟ କାଳଜୟୀ ହୋଇପାରେନା। ଏହା ପରୋକ୍ଷରେ ମଣିଷ ଲାଗି ମୌଳବାଦ ପରି ବିପଦ ସୃଷ୍ଟି କରିଥାଏ ଯାହା ଆଜି ଘଟିଚାଲିଛି।

ଏବେ ପୂର୍ବ ଅପେକ୍ଷା ବହୁ ପୁସ୍ତକ ଛପାଯାଉଛି। ପ୍ରତିଦିନ ନୂଆ ନୂଆ ସାହିତ୍ୟିକ, ପ୍ରକାଶକ ବାହାରୁଛନ୍ତି। ପ୍ରତିଦିନ ହଜାର ହଜାର ପୁସ୍ତକ ଛପାଯାଉଛି। ହେଲେ ଏହାର ସାମାଜିକ, ବୈଜ୍ଞାନିକ, ସଂଗ୍ରାମୀ ଆଭିମୁଖ୍ୟକୁ କେହି ବିଚାର କରୁନାହାନ୍ତି। ପ୍ରତିଦିନ ଏତେ ସଂଖ୍ୟାରେ ନୂଆ ତତ୍ତ୍ୱ ପ୍ରକାଶ ପାଉଛି ଯେ, ମଣିଷର ପ୍ରକୃତ ମୁକ୍ତିର ମାର୍ଗ ଅସ୍ପଷ୍ଟ ରହିଯାଉଛି। ନାନା ପ୍ରକାର ପ୍ରାଚୀନ ଧାର୍ମିକ ରଚନାକୁ ଆଧାର କରି ସାହିତ୍ୟ ରଚନା କରୁଛି ତ କିଏ ବରାଦିଆ ଲେଖକ ଭାବେ କୌଣସି ଅନାମଧେୟ ବ୍ୟକ୍ତିର ଆଦର୍ଶକୁ ସମୀକ୍ଷା କଲାଣି। କିଏ ଉଚ୍ଚ ପଦବୀରେ ଥାଇ ସାହିତ୍ୟକୁ ନିଜ ସ୍ୱାର୍ଥରେ ବ୍ୟବହାର କରୁଛି ତ କିଏ ପୁରସ୍କାର ଯୋଗାଡ଼ କରିବା ଲାଗି ନିତି ଘୂରିବୁଲୁଛି। ଏହା ସାହିତ୍ୟର ମୂଳ ଆହ୍ୱାନ ଉପରେ କ୍ଷତ ସୃଷ୍ଟି କରୁଛି। ଶ୍ରେଣୀ ସଂଘର୍ଷଧର୍ମୀ ସାହିତ୍ୟ, ବସ୍ତୁବାଦୀ ତଥା ବୈଜ୍ଞାନିକ ତତ୍ତ୍ୱ ଆଧାରିତ ସାହିତ୍ୟ, ଆଧ୍ୟାତ୍ମିକବିହୀନ ସାହିତ୍ୟ ସୃଷ୍ଟି ନ ହେଲେ ଏହାର ଯେ ଆଗାମୀ ଦିନରେ ଗତିରୋଧ ହେବ ତାହା ନିଶ୍ଚିତ। ସାହିତ୍ୟ ନାମରେ ମୌଳବାଦ, ସାମ୍ପ୍ରଦାୟିକତାବାଦ, ଭାଗ୍ୟବାଦ, ଈଶ୍ୱରବାଦ ଆଦିର ପ୍ରଚଳନ ବନ୍ଦ ହେଉ। ଏହା ହିଁ କରିବ ସାହିତ୍ୟର ମାର୍ଗ ଉନ୍ମୋଚନ।

-ଭୁବନେଶ୍ୱର
୯୪୩୭୧୬୪୭୬୪

# ଗହମ ଫସଲ ନଷ୍ଟ ହୋଇନି; ଉତ୍ପାଦନ କମିବନି



ନୂଆଦିଲ୍ଲୀ ୨୭/୦୪: ଗମ୍ଭୀର ପାଣିପାଗ ସ୍ଥିତି ଗହମ ଚାଷକୁ ପ୍ରଭାବିତ କରିନାହିଁ। ଅଳ୍ପ କିଛି ସ୍ଥାନରେ ଯଦିଓ ପାଣିପାଗ ଜନିତ ଘଟଣା ଘଟିଛି, କିନ୍ତୁ ତାହା ଗମନ ଉତ୍ପାଦନକୁ ବିଶେଷ ପ୍ରଭାବିତ କରିବ ନାହିଁ ବୋଲି କୃଷି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅଦିନିଆ ବର୍ଷା ଓ ଝଡ଼ରେ ଗହମ ଫସଲ ନଷ୍ଟ ହୋଇଥିବା ନେଇ ରୋର୍ଲ ଫ୍ଲୋ ମିଲର୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ଚିନ୍ତା ପ୍ରକଟ କରିଥିଲା।୨୦୨୫-୨୬ରେ ଉତ୍ପାଦନ ୧୧୦.୬୫ ନିୟୁତ ଟନ୍ ରହିବା ନେଇ ଏହା ଆକଳନ କରିଥିଲା। ଏହା ୨୦୨୪-୨୫ର ୧୦୯.୬୩ ନିୟୁତ ଟନ୍ ତୁଳନାରେ ସାମାନ୍ୟ ଅଧିକ ହୋଇଥିଲେ ମଧ୍ୟ ୨୦୨୫-୨୬ ପାଇଁ ସରକାର କରିଥିବା ୧୨୦.୨୧ ନିୟୁତ ଟନ୍ ଆକଳନଠାରୁ ଯଥେଷ୍ଟ କମ୍। ସେହି ଆକଳନ ଉପରେ ପ୍ରତିକ୍ରିୟା ରଖି ଖାଦ୍ୟ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି ଯେ ମହାସଂଘର ଆକଳନ ୧୧୦ ନିୟୁତ ଟନ୍ ହୋଇଥିବା ବେଳେ ବର୍ଷା ପୂର୍ବରୁ ସରକାରଙ୍କ ଆକଳନ ୧୨୦ ନିୟୁତ ଟନ୍ ରହିଛି। ତେଣୁ ପ୍ରକୃତ ଉତ୍ପାଦନ ଏହି ଦୁଇ ଆକଳନ ମଝାମଝି ରହିବ। କୃଷି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଆଲୋଚ୍ୟ ଋତୁରେ ୩୩.୪ ନିୟୁତ ହେକ୍ଟର ଜମିରେ ଗହମ ଚାଷ ହୋଇଛି। କେଣସି ସ୍ଥାନରେ ଫସଲରେ ରୋଗ କିମ୍ବା ପୋକ ଲାଗିବା ଘଟଣା ସାମ୍ନାକୁ ଆସିନାହିଁ। ଆଗୁଆ ଓ ଠିକ୍ ସମୟରେ ବୁଣାବୁଣି ହୋଇଥିଲା।ତେବେ ଫେବ୍ରୁଆରିରେ ଗରମ ବଢ଼ିବାରୁ ଫସଲ ଦାନା ପୂରଣ ହେବା ପ୍ରଭାବିତ ହୋଇଥାଏ। ଅମଳ ସମୟ ବେଳକୁ କେତେକ ସ୍ଥାନରେ ଅଦିନିଆ ବର୍ଷା ଓ ଝଡ଼ତୋଫାନ ଯୋଗୁଁ ଫସଲ କିଛିଟା ପ୍ରଭାବିତ ହୋଇଛି। ତେବେ ପାଣିପାଗ ଜନିତ ଏହି ସମସ୍ୟାଗୁଡ଼ିକୁ ଏଡ଼ାଇବା ଲାଗି ବହୁ ପଦକ୍ଷେପ ଗ୍ରହଣ କରାଯାଇଥିବା ମନ୍ତ୍ରଣାଳୟ କହିଛି। ଚଳିତ ବର୍ଷ ୦.୬ ନିୟୁତ ହେକ୍ଟର ଅଧିକ ଜମିରେ ଚାଷ କରାଯାଇଥିବାରୁ ଅଳ୍ପ କେତେକ ସ୍ଥାନରେ ହେବାକୁ ଥିବା କ୍ଷତି ଭରଣା ହୋଇଯିବ। ଚରମ ପାଣିପାଗ ସହନଶୀଳ ବିହନ ଦିଆଯାଇଥିବାରୁ ତାହା ଗ୍ରୀଷ୍ମପ୍ରବାହ ଓ ରୋଗପୋକ ସମସ୍ୟାକୁ ଦୂର କରିବ।ଗହମ ସଂଗ୍ରହ ତଥ୍ୟ ଉପସ୍ଥାପନ କରି ଅମଳ ଭଲ ହୋଇଥିବା ମନ୍ତ୍ରଣାଳୟ ଜଣାଇବାକୁ ପ୍ରୟାସ କରିଛି। ହରିୟାଣାରେ ଗହମ ନିର୍ଦ୍ଧାରିତ ସମୟଠାରୁ ଆଗୁଆ ମଣ୍ଡିରେ ପହଞ୍ଚିଛି ଓ ତାହା ୭୫ ଲକ୍ଷ ଟନ୍ ସଂଗ୍ରହ ଲକ୍ଷ୍ୟ ପାର କରିଛି। ମଧ୍ୟପ୍ରଦେଶ ପାଇଁ ସଂଗ୍ରହ ଲକ୍ଷ୍ୟକୁ ୮୭ ଲକ୍ଷ ଟନ୍‌ରୁ ବଢ଼ାଇ ୧୦୦ ଲକ୍ଷ ଟନ୍ କରାଯାଇଛି। ମହାରାଷ୍ଟ୍ରରେ ଉତ୍ପାଦନ ୨୨.୯୦ ଲକ୍ଷ ଟନ୍ ରହିବା ଆକଳନ କରାଯାଇଛି।

### ଭାରତ-ନ୍ୟୁଜିଲାଣ୍ଡ ଏଫ୍‌ଟିଏ କିୱି-ମଦ ଶସ୍ତା

# କୃଷକଙ୍କ ସୁରକ୍ଷା ପାଇଁ ବଡ଼ ନିଷ୍ପତ୍ତି ନେଲେ ମୋଦୀ ସରକାର



**ବୃତ୍ତିଗତମାନଙ୍କ ପାଇଁ ସୁଯୋଗର ନୂତନ ରାସ୍ତା ଖୋଲିଲା**
**ଦୀର୍ଘକାଳୀନ ନିବେଶ ରଣନୀତି**
**ଉଭୟ ଦେଶର ଲକ୍ଷ୍ୟ ଏକ ଅନ୍ତର୍ଭୁକ୍ତ ଭବିଷ୍ୟତ**
**ଆୟୁଷ ଏବଂ ଯୋଗକୁ ବିଶ୍ୱ ସ୍ତରରେ ବିସ୍ତାର କରିବା ପାଇଁ ପଦକ୍ଷେପ**

ନୂଆଦିଲ୍ଲୀ ୨୭/୦୪ : ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ)ଦୁଇ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କକୁ ଏକ ନୂତନ ଦିଗଦର୍ଶନ ଦେଇଛି। ଏହି ଚୁକ୍ତିନାମା ବାଣିଜ୍ୟ ବୃଦ୍ଧି କରିବାର ଏକ ମାଧ୍ୟମ ସହିତ ବୃତ୍ତିଗତ, ଛାତ୍ରଛାତ୍ରୀ ଏବଂ ଶିଳ୍ପ ପାଇଁ ସୁଯୋଗର ନୂତନ ଦ୍ୱାର ମଧ୍ୟ ଖୋଲିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ସାମଗ୍ରୀ ବାଣିଜ୍ୟ ପ୍ରାୟ ୧.୩ ବିଲିୟନ ଡଲାର ଥିଲା, ଯାହାକୁ ବର୍ତ୍ତମାନ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୫ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖାଯାଇଛି।ଏହି ଚୁକ୍ତିନାମାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭାରତୀୟ ବୃତ୍ତିଗତଙ୍କ ପାଇଁ ଅସ୍ଥାୟୀ ଭିସା ପ୍ରଦାନ। ଏବେ, ପ୍ରତିବର୍ଷ ୫,୦୦୦ ଭାରତୀୟ ବୃତ୍ତିଗତ ନ୍ୟୁଜିଲାଣ୍ଡ ଯାତ୍ରା କରି କାମ କରିପାରିବେ। ଏହା ଏକ ସୁବର୍ଣ୍ଣ ସୁଯୋଗ। ବିଶେଷକରି ଆଇଟି, ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା, ନିର୍ମାଣ, ଯୋଗ ଏବଂ ସେଫ୍ ଭଳି କ୍ଷେତ୍ରର ଯୁବପିଢ଼ି ଏହା ଦ୍ୱାରା ଉପକୃତ ହେବେ। ଏହି ପଦକ୍ଷେପ କେବଳ ଭାରତର ଦକ୍ଷତା ଶକ୍ତିକୁ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପ୍ରଦାନ କରିବ ନାହିଁ ବରଂ ନ୍ୟୁଜିଲାଣ୍ଡର ଶ୍ରମଶକ୍ତି ଆବଶ୍ୟକତା ପୂରଣ କରିବାରେ ମଧ୍ୟ ସାହାଯ୍ୟ କରିବ।ଏହି ଚୁକ୍ତିନାମା ଅନୁଯାୟୀ, ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ନିୟମଗୁଡ଼ିକୁ ଯଥେଷ୍ଟ ସରଳ କରାଯାଇଛି। ଛାତ୍ର ଭିସା କୋଟା ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି, ଯାହାର ଅର୍ଥ ହେଉଛି ଅଧିକ ସଂଖ୍ୟକ ଭାରତୀୟ ଛାତ୍ରଛାତ୍ରୀ ନ୍ୟୁଜିଲାଣ୍ଡ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାରିବେ। ଏହା ବ୍ୟତୀତ, ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା ସମୟରେ ସପ୍ତାହକୁ ଅତି କମରେ ୨୦ ଘଣ୍ଟା କାମ କରିବାକୁ ଅନୁମତି ଦିଆଯାଇଛି। ଏହି ବ୍ୟବସ୍ଥା ଭାରତୀୟ ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା ସମୟରେ ଆର୍ଥିକ ଭାବରେ ସଶକ୍ତ କରି ବିଦେଶରେ ସେମାନଙ୍କର ଜୀବନଯାପନ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ। ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପ୍ରାୟତଃ ବଜାର ଖୋଲିବାର ଅର୍ଥ ରଖେ, କିନ୍ତୁ ଭାରତ ଏହାର ଘରୋଇ ସ୍ୱାର୍ଥକୁ ସୁରକ୍ଷା ଦେଇ ସତର୍କତାର ସହିତ ସେଗୁଡ଼ିକୁ କାର୍ଯ୍ୟକାରୀ କରିଛି। ଭାରତ ନ୍ୟୁଜିଲ୍ୟାଣ୍ଡର ୯୫ ପ୍ରତିଶତ ରପ୍ତାନି ଉତ୍ପାଦ ଉପରେ ଶୁଳ୍କ ହ୍ରାସ କରିଛି କିମ୍ବା ସମାପ୍ତ କରିଛି, ଯାହା ଫଳରେ ପଶମ, କାଠ, ମଦ, କିୱି, ସେଓ, ଚେରି, ଆଭୋକାଡୋ ଏବଂ ମଣୁକା ମହୁ ଭଳି ଉତ୍ପାଦ ଭାରତୀୟ ବଜାରରେ ଶସ୍ତା ହୋଇଛି।କୃଷକମାନଙ୍କ ଜୀବିକା ସୁରକ୍ଷା ପାଇଁ, ଭାରତ ଦୁଗ୍ଧ, ଚିନି, ପିଆଜ, ଡାଲି, ମସଲା, ଖାଦ୍ୟ ତେଲ ଏବଂ ରବର ଭଳି ସମ୍ବେଦନଶୀଳ କୃଷି କ୍ଷେତ୍ରଗୁଡ଼ିକୁ ଚୁକ୍ତିର ପରିସରରୁ ବାଦ୍ ଦେଇଛି କିମ୍ବା ସେମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ରିହାତି ପ୍ରଦାନ କରିନାହିଁ। ସ୍ଥାନୀୟ ଉତ୍ପାଦକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ କ୍ଷତି ଏଡାଇବା ପାଇଁ ସୀମିତ କୋଟା ମଧ୍ୟରେ କିୱି ଏବଂ ସେଓ ଭଳି କିଛି ଫଳ ଉପରେ ଶୁଳ୍କ ରିହାତି ମଧ୍ୟ ପ୍ରଦାନ କରାଯାଇଛି।ଏହି ଚୁକ୍ତିନାମାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭାରତର ପାରମ୍ପରିକ ଚିକିତ୍ସା ପ୍ରଣାଳୀ, ଆୟୁଷ ଏବଂ ଯୋଗକୁ ସ୍ୱୀକୃତି। ଏହି ଚୁକ୍ତିନାମା ଅନୁଯାୟୀ, ଭାରତୀୟ ପାରମ୍ପରିକ ଔଷଧ ଏବଂ ସମ୍ପର୍କିତ ଔଷଧଗୁଡ଼ିକ ନ୍ୟୁଜିଲାଣ୍ଡ ବଜାରରେ ସରକାରୀ ସ୍ୱୀକୃତି ଏବଂ ପ୍ରବେଶ ପାଇବ। ଏହା ଭାରତୀୟ ଔଷଧ ଏବଂ ୱେଲନେସ୍ କମ୍ପାନିଗୁଡ଼ିକ ପାଇଁ ନୂତନ ବ୍ୟବସାୟ ସୁଯୋଗ ସୃଷ୍ଟି କରିବା ସହ ଭାରତୀୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବ।ଆକଳନ କରାଯାଉଛି ଯେ, ଏହି ଚୁକ୍ତିନାମା ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୨୦ ବିଲିୟନ ଡଲାରର ବିଦେଶୀ ନିବେଶକୁ ଆକର୍ଷିତ କରିବ। ଏହି ନିବେଶ ଭିତ୍ତିଭୂମିକୁ ଉନ୍ନତ କରିବା ସହ ପ୍ରଯୁକ୍ତିବିଦ୍ୟା ଏବଂ ଗୁଣବତ୍ତା ମାନଦଣ୍ଡକୁ ବିଶ୍ୱ ସ୍ତରୀୟ କରିବାରେ ମଧ୍ୟ ସାହାଯ୍ୟ କରିବ। ସରକାରଙ୍କ ଅନୁସାରେ ଏହି ଚୁକ୍ତିନାମା ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଏକ ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ ବଜାର ପ୍ରଦାନ କରିବ।ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଏହି ବାଣିଜ୍ୟ ଚୁକ୍ତିନାମା ଉଭୟ ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭାରତ ଏହାର କୃଷି ଏବଂ ସମ୍ବେଦନଶୀଳ କ୍ଷେତ୍ରର ସୁରକ୍ଷା ସୁନିଶ୍ଚିତ କରିଥିବା ବେଳେ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ଏବଂ ଶିକ୍ଷାଗତ ସୁଯୋଗକୁ ବିସ୍ତାର କରି ଭବିଷ୍ୟତ ପାଇଁ ଏକ ଦୃଢ଼ ମୂଳଦୁଆ ମଧ୍ୟ ସ୍ଥାପନ କରିଛି। ଏହି ଚୁକ୍ତିନାମା କେବଳ ଡଲାର ବାଣିଜ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ। ଏହା ଦୁଇ ଦେଶ ମଧ୍ୟରେ ବିଶ୍ୱାସ, ସହଯୋଗ ଏବଂ ସହଭାଗୀ ବିକାଶ ପାଇଁ ଏକ ରୋଡମ୍ୟାପ୍। ସୂଚନାଯୋଗ୍ୟ,ଗତ କିଛି ବର୍ଷ ମଧ୍ୟରେ, ଭାରତ ଏହାର ବଜାର ବିବିଧତା ନୀତିର ଅଂଶ ସ୍ୱରୂପ ଅଷ୍ଟ୍ରେଲିଆ, ୟୁଏଇ, ୟୁକେ ଏବଂ ୟୁରୋପୀୟ ସଂଘ ସହିତ ଅନେକ ଚୁକ୍ତି ସ୍ୱାକ୍ଷର କରିଛି। ନ୍ୟୁଜିଲାଣ୍ଡ ସହିତ ଏହି ଚୁକ୍ତି ସେହି ରଣନୀତିର ଏକ ବିସ୍ତାର। ଏହା କେବଳ ଦ୍ୱିପାକ୍ଷିକ ବାଣିଜ୍ୟକୁ ତ୍ୱରାନ୍ୱିତ କରିବ ନାହିଁ ବରଂ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବରେ ଅଧିକ ଦୃଢ଼ ଭାବରେ ସ୍ଥାନିତ କରିବାକୁ ସକ୍ଷମ ହେବ ବୋଲି କୁହାଯାଉଛି।

### ପ୍ରଧାନମନ୍ତ୍ରୀଙ୍କ ରାଲି ପୂର୍ବରୁ ଜଗଦ୍ଦଲରେ ବିଜେପି-ଟିଏମ୍‌ସି କର୍ମୀ ମୁହାଁମୁହିଁ

# ପଥର ଫିଙ୍ଗା, ବୋମାମାଡ଼ ଏବଂ ଗୁଳିଚାଳନା

କୋଲକାତା ୨୭/୦୪ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୋମବାର ଦିନ ହେବାକୁ ଥିବା ସାଧାରଣ ସଭାର କିଛି ଘଣ୍ଟା ପୂର୍ବରୁ ରବିବାର ରାତିରେ ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣା ଜିଲ୍ଲାରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ରିପୋର୍ଟ ଅନୁଯାୟୀ ଜଗଦ୍ଦଲ ପୁଲିସ ଷ୍ଟେସନ ସମ୍ମୁଖରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ସମର୍ଥକଙ୍କ ମଧ୍ୟରେ ଏକ ଭୟଙ୍କର ସଂଘର୍ଷ ଘଟିଛି, ଯାହା ଫଳରେ ପଥର ଫିଙ୍ଗା, ବୋମାମାଡ଼ ଏବଂ ଗୁଳିଚାଳନା ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଲଗାଯାଇଥିବା ପତାକା ଏବଂ ପୋଷ୍ଟର ଚିରିବା ଯୋଗୁଁ ବିବାଦ ଆରମ୍ଭ ହୋଇଥିବା ଜଣାପଡ଼ିଛି। ବିଜେପି କର୍ମୀମାନେ ଅଭିଯୋଗ କରିଛନ୍ତି, ଜଗଦ୍ଦଲ ଅଞ୍ଚଳରେ ଟିଏମ୍‌ସି ସମର୍ଥକମାନେ ସେମାନଙ୍କ ପ୍ରଚାର ସାମଗ୍ରୀକୁ କ୍ଷତି ପହଞ୍ଚାଇଛନ୍ତି। ଆରୋପ ପ୍ରତ୍ୟାରୋପ ପରେ ଉଭୟ ଦଳର ସମର୍ଥକମାନେ ଥାନା ବାହାରେ ଜମା ହୋଇଥିଲେ। ସେମାନଙ୍କ ଉଗ୍ର ଯୁକ୍ତିତର୍କ ହେବା ପରେ ଏହା ହିଂସାତ୍ମକ ସଂଘର୍ଷରେ ପରିଣତ ହୋଇଥିଲା। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ପୁଲିସକୁ ନାକେଦମ୍ ହେବାକୁ ପଡିଥିଲା। ଏହି ସମୟରେ, ଭାଟପାରା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ଏବଂ ବିଧାୟକ ପବନ ସିଂହଙ୍କ ଘର ଉପରେ ବୋମା ଫିଙ୍ଗାଯାଇଥିବା ସୂଚନା ମିଳିଛି। ଏହି ଆକ୍ରମଣ ଫଳରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏବଂ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଘଟଣାରେ ତିନି ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ପଥପ୍ରାନ୍ତ ସଭା ସମୟରେ ବିବାଦ ଆରମ୍ଭ ହୋଇଥିଲାବିଜେପି ପ୍ରାର୍ଥୀ ପବନ ସିଂହ ଦାବି କରିଛନ୍ତି, ପୂର୍ବ ଦିନ ଏକ ପଥପ୍ରାନ୍ତ ସଭା ସମୟରେ ବିବାଦ ଆରମ୍ଭ ହୋଇଥିଲା। ଜଣେ ସ୍ଥାନୀୟ କାଉନସିଲରଙ୍କ ନେତୃତ୍ୱରେ ଟିଏମ୍‌ସି କର୍ମୀମାନେ ତାଙ୍କ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିଥିଲେ। ପୁଲିସ ଷ୍ଟେସନରେ ଅଭିଯୋଗ ଦାଖଲ କରି ଫେରୁଥିବା ସମୟରେ ତାଙ୍କ ଉପରେ ପଥର ଏବଂ ବୋମା ମାଡ଼ କରାଯାଇଥିଲା। ଗୁଳିକାଣ୍ଡରେ ଜଣେ ସିଆଇଏସ୍‌ଏଫ୍ ଯବାନଙ୍କ ବାମ ଗୋଡରେ ଗୁଳି ବାଜିଥିବା ସେ କହିଛନ୍ତି। ଏହି ସମୟରେ, ଟିଏମ୍‌ସି ପ୍ରାର୍ଥୀ ଅମିତ ଗୁପ୍ତା ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଅଚଲା ବାଗାନ ୱାର୍ଡରେ ସଂଘର୍ଷ ଆରମ୍ଭ ହୋଇଥିଲା। ଟିଏମ୍‌ସି କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବରେ ପତାକା ଲଗାଉଥିବା ସମୟରେ, ଗୁଡ୍ଡୁ ଏବଂ ପିଣ୍ଟୁ ସିଂହ ନାମକ ବ୍ୟକ୍ତି ତାଙ୍କ ଦଳୀୟ କର୍ମୀ ବିଟ୍ଟୁଙ୍କୁ ଆକ୍ରମଣ କରିଥିଲେ ଏବଂ ଦଳୀୟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। ଅମିତ ଗୁପ୍ତାଙ୍କ ଅନୁଯାୟୀ, ଯେତେବେଳେ ସେମାନେ ଅଭିଯୋଗ କରିବାକୁ ପୁଲିସ ଷ୍ଟେସନକୁ ଯାଇଥିଲେ, ବିଜେପି ନେତା ଅର୍ଜୁନ ସିଂହ ତାଙ୍କ ସୁରକ୍ଷା କର୍ମୀଙ୍କ ସହିତ ଷ୍ଟେସନ ଭିତରେ ଟିଏମ୍‌ସି କର୍ମୀମାନଙ୍କୁ ଆକ୍ରମଣ କରିଥିଲେ।ସମଗ୍ର ଅଞ୍ଚଳରେ ସତର୍କ ସୂଚନା ଜାରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ରାଲିକୁ ଦୃଷ୍ଟିରେ ରଖି ସୁରକ୍ଷା ଏଜେନ୍ସିଗୁଡ଼ିକ ସମଗ୍ର ଅଞ୍ଚଳରେ ସତର୍କ ସୂଚନା ଜାରି କରିଛନ୍ତି। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଜଗଦ୍ଦଲ ଏବଂ ଭାଟପାରାରେ ଅତିରିକ୍ତ ଅର୍ଦ୍ଧସାମରିକ ବାହିନୀ ମୁତୟନ କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବର୍ତ୍ତମାନ, ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି, ଉଭୟ ଦଳ ପରସ୍ପର ବିରୋଧରେ ଅଭିଯୋଗ କରୁଛନ୍ତି।



### ୧୫୦୦ ମେଗାୱାଟ୍ ବିଜୁଳି ଉତ୍ପାଦନ ହେବ

# ନିବେଶ ହେବ ୨୫୮୫ କୋଟି

ନୂଆଦିଲ୍ଲୀ ୨୭/୦୪ : କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପମାନ ନିର୍ମାଣ କରି ଦେଶରେ ସ୍ୱଚ୍ଛ ଓ ସବୁଜ ଶକ୍ତିକୁ ସରକାର ଆଗକୁ ବଢ଼ାଇବା ପାଇଁ ଯୋଜନା କରିଛନ୍ତି। ବିଶେଷକରି ଦେଶର ପାର୍ବତ୍ୟ ଏବଂ ଦୁର୍ଗମ ଅଞ୍ଚଳରେ ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ ହେବ। ଆସନ୍ତା ୫ ବର୍ଷ ମଧ୍ୟରେ ଏହା ଜରିଆରେ ୧୫୦୦ ମେଗାୱାଟ୍‌ର ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେବ ଏବଂ ନିର୍ମାଣ ସମୟରେ ୫୧ ଲକ୍ଷ ଦିବସର କାର୍ଯ୍ୟ ସୃଷ୍ଟି କରାଯିବ। କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍‌ରେ ମଞ୍ଜୁରି ଲାଭ କରିଥିବା କ୍ଷୁଦ୍ର ଜଳ ବିଦ୍ୟୁତ୍ (ଏସ୍‌ଏଚ୍‌ପି) ବିକାଶ ଯୋଜନାରେ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ପାଇଁ ମୋଟ ୨୫୮୪.୬୦ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି। ଏ କ୍ଷେତ୍ରରେ ରହିଥିବା ସାମର୍ଥ୍ୟର ଉପଯୋଗ କରି ଅପହଞ୍ଚ ଅଞ୍ଚଳରେ ବିଜୁଳି ପହଞ୍ଚାଯିବ। ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ଉତ୍ପାଦନ ଫଳରେ ପାରମ୍ପରିକ ଇନ୍ଧନ ଉପରୁ ନିର୍ଭରଶୀଳତା କମିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।୨୦୨୬-୨୭ ଆର୍ଥିକବର୍ଷରୁ ୨୦୩୦-୩୧ ଆର୍ଥିକବର୍ଷ ମଧ୍ୟରେ ଏହି ପ୍ରକଳ୍ପଗୁଡ଼ିକୁ ନିର୍ମାଣ କରାଯିବ। ବିଶେଷକରି ପାର୍ବତ୍ୟ ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବ। କାରଣ ଏସବୁ ଅଞ୍ଚଳରେ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଜରିଆରେ ବିଦ୍ୟୁତ୍ ଉତ୍ପାଦନ ସାମର୍ଥ୍ୟ ଅଧିକ ରହିଛି।ଭାରତରେ ସଂପ୍ରତି ଥିବା କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଗୁଡ଼ିକର ମୋଟ କ୍ଷମତା ୫୧୭୧ ମେଗାୱାଟ୍ ରହିଛି। କିନ୍ତୁ ଦେଶର ୭୧୩୩ଟି ସ୍ଥାନରେ ମୋଟ ୨୧,୧୩୩.୬୧ ମେଗାୱାଟ୍‌ର ବିଦ୍ୟୁତ୍ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ମାଧ୍ୟମରେ ଉତ୍ପାଦନ ହେବାର ସାମର୍ଥ୍ୟ ଥିବା ନେଇ ଆକଳନ କରାଯାଇଛି। ତେଣୁ ମୋଟ ସାମର୍ଥ୍ୟର ମାତ୍ର ୨୪.୫ ପ୍ରତିଶତ ସ୍ଥାପନ ହୋଇଛି। ୧୫,୯୬୦ ମେଗାୱାଟ୍‌ରୁ ଅଧିକ କ୍ଷୁଦ୍ର ଜଳ ବିଦ୍ୟୁତ୍ ଉତ୍ପାଦନ ସାମର୍ଥ୍ୟକୁ କାର୍ଯ୍ୟକାରୀ କରାଯାଇ ପାରିନାହିଁ। ଉଲ୍ଲେଖଯୋଗ୍ୟ, ୨୫ ମେଗାୱାଟ୍ ପର୍ଯ୍ୟନ୍ତ ବିଜୁଳି ଉତ୍ପାଦନ ହୋଇପାରୁଥିବା ପ୍ରକଳ୍ପଗୁଡ଼ିକୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ଭାବେ ବିଚାର କରାଯାଇଥାଏ। ଏହି ପ୍ରକଳ୍ପଗୁଡ଼ିକ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରାଳୟ ଅଧୀନରେ ରହିଥାଏ। ଉକ୍ତ ପ୍ରକଳ୍ପଗୁଡ଼ିକରେ ସ୍ୱଦେଶୀ ଯନ୍ତ୍ରାଂଶ ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ।



### ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲର

# ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର ୨୭/୦୪ : ଆର୍ଥିକ ବର୍ଷ ୨୦୨୫-୨୬ରେ ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲ ଜାତୀୟ ସ୍ତରରେ ଦୁଇଟି ପ୍ରତିଷ୍ଠିତ ସମ୍ମାନ ଅର୍ଜନ କରିଛି। ସର୍ବୋତ୍ତମ ପ୍ରଦର୍ଶନକାରୀ ସର୍କଲ ଏବଂ ଏଣ୍ଟରପ୍ରାଇଜ ବିଜନେସ୍ (ଇବି)ରେ ସର୍ବୋତ୍ତମ କାର୍ଯ୍ୟଦକ୍ଷତା ପାଇଁ ବିଏସ୍‌ଏନ୍‌ଏଲ୍ ପୁରସ୍କୃତ ହୋଇଛି। ଏହି ପୁରସ୍କାରଗୁଡ଼ିକୁ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍ ସିନ୍ଧିଆ ପ୍ରଦାନ କରିଛନ୍ତି।ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲର ମୁଖ୍ୟ ସାଧାରଣ ପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଆହ୍ୱାନମୂଳକ ଟେଲିକମ୍ ପରିବେଶରେ ଓଡ଼ିଶା ସର୍କଲର ନିରନ୍ତର ପ୍ରୟାସ ଏବଂ ଉତ୍ସର୍ଗୀକୃତ ପ୍ରଦର୍ଶନକୁ ଏହି ସଫଳତା ପ୍ରତିଫଳିତ କରୁଛି। ବିଏସ୍‌ଏନ୍‌ଏଲ୍ ତାହାର ରୌପ୍ୟ ଜୟନ୍ତୀ ବର୍ଷ ପାଳନ କରୁଥିବାବେଳେ ରାଜ୍ୟରେ ଡିଜିଟାଲ ସଂଯୋଗ ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି। କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡ଼ାରୁ ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ସ୍ୱଦେଶୀ ୪ଜି ଷ୍ଟ୍ୟାକ୍ ସେବା ଉଦ୍‌ଘାଟନ କରିଥିଲେ। ଦୁର୍ଗମ ଅଞ୍ଚଳରେ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର ପ୍ରମୁଖ ଅଞ୍ଚଳରେ ଥିବା ଗୁଡଗୁଡିଆରେ ତିନୋଟି ସାଚୁରେସନ୍ ମୋବାଇଲ୍ ଟାୱାର ଉଦ୍‌ଘାଟନ କରିଥିଲେ। ଗ୍ରାହକମାନଙ୍କୁ ସୁଲଭ ସେବା ପ୍ରଦାନ ପାଇଁ ବିଏସ୍‌ଏନ୍‌ଏଲ୍ ମଧ୍ୟ ୧ ଟଙ୍କାରେ ସିମ୍ କାର୍ଡ ପ୍ରଦାନ କରୁଛି।

# ଗୁଳିକାଣ୍ଡର ୧୦ ମିନିଟ୍ ପୂର୍ବରୁ ବନ୍ଧୁକଧାରୀ ଆଲେନ୍ ଘରକୁ ପଠାଇଥିଲେ ଡୋନାଲ୍ଡ ଟ୍ରମ୍ପ ବିରୋଧରେ ଅଭିଯୋଗ ଭରା ଘୋଷଣାପତ୍ର

ୱାସିଂଟନ,୨୭/୪: ଶନିବାର ଦିନ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟ୍ସ ଆସୋସିଏସନ୍ ରାତ୍ରୀଭୋଜନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଥମ ମହିଳା ୨,୬୦୦ ଅତିଥିଙ୍କ ସହିତ ଭୋଜନ କରୁଥିବା ସମୟରେ, କାଲିଫର୍ନିଆର ଜଣେ ୩୧ ବର୍ଷୀୟ ବ୍ୟକ୍ତି ଅନେକ ଅସ୍ତ୍ରଶସ୍ତ୍ର ସହ ୱାସିଂଟନ୍‌ର ହିଲଟନ୍ ହୋଟେଲ ପରିସରରେ ଥିଲେ। ହୋଟେଲ ବାହାରେ ଗୁଳିକାଣ୍ଡ ଘଟଣାରେ କାଲିଫର୍ନିଆର ଟୋରାନ୍ସର ଜଣେ ସନ୍ଦିଗ୍ଧ କୋଲ୍ ଥମାସ ଆଲେନ୍‌ଙ୍କୁ ଅଟକ ରଖାଯାଇଥିଲା। ରାଷ୍ଟ୍ରପତି ଏବଂ ଅତିଥିମାନେ ଏକାଠି ହୋଇଥିବା ବଲ୍ ରୁମରେ ପହଞ୍ଚିବା ପୂର୍ବରୁ ତାଙ୍କୁ ସୁରକ୍ଷା ଚେକ୍‌ପଏଣ୍ଟରେ ଅଟକାଯାଇଥିଲା। ଗୁଳି ଚଳାଇବାର ପ୍ରାୟ ଦଶ ମିନିଟ୍ ପୂର୍ବରୁ, ଆଲେନ୍ ତାଙ୍କ ପରିବାର ସଦସ୍ୟଙ୍କୁ ଏକ ଅଭିଯୋଗ ଭରା ଘୋଷଣାପତ୍ର ପଠାଇଥିଲେ ଯାହାକୁ 'ଟ୍ରମ୍ପ୍ ବିରୋଧୀ ଇସ୍ତାହାର' ବୋଲି କୁହାଯାଉଛି। ପରେ ଆଲେନ୍‌ଙ୍କ ଜଣେ ସମ୍ପର୍କୀୟ ଏହାକୁ ପୁଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୋଗ ଭରା ଘୋଷଣାପତ୍ରରେ ଆଲେନ୍ ବରିଷ୍ଠତା କ୍ରମରେ ଟ୍ରମ୍ପ ପ୍ରଶାସନ ଅଧିକାରୀମାନଙ୍କୁ ତାଙ୍କର ଟାର୍ଗେଟ ଭାବରେ ତାଲିକାଭୁକ୍ତ କରିଥିଲେ। ସେ ଏହି ତାଲିକାରୁ ଏଫ୍‌ବିଆଇ ନିର୍ଦ୍ଦେଶକ କାଶ୍ ପଟେଲଙ୍କୁ ବାଦ ଦେଇଥିଲେ। ସେ ଲେଖିଥିଲେ ପ୍ରଶାସନିକ ଅଧିକାରୀମାନ ଟାର୍ଗେଟ କରାଯାଇଛି। ସେ ଏହା ମଧ୍ୟ ଲେଖିଥିଲେ ଯେ, ଆବଶ୍ୟକ ହେଲେ ସେ ଆହୁରି ଆଗକୁ ଯିବାକୁ ଇଚ୍ଛୁକ। ସେ ଲେଖିଥିଲେ ଯେ ତାଙ୍କ ମତରେ, ମାମଲାରେ ଜଡିତ ଅଧିକାଂଶ ଲୋକ ରାତ୍ରୀଭୋଜନରେ ଅଛନ୍ତି। ମୁଁ ମୋର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସମସ୍ତ ସୀମା ଅତିକ୍ରମ କରିବି। କମ୍ ଲୋକଙ୍କୁ ହତ୍ୟା କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ, ମୁଁ ସ୍ଲଗ୍ ବଦଳରେ ବକସଟ୍ ବ୍ୟବହାର କରିବି। ଯଦି ଆବଶ୍ୟକ ହୁଏ, ତେବେ ମୁଁ ମୋର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଏଠାକାର ଅଧିକାଂଶ ଲୋକଙ୍କୁ ହତ୍ୟା କରିବାକୁ ପଛାଇବି ନାହିଁ। କାରଣ ସେସବୁ ଲୋକ ଜଣେ ଶିଶୁ ଯୌନ ନିର୍ଯାତନାକାରୀ, ଦୁଷ୍କର୍ମକାରୀ ଏବଂ ବିଶ୍ୱାସଘାତକଙ୍କ ଭାଷଣ ଶୁଣିବାକୁ କାର୍ଯ୍ୟକ୍ରମରେ ସାମିଲ ଅଛନ୍ତି। କିନ୍ତୁ ମୁଁ ଆଶା କରୁଛି ସେଭଳି ସ୍ଥିତି ଆସିବ ନାହିଁ। ଆଲେନ୍ ଆକ୍ରମଣର କାରଣ ବ୍ୟାଖ୍ୟା କରି ତାଙ୍କର କାର୍ଯ୍ୟକୁ ଆକ୍ରମଣ ଭାବରେ ନୁହେଁ, ବରଂ ଅନ୍ୟମାନଙ୍କ ଦୁଃଖର ପ୍ରତିକ୍ରିୟା ଭାବରେ ଉପସ୍ଥାପନ କରିଥିଲେ। ସେ ଲେଖିଥିଲେ, ଯେତେବେଳେ ଗୋଟେ ଗାଲରେ ମାଡ଼ ଖାଇ ଅନ୍ୟ ଗାଲ ଦେଖାଯାଏ ସେତେବେଳେ ନିଜେ ଅତ୍ୟାଚାରିତ ହେଉଛ ବୋଲି ବିବେଚନା କରାଯିବ।, ମୁଁ ସେହି ବ୍ୟକ୍ତି ନୁହେଁ ଯାହାକୁ ଏକ ଅଟକ ଶିବିରରେ ଦୁଷ୍କର୍ମ କରାଯାଇଥିଲା। ମୁଁ ସେହି ମତ୍ସ୍ୟଜୀବୀ ନୁହେଁ ଯାହାକୁ ବିନା ବିଚାରରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଅନ୍ୟ କାହା ଉପରେ ଅତ୍ୟାଚାର ହେଉଥିବାବେଳେ ମାଡ଼ ଖାଇବା ପାଇଁ ଅନ୍ୟ ଗାଲ ଦେଖାଇବା ଖ୍ରୀଷ୍ଟିଆନ ଆଚରଣ ନୁହେଁ। ଏହା ଅତ୍ୟାଚାରୀକୁ ତାଙ୍କ ଅପରାଧ ପାଇଁ ପୁଣି ସମର୍ଥନ କରିବା ହେବ। ଆଲେନ୍ ଲେଖିଥିଲେ, ମୁଁ ଆଉ ଜଣେ ଶିଶୁ ଯୌନ ନିର୍ଯାତନାକାରୀ, ଦୁଷ୍କର୍ମକାରୀ ଏବଂ ବିଶ୍ୱାସଘାତକଙ୍କୁ ତାଙ୍କ ଅପରାଧରେ ପୁଣି ନିଜ ହାତକୁ ରଙ୍ଗାଇବାର ଅନୁମତି ଦେବାକୁ ଚାହୁଁ ନାହିଁ।ଆଲେନ୍ ଦାବି କରିଥିଲେ ଯେ, ସେ ଅନେକ ଅସ୍ତ୍ରଶସ୍ତ୍ର ଧରି ୱାସିଂଟନ୍ ହିଲଟନ୍‌ରେ ପ୍ରବେଶ କରିଥିଲେ ଏବଂ କେହି ତାଙ୍କୁ ପଚରାଉଚରା କରିନଥିଲେ। ମୁଁ ଜଣେ ବିପଦପୂର୍ଣ୍ଣ ବ୍ୟକ୍ତି ହୋଇପାରେ ବୋଲି କେହି ବି ସନ୍ଦେହ କରିନଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ସୁରକ୍ଷା ବାହାରେ ନିୟୋଜିତ କରାଯାଇଛି, କେବଳ ପ୍ରତିବାଦକାରୀ ଏବଂ କେବଳ ଆସୁଥିବା ଲୋକଙ୍କ ଉପରେ ଧ୍ୟାନ ଦିଆଯାଉଛି।ଲେନ୍‌ଙ୍କ ଠାରୁ ଏଭଳି ଅଭିଯୋଗ ଭରା ଘୋଷଣାପତ୍ର ପାଇବାପରେ ତାଙ୍କ ଭାଇ ପ୍ରଥମେ ପୁଲିସକୁ ଜଣାଇଥିଲେ। ଜଣେ ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ସେ ଏନେଇ କନେକ୍ଟିକଟର ନ୍ୟୁ ଲଣ୍ଡନ ପୁଲିସ ବିଭାଗ ସହିତ ଯୋଗାଯୋଗ କରିଥିଲେ। ସିକ୍ରେଟ୍ ସର୍ଭିସ୍ ଆଲେନ୍‌ଙ୍କ ଭଉଣୀଙ୍କ ସାକ୍ଷାତକାର ନେଇଥିଲା। ଭଉଣୀ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟମାନଙ୍କୁ କହିଥିଲେ ଯେ, ଆଲେନ୍‌ଙ୍କର ରାଜନୈତିକ ଭାବରେ କଠୋରପନ୍ଥୀ ବୟାନ ଦେବାର ଇତିହାସ ରହିଛି। ସେ ବିଶ୍ୱ ସମସ୍ୟା ବୋଲି ବିବେଚନା କରୁଥିବା ସମସ୍ୟାର ସମାଧାନ ପାଇଁ କିଛି କରିବା ବିଷୟରେ କହୁଥିଲେ।



# ରାଘବ ଚଢ଼ାଙ୍କ ସମେତ ସମସ୍ତ ବିଦ୍ରୋହୀ ଏଏପି ସାଂସଦଙ୍କୁ ମାନ୍ୟତା ଦେଲେ ରାଜ୍ୟସଭା

ନୂଆଦିଲ୍ଲୀ ୨୭/୦୪ : ଅରବିନ୍ଦ କେଜ୍ରିୱାଲଙ୍କ ଆମ୍ ଆଦମୀ ପାର୍ଟିକୁ ଏକ ବଡ଼ ଝଟକା ଲାଗିଛି। ରାଜ୍ୟସଭା ରାଘବ ଚଢାଙ୍କ ସମେତ ସମସ୍ତ ବିଦ୍ରୋହୀ ଏଏପି ସାଂସଦଙ୍କୁ ଭାରତୀୟ ଜନତା ପାର୍ଟିର ସଦସ୍ୟ ଭାବରେ ମାନ୍ୟତା ଦେଇଛି। ରାଜ୍ୟସଭା ସଚିବାଳୟ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି। ରାଜ୍ୟସଭା ସଚିବାଳୟ ଆମ୍ ଆଦମୀ ପାର୍ଟିରୁ ବିଜେପିରେ ଯୋଗ ଦେଇଥିବା ସମସ୍ତ ସାଂସଦଙ୍କ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି। ସେମାନଙ୍କୁ ବିଜେପିରେ ସାମିଲ ଘୋଷଣା କରାଯାଇଛି, ଯାହା ଫଳରେ ଉଚ୍ଚ ସଦନରେ ବିଜେପି ସଦସ୍ୟଙ୍କ ସଂଖ୍ୟା ୧୧୩ କୁ ବୃଦ୍ଧି ପାଇଛି।ଆମ୍ ଆଦମୀ ପାର୍ଟିର ସାଂସଦ ସଞ୍ଜୟ ସିଂହ ରବିବାର ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନଙ୍କୁ ଏକ ଚିଠି ଲେଖି ଦଳ ଛାଡିଥିବା ୭ ଜଣ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଦାବି କରିଥିଲେ। ଚିଠିରେ କୁହାଯାଇଥିଲା, ଏହି ସାଂସଦମାନେ ଆମ୍ ଆଦମୀ ପାର୍ଟି ଟିକେଟରେ ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିଲେ,କିନ୍ତୁ ପରେ ଦଳ ଛାଡି ଭାରତୀୟ ଜନତା ପାର୍ଟିରେ ଯୋଗଦେବାକୁ ନିଷ୍ପତ୍ତି ନେଇଥିଲେ। ସଂଜୟ ସିଂହ କହିଥିଲେ ଯେ, ସାତ ଜଣ ଆପ ସାଂସଦଙ୍କ ଏହି ପଦକ୍ଷେପ ଦଳତ୍ୟାଗ କରିବା ପରି। ଏହା ପଞ୍ଜାବର ଜନସାଧାରଣ ଏବଂ ଭାରତୀୟ ସମ୍ବିଧାନ ସହିତ ବିଶ୍ୱାସଘାତକତା କରିଛି। ସେ କହିଥିଲେ, ଆବଶ୍ୟକ ହେଲେ ଆମ୍ ଆଦମୀ ପାର୍ଟି ଏହି ମାମଲାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ତେବେ ରାଜ୍ୟସଭା ସଚିବାଳୟ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଏବେ ସ୍ପଷ୍ଟ କରିଛି ଯେ, ଆମ୍ ଆଦମୀ ପାର୍ଟିର ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏହି ସାଂସଦମାନଙ୍କୁ ଏବେ ଭାରତୀୟ ଜନତା ପାର୍ଟିର ସଦସ୍ୟ ଭାବରେ ବିବେଚନା କରାଯିବ, ଫଳରେ ଉପର ସଦନରେ ଆମ୍ ଆଦମୀ ପାର୍ଟିର କେବଳ ତିନି ଜଣ ସାଂସଦ ରହିବେ।ଶୁକ୍ରବାର ୨୪ ଏପ୍ରିଲରେ ଏକ ସାମ୍ବାଦିକ ସମ୍ମିଳନୀରେ ରାଘବ ଚଢା, ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲ ଆମ ଆଦମୀ ପାର୍ଟିରୁ ଅଲଗା ହେବା ଘୋଷଣା କରିଥିଲେ। ସେମାନେ ଦାବି କରିଥିଲେ ଯେ ହରଭଜନ ସିଂହ, ସ୍ୱାତୀ ମାଲିୱାଲ, ବିକ୍ରମ ସାହାଣୀ ଏବଂ ରାଜିନ୍ଦର ଗୁପ୍ତା ମଧ୍ୟ ସେମାନଙ୍କ ଅଛନ୍ତି। ଦଳ ଛାଡିଥିବା ସାତ ଜଣଙ୍କ ମଧ୍ୟରୁ ଛଅ ଜଣ ପଞ୍ଜାବର ରାଜ୍ୟସଭା ସଦସ୍ୟ।





ମଙ୍ଗଳବାର ୨୮।୦୪।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା


## ଗୁରୁତର ରୋଗୀଙ୍କୁ ନିଶୁଳ୍କ ଚିକିତ୍ସା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ




**ପ୍ରଶାନ୍ତ ସାଇଁଙ୍କ ହସ୍ତକ୍ଷେପରେ ଆୟୁଷ୍ମାନ କାର୍ଡ ପ୍ରାପ୍ତ**

ଗୋପ ୨୭।୪(ସନ୍ତୋଷ କୁମାର ଭୋଳ): ପୁରୀ ଜିଲ୍ଲା ନିମାପଡ଼ା ବାସିନ୍ଦା କୃଷ୍ଣ ଚନ୍ଦ୍ର ବେହେରା (ବୟସ ୫୧ ବର୍ଷ), ଯିଏ ଆର୍ଥିକ ଭାବେ ଦୁର୍ବଳ ପରିବାରର ହୋଇଥିବା ସତ୍ତ୍ୱେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପାଇଁ ଯୋଗ୍ୟ ଥିଲେ ମଧ୍ୟ ତାଙ୍କ ନାମ ତାଲିକାରେ ନଥିବାରୁ ସେ ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇଥିଲେ। ଏହାକୁ ଗୁରୁତ୍ୱ ଦେଇ ବିଜେପି କୃଷକ ମୋର୍ଚ୍ଚା ଓଡ଼ିଶାର ପୂର୍ବତନ ରାଜ୍ୟ ସଂପାଦକ ଶ୍ରୀ ପ୍ରଶାନ୍ତ ସାଇଁ ଗତ ୨୧ ତାରିଖରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ଏକ ଲେଖିତ ଆବେଦନ ପତ୍ର ପ୍ରେରଣ କରିଥିଲେ। ତାଙ୍କ ସକ୍ରିୟ ହସ୍ତକ୍ଷେପ ଓ ପ୍ରୟାସରେ ବର୍ତ୍ତମାନ ଶ୍ରୀ ବେହେରାଙ୍କୁ ଆୟୁଷ୍ମାନ କାର୍ଡ ଜାରି କରାଯାଇଛି।ବର୍ତ୍ତମାନ ଶ୍ରୀ ବେହେରା ଭୁବନେଶ୍ୱରସ୍ଥିତ କିମ୍ସରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କର ମୁଣ୍ଡରେ ଗୁରୁତର ଆଘାତ (ଏସ.ଡି.ଏଚ, ଏସ.ଏ.ଏଚ ଓ ଖପର ଭାଙ୍ଗିବା) ହୋଇଥିବାରୁ ତୁରନ୍ତ ଓ ଲାଗାତାର ଉତ୍ତମ ଚିକିତ୍ସା ଅତ୍ୟନ୍ତ ଆବଶ୍ୟକ। ଏହି ପରିସ୍ଥିତିରେ ଆୟୁଷ୍ମାନ କାର୍ଡ ମିଳିଥିବା ସତ୍ତ୍ୱେ ଯଦି ଯୋଜନାର ଲାଭ ସଠିକ୍ ଭାବେ ମିଳିବାରେ ବିଳମ୍ବ ହୁଏ, ସେଥିପାଇଁ ଶ୍ରୀ ସାଇଁ ସମ୍ପୃକ୍ତ ହସ୍ପିଟାଲ୍ ଓ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେଇ ଆୟୁଷ୍ମାନ ଯୋଜନା ଅନୁସାରେ ନିଶୁଳ୍କ ଚିକିତ୍ସା ସୁବିଧା ଯୋଗାଇବାକୁ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ସେ କହିଛନ୍ତି ଯେ, ସରକାରଙ୍କ ଏହି ଲୋକକଲ୍ୟାଣମୂଳକ ଯୋଜନାର ଲାଭ ଯଥାର୍ଥ ହିତାଧିକାରୀଙ୍କୁ ସଠିକ୍ ସମୟରେ ମିଳିବା ଦରକାର ଏବଂ ଏପରି ଘଟଣାରେ କୌଣସି ଅବହେଳା ସହ୍ୟ କରାଯିବ ନାହିଁ। ସ୍ଥାନୀୟ ଅଞ୍ଚଳର ଲୋକମାନେ ମଧ୍ୟ ଏହି ପଦକ୍ଷେପକୁ ସ୍ୱାଗତ କରି ଶ୍ରୀ ସାଇଁଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି।

# ରାସ୍ତା କାମକୁ ଅଧାରେ ଛାଡ଼ି ୨ବର୍ଷ ହେବ ଠିକାଦାର ଫେରାର

## ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ଗ୍ରାମବାସୀ

ଫିରିଙ୍ଗିଆ, ୨୬/୦୪( ମନୋଜ ସାହୁ) ରାଜ୍ୟ ଓ କେନ୍ଦ୍ର ସରକାର ଶହରାଞ୍ଚଳଠାରୁ ଗ୍ରାମାଞ୍ଚଳ ମାନଙ୍କର ସଂଯୋଗୀକରଣ ଓ ଉପାନ୍ତ ଅଞ୍ଚଳ ମାନଙ୍କରେ ଯାତାୟାତର ସୁବିଧା ପାଇଁ ରାଜକୋଷରୁ କୋଟିକୋଟି ଟଙ୍କା ବ୍ୟୟବରାଦ କରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ପକ୍କା ସଡ଼କ ନିର୍ମାଣ କରିଚାଲିଛନ୍ତି। କିନ୍ତୁ କିଛି ଜାଗାରେ କିଛି ବିଭାଗୀୟ ଅଧିକାରୀ ଏହି ରାସ୍ତା ନିର୍ମାଣର ଦାୟିତ୍ୱ

- ରାସ୍ତା ପାଲଟିଛି ମରଣଯନ୍ତା
- ବିଭାଗୀୟ ଅବହେଳାକୁ ଦାୟୀ କଲେ ଅଞ୍ଚଳବାସୀ

ନେଇଥିବା କିଛି ଠିକା ସଂସ୍ଥା ଓ କିଛି ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ପାଇଁ କଉଠି ମଞ୍ଜୁର ହେବା ପରେ ମଧ୍ୟ ବର୍ଷବର୍ଷ ଧରି ରାସ୍ତାକାମ ଆରମ୍ଭ ହୋଇନଥିବା ବେଳେ ଆଉ କିଛି ଜାଗାରେ ରାସ୍ତା ନିର୍ମାଣ କାମ ଅଧାରେ ଅଟକି ରହିଛି। ଯାହାଦ୍ୱାରା ଏହି ରାସ୍ତା ଗୁଡିକ ଉପରେ ଯାତାୟାତ ପାଇଁ ନିର୍ଭର କରୁଥିବା ସାଧାରଣ ଲୋକଙ୍କୁ ନହିନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଓ ଏଭଳି ଏକ ଅର୍ଦ୍ଧ ନିର୍ମିତ ରାସ୍ତା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ କୁଇରୀମାଣ୍ଡୁ ପଞ୍ଚାୟତରେ ଓ ସୂଚନା ଅନୁସାରେ ଏହି କୁଇରୀମାଣ୍ଡୁ ପଞ୍ଚାୟତ ବାସୀଙ୍କ ବହୁବାର ଦାବିପରେ



ପଞ୍ଚାୟତ ଅଧୀନରେ ଥିବା ପାଦେରୀପଡା ଠାରୁ ଶମ୍ଭୁଖୁସା ପର୍ଯ୍ୟନ୍ତ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ମାଧ୍ୟମରେ ଏକ ପକ୍କା ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଛି ଓ ଏହାସହ ଏହି କାମ ପାଇଁ ଦୁଇ ବର୍ଷ ହେଲା ଟେଣ୍ଡର ପ୍ରକ୍ରିୟା ସରିସାରିଥିବା ବେଳେ କାମଟିକୁ ଆରମ୍ଭ ମଧ୍ୟ କରାଯାଇଛି ଓ ଅନ୍ୟପଟେ କାମଟି ଫୁଲବାଣୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଉଥିବା ବେଳେ ଦୁଇବର୍ଷ ହେଲା ଏହି ରାସ୍ତା କାମଟି ସମୁଦାୟ ଶହେ ଭାଗରୁ କୋଡିଏ ଭାଗ ମଧ୍ୟ ନିର୍ମାଣ ହୋଇପାରିନାହିଁ ଓ ପ୍ରଥମତଃ ସରକାରୀ ନିୟମ ଅନୁସାରେ ରାସ୍ତା କାମ ଆରମ୍ଭରୁ ରାସ୍ତା କାମରେ ବିବରଣୀ ଥିବା ଫଳକ ଲଗାଯିବ କଥା କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା କାମରେ କୌଣସି ଫଳକ ଲାଗିନାହିଁ ଓ ଅନ୍ୟପଟେ ପାଞ୍ଚ କିଲୋମିଟର ଦର୍ଘ୍ୟ ବିଶିଷ୍ଟ ଏହି ରାସ୍ତା ଦୁଇଟି ଘାଟି ଥିବା ବେଳେ କେବଳ ଘାଟି ଜାଗାରେ ଠିକାଦାର ଜଣକ ରାସ୍ତା କୁ ଖୋଳି ଦେଇ ଚୁପ ହୋଇ ବସିରହିଛନ୍ତି ଓ ଯାହାଫଳରେ ରାସ୍ତାଟି ବର୍ତ୍ତମାନ ମରଣଯନ୍ତାରେ ପରିଣତ ହୋଇଛି ଓ ରାସ୍ତାଟି ଖାଲ ଖମାରେ ଭର୍ତି ହୋଇଥିବା ବେଳେ ରାସ୍ତା ଖୋଳିଦିଆ ଯିବାପରେ ରାସ୍ତା ଉପରେ ବଡ଼ବଡ଼ ପଥର ସବୁ ପଡିଛି ଓ ଯାହାଫଳରେ ଏହି ରାସ୍ତାରେ କୌଣସି ଗାଡି ତ ଯିବା ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟ ସାଧ ହୋଇପଡିଛି ଓ ରାସ୍ତା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହି ରାସ୍ତା ଉପରେ ନିର୍ଭରକରି ଯିବାଆସିବା କରିଆସୁଥିବା ଅଞ୍ଚଳର ଦଶରୁ ପନ୍ଦରଟି ଗାଁର ଗ୍ରାମବାସୀ । ସେପଟେ ରାସ୍ତା କାମ ଆରମ୍ଭ କରି କେବଳ ରାସ୍ତାକୁ ଜେସିବିରେ ଖୋଳି ଦେଇ ଉଭାନ ହୋଇଯାଇଥିବା ଠିକାଦାର ଓ ରାସ୍ତା କାମ ଦାୟିତ୍ୱ ରେ ଥିବା ବିଭାଗ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଅଞ୍ଚଳ ର ଜନସାଧାରଣ ଏଥି ସହ ବିଭାଗୀୟ ଅବହେଳା କୁ ମଧ୍ୟ ଦାୟୀ କରିଛନ୍ତି ଓ ଏହି ରାସ୍ତା କାମ ଦାୟିତ୍ୱ ରେ ଥିବା ବିଭାଗୀୟ ଏସଡ଼ିଓ ସୁଶୀଲ ମହାନ୍ତି ଙ୍କୁ ପଚାରିବାରୁ କାମ ଚାଲିଛି କିନ୍ତୁ ସ୍ଲୋ ଚାଲିଛି ଓ କାମଟିକୁ ଶୀଘ୍ର ସରିବା ପାଇଁ ଆମେ ସମ୍ପୃକ୍ତ ଠିକା ସଂସ୍ଥାକୁ ଚିଠି କରିସାରିଛୁ ବୋଲି କହିଛନ୍ତି ଓ ଅନ୍ୟପଟେ କାମଟିକୁ ଶୀଘ୍ର ସାରିବା ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ ।

## ମହିମା ଅଲେଖ ଗାଦୀରେ ବାର୍ଷିକ ଉତ୍ସବ



ରଘୁନାଥପୁର ୨୭।୪ (ଅକ୍ଷର ଓଡିଶା): ଜଗତସିଂହପୁର ଜିଲ୍ଲା ରଘୁନାଥଃଜପୁର ବ୍ଲକ ଅଧୀନ ରେ ଥିବା ବିରାଡ଼ିକଟକ ଗ୍ରାମ ରେ ତା ୨୬.୪. ୨୦୨୬ରିଖରେ ପ୍ରଭୁମହିମା ଅଲେଖଙ୍କ ବାର୍ଷିକ ଉସ୍ଛବ ପାଳିତ ହୋଇଯାଇଛି, ଏହି ଉତ୍ସବରେ ବିଭିନ ପ୍ରାନ୍ତରୁ ମହିମାଧର୍ମର ସାଧୁ ସନ୍ଥମାନେ ଆଶୀ ଯୋଗ ଦେଇଥିଲେ, ବିରାଡ଼ି କଟକ ଗ୍ରାମକୁ ଲାଗିଥିବା ଗୋଠିନା, କଣ୍ଢାପଡା, କପାଡିଅ, କୁଆଁମଗ ଏବଂ ରଘୁନାଥ ପୁର ଅଂଚଳରୁ ସହ ସହ ସଂଖ୍ୟାରେ ଜନସାଧାରଣ ଆଶି ମହିମା ପ୍ରଭୁଙ୍କ କୃପା ଲାଭ କରିବାକୁ ଧାଇଁ ଆସନ୍ତି। ମହିମା ଗାଦୀରେ ରାତି ସାରା ଭଜନ କୀର୍ତ୍ତନ ସମସ୍ତେ ମସଗୁଲ ଥାନ୍ତି।

# ଚିଙ୍ଗୁଡ଼ି ମାଫିଆଙ୍କ କବ୍ଜାରେ କୁଶଭଦ୍ରା ନଦୀ

## ନଦୀ ପଠାରେ ବେଆଇନ ଚିଙ୍ଗୁଡ଼ିଘେରି

ଗୋପ,୨୭।୪(ସନ୍ତୋଷ କୁମାର ଭୋଳ): ଚିଙ୍ଗୁଡ଼ି ମାପିଆ ଙ୍କ କବଜାରେ କୁସଭାଦ୍ରା ନଦୀ । ଶହ ଶହ ଏକର ନଦୀ ପଠାରେ ଚାଲିଛି ବେଆଇନ ଚିଙ୍ଗୁଡ଼ିଘେରି ଓ ଚିଙ୍ଗୁଡ଼ି ଘେରି ଯୋଗୁଁ କୁଶଭଦ୍ରା ନଦୀର ଜଳ ନିଷ୍କାସନରେ ବାଧା ଉପୁଜୁଛି। ଅନ୍ୟପଟେ ଲାଭଖୋର ମନବୃତ୍ତି ନେଇ ଚିଙ୍ଗୁଡ଼ି ଘେରିରେ ରାସାଇନିକ ଔଷଧ ପ୍ରୟଗ କରାଯାଇଥିବା ବେଳେ ନଦୀପାଣି ମଧ୍ୟ ଦୂଷିତ ହେଉଛି ! ଅନେକ କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ଚର୍ମ ରୋଗ ବ୍ୟାପୁଥିବା ମଧ୍ୟ ନଜର ରହିଛି !



କୁଶଭଦ୍ରା ନଦୀ ନିକଟସ୍ଥ ସମୁଦ୍ରରେ ମିଶିଥିବାରୁ ଚିଙ୍ଗୁଡ଼ି ଘେରିର ବିଷାକ୍ତ ଜଳ ସମୁଦ୍ର ଜଳ ସହ ମିଶି ବିପଦ ସୃଷ୍ଟି କରୁଛି ଓ ଦୀର୍ଘ ବର୍ଷ ଧରି ଚିଙ୍ଗୁଡ଼ି ମାଫିଆମାନେ ଶହଶହ ଏକର କୁଶଭଦ୍ରା ନଦୀକୁ ଜବର ଦଖଲ କରି ବେଆଇନ ଭାବେ ଘେରି କରି ଚିଙ୍ଗୁଡ଼ି ଚାଷ କରୁଛନ୍ତି। କେତେକ ସ୍ଥାନରେ ବିଦ୍ୟୁତ ଚୋରି କରାଯାଇ ଚିଙ୍ଗୁଡ଼ି ଘେରିକୁ ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପସେଟ ଲଗାଯାଇ ନଦୀ ପାଣିକୁ ଚୋରି କରାଯାଉଛି। ଫଳରେ କୁଶଭଦ୍ରା ନଦୀ ଗର୍ଭ ଆସ୍ତେ ଆସ୍ତେ ଶୁଖା ମରୁଭୂମି ସଦୃଶ ଆଡକୁ ଗତି କଲାଣି । ଏସଂପର୍କରେ ଜିଲ୍ଲା ପ୍ରଶାସନ ସମେତ ଗୋପ ତାହସିଲ ପ୍ରଶାସନ ଏବଂ ରାଜସ୍ୱ ବିଭାର ନିକଟରେ ଖବର ରହିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଚିଙ୍ଗୁଡ଼ି ମାଫିଆଙ୍କ କୁଶଭଦ୍ରା ନଦୀ ଭୂସ୍ୱର୍ଗ ପାଇଟିଛି।

ଦିନକୁ ଦିନ ତାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ବେଳେ କେତେକ ଅସାଧୁ ପ୍ରଶାସନିକ ଅଧିକାରୀଙ୍କୁ ହାତବାରସୀ କରି ମାଲାମାଲ ହେଉଛନ୍ତି । ନଦୀପଠାରେ ଚୁଙ୍ଗୁଡ଼ି ଘେରି ସଂପୂର୍ଣ୍ଣ ବେଆଇନ ହୋଇଥିବା ବେଳେ କିଛି ପ୍ରଶାସନ ସ୍ଥାନୀୟ ପ୍ରଶାସନ ଓ ରାଜସ୍ୱ ବିଭାଗ କ'ଣ ପାଇଁ ନିରବଦ୍ରଷ୍ଟା ସାଜିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି କୁଶଭଦ୍ରା ନଦୀର କାନପୁର ବରପଦା, ବାଙ୍ଗର, ତଳମାଳସାହି, ଟିକନା, ଖାଇକଟାପାଟଣା ଆଦି ଗ୍ରାମର ଶତାକ ବ୍ୟକ୍ତି ଚୁଙ୍ଗୁଡ଼ି ଚାଷ କରୁଥିବାବେଳେ କେତେକ କମ୍ପାନୀ ମଧ୍ୟ ମୋଟା ଅଙ୍କର ରୁଣ ଦେଇ ଚିଙ୍ଗୁଡ଼ି କିଣୁଛନ୍ତି । ସ୍ଥାନୀୟ ରାଜସ୍ତ ନିରୀକ୍ଷକଙ୍କ ନିକଟରେ ଏ ନେଇ ସମସ୍ତ ଖବର ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ରାଜସ୍ତ ନିରୀକ୍ଷକ ନିରବ ରହିବା ଯୋଗୁଁ କିଛି ସରକାରୀ କର୍ମଚାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି ଏହା ଉପରେ ପୁରୀ ଜିଲାପାଳ ସତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହୋଇଛି !

## ପ୍ରୀତି ମିର୍ଧା ସତର ବର୍ଷ ବର୍ଗ ଜାତିୟ କୁସ୍ତି ପ୍ରତିଯୋଗିତାରେ ଭାଗ ନେବା ପାଇଁ ମହାରାଷ୍ଟ୍ର ଗ୍ରସ୍ତ



ସମ୍ବଲପୁର, ୨୭।୪(ଅକ୍ଷର ଓଡ଼ିଶା): ରାଜ୍ୟ ଓଡ଼ିଶା ଦଳ ସହିତ ୧୭ ବର୍ଷ ରୁ କମ ବର୍ଗ ର ଜାତିୟ କୁସ୍ତି ପ୍ରତିଯୋଗିତାରେ ସମ୍ବଲପୁର ର ଖେଳାଳୀ ପ୍ରୀତି ମିର୍ଧା ମହାରାଷ୍ଟ୍ର ର ଓରଙ୍ଗାବାଦ ଠାରେ ଚଳିତ ମାସ ୨୮ ତାରିଖ ରୁ ୩୦ ତାରିଖ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେବେ ।। ପ୍ରକାଶ ଥାଉ କି ସେ ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ସ୍ବର୍ଣ୍ଣ ପଦକ ପାଇ ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାର ନାମ ଅକ୍ଷୁର୍ଣ୍ଣ ରଖି ଏକ ମାତ୍ର ଖେଳାଳି ମନୋନୀତ ହୋଇଛନ୍ତି ଓଡ଼ିଶା ଦଳ ପାଇଁ ।। ସେ ତାଙ୍କର କୁସ୍ତି ପ୍ରଶିକ୍ଷକା ପୁଷ୍ପାଞ୍ଜଳି ସାହୁ ଙ୍କର ସହିତ ଯାଇ ଭୁବନେଶ୍ୱର ରୁ ଓଡ଼ିଶା ଦଳ ସହିତ ଗ୍ରସ୍ତ କରିଛନ୍ତି । ସେ ଟଭୟରକ୍ସ ୧୭ ବିଭାଗ ରେ ମହିଳା ଜାତିୟ କୁସ୍ତି ପ୍ରତିଯୋଗିତାରେ ୬୧ କଏ ବିଭାଗ ରେ ଓଡିଶା ତରଫରୁ ଅଂଶଗ୍ରହଣ କରିବେ। ଆଶୋଶିଏଶନର ସମ୍ପାଦକ ସୁବାଷ ଚନ୍ଦ୍ର ବେହେରା, ରାଜ୍ୟ କୁସ୍ତି ସଂଘ ର ସାଧାରଣ ସମ୍ପାଦକ କିଶୋର ବେହେରା, ସଞ୍ଜିବ ପଟ୍ଟନାୟକ, ପ୍ରଶିକ୍ଷକ ସ୍ଵାଗତ କୁମାର ଘଡାଇ, ଦିବ୍ୟ କରିସ୍ମା ପୃଷ୍ଟି , ଗାୟତ୍ରୀ ମିଶ୍ର ସଦସ୍ଯ ସୁବ୍ରତ ପଣ୍ଡା, ରାମଦାସ ପଣ୍ଡା , ଲକ୍ଷ୍ମଣ କୁମାର ମେହେର, ତ୍ରିଲୋଚନ ରାଏ, ସନ୍ତୋଷ ସାହା, ଅରୁଣ କୁମାର ଅଜାଡିଓ୍ୱାଲ, ଶୁନୋ ପ୍ରସାଦ ସୋନାର, ସମିର ବିଶ୍ଵାଳ, ତଥା ଶୁଭେଚ୍ଛୁ ପ୍ରମୁଖ ମଧ୍ଯ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## କୋଷାଗୁମୁଡାରେ ଯୁଗ୍ମ ଜନଶୁଣାଣି ହୁଇଲ୍ ଚେୟାର୍ ଓ ପ୍ରୋତ୍ସାହନ ରାଶି ବଣ୍ଟନ

ନବରଙ୍ଗପୁର,୨୭।୪(ଅକ୍ଷର ଓଡ଼ିଶା): ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ ସଭାଗୃହରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ 'ଯୁଗ୍ମ ଜନଶୁଣାଣି' କାର୍ଯ୍ୟକ୍ରମ ସୁସଂଘଟିତ ଭାବେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିବା ବେଳେ, ପ୍ରଶାସନ ପକ୍ଷରୁ ତାହାର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅବସରରେ ୪ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ହୁଇଲ୍ ଚେୟାର୍ ବଣ୍ଟନ କରାଯାଇ ସହାୟତା ପ୍ରଦାନ କରାଯାଇଥିଲା । ସେହିପରି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (PMAY-G) ଅଧୀନରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ରାଶି ମଧ୍ୟ ବଣ୍ଟନ କରାଯାଇଥିଲା। ଜନସାଧାରଣଙ୍କ ସମସ୍ୟାର ସରଳ ଓ ତ୍ୱରିତ ସମାଧାନ ସହ ସରକାରୀ ଯୋଜନାର ସୁବିଧା ଲୋକମାନଙ୍କ ନିକଟକୁ ପହଞ୍ଚାଇବା ଲକ୍ଷ୍ୟରେ ଏପରି ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ଫୁଙ୍କନଳାରେ ବାଡେଇ ମା'ଙ୍କୁ ମାରିଲା ପୁଅ, ବାପା ଗୁରୁତର



ଆଠଗଡ଼,୨୭।୪(ଅକ୍ଷର ଓଡ଼ିଶା): ସାମାନ୍ୟ କଳିରୁ ଫୁଙ୍କୁନଳା ରେ ଅତି ନିର୍ମମ ଭାବେ ବାଡେଇ ବାଡେଇ ମା କୁ ହତ୍ୟା କରିଥିବା ବେଳେ ପୁଅ ମାଡ଼ରେ ଗୁରୁତର ଆହତ ହୋଇ ବାପା ଏବେ କଟକ ବଡ଼ ମେଡିକାଲରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି।

କଟକ ଜିଲ୍ଲା ନରସିଂହପୁର ବ୍ଲକ କାନପୁର ଥାନା ଅନ୍ତର୍ଗତ ଆତଣ୍ଡା ଗ୍ରାମରେ ଜଣେ ପୁଅ ନିଜ ମା ମିନି ସେଠୀ ୪୮ବର୍ଷ ଙ୍କୁ ବାଡେଇ ବାଡ଼େଇ ମାରି ଦେଇଥିବା ବେଳେ ପୁଅ ମାଡ଼ରେ ବାପା ସନାତନ ସେଠୀ ୫୫ ବର୍ଷ ମଧ୍ୟ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲ ରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। କାନପୁର ପୋଲିସ ଅଭିଯୁକ୍ତ ପୁଅ ଆତଣ୍ଡା ଗ୍ରାମର ସଞ୍ଜୟ କୁମାର ସେଠୀ ୨୯ ବର୍ଷ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କାନପୁର ଥାନା ଅଧିକାରୀସୁଶୀଲ କୁମାର ନାୟକଙ୍କ ସୂଚନା ଅନୁଯାୟୀ ୨୪ ତାରିଖ ସଂଧ୍ୟା ୮ଟା ସମୟରେ ଘରୋଇ କଳିକୁ କେନ୍ଦ୍ର କରି ଅଭିଯୁକ୍ତ ସଞ୍ଜୟ ଉତକ୍ଷିପ୍ତ ହୋଇ ଏକ ଲୁହା ଫୁଙ୍କୁନଳା ରେ ବାପା ସନାତନ ଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ମା ମିନି ସନାତନଙ୍କୁ ବଞ୍ଚାଇବାକୁ ଯାଇ ବାପା ପୁଅ ଙ୍କ କଳିରେ ମଝିରେ ପସି ଯାଇଥିଲେ। ଏହି ସମୟରେ ମା ମିନି ଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଉଭୟ ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଉଭୟ ମା, ବାପା ଗୁରୁତର ଆହତ ହୋଇଥଲେ। ଉଭୟଙ୍କୁ ଗୁରୁତର ଆହତ ଅବସ୍ଥାରେ ପ୍ରଥମେ ବଡମ୍ବା ମେଡିକାଲକୁ ଚିକିତ୍ସା ପାଇଁ ନେଇଥିବା ବେଳେ ସେଠାରେ ଡାକ୍ତର ମା ମିନିଙ୍କୁ ମୃତ ଘୋଷଣା କରିଥିଲେ। ବାପା ସନାତନ ସନାତନ ଏବେ ଗୁରୁତର ଅବସ୍ଥା ରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି।

## ଆମ ଜଳାଶୟ, ଆମର ଗୌରବ'' ଅଭିଯାନରେ ସଚେତନତା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ




ସମ୍ବଲପୁର, ୨୭।୪(ଅକ୍ଷର ଓଡ଼ିଶା): ''ଆମ ଜଳାଶୟ, ଆମର ଗୌରବ'' ଥିମ୍ ଅନୁସାରେ ୟୁଥ୍ ଫର୍ ୱାଟର୍ ଇଣ୍ଡିଆଙ୍କ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ପିକନିକ ଫେଲୋଶିପ୍ ୨୦୨୬ ଅଭିଯାନ ଅନ୍ତର୍ଗତ ସମ୍ବଲପୁରରେ ଏକ ସଂଯୁକ୍ତ ସଚେତନତା ଓ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ପୂର୍ବରୁ ହରଡ଼ ଝର ନଦୀ କୂଳରେ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା, ଯେଉଁଥିରେ ପ୍ରାୟ ୪୫ ଜଣ ଯୁବକ-ଯୁବତୀ ଭାଗ ନେଇ ନଦୀ କୂଳକୁ ପରିଷ୍କାର କରିଥିଲେ ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ସଚେତନତା ସୃଷ୍ଟି କରିଥିଲେ।

ପରେ ପରେ ସମ୍ବଲପୁରର ୪ସି ଗ୍ରାଉଣ୍ଡରେ ଭିନ୍ନ-ଭିନ୍ନ କଲେଜର ଛାତ୍ରଛାତ୍ରୀମାନଙ୍କ ସହ ଏକ ଜଳ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବମାନେ ଜଳ ସମ୍ପଦ ସୁରକ୍ଷା, ପ୍ଲାଷ୍ଟିକ ବ୍ୟବହାର କମାଇବା ଓ ପରିବେଶକୁ ସୁରକ୍ଷିତ ରଖିବା ବିଷୟରେ ଆଲୋଚନା କରିଥିଲେ। ଏହି ପ୍ରୟାସରେ ଆଇଆଇଏମ୍ ସମ୍ବଲପୁର, ଏଜେଏସଏ ଇଣ୍ଡିଆ, ୱାଟର୍ ଇନିଶିଏଟିଭ୍ସ ଓ ମହାନଦୀ ରିଭର୍ ୱାଟର୍କିପର୍ଙ୍କ ସହଯୋଗ ରହିଥିଲା। ଏହି କାର୍ଯ୍ୟକ୍ରମଟି ମସୁଦ ଆଲମ, ୟୁଥ୍ ଫର୍ ୱାଟର୍ ଇଣ୍ଡିଆର କୋର୍ ଭଲେଣ୍ଟିୟର ଓ ଗ୍ରୀନ୍ ପିକନିକ୍ ଫେଲୋ ଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ସେ କହିଥିଲେ ଯେ, ଜଳାଶୟମାନେ ଆମ ଭୂମିର ଜୀବନରେଖା ଓ ଗୌରବ, ତେଣୁ ଏହାଙ୍କ ସୁରକ୍ଷା ପାଇଁ ସମସ୍ତଙ୍କ ଏକତ୍ର ପ୍ରୟାସ ଆବଶ୍ୟକ। ଏହି ଅବସରରେ ହୀରାକୁଦ କଲେଜର ଅଧ୍ୟାପକ ଏସ୍.କେ. ଫୈଜାନ ମଧ୍ୟ ଉପସ୍ଥିତ ଥିଲେ ଓ ସେ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ଓ ସଚେତନତା ବିଷୟରେ ମୂଲ୍ୟବାନ ମତାମତ ଦେଇଥିଲେ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ 'ଅନ୍ତରାୟ' କାର୍ଯ୍ୟ



ସମ୍ବଲପୁର, (ଅକ୍ଷର ଓଡ଼ିଶା): ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଦର୍ଶନ କଳା ବିଭାଗର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନିଆଯାଉଛି। ଏହି ବିଭାଗର ନବ କଳେବର କରିବା ଉଦ୍ଦେଶ୍ୟରେ ଏକ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ ଏ ଦିଗରେ ତୁରନ୍ତ କାର୍ଯାରମ୍ଭ ହେବ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଦର୍ଶନ ବିଭାଗ ତରଫରୁ ଆଜି 'ଅନ୍ତରାୟ' କାର୍ଯ୍ୟକ୍ରମ ବହୁ ହର୍ଷୋଲ୍ଲାସ ସହ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳ ସଚିବ ପ୍ରଫେସର ପ୍ରଦୀପ କୁମାର ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା କହିଛନ୍ତି। ସେ କହିଲେ ଯେ, କୌଣସି ବିଦାୟକାଳୀନ କାର୍ଯ୍ୟକ୍ରମ ଆଉ ଏକ ଆରମ୍ଭର ସୂତ୍ରପାତ କରିଥାଏ। ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଏହି ଅନୁଷ୍ଠାନ ସହ ଯୋଡ଼ି ହୋଇ ନିଜର କେରିଅର୍ ଗଢ଼ିବା ସହ ଏହି ପ୍ରଦର୍ଶନ କଳା ବିଭାଗ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉନ୍ନତି ସାଧନରେ ସକ୍ରିୟ ସହଯୋଗ ଜାରୀ ରଖିବା ଉଚିତ୍। ଏଥିରେ ସଭାପତିତ୍ୱ କରି ବିଭାଗୀୟ ସଂଯୋଜକ ପ୍ରଫେସର ଗୋପୀନାଥ ବାଗ କହିଥିଲେ ଯେ,ପୁରାତନ ଛାତ୍ରଛାତ୍ରୀମାନେ ବିଭାଗର ଭବିଷ୍ୟତର ସମସ୍ତ କାର୍ଯ୍ୟକ୍ରମ ଓ ଉନ୍ନତିରେ ସାମିଲ୍ ରହିବା ଉଚିତ୍। ସେମାନେ ହିଁ ଏହି ବିଭାଗ ଓ ବିଶ୍ୱବିଦ୍ୟାଳୟର ପରିଚୟ ସୃଷ୍ଟି କରନ୍ତି ଓ ଗୌରବ ବଢ଼ାନ୍ତି। ଏହି ବିଭାଗର 'ଆଲୁମିନି' ପୁରାତନ ଛାତ୍ରଛାତ୍ରୀ ସଂଘରେ ସାମିଲ୍ ହୋଇ ବିଭାଗର ପ୍ରଗତିରେ ଅଂଶୀଦାର ରହିବେ। କାର୍ଯ୍ୟକ୍ରମର ଆରମ୍ଭରେ ଦୀପାନ୍ୱିତା ବସୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅତିଥିମାନେ ପ୍ରଥମେ ମାଁ ସମଲେଶ୍ୱରୀଙ୍କ ପ୍ରତିମା ସମ୍ମୁଖରେ ଦ୍ୱୀପ ପ୍ରଜ୍ୱଳନ କରି ସ୍ୱସ୍ତିବାଚନ କରିଥିଲେ। ବିଭାଗର ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମେ ବିଭିନ୍ନ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ପରେ ପରେ ବିଭିନ୍ନ ରଙ୍ଗାରଙ୍ଗ ଗୀତବାଦ୍ୟନୃତ୍ୟ ଓ ନାଟ୍ୟ ପରିବେଷଣ କରାଯାଇଥିଲା। ବିଦାୟକାଳୀନ ଶେଷ ବର୍ଷର ଛାତ୍ରଛାତ୍ରୀମାନେ ଅନେକ ମନୋମୁଗ୍ଧକର କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ସ୍ମୃତିରୋମନ୍ଥନ କରିଥିଲେ । ଏହି ବିଭାଗ ଓ ବିଶ୍ୱବିଦ୍ୟାଳୟ ସେମାନଙ୍କୁ ଜୀବନ ଗଠନର ଶିକ୍ଷା ଦେଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ସପନ ମିଶ୍ର,ଡ. କୃପାସିନ୍ଧୁ ମହାନ୍ତ,ଡ. ଚନ୍ଦ୍ରକାନ୍ତ ମହାନନ୍ଦ,ଅରବିନ୍ଦ ପଣ୍ଡା,ଜ୍ୟୋତି ରେଖା ତ୍ରିପାଠୀ,ସେକ୍ସନ୍ ଅଫିସର ପୁରୁଷୋତ୍ତମ ସାହୁ,କର୍ମଚାରୀ ପ୍ରମୋଦ ମହନ୍ତମ,ପ୍ରମୁଖ ଉପସ୍ଥିତ ଥିଲେ।

## ତାରିଣୀ ମନ୍ଦିରରୁ ବିଳମ୍ବିତ ରାତ୍ରିରେ ଚୋରି

ରାଇଘର ୨୭।୪ (ଅକ୍ଷର ଓଡ଼ିଶା) ଉମରକୋଟ ଥାନା ଅଞ୍ଚଳର ବେହେଡା ତାରିଣୀ ମାଆଙ୍କ ମନ୍ଦିରରେ ମଧ ରେ ଚୋରି , ମନ୍ଦିରର ପୂର୍ବ ପୂଜକ ଉପରେ ସନ୍ଦେହ ଏତେଲାରେ ଦର୍ଶାଯାଇଥିବା ବେଳେ ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯେଉଁଥିରେ ଚାନ୍ଦି ଅଳଙ୍କାର ଓ ହୁଣ୍ଡିରୁ ଟଙ୍କା ଲୁଟ୍ ହୋଇଛି। ଦୁର୍ବୃତ୍ତ ମାନେ ଗର୍ଭ ଗୃହର କବାଟ ଭାଙ୍ଗି ମାଙ୍କ ରୂପାରେ ନିର୍ମିତ ଆଭୂଷଣ ସହ ଦାନ ହୁଣ୍ଡି ଭାଙ୍ଗି ଟଙ୍କା ନେଇ ଯାଉଥିବା ଜଣାପଡ଼ିଛି ।ମନ୍ଦିର କମିଟିର ସଭାପତି ଓ ସଦସ୍ୟମାନେ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ମାଆଙ୍କ ମୂର୍ତ୍ତିରୁ ଚାନ୍ଦି ଆଖି, ରୂପା ମୁକୁଟ ଓ ଅଳଙ୍କାର ଚୋରି ହୋଇଥିବା ଜଣାପଡିଥିଲା । ଶନିବାର ରାତିରେ ମନ୍ଦିରର କବାଟ ତାଲା ଭାଙ୍ଗି ଗର୍ଭ ଗୃହରରେ ପଶିମାଙ୍କର ପ୍ରତିମା ଙ୍କୁ ଦୁର୍ବୃତ୍ତ ମାନେ ଭାଗୀ ରୂପା ମୁକୁଟ ଆଦି ସାମଗ୍ରୀ ନେଇ ଥିବା ଜଣାପଡୁଛି। ହୁଣ୍ଡି ବୋକ୍ସ ରେ ୫୦୦୦୦ ଟଙ୍କା ରୁ ଉର୍ଦ୍ଧ ଟଙ୍କା ନେଇ ଯାଉଥିବା କମିଟି ସଦସ୍ୟ କହିଛନ୍ତି।

## ବିପଦକୁ ଡାକୁଛି ରାସ୍ତା କଡ଼ରେ ଥିବା ସଖିପଡ଼ା ଯାତ୍ରୀ ବିଶ୍ରାମ ଗୃହ

ଫିରିଙ୍ଗିଆ, ୨୬/୦୨୬ - (ମନୋଜ ସାହୁ)କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତର ସଖିପଡ଼ା ରାସ୍ତା କଡରେ ଥିବା ଭଙ୍ଗା ପରିତ୍ୟକ୍ତ ଯାତ୍ରୀ ବିଶ୍ରାମ ଗୃହ ବର୍ତ୍ତମାନ ବିପଦ ପୂର୍ଣ୍ଣ ଭାବରେ ଥିବା ବେଳେ ବାଇକ ଆରୋହୀ ହେଉ କି ବିଭିନ୍ନ ଗାଡି ଚାଳକଙ୍କ ପାଇଁ ବିପଦ ସାଜିଥିବା ବେଳେ ପାଖରେ ଅଙ୍ଗନବାଡି କେନ୍ଦ୍ର ଥିବାରୁ କୋମଳ ମତି ଶିଶୁ ମାନଙ୍କ ପାଇଁ ମଧ୍ୟ ବିପଦ ସାଜିଛି। ସୂଚନା ଅନୁସାରେ ଦୀର୍ଘ ବର୍ଷରୁ ଏହି ସଖିପଡ଼ା ଗ୍ରାମବାସୀ ମାନେ ବିଭିନ୍ନ ଜାଗାକୁ ଗାଡ଼ିରେ ଯିବା ପାଇଁ ସଖିପଡ଼ା ର ଗାଁର ମାଶ୍ରୀ ପଡା ଠାରୁ ସାତୀଙ୍ଗିଆ ଯାଇଥିବା ରାସ୍ତା କଡରେ ଏକ ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ କରାଯାଇଥିଲା। ଏହି ଯାତ୍ରୀ ବିଶ୍ରାମ ଗୃହ ଦ୍ୱାରା ଜନସାଧାରଣ ବହୁ ସୁବିଧା



ମଧ୍ୟ ପାଇପାରୁଥିଲେ ଗତ କିଛି ବର୍ଷ ପୂର୍ବରୁ ମାଶ୍ରୀ ପଡାଠାରୁ ସାତୀଙ୍ଗିଆ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରେ ନୂତନ ରାସ୍ତା ନିର୍ମାଣ କରାଯାଇଛି କିନ୍ତୁ ରାସ୍ତା ନିର୍ମାଣ ସରିଥିଲେ ମଧ୍ୟ ଏହି ସାକ୍ଷୀପଡା ବୁଲାଣି ରାସ୍ତା କଡରେ ଥିବା ଭଙ୍ଗା ପରିତ୍ୟକ୍ତ ବିଶ୍ରାମ ଗୃହ ନ ଭାଙ୍ଗି ରାସ୍ତା ନିର୍ମାଣ କରାଯାଇଥିବାରୁ ବୁଲାଣି ଜାଗାରେ ଥିବାରୁ ଠିକ ଭାବରେ ଉଭୟ ପାର୍ଶ୍ୱକୁ ଦେଖା ଯାଉନଥିବାରୁ ବାଇକ ଆରୋହୀ ହେଉ କି ଗାଡି ଚାଳକ ହେଉ କିମ୍ବା ଯାତ୍ରୀ ମାନେ ମଧ୍ୟ ଦୁର୍ଘଟଣାର ଶିକାର ହେଉଛନ୍ତି। ଅନ୍ୟପଟେ ଅଙ୍ଗନବାଡି କେନ୍ଦ୍ର ଗୃହ ନିକଟରେ ଥିବାରୁ କୋମଳ ମତି ଶିଶୁ ମାନେ ମଧ୍ୟ ଏହି ଭଙ୍ଗା ଯାତ୍ରୀ ବିଶ୍ରାମ ଗୃହ ଭିତରେ ଖେଳୁ ଥିବାରୁ କେତେବେଳେ ଜେ ଅଘଟଣ ଘଟିବ ତାହା ମଧ୍ୟ କହି ହେବ ନାହିଁ। ଗ୍ରାମବାସୀ ମାନଙ୍କ ତରଫରୁ ବାରମ୍ବାର ପ୍ରଶାସନକୁ ଗୁହାରି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ରାସ୍ତା କଡରେ ରାସ୍ତାକୁ ଲାଗି ରହିଥିବା ବିଶ୍ରାମ ଗୃହକୁ ଭଙ୍ଗା ଯାଇନାଥୁବାରୁ ଅସୁବିଧା ହେଉଛି। ସମସ୍ୟା ଓ ଦୁର୍ଘଟଣାକୁ ଦୃଷ୍ଟି ରେ ରଖି ତୁରନ୍ତ ଏହି ବିଶ୍ରାମ ଗୃହକୁ ଭାଙ୍ଗି ରାସ୍ତା କଡ଼ରୁ ହଟାଇବାକୁ ଗ୍ରାମବାସୀଙ୍କ ତରଫରୁ ଦାବୀ ହେଉଛି।

## ଡ଼କ୍ଟରେଟ ଲାଭ



ଇଣ୍ଡିଆନ ଇନ୍ଷ୍ଟିଟ୍ୟୁଟ ଅଫ ଟେକ୍ନୋଲୋଜି (ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ) (ଆଇ. ଆଇ. ଟି) ଖଡ଼ଗପୁରର କମ୍ପ୍ୟୁଟର ସାଇନ୍ସ ଏବଂ ଇଂଜିନିୟରିଂ ବିଭାଗର ଗବେଷିକା ଉତ୍କଳିକା ସତପଥୀ ପିଏଚ୍ଡି (ଡ଼କ୍ଟରେଟ) ଡିଗ୍ରୀ ଅର୍ଜନ କରିଛନ୍ତି।

ଆଇଆଇଟି ଖଡ଼ଗପୁରର କମ୍ପ୍ୟୁଟର ସାଇନ୍ସ ଏବଂ ଇଂଜିନିୟରିଂ ବିଭାଗର ଗବେଷିକା ଉତ୍କଳିକା ସତପଥୀ ତାଙ୍କ ପିଏଚ୍.ଡି. ଗବେଷଣା ସଫଳତାର ସହ ଶେଷ କରିଛନ୍ତି ।

ପ୍ରଫେସର ସନ୍ଦୀପ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶନାରେ ସେ ''Provenance and Observability Framework for Distributed Microservices'' ସମ୍ବନ୍ଧୀୟ ଉନ୍ନତ ଗବେଷଣା କରିଥିଲେ ।

ଗବେଷଣା ଅବଧିରେ ସେ ମଧ୍ୟ ଆଇଆଇଟି ଖଡ଼ଗପୁରର ୟୁବିନେଟ୍ (UbiNet) ଲ୍ୟାବର ସଦସ୍ୟା ଭାବେ କାର୍ଯ୍ୟରତ ଥିଲେ ଏବଂ ସିଷ୍ଟମସ୍ (Systems) ଗବେଷଣା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ତାଙ୍କର ଗବେଷଣା କାର୍ଯ୍ୟ IEEE INFOCOM, COMSNETS I IEEE Transactions on Services Computing ପରି ପ୍ରମୁଖ ଆନ୍ତର୍ଜାତୀୟ ସମ୍ମିଳନୀରେ ସ୍ଥାନ ପାଇଛି ଏଂବ ଜର୍ନାଲରେ ପ୍ରକାଶିତ ହୋଇଛି। ଏହା ସହିତ ସେ COMSNETS 2025ରେ "Best Paper Honourable Mention Award" ସମ୍ମାନ ଅଧିଗତ କରିଥିଲେ।

ପିଏଚ୍ଡି ଭାଇଭା ପରୀକ୍ଷା ସଫଳତାର ସହ ସମ୍ପନ୍ନ ହୋଇଥିବାବେଳେ, ଆଇଆଇଟି ଗୁୱାହାଟିର ପ୍ରଫେସର ଓ୍ୱେଙ୍କଟେଶ ତାମରାପାଲ୍ଲୀ ବାହ୍ୟ ପରୀକ୍ଷକ ଭାବେ ଯୋଗଦେଇଥିଲେ।

ତାଙ୍କ ପିଏଚ୍ଡି ଭାଇଭାରେ ଆଇଆଇଟି ଗୁୱାହାଟି ପ୍ରଫେସର ଭେଙ୍କଟେଶ ତାମରାପାଲ୍ଲୀ ବାହ୍ୟ ପରୀକ୍ଷକ ଭାବେ ଯୋଗଦେଇଥିଲେ ଏଂବ ଥେସିସ (Thesis) ସମୀକ୍ଷା କରିଥିଲେ। ଏହା ସହିତ, କାନାଡାର ଟଘଇଉ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନୁପମ ଜୋଶୀ ମଧ୍ୟ ଗବେଷଣାର ଅନ୍ୟତମ ସମୀକ୍ଷକ ଭାବେ ଅବଦାନ ରଖିଥିଲେ। ଉତ୍କଳିକା ସତପଥୀଙ୍କ ଏହି ସଫଳତା ପାଇଁ ଶିକ୍ଷା ମଣ୍ଡଳୀରେ ଖୁସିର ପରିବେଶ ଦେଖାଦେଇଛି ଏବଂ ତାଙ୍କ ଆଗାମୀ ଦିନଗୁଡ଼ିକ ପାଇଁ ଅନେକେ ଶୁଭେଚ୍ଛା ଜଣାଇଛନ୍ତି।

## ଉତ୍କଳ ନବରତ୍ନ ସମ୍ମାନରେ ସାମ୍ମାନୀତ ହେଲେ ସୁବର୍ଣ୍ଣପୁର ଜିଲ୍ଲାପାଳ

ସୁବର୍ଣ୍ଣପୁର, ୨୭।୪(ଅକ୍ଷର ଓଡିଶା) ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡିଶା ଏବଂ ଜୟଦେବ ସଂସ୍କୃତି ବିକାଶ ପରିଷଦ, ଭାରତ ତରଫରୁ ପ୍ରଦତ୍ତ ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ ହେଲେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ । କଟକ କଳା ବିକାଶ କେନ୍ଦ୍ରରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଓଡିଶା ଅପରାଧ ଶାଖା ଆଇ ଜି ସାର୍ଥକ ଷଡ଼ଙ୍ଗୀ ମଧ ଏହି ସମ୍ମାନରେ ସମ୍ମାନିତ ହୋଇଥିବା ସୂଚନା ମିଳିଛି । ଓଡିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ନ୍ୟାୟାମୁର୍ତ୍ତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ତଥା ବର୍ତମାନ ଜାତୀୟ ମାନବାଧିକାର କମିଶନ ସଦସ୍ୟ,ମାନ୍ୟବର ସାଂସଦ ଯାଜପୁର ରବି ନାରାୟଣ ବେହେରା ତଥା ପୂର୍ବତନ ରାଜ୍ୟ ଅର୍ଥମନ୍ତ୍ରୀ ଶଶୀଭୁଷଣ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ସମ୍ମାନ ପ୍ରଦାନ ଉତ୍ସବକୁ ମହିମା ମଣ୍ଡିତ କରିଥିଲେ । ପ୍ରଶାସନିକ ସେବା ଜରିଆରେ ସମାଜରେ ତଳ ସ୍ତରରେ ଥିବା ଲୋକଙ୍କ



ପାଖକୁ ପହଂଚି ସମସ୍ୟା ବୁଝି ତୁରନ୍ତ ସମାଧାନ କରିବା ଦିଗରେ ଡ ସାହୁଙ୍କ ଭୂମିକାକୁ ପଶଂସା କରାଯାଇଛି ।

## ବିଶ୍ୱହିନ୍ଦୁ ପରିଷଦ ତରଫରୁ ତହସିଲଦାରଙ୍କୁ ଦାବୀପତ୍ର ପ୍ରଦାନ

ଡାବୁଗାଁ, ୨୭/୦୪ (ଅକ୍ଷର ଓଡିଶା) ଡାବୁଗାଁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଗୋ ସମ୍ମାନ ଅଭିଯାନ ପରିପ୍ରେକ୍ଷିରେ ଡାବୁଗାଁ ତହସିଲଦାର ଗୀତା ମୁର୍ମୁଙ୍କୁ ମହା ମହିମ ରାଷ୍ଟ୍ରପତି ,ପ୍ରଧାନ ମନ୍ତ୍ରୀ , ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଗୋ ସୁରକ୍ଷା ଆଇନ ପ୍ରଣୟନ , ଗୋ ଚାଲାଣ ବନ୍ଦ କରିବା, ଗୋ ହତ୍ୟା ବନ୍ଦ, ତଥା ଗୋ




ମାଫିଆ ମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଦାବୀ କରାଯାଇଛି। ସାରା ଭାରତ ବର୍ଷରେ ଗୋ ହତ୍ୟା ସମ୍ପୂର୍ଣ ବନ୍ଦ ସହ ଗୋ ମାତାକୁ ରାଷ୍ଟ୍ର ମାତାର ଦାବୀ ପ୍ରଦାନ କରିବା ନେଇ ଆଜିଠାରୁ ସଚେତନ କରାଯାଉଛି। ଏହି ଜାତୀୟ ଅଭିଯାନର ଅଂଶ ସ୍ୱରୂପ ଆଜି ଡାବୁଗାଁ ବିଶ୍ୱ ହିନ୍ଦୁ ପରିଷଦର ଗୋ ରକ୍ଷକ, ଗୋ ପ୍ରେମୀ, ସ୍ୱେଚ୍ଛା ସେବକ ଓ ସମାଜ ସେବୀ ମାନେ ଏକତ୍ରିତ ହୋଇ ଗୋ ସୁରକ୍ଷା ଆଇନ୍ ପ୍ରଣୟନ ପାଇଁ ୨୦୦ ରୁ ଉର୍ଦ୍ଧ ଦସ୍ତଖତ ସହ ଦାବୀପତ୍ର ପ୍ରଦାନ କରିଥିଲେ। ସାରା ଭାରତ ବର୍ଷରେ ଗୋ ସୁରକ୍ଷା ନେଇ ଜନ ଜାଗରଣ ସୃଷ୍ଟି କରିବା ଏହାର ଲକ୍ଷ୍ୟ ରହିଛି। ଏହି ଦାବୀ ପାତ୍ର ଦେବା ସମୟରେ ବିଶ୍ୱ ହିନ୍ଦୁ ପରିଷଦ ର ଜିଲ୍ଲା ମଠ ମନ୍ଦିର ପ୍ରମୁଖ ଭଗବାନ ମହାନ୍ତି,ମୁଖ୍ୟ ପ୍ରଭାରୀ ଲକ୍ଷ୍ମୀକାନ୍ତ ରଥ,ପ୍ରଭାରୀ ଦିବ୍ୟ ରଞ୍ଜନ ପାତ୍ର,ସହ ପ୍ରଭାରୀ ସୁରେଶ ଚନ୍ଦ୍ର ସାମଲ, ସହ ସଂଯୋଜକ ସପନ କୁମାର ଦେ, କେ ରମେଶ ରାଓ, ଅଭିଯାନ ପ୍ରମୁଖ କୈଳାଶ ସିଂ,ଶୋଭାଯାତ୍ରା ପ୍ରମୁଖ ନିତ୍ୟାନନ୍ଦ ମହାନ୍ତି,ଫୁଲ ସିଂ ଜାନି ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ନଳକୂପ ଉଦ୍‌ଘାଟନ କଲେ ମନ୍ତ୍ରୀ ରବିନାରାୟଣ ନାଏକ



କୁଚିଣ୍ଡା, ୨୭।୦୪(ଚତୁର୍ଭୁଜ ଜୟପୁରିଆ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଅର୍ଡ଼ାବାହାଲ ଠାରେ ଓଡ଼ିଶା ସରକାରଙ୍କ ଉଠାଜଳସେଚନ ନିଗମ ଦ୍ୱାରା ଗଭୀର ନଳକୂପ ସ୍ଥାପନ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ଗଭୀର ନଳକୂପର ବିଦ୍ୟୁତ ସଂଯୋଗ ସ୍ୱିଇଚ ପ୍ରଥମେ ଅନ କରିବା ମାତ୍ରେ ମାଟିତଳୁ ପାଇପ୍‌ଯୋଗେ ପାଣି ବାହାରିଥିଲା। ଏହାପରେ ଚାଷୀମାନଙ୍କୁ ନେଇ ଏକ ସଭାର ଆୟୋଜନ ହୋଇଥିଲା।ପରେ ମନ୍ତ୍ରୀଙ୍କ କରକମଳରେ ନଡିଆ ବାଡେଇ ଫିତା କାଟି ଶୁଭ ଉଦଘାଟନ କରିଥିଲେ। ମନ୍ତ୍ରୀ କହିଥିଲେ ଯେ, କୁଚିଣ୍ଡା ଉପଖଣ୍ଡରେ ଗତ ଡିସେମ୍ବର ମାସରେ ଏହି କାମ ଆରମ୍ଭ ହୋଇଥିବା ସମୁଦାୟ ୧୩୦୦ ଟି ବୋର୍‌ୱେଲ ଖୋଲା ଖୋଲାଯାଇଥିଲା ସେ ମଧ୍ୟରୁ ୩୦୦ ଟି ବିଫଳ ହୋଇଥିବା ବେଳେ, ବାକି ୧୦୦୦ ଟି ବୋର୍‌ୱେଲ ସଫଳ ହୋଇଥିବା ବେଳେ, ଦୁଇମାସ ମଧ୍ୟରେ ପାଖାପାଖି ୧୦୮ ଟିରେ ବିଦ୍ୟୁତ୍ ସଂଯୋଗ ସରିଥିବା ବେଳେ, ଅନ୍ୟ ଗୁଡିକ ଆସନ୍ତା ଜୁନ ମାସ ସୁଦ୍ଧା ସମସ୍ତ କାମ ସମ୍ପାଦନ କରାଯିବ ବୋଲି କହିଥିଲେ।ଏଥିରେ ଅଧିକ୍ଷଣ ଯନ୍ତ୍ରୀ ଉଠାଜଳସେଚନ ବିଭାଗ ଉତ୍ତରାଞ୍ଚଳ ମଣ୍ଡଳ ସମ୍ବଲପୁର ସୂର୍ଯ୍ୟନାରାୟଣ ତ୍ରିପାଠୀ,ନିର୍ବାହୀ ଯନ୍ତ୍ରୀ ଉଠାଜଳସେଚନ ବିଭାଗ ସମ୍ବଲପୁର ଚିତ୍ତରଞ୍ଜନ ପ୍ରଧାନ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ରଞ୍ଜିତ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସାଂସଦ ପ୍ରତିନିଧି ରୁଦ୍ରପ୍ରତାପ ଦେଓ ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିବାବେଳେ, ଅଞ୍ଚଳର ଚାଷୀମାନେ ସାମିଲ ହୋଇଥିଲେ।

## କାଂକ୍ରି ଗ୍ରାମରେ ୧୦୮କୁଣ୍ଡିୟ ଗାୟତ୍ରୀ ଯଜ୍ଞର ପ୍ରସୂତି ବୈଠକ

ଧର୍ମଗଡ, ୨୭/୪ (ପୃଥିରାଜ ତାଣ୍ଡି) ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ପରମ୍ ପୂଜ୍ୟ ଗୁରୁଦେବ ଶ୍ରୀ ରାମ ଶର୍ମା ଆଚାର୍ଯ୍ୟଙ୍କ ସାଧୁତ ଜୀବନ ଆରମ୍ଭ କରିବା ପାଇଁ ସ୍ୱଚ୍ଛ ନିର୍ମଳ ଭାବନା ଜାଗ୍ରତ କରିବା ପାଇଁ ପ୍ରତିବର୍ଷ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି, ଏହି ଅବସରରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ କାକ୍ରି ଗ୍ରାମରେ ୧୦୮କୁଣ୍ଡିୟ ଗାୟତ୍ରୀ ମହା ଯଜ୍ଞ ଆସନ୍ତା ଡିସେମ୍ବର ମାସର ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବା ପାଇଁ ଧର୍ମଗଡ଼ ଗାୟତ୍ରୀ ଶକ୍ତି ପୀଠରେ ସୁରେଶ ଚନ୍ଦ୍ରମୁଣ୍ଡଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା, ଏହି ବୈଠକରେ ବିରଞ୍ଚି ନାରାୟଣ ବେହେରା, ନରେନ୍ଦ୍ର କୁମାର ପଣ୍ଡା, ସୁଶାନ୍ତ କୁମାର ମଣ୍ଡ ପ୍ରମୁଖଙ୍କ ଦ୍ୱାରା ବିସ୍ତୃତ ଭାବେ ଆଲୋଚନା କରିଥିଲେ, ମନ୍ଦୀର ପୂଜକ ଭରତ ନାଗଙ୍କ ଦ୍ୱାରା ଏକ ଭଜନ ପରିବେଷଣ କରିଥିଲେ, ଉପସ୍ଥିତି ପରିଜନଙ୍କ ସମ୍ମତି କ୍ରମେ ଶାନ୍ତିକୁଞ୍ଜ ହରିଦ୍ୱାରକୁ ଯାଇ ଶକ୍ତି କଳସ ଆଣିବା ପାଇଁ ସଠିକ ସମୟ ଧାର୍ଯ୍ୟ ହୋଇପାରିନଥିଲା, ଏହି ବୈଠକରେ ବହୁ ସଂଖ୍ୟକ ଭାବେ ଗାୟତ୍ରୀ ପରିବାର ପକ୍ଷରୁ ଉପସ୍ଥିତ ଥିବା ବେଳେ ତ୍ରିସଲା ଅଗ୍ରୱାଲ, ମହିଳା ମାନେ ଯୋଗଦେଇଥିବାବେଳେ, ବରିଷ୍ଠ ଗାୟତ୍ରୀ ପରିବାର ପକ୍ଷରୁ ଘନଶ୍ୟାମ ଅଗ୍ରୱାଲ, ମହେନ୍ଦ୍ର ନାଏକ, ବିଶ୍ୱଜିତ ଖର୍ସେଲ, ଫଗୁଣ ପଟେଲ, ଅନନ୍ତ ବାଗ, ପ୍ରମୁଖ ଅଧିକାଂଶ ଗାୟତ୍ରୀ ପରିଜନ ଉପସ୍ଥିତ ଥିଲେ।

## ଏମ୍‌ଏସ୍‌ଏଲ ପ୍ରିମିଏର ଲିଗ ଉଦ୍‌ଘାଟିତ




କଟକ ସଦର ୨୭/୪:(ଅକ୍ଷର ଓଡିଶା ) ସଦର ନିର୍ବାଚନ ମଣ୍ଡଳୀ ବୟାଳିଶ ମୌଜା ଅନ୍ତର୍ଗତ କଳପଡା ଗ୍ରାମପଂଚାୟତ ଅଧିନସ୍ଥ ରାଉତରାପୁର ଠାରେ, ବହୁ ପ୍ରତିକ୍ଷୀତ ଏମ ଏସ ଏଲ ପ୍ରିମିଏର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଗତ ସନ୍ଧ୍ୟାରେ ବିପୁଳ ଆନନ୍ଦ ଓ ଉତ୍ସାହର ସହିତ ଉଦଘାଟିତ ହୋଇଯାଇଛି।ଯୁବ ପ୍ରତିଭା ମିର୍ଜା ସରାଫତ ବେଗଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍ଘାଟନୀ ସମାରୋହରେ, ୟୁନିଅନ ଫର କଟକ ସଦର ଡେଭେଲପମେଣ୍ଟର ବଳିଷ୍ଠ ସଦସ୍ୟ, କଳପଡା ଗ୍ରାମପଂଚାୟତର ପୂର୍ବତନ ସରପଞ୍ଚ ସରୋଜ କୁମାର ନାୟକ ଯୋଗଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ,ପ୍ରଫେସର ଖଲିକୁଜ ଜମାନ ଖାନଙ୍କ ସମେତ ଗ୍ରାମର ସମସ୍ତ ମୁରବୀମାନେ ଉପସ୍ଥିତ ଥିଲେ। କର୍ମକର୍ତ୍ତା ମାନଙ୍କ କହିବା ମୁତାବକ, ଉକ୍ତ ଟୁର୍ନାମେଣ୍ଟରେ ମୋଟ ଆଠ ଗୋଟି ଟିମ ଅଂଶଗ୍ରହଣ କରିଛନ୍ତି। ସେଥିମଧ୍ୟରୁ, ଚାରି ଗୋଟି ପୁରାତନ ଖେଳାଳିଙ୍କ ଟିମ ଓ ଚାରି ଗୋଟି ନୂଆ ପିଢ଼ିର ଖେଳାଳିଙ୍କ ଟିମ ରହିଛି। ଉଦ୍ଘାଟନୀ ମ୍ୟାଚଟି ଖୁବ ଉଚ୍ଚକୋଟିର ଓ ଚିତାକର୍ଷକ ହୋଇଥିବାରୁ, ଅନ୍ୟ ସମସ୍ତ ମ୍ୟାଚ ସେହିଭଳି ହେବାର ଆଶା କରାଯାଏ। ରାତ୍ରିକାଳୀନ ଏହି ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଫାଇନାଲ ମ୍ୟାଚ ସହିତ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଏହି ଉଦଘାଟନୀ ଉତ୍ସବ ଓ କ୍ରୀଡା ପରିଚାଳନାକୁ ସୁଚକ୍ଷରୁରୂପେ ସମ୍ପାଦନ କରିଥିଲେ।

# ଗ୍ରୀଷ୍ମ ପ୍ରବାହରେ ଜଳ ସଙ୍କଟ, ପାଣି ପାଇଁ ଝିଙ୍କା ଟଣା

ଦଶମନ୍ତପୁର ୨୭/୦୪/(କଇନ ଗରଡ଼ା) କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ଅନ୍ତର୍ଗତ ପିରିମାଛି ଗାଁ ରେ ରହିଛି ଏହିଭଳି ପାନୀୟଜଳ ସମସ୍ୟା। ଦିନକୁ ଦିନ ଖରାର ତାପମାତ୍ରା ବଢ଼ି ଚାଲୁଥିବା ବେଳେ ବିଭିନ୍ନ ଗାଁ ରେ ବର୍ତମାନ ପାନୀୟଜଳ ହିଁ ଏକ ମୁଖ୍ୟ ସମସ୍ୟା ହୋଇଯାଇଛି। ତେବେ ପିରିମାଛି ଗାଁରେ

**ଝରଣା ପାଣି ହିଁ ଏକମାତ୍ର ଭରସା**

ଅନୁସୂଚିତ ଜନଜାତି ସମ୍ପ୍ରଦାୟର ପ୍ରାୟ ୬୦ ଘର ପରିବାର ବସବାସ କରୁଥିବା ବେଳେ ଗାଁରେ କିନ୍ତୁ ପାନୀୟଜଳ ସମସ୍ୟା ପ୍ରବଳ । କେବଳ ସୋଲାର ପମ୍ପ ହିଁ ଚାଲୁଥିବା ବେଳେ ଅନ୍ୟ ନଳକୂପ ଅଚଳ ଅବସ୍ଥାରେ ରହିଛି । ଗୋଟିଏ ସ୍ଥାନରେ ପାଣି ପାଇଁ ମହିଳାମାନେ ପ୍ରବଳ ଗହଳି ହେଉଥିବା ବେଳେ ମହିଳାଙ୍କ ମଧ୍ୟରେ ହେଉଛି ଗଣ୍ଡଗୋଳ । ସୋଲାର ପମ୍ପରେ କିଛି ସମୟ



ପାଇଁ ପାଣି ବାହାରୁଥିବା ବେଳେ ତାହା ବି ନିଅଣ୍ଟ ହେଉଛି । ଲୋକେ ବାଧ ହୋଇ ଗାଁ ଠାରୁ ଅଧ କିଲୋମିଟର ଦୂର କମ୍ବାରନାଲି ଏବଂ ଏକ କିଲୋମିଟର ଦୂରରେ ଥିବା ଘେନୁମୁଣ୍ଡା ନାଳର ଝରଣା ପାଣି ହିଁ ବ୍ୟବହାର କରୁଥିବା ବେଳେ ଦୂଷିତ ପାଣିକୁ ବ୍ୟବହାର କରି ଅନେକ ରୋଗାକ୍ରାନ୍ତ ହେଉଥିବା ଗାଁର ନମନ୍ତୀ ଜାନି ଓ ମଞ୍ଜୁଳା ନାଚିକା କହିଛନ୍ତି। ପାନୀୟଜଳ ସମସ୍ୟାକୁ ନେଇ ଗାଁର ୱାର୍ଡ଼ମେମ୍ବର ଟିକମ ଜାନି, ସଦନ ସାଉଁନ୍ତା, ପ୍ରକାଶ ଜାନି,ପୁରେନ୍ଦ୍ର ଜାନି, ଜୁନେସ ଜାନି ସମୂହ ବିଭଗୀୟ ଅଧିକାରୀ ଙ୍କୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ ବୋଲି କହିଛନ୍ତି। ଦୁଃଖ ଏବଂ ପରିତାପର ବିଷୟ ଯେ ଏହି ଗାଁ ରେ ରହିଛନ୍ତି ପୂର୍ବରୁ ନିର୍ବାଚିତ ହୋଇ ପଞ୍ଚାୟତକୁ ସମ୍ଭାଳୁଥିବା ପୂର୍ବତନ ସରପଞ୍ଚ ଏବଂ ଦଶମନ୍ତପୁର ବ୍ଲକର ଜୋନ ୧ର ଜିଲ୍ଲାପରିଷଦ ସଭ୍ୟା । ତେବେ ବିଭାଗୀୟ ଅଧିକାରୀ ମାନେ ସତରେ କଣ ନିର୍ବାଚିତ ପ୍ରତିନିଧିଙ୍କ କଥା ଶୁଣୁନାହାନ୍ତି ନା ଗାଁ ପ୍ରତି ଏମାନଙ୍କ ଆନ୍ତରିକତା ଅଭାବ ବୋଲି ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ବିଭଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପିରିମାଛି ଗ୍ରାମର ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ନ କଲେ ଗାଁର ସମସ୍ତ ମହିଳା ମାନେ ହାଣ୍ଡି, ମାଠିଆ ଧରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଗ୍ରାମବାସୀ କହିଛନ୍ତି ।

## ରାଜ୍ୟସ୍ତରୀୟ ସମ୍ମିଳନୀରେ ତହଁକ୍ କୁଟୁମ୍‌କୁ ସାଂଗଠନିକ ସମ୍ମାନ

ବଲାଙ୍ଗିର, ୨୭/୪ (ଦେବେନ୍ଦ୍ର) : କୋଶଲି ଭାଷା ସୁରକ୍ଷା ସମିତି ଟିଟିଲାଗଡ଼ର ଆୟୋଜନରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ କୋଶଲି ଭାଷା ସମ୍ମେଳନରେ କୋଶଲି ଭାଷା ସାହିତ୍ୟ ଉପରେ ବିଭିନ୍ନ ଆଲୋଚନା ହୋଇଥିଲା। ବହୁ ଜିଲ୍ଲାରୁ କବି, ଗବେଷକ, ଆଲୋଚକ, ଭାଷାବିତ୍ ଯୋଗଦେଇ କୋଶଲି ଭାଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ତହଁକ୍ କୁଟୁମ୍ ଗତ ୧୨ ବର୍ଷ ଧରି କୋଶଲି ଭାଷା ସାହିତ୍ୟକୁ ବଞ୍ଚାଇବା ସହିତ ତାର ପ୍ରଚାର ପ୍ରସାର କରିବା ପାଇଁ ଅନବରତ ସାହିତ୍ୟ କାର୍ଯ୍ୟକ୍ରମ ଏବଂ ସମ୍ମିଳନୀ କରୁଥିବାରୁ ରାଜ୍ୟ ସ୍ତରୀୟ କୋଶଲି ଭାଷା ସମ୍ମିଳନୀ ଅବସରରେ ତହଁକୁ ‘‘ସାଂଗଠନିକ ସମ୍ମାନ୍ ୨୦୨୬’’ ପ୍ରଦାନ




କରାଯାଇଥିଲା। ଏହି ଅବସରରେ ସମ୍ପାଦକ ରାଜେଶ ଦଣ୍ଡସେନା ଏବଂ ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ ଯୋଗଦେଇ ସମ୍ମାନ ଗ୍ରହଣ କରିଥିଲେ। ଏହି ସମ୍ମାନ ପାଇବା ପରେ ତହଁକ୍ କୁଟୁମ୍‌କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

## ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

ସମ୍ବଲପୁର, ୨୭।୪(ଦେବେନ୍ଦ୍ର ମିଶ୍ର ) ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଭକ୍ତି ସଙ୍ଗୀତର ସ୍ୱରରେ ଭକ୍ତିମୟ ପରିବେଶରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଭଜନ ସନ୍ଧ୍ୟାର ଆୟୋଜନ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରମାନଙ୍କ ପକ୍ଷରୁ କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ସମୟରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ସନ୍ତୋଷ କୁମାର ପୃଷେଠ, ହେମନ୍ତ ମିଶ୍ର, ଦେଓ କୁମାର ଆଜମେରିଆ ଓ ଅନ୍ୟ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଡ଼: ଶ୍ୟାମ ସୁନ୍ଦର ଧର, ସୁଶାନ୍ତ ମିଶ୍ର , ସୁଶୀଲ ଦାସ ,ସୁନୀଲ ତ୍ରିପାଠୀ, ତ୍ରିଲୋଚନ ତ୍ରିପାଠୀ ,ରଞ୍ଜନ ସାହୁ, ପ୍ରସନ୍ନ ପ୍ରଧାନ ଓ ରତନ ଲାଲ ଶର୍ମା ପ୍ରମୁଖ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।ଭଜନ ସନ୍ଧ୍ୟାରେ ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ ଯାହା ଉପସ୍ଥିତ ଭକ୍ତମାନଙ୍କୁ ବିମୋହିତ କରିଥିଲା। ସୁମଧୁର କଣ୍ଠରେ ଆକାଂକ୍ଷା ବେହେରା, ଚନ୍ଦନ, ଆଶିଷ, ଭାରତୀ ପଣ୍ଡା, ଚିନ୍ମୟୀ ମୁଦୁଲି, ଆନନ୍ଦ ମେହେର, ଅନଙ୍ଗ ସାଇ ଦେଓ , ବିଜୟ ମିଶ୍ର ,ଯୁଗଳ ଓ ମୃଦୁଳା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଅନଙ୍ଗ କୁମାର ସାଇଦେଓ, ଦେବାଶିଷ ପାଢ଼ୀ, ଭାଗିରଥୀ ସିଂଦେଓ ଓ ଦିବାକର ମହାନନ୍ଦ ବାଦ୍ୟ ଯନ୍ତ୍ର ରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନଙ୍ଗ କୁମାର ସାଇଦେଓ ପରିଚାଳନା କରିଥିଲେ।ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ଏହିପରି ‘‘ଭଜନ ସନ୍ଧ୍ୟା’’ ନିୟମିତ ଭାବରେ ଆୟୋଜନ କରାଯାଉଛି। ସ୍ଥାନୀୟ କଳାକାର ଓ ଶିଳ୍ପୀମାନଙ୍କ ସହଭାଗିତାରେ ଏହି ପ୍ରୟାସ ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବ ବୋଲି ଭକ୍ତମାନେ ଆଶା ବ୍ୟକ୍ତ କରିଛନ୍ତି। ଉପସ୍ଥିତ ଭକ୍ତମାନେ କହିଥିଲେ, ‘‘ଏପରି ଆୟୋଜନମାନେ ମନ୍ଦିର ପ୍ରାଙ୍ଗଣରେ ଭକ୍ତିମୟ ପରିବେଶକୁ ଅଧିକ ସୁଦୃଢ଼ କରିବା ସହିତ ଯୁବପିଢ଼ୀଙ୍କୁ ଭଜନ ଓ ଭକ୍ତି ପ୍ରତି ଆକର୍ଷିତ କରିବ। ଏହା ମା'ଙ୍କ ମହିମା ପ୍ରଚାରରେ ମଧ ସହାୟକ ହେବ।

### ଖରିଆର ଏନଏସିର ବଡ଼ ନିଷ୍ପତ୍ତି

## ଭୂମିହୀନ ଓ ସଫେଇ କର୍ମଚାରୀଙ୍କୁ ମିଳିବ ପକ୍କାଘର




ନୂଆପଡା, ୨୭/୦୪( ଅକ୍ଷର ଓଡିଶା )ଜିଲ୍ଲାର ଅନ୍ୟତମ ବ୍ୟସ୍ତ ବହୁଳ ବ୍ୟବସାୟିକ ସହର ଖରିଆର ରୋଡ୍ ନଗରର ବିକାଶ ଓ ବାସହୀନଙ୍କୁ ସମ୍ମାନଜନକ ଜୀବନ ଦେବା ଦିଗରେ ନଗର ପାଳିକା ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ସୋମବାର ଦିନ ନଗର ପାଳିକା ଅଧକ୍ଷା ଡଃ ସୋନିଆ ଜୈନଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ନମ୍ବର ୪ ରେ ବହୁ ବର୍ଷ ଧରି ସରକାରୀ ଜମିରେ ବସବାସ କରୁଥିବା ସଫେଇ କର୍ମଚାରୀ ଓ ଭୂମିହୀନ ପରିବାରଙ୍କୁ ସ୍ଥାୟୀ ଆବାସ ଯୋଗାଇଦେବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ ଅଧୀନରେ ନିର୍ମାଣ ହେବ ଘର।ଆଗାମୀ ଦିନରେ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ (ଏ ଆର ଏଚ )' ଯୋଜନା ମାଧ୍ୟମରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦିଆଯିବ। ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ଅନୁଦାନ ଓ ନିର୍ଦ୍ଧାରିତ ଡିଜାଇନ୍ ଅନୁଯାୟୀ ଏହି ଆଧୁନିକ ବାସଗୃହଗୁଡ଼ିକ ନିର୍ମାଣ କରାଯିବ।ଏହି ବୈଠକରେ ଏକ ବଡ଼ ଆଶ୍ୱସ୍ତିକର ଘୋଷଣା କରାଯାଇଛି। ବର୍ତ୍ତମାନ ଯେଉଁ ପରିବାରମାନେ ସେଠାରେ ରହୁଛନ୍ତି, ସେମାନଙ୍କର କୌଣସି ଘର ଭଙ୍ଗାଯିବ ନାହିଁ। ବରଂ ସେହି ସ୍ଥାନ ନିକଟରେ ଥିବା ଖାଲି ସରକାରୀ ଜମିରେ ନୂତନ ପକ୍କାଘର ପ୍ରସ୍ତୁତ କରାଯାଇ ସେମାନଙ୍କୁ ସମ୍ମାନର ସହ ହସ୍ତାନ୍ତର କରାଯିବ। 'ପ୍ରତ୍ୟେକ ପରିବାରକୁ ସମ୍ମାନଜନକ ଜୀବନ, ସୁରକ୍ଷିତ ଛାତ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ କରିବା ଆମର ସଂକଳ୍ପ। ଜନତାଙ୍କ ବିଶ୍ୱାସ ହିଁ ଆମ ବିକାଶର ମୂଳଦୁଆ।' ଡଃ ସୋନିଆ ଜୈନ, ଅଧକ୍ଷା, ଏନଏସି, ଖରିଆର ରୋଡ । ଏହି ଆଲୋଚନା ଚକ୍ରରେ ୱାର୍ଡ କାଉନସିଲର ସନ୍ଦୀପ ଶର୍ମା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଖରିଆର ରୋଡକୁ ଏକ ପ୍ରଗତିଶୀଳ ସହର ଭାବେ ଗଢ଼ିତୋଳିବା ପାଇଁ ପୌରପାଳିକା ର ଏହି ପ୍ରୟାସକୁ ସାଧାରଣରେ ସ୍ୱାଗତ କରାଯାଇଛି।

## ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ, ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କ ଯୋଗଦାନ



ନୂଆପଡ଼ା, ୨୭/୦୪ (ଅକ୍ଷର ଓଡିଶା )ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକସ୍ଥିତ ତୀର୍ଥ କ୍ଷେତ୍ର ପାତାଳଗଙ୍ଗା ଠାରେ ଆସନ୍ତା ବୈଶାଖ ପୂର୍ଣ୍ଣିମା ଦିନ ହେବାକୁ ଥିବା ବୈଶାଖ ମେଳା ପାଇଁ ଆଜି ରାମ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧକ୍ଷତାରେ ବିଭିନ୍ନ ମନ୍ଦିର ପରିଚାଳନା କମିଟି ସଦସ୍ୟ,ବିଭିନ୍ନ ରାଜନୈତିକ ଦଳର ପଦାଧିକାରୀ, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସମସ୍ତଙ୍କ ପାଖରୁ ମତାମତ ନିଆଯାଇଥିଲା ।ଜିଲ୍ଲାପାଳ ମଧୁସୂଦନ ଦାସ ସମସ୍ତଙ୍କ ମତକୁ ଦୃଷ୍ଟିରେ ରଖି ଲୋକଙ୍କ ସୁବିଧା ନିମନ୍ତେ ଶୃଙ୍ଖଳା, ପରିବହନ, ପାନୀୟ ଜଳ ଯୋଗାଣ,ସ୍ୱାସ୍ଥ୍ୟ, ବିଜୁଳୀ,ଖାଦ୍ୟ ଓ ପରିମଳ, ସ୍ୱଚ୍ଛତା,ଗାଡ଼ି ଯାନବାହାନ ଗୁଡ଼ିକର ସୁରକ୍ଷା,ପ୍ଲାଷ୍ଟିକ ମୁକ୍ତ ଓ ନିଶା ମୁକ୍ତ ଇତ୍ୟାଦି ଦିଗରେ ବିସ୍ତୃତ ଆଲୋଚନା କରି ଉପରୋକ୍ତ ବ୍ୟବସ୍ଥା ଗୁଡ଼ିକ ପ୍ରଶାସନ ପକ୍ଷରୁ ଠିକ୍ ଭବେ ଯୋଗାଇଦେବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ କରିଥିଲେ ।ଆଜିର ଏହି ବୈଠକରେ ଉପ ଜିଲ୍ଲାପାଳ ସୁରମୀ ସୋରେନ,ବି ଡି ଓ କାର୍ମି ଓରାମ,ତହସିଲଦାର ସରିତା ଗୁପ୍ତା ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାଏକ,ଜଳ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରହଲ୍ଲାଦ ସାହୁ, ବିଦ୍ୟୁତ୍ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶୁକଦେବ ପରିଡ଼ା,କାର୍ଯ୍ୟକ୍ରମ ଅଧିକାରୀ ଡଃ କିଶୋର କୁମାର କର୍ଣ୍ଣ,ଡି ପି ଏଚ୍ ଓ ଦ୍ୱାରିକାନାଥ ଶତପଥୀ, ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି,ପୂର୍ବତନ ବ୍ଲକ ଅଧକ୍ଷ ତଥା ବିଜେପି ବରିଷ୍ଠ ନେତା ଲମ୍ବୋଦର ନିଆଳ,ଆଇନଜୀବୀ ଯୋଗେନ୍ଦ୍ର ନାଥ ମାଝୀ, ବିଜେପି କାର୍ଯ୍ୟକର୍ତ୍ତା ଅତିନ୍ଦ୍ର ଜିତ ସିଂ ମଲ୍ଲିକ, ଏସ ଡି ପି ଓ ଉପେନ୍ଦ୍ର ପ୍ରଧାନ,ଆଇ ଆଇ ସି ଧର୍ମେନ୍ଦ୍ର ଭୁଏ,ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ଧୀରେନ୍ଦ୍ର ମାଝୀ,ଯାଦବ ସମାଜ ସଭାପତି ରାଜ କିଶୋର ହେର୍ଣ୍ଣା,ଝରିଆ ଯାଦବ ସମାଜ ଜିଲ୍ଲା ସଭାପତି ଡମ ବୁଢ଼ା ଗୁଆଳ,ରାଜୁ ସିଂ ମାଝୀ,ସୌଦାଗର ସାହୁ,ତୁଳାରାମ ଚିନ୍ଦା, ଶୈଳେନ୍ଦ୍ର ମାଝୀ,ସୁରେଶ ଚନ୍ଦ୍ର ବାଗ,ଲୋକନାଥ ଛତ୍ରିଆ,ଜଗନ୍ନାଥ ମନ୍ଦିର,ରାଧା କୃଷ୍ଣ ମନ୍ଦିର,ଗାୟତ୍ରୀ ମନ୍ଦିର, ଦୁର୍ଗା ମନ୍ଦିର,ରାମ୍ ମନ୍ଦିର,ଅଲେଖ ମଠ,ଶିବ ମନ୍ଦିର,ହନୁମାନ ମନ୍ଦିର, ବୁଢ଼ା ଦେଓ ମନ୍ଦିର କମିଟି ସଦସ୍ୟ,ମନ୍ଦିର ପୂଜକ,ବ୍ଲକ ସ୍ତରୀୟ ଅଧିକାରୀ ତଥା ଅନ୍ୟ ଭଦ୍ରବ୍ୟକ୍ତି ଯୋଗଦାନ କରି ମତାମତ ପ୍ରକାଶ କରିଥିଲେ ।

## ବ୍ଲକ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର

ରାୟଗଡା, ୨୭।୦୪ (କୈଳାସ ସାଇଁ) ରାମନଗୁଡା ବ୍ଲକ ସଭାଗୃହଠାରେଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ, ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋସନାର ବାର୍ଲା, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ, ରାମନଗୁଡା ପଞ୍ଚାୟତ ସମିତି ଅଧକ୍ଷ ରବିଶଙ୍କର ଗମାଙ୍ଗ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ। ମୋଟ ୪୨ଟି ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୩୦ଟି ବ୍ୟକ୍ତିଗତ ୦୭ଟି ସାମୁହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ଜିଲ୍ଲାପାଳ ମୋଟ ପାଞ୍ଚ ଜଣଙ୍କୁ ରେଡ଼କ୍ରସରୁ ୬୦୦୦୦ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ୦୬ଗୋଟି ଦରଖାସ୍ତର



ତୁରନ୍ତ ଶୁଣାଣି କରି ଶିବିରରେ ଫଇସଲା କରାଯାଇଥିଲା । ଅନ୍ୟ ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝି, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, କନିଷ୍ଠ ମୋଟରଯାନ ନିରୀକ୍ଷକ ସଂଗ୍ରାମ ବେହେରା, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ, ରାସ୍ତା ଓ କୋଠାବାଡ଼ି କନିଷ୍ଠ ଯନ୍ତ୍ରୀ ମାନସ ନାହାକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ରାମନଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ,ରାମନଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ଶିବ ପ୍ରସାଦ ସାହୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

# ଘଟଗାଁ ଗ୍ରହ ମହାରାଜ ଶନିଶ୍ଚରଙ୍କ ବାର୍ଷିକ ଉତ୍ସବ



ଘଟଗାଁ:୨୭/୦୪(ସମ୍ବିତ କୁମାର ସାହୁ)ଘଟଗାଁ ଶନିଶ୍ଚର ମନ୍ଦିର କମିଟି ଆନୁକୂଲ୍ୟରେ ୨୪ ତମ ବାର୍ଷିକ ମହାଯଜ୍ଞ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଳସ ଯାତ୍ରା, ସୂର୍ଯ୍ୟ ପୂଜା, ଅଙ୍କୁର ରୋପଣ, ନାମ ସଂକୀର୍ତନ , ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୋର ୪ ଟା ସମୟରେ ଗ୍ରହଙ୍କର ଷୋଡଶ ଉପଚାର ରେ ପୂଜକ ସନ୍ତୋଷ ପଣ୍ଡା ଏବଂ ସନ୍ତୋଷ ଆଚାର୍ଯ୍ୟ ପୂଜା ଅର୍ଚନା କରିଥିଲେ। ଯଜ୍ଞ କାର୍ଯ୍ୟରେ ପୁରୋହିତ ହରେକୃଷ୍ଣ ତ୍ରିପାଠୀ, ଅସିତ କୁମାର ମିଶ୍ର, ଦେବାଶିଷ ତ୍ରିପାଠୀ ପ୍ରମୁଖ ପୂଜାଅର୍ଚନା କରିଥିବା ବେଳେ ରାଜେନ୍ଦ୍ର କୁମାର ସାହୁ ତାଙ୍କ ଧର୍ମପତ୍ନୀ ଅବନ୍ତୀ ସାହୁ ସଂକଳ୍ପରେ ବସିଥିଲେ। କମିଟି ତରଫରୁ ଭକ୍ତଙ୍କ ପାଇଁ ବାରିକେଡ ବ୍ୟବସ୍ଥା କରାଯାଇ ଧାଡିରେ ଭୋଗ ଓ ଶୃଙ୍ଖଳା ଦର୍ଶନ କରାଯାଇଥିଲା। ଶନି ଓଷା ଥିବାରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। କମିଟିର ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକ, ସମ୍ପାଦକ ଦିଲ୍ଲୀପ କୁମାର ପ୍ରହରାଜ, କୋଷାଧ୍ୟକ୍ଷ ଅମୂଲ୍ୟଧନ ବାରିକ ସଦସ୍ୟ ଗୋବର୍ଦ୍ଧନ ରାଉତ, ସୂର୍ଯ୍ୟମଣୀ ବାରିକ, ରାଜେନ୍ଦ୍ର ସାହୁ, ଗଗନ ପ୍ରଧାନ, ପ୍ରଣବ ସାହୁ, ନଟବର ଦଳେଇ, ବିଜୟ ରାଉତ, ସତ୍ୟ ବ୍ରତ ରାଉତ, ଅନନ୍ତ ସାହୁ, ଖଗେଶ୍ୱର ମହାନ୍ତ, ସୁବ୍ରତ ପଣ୍ଡା, ,ରବୀନ୍ଦ୍ର ସାହୁ, ରବୀନ୍ଦ୍ର ବେହେରା,ରବୀନ୍ଦ୍ର ଓଝା, ଶିଶିର ପ୍ରଧାନ, ମନୋରଞ୍ଜନ ଦେ, ମୋହନ ଚରଣ ଦାଶ, ଗନ୍ଧର୍ବ ସେନ ନାଗ, ରାଜା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।ଏହି ଅବସରରେ ରୁକ୍ମିଣୀ ଭୋଗ ଦୋକାନ ସୌଜନ୍ୟରୁ ପ୍ରସାଦ ବିତରଣ କରାଯାଇଥିଲା।

# ରୁଗ୍‌ଣ ହୋଇ ପଡୁଛି କେନ୍ଦୁଝର କେନ୍ଦୁପତ୍ର ମଣ୍ଡଳ

କେନ୍ଦୁଝର:୨୭/୦୪(ଦିଲ୍ଲୀପ କୁମାର ସାହୁ) – କେନ୍ଦୁପତ୍ର ବିଭାଗରୁ ସରକାର ସ୍ୱଳ୍ପ ଖର୍ଚ୍ଚରେ ଅଧିକ ରାଜସ୍ୱ ସଂଗ୍ରହ କରୁଥିବା ବେଳେ, ହଜାର ହଜାର କେନ୍ଦୁପତ୍ର ତୋଳାଳୀ ଏବଂ ସିଜିନାଲ କର୍ମଚାରୀ କେନ୍ଦୁପତ୍ର ସମ୍ପର୍କିତ କାର୍ଯ୍ୟରୁ ଅର୍ଥ ରୋଜଗାର କରି ପରିବାର ପ୍ରତିପୋଷଣ କରିଥାଆନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଏହା ଯେ, କେନ୍ଦୁଝର କେନ୍ଦୁପତ୍ର ମଣ୍ଡଳରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ଅସାଧୁ ମନୋଭାବ ଯୋଗୁଁ ଓ ମଣ୍ଡଳର କେନ୍ଦୁପତ୍ର ତୋଳାଳୀ ଏବଂ ସିଜିନାଲ କର୍ମଚାରୀ ମାନେ ପରିଶ୍ରମର ଉଚିତ ମୂଲ୍ୟ ନପାଇବା କାରଣରୁ ଓ ବାହାର ରାଜ୍ୟର ମାଫିଆ ମାନଙ୍କ ଦ୍ୱାରା କେନ୍ଦୁପତ୍ର ଚୋରା ଚାଲାଣ ହେଉଥିବାରୁ କେନ୍ଦୁଝର କେନ୍ଦୁପତ୍ର ମଣ୍ଡଳ ଆଜି ରୁଗଣ ହେବାକୁ ବସିଛି।ସରକାରଙ୍କ କେନ୍ଦୁପତ୍ର ବିଭାଗ କମ ଖର୍ଚ୍ଚରେ ଅଧିକ ଲାଭ ଦେଇଥାଏ। କେନ୍ଦୁପତ୍ର କର୍ମଚାରୀ ସଂଘ ଅଧିନରେ କାର୍ଯ୍ୟ କରୁଥିବା କେନ୍ଦୁପତ୍ର ତୋଳାଳୀ ମାନେ ଜଙ୍ଗଲରୁ କେନ୍ଦୁପତ୍ର ସଂଗ୍ରହ କରି କେନ୍ଦୁପତ୍ର ବିଭାଗକୁ ଦେଇଥାନ୍ତି। ପରେ କେନ୍ଦୁପତ୍ର ବିଭାଗ ସଂଗୃହିତ ପତ୍ରକୁ ବିଭିନ୍ନ ବ୍ୟବସାୟୀଙ୍କୁ ବିକ୍ରୀ କରିଥାଏ। କେନ୍ଦୁପତ୍ର ସମ୍ପର୍କିତ କାର୍ଯ୍ୟରୁ ରୋଜଗାର ଲବ୍ଧ ଅର୍ଥରେ ହଜାର ହଜାର ଜନଜାତି ଶ୍ରେଣୀର ଜନସାଧାରଣ ନିଜ ନିଜର ପରିବାରର ଗୁଜୁରାଣ ମେଣ୍ଟାଇ ଥାଆନ୍ତି। ସରକାର ମଧ କେନ୍ଦୁପତ୍ର ବିକ୍ରୀ ଲବ୍ଧ ଅର୍ଥରୁ ବିପୁଳ ପରିମାଣର ରାଜସ୍ୱ ପାଇଥାନ୍ତି। କିନ୍ତୁ ଉପଯୁକ୍ତ ତଦାରଖ ଓ ପ୍ରୋତ୍ସାହନ ଅଭାବରୁ କିଛି ଅସାଧୁ ବିଭାଗୀୟ କର୍ମଚାରୀଙ୍କ ଅପରିଣାମଦର୍ଶିତା ହେତୁ କେନ୍ଦୁଝର କେନ୍ଦୁପତ୍ର ମଣ୍ଡଳ ଆଜି ରୁଗଣ ହୋଇପଡିଛି। କେନ୍ଦୁଝର କେନ୍ଦୁପତ୍ର ଅଧୀନରେ ଥିବା ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ରେଞ୍ଜ ଆଜି ସମ୍ପୂର୍ଣ ରୁଗଣ ହୋଇ ପଡ଼ିଛି। ଏହି ରେଞ୍ଜରୁ କେନ୍ଦୁପତ୍ର ତୋଳା ହୋଇ



ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟକୁ ଚୋରା ଚାଲାଣ ହେଉଛି। ଫଳରେ ରେଞ୍ଜର ଟାର୍ଗେଟ ପୂରଣ ହୋଇ ନପାରି ରେଞ୍ଜ ଅଧୀନରେ ଥିବା ଅନେକ ଗୁଡ଼ିଏ କେନ୍ଦୁପତ୍ର ଫଡି ବନ୍ଦ ହୋଇଯିବା କାରଣରୁ ଅନେକ କେନ୍ଦୁପତ୍ର ତୋଳାଳୀ ଏବଂ ସିଜିନାଲ କର୍ମଚାରୀ ବୃତ୍ତି ହରାଇଛନ୍ତି।ଏଠାରେ ସୂଚନାଯୋଗ୍ୟ ଯେ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟରେ କେନ୍ଦୁପତ୍ରର ଚାହିଦା ଅଧିକ ରହୁଥିବା କାରଣରୁ କେନ୍ଦୁପତ୍ର ମାଫିଆ ମାନେ ସିଧାସଳଖ ତୋଳାଳୀ ମାନଙ୍କୁ ନିୟୋଜିତ କରି ଜଙ୍ଗଲରୁ କେନ୍ଦୁପତ୍ର ତୋଳି ନେଉଛନ୍ତି। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାରେ ରହୁଥିବା ମୟୁରଭଞ୍ଜ ଜିଲ୍ଲାରୁ ପ୍ରତିବର୍ଷ କାର, ବୋଲେରୋ ଏପରିକି ଟ୍ରକ ଯୋଗେ ମାଫିଆ ମାନେ ବାହାର ରାଜ୍ୟକୁ କଞ୍ଚା କେନ୍ଦୁପତ୍ର ଚୋରା ଚାଲାଣ କରୁଛନ୍ତି ଏ ବିଭିନ୍ନ ସମୟରେ ପୋଲିସ ଧରପଗଡ କରି ଜବତ ମଧ କରୁଛି। ଅବଶ୍ୟ ଏହି ଚୋରା ଚାଲାଣରେ ବିଭାଗୀୟ ଫରେଷ୍ଟର ଏଂ ରେଞ୍ଜ ଅଧିକାରୀ ମାନଙ୍କ ସଂପୃକ୍ତି ରହିଥିବାର ଅଭିଯୋଗ ହୁଏ। ସେହିଭଳି ଗରୀବ କେନ୍ଦୁପତ୍ର ତୋଳାଳୀ ମାନେ କେନ୍ଦୁପତ୍ର ବିଭାଗକୁ ବିକ୍ରୟ ନକରି ବିଭାଗ ଠାରୁ କମ ମୂଲ୍ୟରେ ମାଫିଆଙ୍କୁ ଦେବାର କାରଣ ଗୁଡ଼ିକ ହେଉଛି, ସରକାର ବିଳମ୍ବରେ ପ୍ରାପ୍ୟ ପ୍ରଦାନ କରୁଛନ୍ତି, ଅଥଚ ମାଫିଆ ମାନେ କମ ମୂଲ୍ୟରେ ନଗଦ ଅର୍ଥ ପ୍ରଦାନ କରୁଛନ୍ତି। ତେଣୁ ତୋଳାଳୀ ମାନେ ବିଭାଗ ପରିବର୍ତ୍ତେ ମାଫିଆଙ୍କୁ ପତ୍ର ବିକ୍ରୀ କରିବାକୁ ଉଚିତ ମଣୁଛନ୍ତି। ସେହିଭଳି ବିଭାଗ ପକ୍ଷରୁ ତୋଳାଳୀ ମାନଙ୍କ ପାଇଁ ବିଭିନ୍ନ ସହାୟତା ବିଭାଗୀୟ ରେଞ୍ଜ ଅଧିକାରୀ ଏବଂ ଫରେଷ୍ଟର ମାନଙ୍କ ଦ୍ୱାରା ହଡପ ଓ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ପ୍ରାପ୍ୟାର କିଛି ଅଂଶ ବାଟମାରଣା ବିଭାଗ ପ୍ରତି ତୋଳାଳୀ ମାନେ ବିମୁଖ ହେବାର ଅନ୍ୟତମ କାରଣ। କେନ୍ଦୁପତ୍ର ବିଭାଗ କେନ୍ଦୁପତ୍ର କେରୀ (୨୦ ପତ୍ର) ପ୍ରତି ଟ. ୧.୬୦ ପଇସା ପ୍ରାପ୍ୟ ଦେଉଥିବା ବେଳେ, ମାଫିଆ ମାନେ ୮୦ ପଇସାରୁ ୧ ଟଙ୍କା ମୂଲ୍ୟ ତତକାଳ ପ୍ରଦାନ କରୁଥିବାରୁ ଗରୀବ ତୋଳାଳୀ ମାନେ ମାଫିଆଙ୍କୁ ବିକ୍ରୀ କରୁଛନ୍ତି। ବିଭାଗୀୟ ଅଧିକାରୀ ମାନଙ୍କ ଅସାଧୁ ଓ ଉଦାସୀନ ମନୋଭାବ ଯୋଗୁଁ ମାଫିଆ ମାନେ ବାହାର ରାଜ୍ୟର ତୋଳାଳୀ ମାନଙ୍କୁ ମଧ୍ୟ ନିୟୋଜିତ କରି ଜଙ୍ଗଲରୁ କେନ୍ଦୁପତ୍ର ସଂଗ୍ରହ କରି ନେଉଛନ୍ତି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ କେନ୍ଦୁଝର ଡିଭିଜନ ସଂପାଦକ ସଞ୍ଜୟ କୁମାର ଚୌଧୁରୀ କହିଛନ୍ତି ବିଭାଗ ପକ୍ଷରୁ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ କରାଯାଉନଥିବା, ବିଳମ୍ବରେ ପ୍ରାପ୍ୟ ପ୍ରଦାନ କରାଯାଉଥିବାରୁ କେନ୍ଦୁପତ୍ର ତୋଳାଳୀ ମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ଟାର୍ଗେଟ ପୂରଣ ହୋଇପାରୁ ନାହିଁ। ମୟୁରଭଞ୍ଜ ଅଞ୍ଚଳରୁ ବହୁ ପରିମାଣରେ କେନ୍ଦୁପତ୍ର ବାହାର ରାଜ୍ୟକୁ ଚୋରା ଚାଲାଣ ହେଉଥିବାରୁ ଟାର୍ଗେଟ ପୂରଣ ହୋଇପାରୁ ନାହିଁ। ତେଣୁ ବିଭାଗ ପକ୍ଷରୁ ଫଡ଼ି ବନ୍ଦ କରାଯାଉଅଛି । ରେଞ୍ଜରୁ କେନ୍ଦୁପତ୍ର ସଂଗ୍ରହ ଲାଭଜନକ ନହେଲେ ରେଞ୍ଜ ମଧ ବନ୍ଦ ହେବାର ସମ୍ଭାବନା ରହିଛି। ରେଞ୍ଜ ବନ୍ଦ ହେଲେ, ରେଞ୍ଜ ଅଧୀନରେ କାର୍ଯ୍ୟ କରୁଥିବା ହଜାର ହଜାର ତୋଳାଳୀ ଓ ସିଜିନାଲ କର୍ମଚାରୀ ବୃତ୍ତି ହରାଇବେ।

# ସଡ଼କ ଦୁର୍ଘଟଣାରେ ବାଇକ ଚାଳକ ମୃତ



ଘଟଗାଁ:୨୭/୦୪(ସମ୍ବିତ କୁମାର ସାହୁ) ଜାତୀୟ ରାଜ ପଥ ଗୁଡିକ ଅନେକ ସମୟରେ ବିଭିନ୍ନ ସମସ୍ୟା ଓ ଦୁର୍ଘଟଣା ଯୋଗୁଁ କଳା ରଙ୍ଗର ସଡକ ରକ୍ତରଞ୍ଜିତ ହୋଇ ପଡୁଛି। ପୂର୍ବରୁ ଅନେକ ବାର ସଡକ ଦୁର୍ଘଟଣା ଘଟିଥିବା ବେଳେ ଗତ ଶନିବାର ଦିନ ୨୦ ନମ୍ବର ଜାତୀୟ ରାଜପଥ ବାଇପାସ ନିକଟରେ ସଡ଼କ ଦୁର୍ଘଟଣାରେ ବାଇକ ଚଳକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଘଟଗାଁ ଥାନା ଅନ୍ତର୍ଗତ ମେଲାଣ ଗ୍ରାମର ଦିପୁ ମାରାଣ୍ଡି (୨୨) ନାମକ ଯୁବକ ନିଜର ବ୍ୟକ୍ତିଗତ କାମରେ ବାଇକ ଯୋଗେ ଘଟଗାଁ ଆସୁଥିବା ସମୟରେ ଜାତୀୟ ରାଜପଥ ୨୦ର ବାଇପାସ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ାକୁ ଧକ୍କା ଦେଇଥିଲେ। ଫଳରେ ଦିପୁ ମାରାଣ୍ଡିଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଖବର ଦେବା ପରେ ସ୍ଥାନୀୟ ଅଗ୍ନିଶମ ବାହିନୀ ଯୁବକକୁ ଉଦ୍ଧାର କରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାସ୍ତା ନିର୍ମାଣ ସଠିକ୍ ନ ହେଲେ ଆନ୍ଦୋଳନ ଗ୍ରହଣ କରିବାକୁ ଚେତାବନୀ



ହାଟଡିହି :୨୭/୪ ( ଅମୀୟ ବରାଳ)- ହାଟଡିହି ବ୍ଲକ ବିଦ୍ୟାଧରପୁର ଠାରୁ ବାଓ୍ଗୋର ରାସ୍ତା ପୂର୍ତ୍ତ ବିଭାଗ ଦ୍ୱାରା ଉପଯୁକ୍ତ ମାନଦଣ୍ଡରେ ନିର୍ମାଣ କରାଯିବାକୁ ଦାବି କରାଯାଇଛି। ବାଲିବରେଇ ଗ୍ରାମପଞ୍ଚାୟତର ନିଦ୍ୟାଧରପୁର ଠାରୁ ଧନୁର୍ଜୟପୁର ପଞ୍ଚାୟତ କ୍ରୋମାଇଟ୍ ଖଣି ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ୩ କି.ମି. ରାସ୍ତା ସମ୍ବନ୍ଧରେ ଆପତ୍ତି ପଭି ଉଠାଇ ଗ୍ରାମ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ଓ ବିଭାଗୀୟ ଗୀୟ ସଚିବ, ହାଟଡିହି ହି ତହସିଲଦାର, ଆନନ୍ଦପୁର ଉପଜିଲ୍ଲାପାଳ, କେନ୍ଦୁଝର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ରାସ୍ତା ସ୍ତା ଦେଇ ପଞ୍ଚାୟତର ଲୋକମାନେ ଯାତାୟା ଯାତ କରୁଛନ୍ତି । ଓଡିଶା ଖଣି ନିଗମ ଦ୍ୱାରା ପରିଚାଳିତ ଖଣିରୁ ପ୍ରତ୍ୟେକ ଦିନ ଭାରୀଯାନ ଯତାୟାତ କରୁଥିବାରୁ ସର୍ବସାଧାରଣଙ୍କ ଜୀବନ ଯାତ୍ରାରେ ନାନା ଅସୁବିଧା ସୃଷ୍ଟି ହେଉଛି। ଏବେ ରାସ୍ତା ନିର୍ମାଣ ଚାଲିଥିବା ବେଳେ ରାସ୍ତା ନିର୍ମାଣ ସମ୍ବନ୍ଧୀୟ ଏଷ୍ଟିକ୍ଷ୍ଟେଟ୍ ଓ ଟେଣ୍ଡରର ନର୍ଦ୍ଦିଷ୍ଟ ମାନଦଣ୍ଡ ଅନୁଯାୟୀ କାମ କରାଯାଉନାହିଁ ।ରାସ୍ତାର ପ୍ରସ୍ତ ୭.୫ ମିଟର ପିଚୁରାସ୍ତା ଓ ଉଭୟ ପାର୍ଶ୍ୱକୁ ବର୍ମ, ଗାର୍ଡୱାଲ ଓ ଡ୍ରେନ୍‌ର ବ୍ୟବସ୍ଥା ଥିବା ସତ୍ତ୍ୱେ ତାହା କରାଯାଉନି। ଉକ୍ତ ରାସ୍ତାର ୫୦୦ ମି. ରାସ୍ତା ୫.୫ମି. ଓ ୧.୫ କି.ମି. ରାସ୍ତା ୭.୫ ମି.ପ୍ରସ୍ଥରେ ନିର୍ମାଣ କରାଯାଇଛି।ବାକି ରାସ୍ତାର ପ୍ରାୟ ୧ କି.ମି ବିଭାଗ ତରଫରୁ ଜବରଦଖଲ ଉଚ୍ଛେଦ ଉପରେ ଗୁରୁତ୍ୱ ନଦେଇ ଏବଂ ସଠିକ୍ ମାନଦଣ୍ଡକୁ ତଦାରଖ ନକରି ବିଭାଗ ଓ କଣ୍ଟ୍ରାକ୍ଟର ଯାହା ଯେପରି ଅଛି ନିର୍ଦ୍ଦିଷ୍ଟ ଓସାର ଓ ମାନଦଣ୍ଡକୁ ବେଖାତିର କରି ନିମ୍ନମାନର କାମ କରି ଚାଲିଛନ୍ତି। ଯାହାଦ୍ୱାରା ରସ୍ତାର ସ୍ଥାୟିତ୍ୱ କୁ ନେଇ ସନ୍ଦେହପ୍ରକାଶ ପାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମିକୁ ଘର ଓ ପାଚେରି କରି ଜବରଦଖଲ କରାଯାଇଛି।ଏନେଇ ତହସିଲଦାର ହାଟଡିହି, ଜିଲ୍ଲାପାଳ କେନ୍ଦୁଝର ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ଠାରେ ଅଭିଯୋଗ କରିବା ସତ୍ତ୍ୱେ, ଜବରଦଖଲ ଉଚ୍ଛେଦ ନିମନ୍ତେ କିଛି ପଦକ୍ଷେପ ନିଆଯାଇନାହିଁ। ଏଣୁ ସର୍ବସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି। ଯଦି ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନ ଆସନ୍ତା ୨୮ତାରିଖ ମଧ୍ୟରେ ଏନେଇ କୌଣସି ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ଆସନ୍ତା ୨୯ ତାରିଖରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି,ବିବେକାନନ୍ଦ ରାଉତ, ପ୍ରତାପ କିଶୋର ପଣ୍ଡା, କୃଷ୍ଣଚନ୍ଦ୍ର ପରିଡା, ଭାବଗ୍ରାହୀ ପୃଷ୍ଟି, କମଳାକାନ୍ତ ମହାରଣା, ସହଦେବ ପୃଷ୍ଟି, ବୁଦ୍ଧଦେବ ବାରିକ, ଗଦାଧର ସାହୁ, ରବୀନ୍ଦ୍ର ପଲେଇ, ରଣଜିତ ପୃଷ୍ଟି ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଶନିଶ୍ଚରଙ୍କ ବାର୍ଷିକ ମହାଯଜ୍ଞ ଅନୁଷ୍ଠିତ



ହରିଚନ୍ଦନପୁର,୨୭/୪(ଶୂନ୍ୟରଞ୍ଜନ ଘଣା ):ହରିଚନ୍ଦନପୁର ବ୍ଲକ୍ ଭଅଁରପୁର ଗ୍ରାମରେ ଥିବା ଶନିଶ୍ଚରଙ୍କ ମନ୍ଦିରରେ ବାର୍ଷିକ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ୨୪ତାରିଖ କଳସଯାତ୍ରା ପରେ ପୂଜକ ରାକେଶ କୁମାର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ସୌମ୍ୟକାନ୍ତ ସାହୁ ଓ ଶୁଭସ୍ମିତା ବିଶ୍ୱାଳ କର୍ତା ଭାବେ ସଂକଳ୍ପରେ ବସିଥିଲେ । ଆଜି ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ଅବସରରେ ଗାୟିକା ସୁଭଦ୍ରା ନାୟକ ଦୁଇ ରାତି ପାଲା ପରିବେଷଣ କରିଥିଲେ ।

# ନଦୀବନ୍ଧ ରାସ୍ତା ଷ୍ଟେଞ୍ଚ ଖୋଳାକୁ ବିରୋଧ, ସରପଞ୍ଚଙ୍କ ଅଭିନୟ ପ୍ରୟାସ



ହାଟଡିହି: ୨୭/୪ (ଅମୀୟ ବରାଳ) – ହାଟଡିହି ତହସିଲ ଅନ୍ତର୍ଗତ ବଞ୍ଚୋ ବୈତରଣୀ ନଦୀ ପଠାରୁ ବେଆଇନ ବାଲି ଚୋରି ରୋକିବା ପାଇଁ, ଜିଲ୍ଲା ଖଣି ବିଭାଗ ଓ ପୋଲିସ୍ ନଦୀ ବନ୍ଧ ରାସ୍ତାର ଷ୍ଟେଞ୍ଚ ଖୋଳିବା ପାଇଁ ଆଗେଇ ଆସିଥିଲା ବେଳେ, ବଞ୍ଚୋ ସରପଞ୍ଚ ନିଜର ଅଭିନୟ ପ୍ରୟାସ କରିବାକୁ ଯାଇ ଉକ୍ତ ରାସ୍ତାରେ ଷ୍ଟେଞ୍ଚ ଖୋଳିବା ବିରୋଧ କରିଥିଲେ ।ସେ କହିବା ଅନୁସାରେ ସେହି ଚୋରା ଚାଲାଣ କରୁଥିବା ନଦୀ ବନ୍ଧ ରାସ୍ତାରେ ଲୋକେ ଯିବାଆସିବା ଓ ଗଛ ଲଗାଯାଇଅଛି । କିନ୍ତୁ ନଦୀ ବନ୍ଧ ଅତିକ୍ରମ କରି କୌଣସି ଶବ ସତ୍କାର ପାଇଁ ଲୋକେ ନଦୀ କୂଳକୁ ଗଲେ ଏହା ଲାକଙ୍କ ପାଇଁ ନିର୍ଦ୍ଦିଷ୍ଟ ରାସ୍ତା ନୁହେଁ ।ଲାକଙ୍କ ସୁବିଧା ଦୃଷ୍ଟିରୁ ଜଳସମ୍ପଦ ବିଭାଗ ବଞ୍ଚୋ ଗାଁ ନିକଟରୁ ଅନେକ ରାସ୍ତା ନଦୀ ଗର୍ଭକୁ ନିର୍ମାଣ କରିଛନ୍ତି। ସେହି ରାସ୍ତା ଦେଇ ଲୋକେ ସବୁଦିନିଆ ଯିବାଆସିବା ଲାଗିରହିଛି। ସେହିପରି ସରପଞ୍ଚ ବିରୋଧ କରୁଥିବା ନଦୀ ବନ୍ଧ ଅସ୍ଥାୟୀ ରାସ୍ତାର ପାଖାପାଖି କୌଣସି ଗଛ ଲଗାଯାଇନ ଥିବା ଦେଖାଯାଏ। ନଦୀରୁ କୌଣସି ଦିନ ପାଣି ଟ୍ୟାଙ୍କରରେ ପାଣି ବୁହାଯାଇ ନଥାଏ ।ଏହି ରାସ୍ତା ଟିକୁ କେତେକ ବାଲି ମାଫିଆ ନଦୀ ପଠାରୁ ଚୋରା ବାଲି ଉତ୍ତୋଳନ କରିବା ପାଇଁ ଅସ୍ଥାୟୀ ଭାବେ ନିର୍ମାଣ କରିଛନ୍ତି। ସେଥିରେ ସରପଞ୍ଚଙ୍କ ପ୍ରଚ୍ଛଦପଟ ହାତ ରହିଥିବା ଆଲୋଚନା ହେଉଛି ।ଏଣୁ ପ୍ରଶାସନର ଷ୍ଟେଞ୍ଚ ଖୋଳା ନିଷ୍ପତ୍ତିକୁ ସରପଞ୍ଚ ବିରୋଧ କରି ଏଭଳି ଅଭିନୟ ପ୍ରୟାସ କରିବାକୁ ଯାଇ ଏପରି ନାଟକବାଜିକୁ ସ୍ଥାନୀୟ ମହଲରେ ନିନ୍ଦା କରାଯାଇଛି।

# ଦଶବର୍ଷ ହେଲା ଅଧପନ୍ତରିଆ ଲ୍ୟାମ୍ପସ ଗୋଦାମ ଗୃହ



ହରିଚନ୍ଦନପୁର, ୨୭/୪(ଶୂନ୍ୟରଞ୍ଜନ ଘଣା ):କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଲ୍ୟାମ୍ପସର ଦୁଇଟି ଗୋଦାମ ଗୃହ ୧୦ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି । ଏହାକୁ ସମ୍ପୂର୍ଣ୍ଣ କରିବାପାଇଁ ପଦକ୍ଷେପ ନିଆଯାଉ ନଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ହରିଚନ୍ଦନପୁର ଲ୍ୟାମ୍ପସରେ ଧାନ ଗଚ୍ଛିତ ରଖିବାପାଇଁ ଦୁଇଟି ଗୋଦାମ ଘର ନିର୍ମାଣ କେନ୍ଦ୍ର ସରକାରଙ୍କ ଅନୁଦାନରେ ଆରମ୍ଭହୋଇଥିଲା ୧୦ବର୍ଷ ହେଲା କାମ ସରୁନଥିବାରୁ ଚାଷୀମାନେ ଧାନ ବିକ୍ରି କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୋଦାମ ଘର ଅଭାବରୁ ଧାନ ବିହନ ଓ ସାର ମହଜୁଦ ରଖିବାରେ ସମସ୍ୟା ହେଉଛି ।ଗୋଦାମ ଘର କାମ ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ କୃଷକ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି ସୁଫଳ ମିଳୁନି। ସୂଚନାଯୋଗ୍ୟ, କେନ୍ଦ୍ର ସରକାର ୨୦୧୪-୧୫ରେ ୫୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଦୁଇଟି ଗୋଦାମ ଘର ନିର୍ମାଣ ପାଇଁ ଅନୁମୋଦନ କରିଥିଲେ । ଗୃହ ନିର୍ମାଣ ଦାୟିତ୍ୱ ତତ୍କାଳୀନ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦକୁ ଦେଇଥିଲେ । ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ଠିକାଦାର ଅଜୟ କୁମାର ସାହୁଙ୍କୁ ଗୋଦାମ ଘର ନିର୍ମାଣ କରିବାକୁ କାର୍ଯ୍ୟାଦେଶ ଦେଇଥିଲେ ।ନିର୍ମାଣ ଶେଷ ହେବା ପୂର୍ବରୁ ଠିକାଦାର କାମ ଛାଡ଼ି ଚାଲି ଯାଇଥିଲେ । ଏନେଇ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ଚିଠି (ସଂଖ୍ୟା ୪୪୮/୬-୧୧-୨୦୧୮) କରିଥିଲେ। ଠିକାଦାର ଏହାର କୌଣସି ଉତ୍ତର ଦେଇନଥିଲେ । ବକେୟା କାମ ମଧ ସାରିନଥିଲେ । ଠିକାଦାର ଯେତିକି କାମ କରିଛନ୍ତି, ତା'ଠାରୁ ଅଧିକ ବିଲ୍ ଉଠାଇ ନେଇଥିବା ଜଣାପଡ଼ିଛି। ଇତିମଧ୍ୟରେ ୧୦ବର୍ଷ ବିତି ଯାଇଥିଲେ ମଧ ଗୋଦାମ ଘର ଦୁଇଟି ଅଧପନ୍ତରିଆ ହୋଇ ପଡ଼ିଛି ତୁରନ୍ତ ଏହାକୁ ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ହରିଚନ୍ଦନପୁର୨୭/୪ (ଶୂନ୍ୟରଞ୍ଜନ ଘଣା ) ହରିଚନ୍ଦନପୁର ବ୍ଲକ୍ ଜଘଁରା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ୨୧ତମ ବାର୍ଷିକ ଉତ୍ସବ ରବିବାର ସଂନ୍ଧ୍ୟାରେ ଅନୁଷ୍ଠିତ ହୋଇଛି ।ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହିରଣ୍ୟ କୁମାର ସାହୁ ସଭାପତିତ୍ୱ କରିଥିଲେ ।ଏଥିରେ ତେଲକୋଇ ବିଧାୟକ ତଥା ଜିଲ୍ଲା ଯଜନା କମିଟି ଅଧକ୍ଷ ଡକ୍ଟର ଫକୀରମୋହନ ନାଏକ ମୁଖ୍ୟଅତିଥି ଆରଏସଏସ୍ ବିଭାଗ ସେବା ପ୍ରମୁଖ ତଥା ପ୍ରଶିକ୍ଷଣ ପ୍ରମୁଖ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଖଗେଶ୍ୱର ମହାନ୍ତ ମୁଖ୍ୟବକ୍ତା। ସାଂସଦଙ୍କ ପ୍ରତିନିଧି ବିଜୟ କୁମାର ସାହୁ, ବିଧାୟ ପ୍ରତିନିଧି ଶିରିଷ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ମାନେ ଦେଶର ଭବିଷ୍ୟତ ସେମାନଙ୍କ ସମଗ୍ର ବିକାଶ ପାଇଁ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଆବଶ୍ୟକ ବୋଲି କହିଥିଲେ। ଶୃଙ୍ଖଳା, ପରିଶ୍ରମ ଓ ନିଷ୍ଠାର ସହ ଜୀବନରେ ଆଗକୁ ବଢ଼ିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।ପରିଚାଳନା କମିଟି ସଭାପତି ଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନଗୁରୁଜୀ ସୁରେଶ କୁମାର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ତୃତୀୟ ଓ ପଞ୍ଚମ ଶ୍ରେଣୀରେ ମେଧାବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କ ସମେତ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପରିଚାଳନା କମିଟି ସମ୍ପାଦକ ବୈଲୋଚନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ବନ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ବାଂଶପାଳ, ୨୭/୪(ଶୂନ୍ୟରଞ୍ଜନ ଘଣା ) ବାଂଶପାଳ ବ୍ଲକ୍ ଯାତ୍ରା ପଞ୍ଚାୟତ ଶୁକଡୋଳା ଗାଁରେ ଆଜି ବିଜେପି ବନାଞ୍ଚଳ, କେନ୍ଦୁଝର ବନଖଣ୍ଡ ସହାୟତାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଆଖପାଖ ଗାଁ ଯାତ୍ରା, ଧାନଗଦୀ, ଶୁକଡୋଳା, ନଡ଼ାପାଣି, ପଣସୁଆଁ ଓ ବଡ଼କୁଳ ଗାଁର ୨୫୧ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଦିଆଯାଇଥିଲା। ଭୁବନେଶ୍ୱରରୁ ଆସିଥିବା ଡାକ୍ତର ଓ ତାଙ୍କ ସହଯୋଗୀ ଶିବିରରେ ସାମିଲ ହୋଇଥିଲେ। କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍ ?ଡି ଧନରାଜଙ୍କ ନିର୍ଦ୍ଦେଶରେ ଶିବିର ଆୟୋଜନ ହୋଇଥିଲା । ଉପ ବନଖଣ୍ଡ ଅଧିକାରୀ ସୁଦୀପ୍ତ କୁମାର ପଣ୍ଡା, ଭୂୟାଁ ଜୁଆଙ୍ଗ ପିଢ଼ ବନାଞ୍ଚଳ ଅଧିକାରୀ ନୟନକାନ୍ତ ସାହୁ, ଶୁଆକାଟି ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, ବାଂଶପାଳ ବନରକ୍ଷୀ ମିଲିରାଣୀ ଦାସ, କୁଶକଳ ବନରକ୍ଷୀ ସନାତ ତନ ମହାନ୍ତି, ନୟାକୋଟ ବନରକ୍ଷୀ ନିଲମ କୁମାର ମହାନ୍ତ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଜଳଯୋଗାଣର ବ୍ୟାନର ଝୁଲୁଛି, ହେଲେ ପାଣି ବାହାରୁ ନାହିଁ

ହାଟଡିହି:୨୭/୪ (ଅମୀୟ ବରାଳ) – ଏଇ କିଛିଦିନ ଧରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।ପ୍ରଚଣ୍ଡ ଖରାରେ ଗଡ଼ିଆ, ନାଳ, ନଳକୂପ ଶୁଖିଯାଇଛି। ଏଭଳି ସ୍ଥିତିରେ ପ୍ରତି ପଞ୍ଚାୟତ ପକ୍ଷରୁ ଛକ, ବଜାର ଓ ଗାଁ ଗୁଡ଼ିକରେ ଜଳଛତ୍ର ଖୋଲାଯାଇ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। କିନ୍ତୁ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ବାଲିବରେଇ ପଞ୍ଚାୟତ ବିଦ୍ୟାଧରପୁର ମୁକ୍ତେଶ୍ୱର ବଜାରରେ ପାନୀୟ ଜଳ ଯୋଗାଣର ବ୍ୟାନର ଟଙ୍ଗା ଯାଇଥିଲେ ବି ଜଳଯୋଗାଣ ହେଉନଥିବା ଦେଖିବାକୁ ମିଳିଛି। ବାଟୋଇ କିମ୍ବା ବଜାରକୁ ଆସୁଥିବା ଲୋକମାନେ ପାଣି ମିଳୁ ନଥୁବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟାଧରପୁର ମୁକ୍ତେଶ୍ୱର ବଜାର ଏକ ଜନଗହଳି ସ୍ଥାନ। ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ




ବଜାରରେ ପ୍ରବଳ ଭିଡ଼ ଲାଗି ରହିଥାଏ । ଏଠାରେ ବିଭିନ୍ନ ସ୍ଥାନକୁ ଯାତ୍ରୀବାହୀ ଗାଡ଼ିରେ ଯିବାକୁ ଲୋକେ ବଜାର ଛକରେ ଅପେକ୍ଷା କରିଥାନ୍ତି। ଏହାକୁ ନଜରରେ ରଖି ବଜାର ଛକରେ ଥଣ୍ଡା ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ତାହା କାମରେ ଲାଗୁ ନାହିଁ । ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ପାଣି ଯୋଗାଣ ହେଉଥିବା ନେଇ ବ୍ୟାନର ଟଙ୍ଗାଯାଇ ଉଲ୍ଲେଖ କରାଯାଇଛି। ମାତ୍ର ପାଣି ଟୋପେ ଆସୁ ନାହିଁ । କିନ୍ତୁ ଏବାବଦରେ ଟଙ୍କା ବ୍ୟୟ ବରାଦ ହୋଇଛି ।ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ପ୍ରଶାସନ ଓ ସରପଞ୍ଚ ଏଥିପ୍ରତି ଦୃଷ୍ଟିଦେଇ ଜଳ ଯୋଗାଣ କରିବା ଦାବି ହୋଇଛି। ଏନେଇ ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କୁ ପଚାରିବାରୁ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ପିକଅପ୍ ଭ୍ୟାନ୍ ବୁଲେଟ୍ ମଧ୍ୟରେ ମୁହାମୁହିଁ ଧକ୍କା

## ଜଣେ ମୃତ ଦୁଇ ଗୁରୁତର, ଘଟଣାସ୍ଥଳରୁ ପିକଅପ୍ ଗାଡ଼ି ଚାଳକ ଫେରାର

ହିଞ୍ଜିଳିକାଟୁ, ୨୭/୪(ଅବନି କାନ୍ତ ପଟ୍ଟନାୟକ) ହିଞ୍ଜିଳି ଥାନା ସାରୁ ଛକ ନିକଟରେ ତଥା ୫୯ ନଂ ଜାତୀୟ ରାଜପଥରେ ସୋମବାର ସକାଳ ୯ ଘଟିକା ସମୟରେ ପିକଅପ୍ ଭ୍ୟାନ୍ ବୁଲେଟ୍ ମଧ୍ୟରେ ମୁହାମୁହିଁ ଧକ୍କା ହୋଇଛି । ଫଳରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି ।ତେବେ ମୃତକ ଜଣଙ୍କ ହେଲେ ପୋଲସରା ବ୍ଲକ୍ ଅନ୍ତର୍ଗତ ମନ୍ଦାର ଗ୍ରାମର ସମିର ମଲ୍ଲିକ୍ (୨୫) ପିତା ମଦନ ମଲ୍ଲିକ୍ ଏବଂ ଅନ୍ୟ ଦୁଇ ଆହତ ଜଣକ ହେଲେ ରତ୍ନାକର ମଲ୍ଲିକ୍ ଏବଂ ପିଣ୍ଟୁ ବୋଲି ଜଣାପଡ଼ିଛି । ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଯାଇଥିବାର ସୂଚନା ମିଳିଛି । ଘଟଣାର ଖବର ପାଇ ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହ ଏହି ମାମଲାରେ ଏକ ୯ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ




କରିଥିବାର ସୂଚନା ମିଳିଛି ।ସୂଚନା ମୁତାବକ ସମିର ମଲ୍ଲିକ୍ ସୋମବାର ସକାଳ କୌଣସି କାର୍ଯ୍ୟରେ ଦୁଇ ଜଣ ସହଯୋଗୀଙ୍କ ସହିତ ନିଜ ବୁଲେଟ୍ ଗାଡ଼ି (ନଂ ଓଡି ୦୭ ଏ ଏଲ ୪୮୩୮) ଯୋଗେ ନିଜ ଗ୍ରାମ ମନ୍ଦାର ରୁ ବ୍ରହ୍ମପୁର ଅଭିମୁଖେ ବାହାରିଥିବା ବେଳେ ଅନ୍ୟ ପଟରୁ ଏକ ପିକଅପ୍ ଭ୍ୟାନ୍ (ଓଡ଼ି ୦୭ ବି ସି ୯୭୩୫) ବ୍ରହ୍ମପୁର ରୁ ହିଞ୍ଜିଳି ଅଭିମୁଖେ ଆସୁଥିବା ବେଳେ ସାରୁ ଛକ ନିକଟରେ ମୁହାମୁହିଁ ଧକ୍କା ହୋଇଥିଲା ଯାହା ଫଳରେ ପିକଅପ୍ ଭ୍ୟାନ୍ ଓଲଟିଯାଇଥିଲା ଏବଂ ଭ୍ୟାନ୍ ତଳେ ଚାପି ହୋଇ ସମିରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ଏବଂ ତାଙ୍କର ଅନ୍ୟ ଦୁଇ ଜଣ ସହଯୋଗୀ ଗୁରୁତର ଆହତ ହୋଇଥିଲେ ।ବର୍ତ୍ତମାନ ଆହତ ଦୁଇ ଜଣଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାର ସୂଚନା ମିଳିଛି। ଅନ୍ୟ ପଟରେ ପୋଲିସ ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ପୋଲିସ ଘଟଣାର ଅଧିକ ତଦନ୍ତ କରୁଥିବାର ଦେଖିବାକୁ ମିଳିଛି । ତେବେ ଦୁର୍ଘଟଣା ପରେ ଡ୍ରାଇଭର ଜଣଙ୍କ ଘଟଣାସ୍ଥଳରୁ ଚମ୍ପଟ ମାରିଥିବାର ପୋଲିସ ପକ୍ଷରୁ ସୂଚନା ମିଳିଛି। ତେବେ ବାରମ୍ବାର ଏହି ଅଞ୍ଚଳରେ ଏଭଳି ଦୁର୍ଘଟଣା ଘଟୁଥିବା ବେଳେ କେଉଁ କାରଣରୁ ଘଟୁଛି ତାହା ଅସ୍ପଷ୍ଟ ରହିଛି। ସପ୍ତାହ ଭିତରେ ଗଡ଼ିଲାଣି ୩ ଟି ମୁଣ୍ଡ , ପ୍ରଥମେ ସାରୁ ଛକ ନିକଟରେ ପଥଚାରୀ ଉପରେ ମାଡ଼ି ଯାଇଥିଲା ମୋଟରସାଇକଲ୍ ଫଳରେ ବୃଦ୍ଧ ବ୍ୟକ୍ତି ଜଣକର ମୃତ୍ୟୁ ଘଟିଥିଲା ଏବଂ ତାହାର ୨ ଦିନ ପରେ ପୋଟିଲିମା ଛକରେ ଘଟିଥିବା ସେହି ଛାତିଥରା ଦୁର୍ଘଟଣା ଯେଉଁଥିରେ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ଆଜି ପୁଣି ଆଉ ଏକ ଏଭଳି ଘଟଣା ଦେଖିବାକୁ ମିଳିଛି। ବାରମ୍ବାର ଏଭଳି ଦୁର୍ଘଟଣା ୫୯ ନଂ ଜାତୀୟ ରାଜପଥରେ କାହିଁକି ଘଟୁଛି ଏବଂ ଏହାକୁ କେମିତି ରୋକାଯାଇପାରିବ ସେ ଦିଗରେ ପ୍ରଶାସନ କଣ ଭୂମିକା ଗ୍ରହଣ କରିବ ତାହା ଦେଖିବାକୁ ରହିଲା।

## ସହରରେ ଅଗ୍ନିବର୍ଷା ଜନଜୀବନ ଅସ୍ତବ୍ୟସ୍ତ

ସମ୍ବଲପୁର ୨୭.୪ (ଦେବେନ୍ଦ୍ର ମିଶ୍ର ) ସମ୍ବଲପୁର ସମେତ ସମଗ୍ର ପଶ୍ଚିମାଞ୍ଚଳରେ ଗଲା ୧୦/୧୫ ଦିନ ହେବ ଅସହ୍ୟ ଗ୍ରୀଷ୍ମ ପ୍ରବାହର ପ୍ରକୋପରେ ସାଧାରଣ ଜୀବନ ଯାପନ ଅସ୍ତବ୍ୟସ୍ତ ହେଇପଡିଛି ।ସମ୍ବଲପୁରରେ ତାପମାତ୍ରା ୪୩%ରୁ ଅଧିକ ରହୁଥିବା ଏବଂ ଦିନ ଦ୍ୱିପ୍ରହରରେ ଏହାର ପ୍ରକୋପ ଯୋଗୁଁ ସମଗ୍ର ସହର ରେ ଅଘୋଷିତ କରଫିଉ ଭଳି ପରିସ୍ଥିତି ଥିବା ଦେଖିବାକୁ ମିଳୁଛି ।ଅସହ୍ୟ ଗରମ ଯୋଗୁଁ ଲୋକେ ଛାଇ ତଳ ଆଶ୍ରୟରେ ରହୁଥିବା ଦେଖିବାକୁ ମିଳୁଛି । ଜିଲ୍ଲା ପ୍ରଶାସନ ତରଫରୁ କୌଣସି ଜରୁରୀ କାମ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଉଛି ।ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଅଂଶୁଘାତର ସମ୍ଭାବନା ଥିବାରୁ ପାଣିପାଗ ବିଜ୍ଞାନ କେନ୍ଦ୍ର ତରଫରୁ ଜନସାଧାରଣ ଙ୍କୁ ସତର୍କ କରାଇ ଦିଆ ଯାଇଛି ।ଗତ କିଛିଦିନ ହେବ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୫ ବୋଲି ଅଭିଯୋଗ ହେଉଥିବାରୁ ଏହାର ସବ ବ୍ୟବଚ୍ଛେଦ ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଜିଲ୍ଲା ଚିକିତ୍ସା ଅଧିକାରୀ ପ୍ରକାଶ କରିଛନ୍ତି। ଏଭଳି ପରିସ୍ଥିତି ର ମୁକାବିଲା କରିବା ପାଇଁ ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ରେ ଆବଶ୍ୟକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ପ୍ରଶାସନ ତରଫରୁ ପ୍ରକାଶ କରାଯାଇଛି।

## ଆରମ୍ଭ ହେଲା ବୈଶାଖ ମେଳା

ପାଇକମାଳ ୨୭/୪ (ଅକ୍ଷର ଓଡିଶା )ବରଗଡ଼ ଜିଲ୍ଲାର ପ୍ରସିଦ୍ଧ ତୀର୍ଥ କ୍ଷେତ୍ର ନୃସିଂହନାଥ ମନ୍ଦିରରେ ସକାଳୁ ଦେବ ନିମନ୍ତ୍ରଣ ପରେ ଆରମ୍ଭ ହୋଇଛି ବୈଶାଖ ମେଳା, ଏହି ମେଳା ଅବସରରେ ବହୁ ଶ୍ରଦ୍ଧାଳୁ ନୃସିଂହନାଥଙ୍କୁ ଦର୍ଶନ ପାଇଁ ଉପସ୍ଥିତ ଥିଲେ। ବିଭିନ୍ନ ଜାଗାରୁ ଯେମିତି ଛତିଶଗଡ଼, ଓଡ଼ିଶା, ଝାରଖଣ୍ଡ ଓ ଆନ୍ଧ୍ରରୁ ନୃସିଂହନାଥ ଙ୍କୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଥିଲା। ଯାହାକି ଏହି ମେଳା ମେ ୧ ତାରିଖ ପର୍ଯ୍ୟନ୍ତ ଚାଲିବ ।ପ୍ରଶାସନ ପକ୍ଷରୁସୁରକ୍ଷା ବ୍ୟବସ୍ଥା ସହ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ ରାଖୀ ପ୍ରଶାସନ ପକ୍ଷରୁ ପାଣି, ପାର୍କିଂ ଓ ରହିବା ପାଇଁ ବ୍ୟବସ୍ଥା କରାଯାଇଛି।

## ନନ୍ଦପଡା ଶୀତଳଷଷ୍ଠୀ ଯାତ୍ରା କମିଟି ଗଠିତ

ସମ୍ବଲପୁର, ୨୭/୪ (ଅକ୍ଷର ଓଡିଶା ) ସମ୍ବଲପୁରର ସର୍ବପୁରାତନ ନନ୍ଦପଡା ଶୀତଳଷଷ୍ଠୀ ଯାତ୍ରା – ୨୦୨୬ ପାଇଁ ରବିବାର ନୂତନ କମିଟି ଗଠିତ ହୋଇଯାଇଛି । ଆଜି ସନ୍ଧ୍ୟାରେ ନନ୍ଦପଡା ସ୍ଥିତ ବାବା ବାଲୁଙ୍କେଶ୍ୱର ଙ୍କ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ସର୍ବ ସମ୍ମିତି କ୍ରମେ ନୂତନ କମିଟି ଗଠନ କରାଯାଇଛି । ଅମୂଲ୍ୟ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ନୂତନ କମିଟି ଗଠନ ପ୍ରକ୍ରିୟାରେ ସଭାପତି ରୂପେ ଫଣୀ ଭୂଷଣ ମିଶ୍ର, ଉପ ସଭାପତି ଆଶିଷ ବାବୁ, ରାଜୀବ ମାଝୀ, ସାଧାରଣ ସମ୍ପାଦକ ପ୍ରଭୁଦତ୍ତ ପଣ୍ଡା, ସହ ସମ୍ପାଦକ ବାଲଗୋପାଳ ନନ୍ଦ ଓ ଭବାନୀ ମିଶ୍ର, କୋଷାଧକ୍ଷ ଭୁବନ ମୋହନ ମିଶ୍ର, ସହ କୋଷାଧକ୍ଷ ଅଭାଶିଷ ମିଶ୍ର ଓ ସ୍ୱରୂପ ପାଢ଼ୀ, ସାଂସ୍କୃତିକ ସମ୍ପାଦକ ସୁମନ ସାଗର ମିଶ୍ର, ସହ ସାଂସ୍କୃତିକ ସମ୍ପାଦକ ନିହାର ମିଶ୍ର, ଗଣମାଧ୍ୟମ ସଂଯୋଜକ ବିରାଜ କୁମାର ମିଶ୍ର, ସହ ଗଣମାଧ୍ୟମ ସଂଯୋଜକ ସନତ ନନ୍ଦ ଙ୍କୁ ନିଯୁକ୍ତ କରାଯାଇଛି । ମୁଖ୍ୟ ସଂଯୋଜକ ରୂପେ ଦିଲୀପ ମିଶ୍ର ଏବଂ ସଂଯୋଜକ ରୂପେ ସନ୍ତୋଷ ମିଶ୍ର ରହିଛନ୍ତି । ସେହିଭଳି ପରାମର୍ଶଦାତା କମିଟିରେ ଜୟନାରାୟଣ ମିଶ୍ର, ଗୋପାଳ ପ୍ରଷେଠ, ନିଗମାନନ୍ଦ ମିଶ୍ର, ଚକ୍ରଧର ମିଶ୍ର, ଅମୂଲ୍ୟ ମିଶ୍ର, ପ୍ରଶାନ୍ତ ବରାଇ, ପ୍ରଫୁଲ୍ଲ ହୋତା, ସନ୍ତୋଷ ମିଶ୍ର, ରଞ୍ଜିତ ମିଶ୍ର, ଶିବ ମିଶ୍ର, ସୁନୀଲ ତ୍ରିପାଠୀ, ବିବେକା ମିଶ୍ର, ସୁରେଶ୍ୱର ମିଶ୍ର, ଆଶିଷ ବରାଇ ଏବଂ ସଞ୍ଜୀବ ମାଝୀଙ୍କୁ ଦାୟିତ୍ୱ ଦିଆଯାଇଛି । ନୂତନ କମିଟି ଗଠନ ପରେ ଆଗାମୀ ଶୀତଳଷଷ୍ଠୀ ଉତ୍ସବ ନିମନ୍ତେ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।

## କେଗାଁ ମଣ୍ଡଳରେ 'ମନ କି ବାତ' କାର୍ଯ୍ୟକ୍ରମର ସଫଳ ରୂପାୟନ

# ଶତ ପ୍ରତିଶତ ସଫଳତାର ସହ ଅଂଶଗ୍ରହଣ



ଗୋଲାମୁଣ୍ଡା, ୨୭।୦୪( ପଙ୍କଜ ସାହୁ ): ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କେଗାଁ ମଣ୍ଡଳରେ ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ' କାର୍ଯ୍ୟକ୍ରମର ୧୩୩ତମ ଅଧ୍ୟାୟକୁ ଶତ ପ୍ରତିଶତ ସଫଳତାର ସହ ଲୋକମାନେ ଶୁଣିଛନ୍ତି ଏବଂ ଦେଖିଛନ୍ତି। ଭାରତୀୟ ଜନତା ପାର୍ଟି କେଗାଁ ମଣ୍ଡଳର ପ୍ରଭାରୀ ଦାୟିତ୍ୱରେ ଥିବା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ଏହି ମଣ୍ଡଳର ୪୧ଟି ବୁଥରେ ଶତ ପ୍ରତିଶତ କାର୍ଯ୍ୟକ୍ରମ ସଫଳ ହୋଇଛି ।ସୂଚନାମତେ, ଜିଲ୍ଲା ରେ ପାଞ୍ଚଗୋଟି ନିର୍ବାଚନ ମଣ୍ଡଳୀ ରହିଥିବା ବେଳେ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ରେ ୨୯୬ ଟି ବୁଥ ଓ ଜୁନାଗଡ଼ ୨୭୫,ଭବାନୀପାଟଣା ୨୬୯,ନର୍ଲା ୨୭୯,ଧର୍ମଗଡ଼ ୨୯୪ ସମୁଦାୟ ୧୪୧୩ଟି ବୁଥ ରହିଛି ।ଏହି ପରିପ୍ରେକ୍ଷୀରେ ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ର ଗୋଲାମୁଣ୍ଡା ବ୍ଲକ ରେ ୧୧୩ଗୋଟି ବୁଥ ରହିଛି । ଗୋଲାମୁଣ୍ଡା ମଣ୍ଡଳ ରେ ୩୫ଗୋଟି ବୁଥ , ଦଶପୁର ମଣ୍ଡଳ ୩୭ଗୋଟି ବୁଥ ଓ କେଗାଁ ମଣ୍ଡଳ ରେ ୪୧ଗୋଟି ବୁଥ ରହିଛି । ଗୋଲାମୁଣ୍ଡା ବ୍ଲକ କେଗାଁ ମଣ୍ଡଳରେ ସର୍ବମୋଟ ୧୦ଟି ଗ୍ରାମ ପଞ୍ଚାୟତ ଏବଂ ୪୧ଟି ବୁଥ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୩ତମ 'ମନ କି ବାତ' କାର୍ଯ୍ୟକ୍ରମକୁ ଏହି ୪୧ଟି ଯାକ ବୁଥରେ ଶହେ ପ୍ରତିଶତ କାର୍ଯ୍ୟକାରୀ କରାଯାଇଛି। ଏହି ଅଞ୍ଚଳର ସମସ୍ତ ଜନସାଧାରଣ ଓ ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତା ନିଷ୍ଠାର ସହିତ ଏହି କାର୍ଯ୍ୟକ୍ରମକୁ ଶୁଣିବା ଓ ଦେଖିବା ସହ ଏହାକୁ ସରଳ ଆପ୍‌ରେ ମଧ୍ୟ ସବିଶେଷ ସୂଚନା ଓ ଫଟୋ ଅପଲୋଡ୍ କରିଛନ୍ତି। ଏନେଇ ଏହି ସଫଳତା ପଛରେ ଆମ ଦଳର ସାଙ୍ଗଠନିକ ଶକ୍ତି ଓ କାର୍ଯ୍ୟକର୍ତ୍ତାଙ୍କ ଉତ୍ସର୍ଗୀକୃତ ଭାବନାକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ମହାନନ୍ଦ ମତ ପ୍ରକାଶ କରିଛନ୍ତି। ଏନେଇ ମଣ୍ଡଳ ପ୍ରଭାରୀ ତଥା ରାଜ୍ୟ ଯୁବ କାର୍ଯ୍ୟ କାରିଣୀ ସଦସ୍ୟ ବିନ୍ଦୁ ମହାନନ୍ଦ, ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ଜୟନ୍ତ ସିଂ ଓ ମନୋଜ ଅଗ୍ରୱାଲ,ବରିଷ୍ଠ ବିଜେପି ଯୁବ କାର୍ଯ୍ୟକର୍ତ୍ତା ବିଶିକେଶନ ଜ୍ୟୋତିଷ ପ୍ରମୁଖ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ଦେଖିବା ଓ ଶୁଣିବା ପରେ ଏହି ଅଞ୍ଚଳର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବେଶ୍ ପ୍ରଶଂସା କରିଛନ୍ତି।

## ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଜରୁରୀ ଚିକିତ୍ସା ନ ପାଇ ମୃତ

ପାରଳାଖେମୁଣ୍ଡି, ୨୭/୪(ତାରିଣୀ ପ୍ରସାଦ ପଣ୍ଡା ): ଏକ ସଡ଼କ ଦୁର୍ଘଟଣାରେ ଅତ୍ୟନ୍ତ ଗୁରୁତର ହୋଇ ଜରୁରୀ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାକୁ ନିଆ ଯାଇଥିଲା. ହେଲେ ଡାକ୍ତରଖାନାରେ ତାଲା ପଡ଼ିଥିବା ଯୋଗୁଁ ଚିକିତ୍ସା ନ ପାଇ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ. ଏହି ଘଟଣା ନେଇ ସମ୍ପୃକ୍ତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଅଞ୍ଚଳବାସୀ ଉଚିତ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଆନ୍ଦୋଳନପନ୍ଥା ହାତକୁ ନେଇଥିବା ଦେଖା ଦେଇଛି. ଗଜପତି ଜିଲ୍ଲାର ଗୋଷାଣି ବ୍ଲକ ଅନ୍ତର୍ଗତ ଗାରାବନ୍ଧ ଗ୍ରାମ ଠାରେ ଥିବା ପ୍ରାଥମିକ ଚିକିତ୍ସାଳୟରେ ଏଭଳି ଆନ୍ଦୋଳନ ଗତକାଲି ଦେଖିବାକୁ ମିଳିଥିଲା. ଅଞ୍ଚଳବାସୀ ସ୍ଥାୟୀ ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ତୁରନ୍ତ ନିଯୁକ୍ତି ଦାବୀରେ ତିନିଘଣ୍ଟିଆ ଅନଶନ ଆନ୍ଦୋଳନ କରିଥିଲେ । ଅନଶନକାରୀମାନେ ଏହି ଚିକିତ୍ସା କେନ୍ଦ୍ରରେ ଗତ ଆଠ ମାସହେଲା ସମ୍ପୂର୍ଣ୍ଣ ଏଲୋପଥି ଚିକିତ୍ସା ବନ୍ଦ ହୋଇଯାଇଥିବା ଏବଂ ଏନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଠାରେ ଗୁହାରୀ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ସୂଚନା ପ୍ରକାରେ ଗାରାବନ୍ଧ ପ୍ରାଥମିକ ଚିକିତ୍ସାଳୟ ଉପରେ ଉଭୟ ଗୋଷାଣି ଓ ରାୟଗଡ ବ୍ଲକର ୬୦ ଗୋଟି ଗ୍ରାମର ଗ୍ରାମବାସୀମାନେ ନିର୍ଭର କରିଥାନ୍ତି । ହେଲେ ଗତ ଆଠ ମାସ ପୂର୍ବେ ଏଠାକାର କାର୍ଯ୍ୟରତ ଡାକ୍ତର ଓ ଫାର୍ମାସିଷ୍ଟ ସେବାନିବୃତ୍ତ ହୋଇଥିଲେ । ତେବେ ଗତ ଏକ ମାସ ପୂର୍ବେ ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲେ ସୁଦ୍ଧା ଫାର୍ମାସିଷ୍ଟଙ୍କୁ ନିଯୁକ୍ତ ଦିଆଯାଇନାହିଁ । ଏଥିସହ ଗତକାଲି ଏହି ଅଞ୍ଚଳର ଜଣେ ସଡକ ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିଲେ । ତାଙ୍କୁ ତୁରନ୍ତ ଏହି ଚିକିତ୍ସାଳୟକୁ ଅଣା ଯାଇଥିଲା । ହେଲେ ଏଠାରେ ତାଲା ପଡିଥିବା ଏବଂ ପ୍ରାଥମିକ ଚିକିତ୍ସା ସେବା ନପାଇବା ଯୋଗୁଁ ତାଙ୍କ ପ୍ରାଣବାୟୁ ଉଡିଯାଇଥିବାକୁ ନେଇ ମଧ୍ୟ ଲୋକେ ଅଭିଯୋଗ କରିଛନ୍ତି । ତେଣୁ ଏଠାରେ ସ୍ଥାୟୀ ଡାକ୍ତର ଓ ଫାର୍ମାସିଷ୍ଟ୍ ଆଗାମୀ ସପ୍ତାହ ମଧ୍ୟରେ ନିଯୁକ୍ତ ନକଲେ ତୀବ୍ର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ଏବଂ ଆନ୍ଦୋଳନ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ଦାୟୀ ରହିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

## ଜନଗଣନା କାର୍ଯ୍ୟରେ ଥିବା ବେଳେ ଶିକ୍ଷକଙ୍କ ଅକାଳ ବିୟୋଗ

## ସୁନ୍ଦରଗଡ଼ ଗୁରୁଣ୍ଡିଆରେ ଶୋକାକୁଳ ପରିବେଶ

ସୁନ୍ଦରଗଡ଼: ୨୭/୦୪ (ଅକ୍ଷର ଓଡିଶା )ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ଜଣେ ଯୁବ ଶିକ୍ଷକଙ୍କ ଅକାଳ ବିୟୋଗ ଘଟିଛି । ମୃତ ଶିକ୍ଷକ ଜଣକ ହେଲେ ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଜାରଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନୁରାଗ ଏକ୍କା (୩୨) । ତାଙ୍କର ଏଭଳି ଅକାଳ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଏହି ସମୟରେ ଶିକ୍ଷକ ଅନୁରାଗ ଏକ୍କା ତାଙ୍କୁ ମିଳିଥିବା ଦାୟିତ୍ୱ ଅନୁଯାୟୀ କ୍ଷେତ୍ରକୁ ଯାଇ ଜନଗଣନା କାର୍ଯ୍ୟ କରୁଥିଲେ । କାର୍ଯ୍ୟରେ ଥିବା ସମୟରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ । ପ୍ରାଥମିକ ଚିକିତ୍ସା ପରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିନଥିଲା ଏବଂ ଶେଷରେ ତାଙ୍କର ଦେହାନ୍ତ ହୋଇଛି । ପ୍ରବଳ ଖରାରେ କାମ କରୁଥିବା ବେଳେ ହିଟ୍‌ଷ୍ଟ୍ରୋକ୍ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି ।ଶିକ୍ଷକଙ୍କ ଏପରି ଅକାଳ ବିୟୋଗ ଶିକ୍ଷକ ସମାଜ ପାଇଁ ଏକ ବଡ଼ କ୍ଷତି । ତାଙ୍କ ପରିବାର ପ୍ରତି ସମସ୍ତେ ସମବେଦନା ଜଣାଇଛନ୍ତି । ଏହି ଘଟଣା ପରେ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ସୁରକ୍ଷା ଏବଂ ସେମାନଙ୍କ ପାଇଁ ସରକାରୀ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ନେଇ ଚର୍ଚ୍ଚା ଜୋର ଧରିଛି ।

## ଗୋ ସମ୍ମାନ ଦିବସ ଘୋଷଣା ଦାବିରେ ତହସିଲଦାରଙ୍କୁ ଦାବୀପତ୍ର ପ୍ରଦାନ

ଆସିକା୨୭/୦୪(ଅକ୍ଷର ଓଡ଼ିଶା) : ଗଞ୍ଜାମ ଜିଲ୍ଲା ଆସିକା ତହସିଲ ଅଂଚଳର ଗୋ ସେବକ ଭକ୍ତ ମାନେ ବାଲୁଙ୍କେଶ୍ୱର ମନ୍ଦିରରୁ ଏକ ନାମ ସଂକୀର୍ତନରେ ବାହାରି ଗୋ ମାତାର ସୁରକ୍ଷା ଦେବା, ଗୋ ମାତାକୁ ସମ୍ମାନ ଦେବା ଓ ଗୋ ମାତାର ସେବା କରିବାକୁ ହେବ ବୋଲି ଉପସ୍ଥିତ ଗୋ ଭକ୍ତ ମାନେ ମତ ରଖିଥିଲେ । ଏଥି ସହିତ ରାଷ୍ଟ୍ରରେ ଗୋ ସମ୍ମାନ ଦିବସ ଘୋଷଣା ଦାବୀ ନେଇ ମହାମହିମ ରାଷ୍ଟ୍ରପତି, ଦେଶର ପ୍ରଧାନମନ୍ତ୍ରୀ, ରାଜ୍ୟ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ୦୪ ଗୋଟି ଦାବୀ ପତ୍ର ସହିତ ହଜାର ହଜାର ସଂଖ୍ୟକ ଦସ୍ତଖତ ପତ୍ର ର ନକଲ ଆସିକା ତହସିଲଦାର ସଂଗୀତା ସେନଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସାଧୁ ସନ୍ଥ, ଗୋ ସେବକ ଭକ୍ତ, ଆଇନଜୀବି, ସାମ୍ବାଦିକ ଯୋଗ ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ହରିହର ପାଢ଼ୀଙ୍କ ସଂଯୋଜନାରେ ସାମ୍ବାଦିକ ଯୋଗେନ୍ଦ୍ର ନାଥ ପ୍ରଧାନ, ବିମ୍ବାଧର ପାତ୍ରଙ୍କ ନେତୃତ୍ୱ ରେ ପ୍ରଶାନ୍ତ କୁମାର ଦାସ, ବ୍ରଜବନ୍ଧୁ ଆଚାରୀ, ବୃନ୍ଦାବନ ବେହେରା, ଭେଙ୍କଟରମଣ ପାତ୍ର, କାଉନସିଲର ରାଘବ ସିଅ,ଶିବ ରାମ ମହାରଣା,ରାଧାକୃଷ୍ଣ ପାଣିଗ୍ରାହୀ,ପ୍ରମୋଦ କୁମାର ମହାନ୍ତି,ସୁରେଶ ବିଷୋୟୀ, ଅନିଲ ସ୍ୱାଇଁ, ମଳୟ ସ୍ୱାଇଁ, ରବୀନ୍ଦ୍ର ଆଚାରୀ, ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଭାରତ ସରକାର ଯଥାଶୀଘ୍ର ଏହି ଦାବୀ ନଶୁଣିଲେ ଆଗାମୀ ଜୁଲାଇ ୨୭ ତାରିଖ ରେ ପୁଣି ଗୋ ଭକ୍ତ ମାନେ ରାଜ ରାସ୍ତା କୁ ଓହ୍ଲାଇବେ ବୋଲି କୁହାଯାଇଛି ।

## ଗୋ-ସୁରକ୍ଷା ଆଇନ ପ୍ରଣୟନ ଦାବିରେ

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ

ପାରଳାଖେମୁଣ୍ଡି, ୨୭/୪(ତାରିଣୀ ପ୍ରସାଦ ପଣ୍ଡା ): ଗୋ -ସୁରକ୍ଷା ଆଇନ ପ୍ରଣୟନ ଦାବିରେ ଆଜି ଗଜପତି ଜିଲ୍ଲା ମହକୁମା ପାରଳାଖେମୁଣ୍ଡି ସହରରେ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରି ପାରଳା ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା. ଗଜପତି ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ଗୋ -ସୁରକ୍ଷା ସମିତି ମିଳିତ ଆନୁକୂଲ୍ୟରେ ପାରଳାଖେମୁଣ୍ଡି ଗୁଣ୍ଡିଚା ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରା। ଗୋହତ୍ୟାକୁ ସମ୍ପୂର୍ଣ ବନ୍ଦ ଏବଂ ଗୋମାତାର ସୁରକ୍ଷା ପାଇଁ ଆଇନ ପ୍ରଣୟନ ଆଦି ଦାବିରେ ସହର ପରିକ୍ରମା କରି ତହସିଲ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦଶନ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ ।



## କ୍ଷମତା ମୋହ, ଆତ୍ମପ୍ରଚାରରେ ବୁଡିଛନ୍ତି ବିଧାୟକ

# କାନ କୁହାଙ୍କ ପାଇଁ ବିନାଶ ପଥରେ କବିସୂର୍ଯ୍ୟନଗର

କବିସୂର୍ଯ୍ୟନଗର, ୨୭/୪(ବିବେକାନନ୍ଦ ସାହୁ) :କବିସୂର୍ଯ୍ୟନଗରରେ ମାଟିକୁ ଛାଡି ପାର୍ଟି ପଛରେ ଦୌଡୁଥିବା ନେତାଙ୍କ ଆତ୍ମପ୍ରଚାର ସାଙ୍ଗକୁ କ୍ଷମତା ମୋହ ଆଜି କବିସୂର୍ଯ୍ୟନଗର ବିକାଶରେ ବାଧକ ସାଜିଛି। ଓଡ଼ିଶାରେ ସରକାର ବଦଳିବାର ଦୁଇ ବର୍ଷ ପରେ ମଧ କବିସୂର୍ଯ୍ୟନଗର ସହର କଦର୍ଯ୍ୟ ଅବସ୍ଥାରେ ଗତି କରୁଛି। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ସହର ଏନଏସି ରୁ ମୁନ୍ସିପାଲଟି ଘୋଷଣା ହେଲା ହେଲେ ଲୋକଙ୍କ ସମସ୍ୟା ବଢିଲା। ଅହଂକାରରେ ବୁଡ଼ିଥିବା ନେତାଙ୍କ ହୀନମାନ୍ୟତା ରାଜନୀତି ପାଇଁ କବିସୂର୍ଯ୍ୟନଗରରେ ବିକାଶ ଆଣ୍ଟେଇଛି। କଥାକୁହା କପିଳା ଭଳି ବିକାଶ ପ୍ରତିଶୃତି ତାରିଖ ପରେ ତାରିଖ ଗଡୁଛି। ପୁରା ସହର ସାରା ରାସ୍ତାର ଅବସ୍ଥା ଅତି ଶୋଚନୀୟ, ସରକାର ବଦଳିବା ପରେ ଆଗେଇ ପାରୁନି କାମ, ଠିକା କାମକୁ ନେଇ ବିବାଦରେ କବିସୂର୍ଯ୍ୟନଗର ରାଜନୀତି, ହେଲେ ବିଗତ ଦିନରେ ଦୁଇ ମାସ ମଧ୍ୟରେ ବିକାଶ ସରିବ କହୁଥିବା ବିଧାୟକଙ୍କ ପ୍ରତିଶୃତି ଏବେ ଧୂଆଁବାଣ ହୋଇଛି। ଯାହା ଦେଖାଯାଉଛି କବିସୂର୍ଯ୍ୟନଗର ୱାର୍ଡ ନଂ ୬,୭,୯,୧୪,୧୮, ସମେତ ପ୍ରାୟ ସବୁ ସାହିର ରାସ୍ତା ଏମିତି ରହିଛି ଯେ ଯାତାୟାତ ରେ ଅସନ୍ତୋଷ ଦେଖାଦେଇଛି। ରାସ୍ତା ଅବସ୍ଥା କୁ ନେଇ ବିଭିନ୍ନ ୱାର୍ଡ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ଏହି ପରିପ୍ରେକ୍ଷିରେ ନିକଟରେ କିଛି ରାସ୍ତା କାମ ପାଇଁ ଟେଣ୍ଡର ବିଜ୍ଞପ୍ତି ପରେଦେଲି ମାନଙ୍କ ମଧ୍ୟରେ ଛକା ପଞ୍ଝା ଲାଗିରହିଛି। ଯାହା ଦ୍ୱାରା ଟେଣ୍ଡର ବିବାଦରେ ଅଟକିଗଲା ରାସ୍ତା ନିର୍ମାଣ ବିକାଶ।



## ଗଜପତି ପୋଲିସର ସଫଳତା

### ପାହାଡର ମାଟି ତଳେ ଲୁଚାଇ ରଖିଥିବା ୪ କୋଟି ଟଙ୍କାର ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି, ୨୭/୪(ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲା ଆର. ଉଦୟଗିରି ପୋଲିସକୁ ଏକ ବଡ଼ ସଫଳତା ମିଳିଛି. ଦୁର୍ଗମ ଘାଟି ଓ ପାହାଡ଼ର ମାଟିରେ ପୋତି ଅତ୍ୟନ୍ତ ଗୋପନୀୟ ଭାବେ ଲୁଚାଇ ରଖିଥିବା ୪ କୋଟିରୁ ଉର୍ଦ୍ଧ ଟଙ୍କାର ଗଞ୍ଜେଇକୁ ପୋଲିସ ଜବତ କରିଛନ୍ତି. ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆର. ଉଦୟଗିରି ଏସଡିପିଓ ରାକେଶ କୁମାର ସାହୁ ଆଇପିଏସଙ୍କ ନେତୃତ୍ୱରେ ପୋଲିସ ଆର. ଉଦୟଗିରି ଥାନା ଅଞ୍ଚଳର ମାଣିକପୁର ଓ ଡାଳିମ୍ବପୁର ଗ୍ରାମରେ ଚଢାଉ କରିଥିଲେ. ଖାନତଲାସୀ ସମୟରେ ପାହାଡ ତଳୁ ମାଟି ଖୋଳି ଲୁଚାଇ ରଖିଥିବା ଗଂଜେଇ ଜବତ କରିଛନ୍ତି ।ଏଥିରେ ପୋଲିସ ମାଟି ତଳୁ ୪୧୩ କିଲୋର ଗଂଜେଇ ଜବତ କରିଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ କୋଟିରୁ ଉର୍ଦ୍ଧ ଟଙ୍କା ହେବ ବୋଲି ସୂଚନା ମିଳିଛି. ଘଟଣା ନେଇ ଆର. ଉଦୟଗିରି ପୋଲିସ ଥାନାରେ କେଶ ନଂ ୬୨/୩୬ ରେ ଏକ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣା ପଡିଛି.

## ସତ୍ୟସାଇ ସେବା ସମିତି ପକ୍ଷରୁ ଥଣ୍ଡା ପାନୀୟ ବିତରଣ କାର୍ଯ୍ୟକ୍ରମ



ସୁବର୍ଣ୍ଣପୁର: ୨୭ ।୪(ଅକ୍ଷରଓଡିଶା) ଗତ ଶୁକ୍ରବାର ଦିନ ସତ୍ୟସାଇ ଆରାଧନା ମହୋତ୍ସବ ଉପଲେକ୍ଷେ ଶ୍ରୀ ସତ୍ୟ ସାଇ ସେବା ସମିତି, ସୋନପୁର ସମିତି ତରଫରୁ ପ୍ରଚଣ୍ଡ ସୂର୍ଯ୍ୟ ତାପ ଦାଉରୁ ଲୋକମାନଙ୍କୁ କିଛିମାତ୍ରାରେ ରକ୍ଷା ଓ ଅଂଶୁଘାତ ରୁ ବଞ୍ଚାଇବା ପାଇଁ ସୁବର୍ଣ୍ଣପୁର ଅସ୍ଥାୟୀ ଉଷ୍ଣାଣ୍ଡ ଓ ଜିଲ୍ଲା ଚିକିତ୍ସାଳୟ ସୋନପୁର ଠାରେ ଏକ ଜଳଛତ୍ର (ଥଣ୍ଡା ଦହି ସର୍ବତ) ର ବ୍ୟବସ୍ଥା କରା ଯାଇଥିଲା। ଏହି ଜଳଛତ୍ର ଟି ସତ୍ୟ ସାଇବାବା ଭଗବାନଙ୍କ ଆଦେଶ କ୍ରମେ ଓ ସୂର୍ଯ୍ୟନାରାୟଣ ମହାପାତ୍ର ମହୋଦୟ ଜିଲ୍ଲା ସଭାପତି, ସୁବର୍ଣ୍ଣପୁର ଜିଲ୍ଲା ସାଇ ସଂଗଠନ, ସୁବର୍ଣ୍ଣପୁର ଙ୍କ ପ୍ରଚେଷ୍ଟା ଓ ଅନ୍ୟ ସମସ୍ତ ସାଇ ଚରଣ ଆଶ୍ରିତ ସମିତିସଭ୍ୟଙ୍କ ସହାୟତା ଦ୍ୱାରା ପୂର୍ଣ୍ଣ ମାତ୍ରା ରେ ଲୋକଙ୍କୁ ସେବା ପ୍ରଦାନ କରିବା ପାଇଁ ଚେଷ୍ଟା କରା ଯାଇଥିଲା। ସମସ୍ତଙ୍କୁ ଭଲ ପାଅ ଓ ସମସ୍ତଙ୍କ ସେବା କର ଏହି ଲକ୍ଷ୍ୟ ରେ ଅଗ୍ରସର ହେବାକୁ ସେବକମାନଙ୍କୁ ପରାମର୍ଶ ଦିଆ ଯାଇଥିଲା ।

## କିଡନୀ ପୀଡ଼ିତ ରୋଗୀଙ୍କୁ ସହାୟତାର ହାତ ବଢ଼ାଇଲେ ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ଓ ସାମ୍ବାଦିକ

# ସହାୟତା ଅପେକ୍ଷାରେ କିଡ଼ନୀ ରୋଗୀ

ବୋଲଗଡ଼, ୨୬/୦୪(ଯଦୁନାଥ ସାମନ୍ତରାୟ ): ଅକ୍ଷର ଓଡିଶା ଖବର କାଗଜରେ ଖବର ପ୍ରସାରଣ ହେବା ପରେ କିଡନୀ ରୋଗରେ ପୀଡ଼ିତ ରୋଗୀକୁ ସହାୟତା କରି ମାନବିକତାର ଉଦାହରଣ ସାଜିଲେ ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ବାସୁଦେବ ସାହୁ ଓ ସାମ୍ବାଦିକ ମାନସ କୁମାର ସାହୁ । ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ମାନସ କୁମାର ସାହୁ ସହାୟତାର ହାତ ବଢ଼ାଇ ରୋଗୀଙ୍କ ପାଇଁ ଆଶାର କିରଣ ପାଲଟିଛନ୍ତି । ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ବାସୁଦେବ ସାହୁ ଓ ବୋଲଗଡ଼ - ବେଗୁନିଆ ବିଧାୟକ ପାର୍ଥ ପ୍ରକାଶ ଚନ୍ଦ୍ର ରଣବିଜୁଳି ଆଗେଇ ଆସି ସହାୟତାର ହାତ ବଢ଼ାଇ ଥିବାବେଳେ ଚିକିତ୍ସା ଖର୍ଚ୍ଚ, ଡାଇଲିଶିଷ ସହ କିଡ଼ନୀ ପ୍ରତିରୋପ ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ରୁ ଆର୍ଥିକ ସହାୟତା ଓ ଆବଶ୍ୟକ ପଡିଲେ ସେ ସମ୍ପୂର୍ଣ ସହଯୋଗ କରିବା ନିମନ୍ତେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ବୋଲଗଡ଼ ବ୍ଲକରେ 'ନେତା ମକ୍ଷଳମକ୍ଷଳା ରାଜନୀତି ପ୍ରବଳ, ଲୋକମାନଙ୍କ ସେବା କ୍ଷେତ୍ରରେ ଦୁର୍ବଳ 'ବୋଲି ସାଧାରଣରେ ଚର୍ଚ୍ଚ ହେଉଛି !



**ଦୁଇ କିଡ଼ନୀ ଅକାମି ପାଠ ଛାଡି କାମକୁ ଯାଉଛି ପୁଅ**

ବୋଲଗଡ ବ୍ଲକ ବୋଲଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମର୍ଦାବାଡ଼ି ଗ୍ରାମର ପ୍ରସନ୍ନ ବେହେରା (୪୦) ନାମକ ଜଣେ ଯୁବକ କିଡନି ରୋଗରେ ପିଡ଼ିତ ହୋଇଛନ୍ତି। ସେ ଦୀର୍ଘଦିନ ହେବ ଦିନ ମଜୁରିଆ ଭାବେ କାମ କରୁଥିଲେ । ପରିବାରର ଏକ ମାତ୍ର ରୋଜଗାର କ୍ଷମ ହୋଇ ଥିବାରୁ ପରିବାରପ୍ରତିପୋଷଣ ପାଇଁ ଅର୍ଥ ଅଭାବ ଦେଖା ଦେଇଛି। ମାଡ଼ି ବସିଛି ରୋଗ। ଦୁଇ କିଡ୍‌ନୀ ଅକାମୀ। ରୋଗପାଇଁ ଯାଇଛି ରୋଜଗାର । ଔଷଧ କିଣିବାକୁସମ୍ବଳ ନାହିଁ । ରାତି ପାହିଲେ ଗୋଟିଏ ଚିନ୍ତା ପରିବାର ଚଳିବ କେମିତି ଏଭଳି ସ୍ଥିତିରେ ଦହଗଞ୍ଜ ହେଉଛନ୍ତି ! ବାପାଙ୍କ ଏପରି ଅବସ୍ଥା ଦେଖି ପାଠପଢ଼ା ବୟସର ପୁଅ ବାଧ ହୋଇ କାଠ କାମ କରିବାକୁ ଯାଉଛି।।ତାଙ୍କର ଗୋଟିଏ ପୁଅ ଏବଂ ଗୋଟେ ଝିଅ ସେମାନେ ପାଠ ପଢୁଛନ୍ତି ରୋଜଗର କ୍ଷମ ହେଇ ନଥିବା ବେଳେ ପ୍ରସନ୍ନଙ୍କ ଚିକିତ୍ସା ପାଇଁ ଅର୍ଥ ମିଳିବା ବହୁ କଷ୍ଟସାଧ ହୋଇ ପଡ଼ିଛି। ତେବେ ସପ୍ତାହକେ ତିନି ଥର ଡାଇଲେସିସ ହେଉଥିବା ପ୍ରସନ୍ନଙ୍କ ଅର୍ଥାଭାବରୁ ଚିକିତ୍ସାରେ ସମସ୍ୟା ହେଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ବାସୁଦେବ ସାହୁ ଓ

## ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଅସ୍ୱଚ୍ଛତା

ପଦ୍ମପୁର, ୨୭/୪: (ଅକ୍ଷର ଓଡିଶା )ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଅସ୍ୱଚ୍ଛତା ନେଇ ଚିନ୍ତା ବଢ଼ିଛି। ଏହି ହସ୍ପିଟାଲକୁ ଦୂରଦୂରାନ୍ତରୁ ରୋଗୀମାନେ ଚିକିତ୍ସା ପାଇଁ ଆସୁଥିବା ବେଳେ, ହସ୍ପିଟାଲ ପରିସରରେ ଜମା ହୋଇଥିବା ଆବର୍ଜନା ଗୁରୁତର ସମସ୍ୟା ସୃଷ୍ଟି କରିଛି ।ଚତିଶଗଡ଼ର ସରାଇପାଳି ଓ ବସନା ଅଞ୍ଚଳ ସହିତ ଝାରବନ୍ଧ, ପାଇକମାଲ, ପଦମ୍ପୁର, ଗାଇସିଲାଟ ଓ ସୋହେଲା ବ୍ଲକରୁ ମଧ୍ୟ ବହୁ ସଂଖ୍ୟକ ରୋଗୀ ଏଠାକୁ ଆସୁଛନ୍ତି। କିନ୍ତୁ ହସ୍ପିଟାଲର ଭିତରେ ଓ ବାହାରେ ବିଭିନ୍ନ ସ୍ଥାନରେ ଆବର୍ଜନା ଛିଟିଏଇ ପଡ଼ିଥିବା ଦୃଶ୍ୟ ଦେଖିବାକୁ ମିଳୁଛି ।ଏହି ଅସ୍ୱଚ୍ଛ ପରିବେଶ ରୋଗ ପ୍ରସାରଣର ମୁଖ୍ୟ କାରଣ ହୋଇପାରେ ବୋଲି ବୁଦ୍ଧିଜୀବୀ ଓ ରୋଗୀମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ସ୍ଥାନୀୟ ଲୋକମାନେ ଏହା ପ୍ରତି ଗଭୀର ଅସନ୍ତୋଷ ଜଣାଇଥିବା ବେଳେ, ଶୀଘ୍ର ପ୍ରଶାସନଙ୍କ ଦୃଷ୍ଟିଆକର୍ଷଣ ଓ ସଫା-ସୁଥା ପାଇଁ ଦାବି କରିଛନ୍ତି ।



## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ବଲାଙ୍ଗିର୨୭. ୪ ( ଦେବେନ୍ଦ୍ର) : ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅନ୍ତର୍ଗତ ଝରଣୀ ପଞ୍ଚାୟତର ନୂଆପଡା ଗାଁରେ ଏକ ଭାଲୁ ଆକ୍ରମଣ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଶୌଚ ପାଇଁ ଘରୁ ବାହାରିଥିବା ଜଣେ ବ୍ୟକ୍ତିଙ୍କୁ ଭାଲୁ ଆକ୍ରମଣ କରି ଗୁରୁତର ଆହତ କରିଥିବା ସୂଚନା ମିଳିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସକାଳ ସମୟରେ ପୀଡ଼ିତ ବ୍ୟକ୍ତି ଗାଁ ନିକଟସ୍ଥ ଜଙ୍ଗଲ ଅଞ୍ଚଳକୁ ଶୌଚ ପାଇଁ ଯାଇଥିବା ବେଳେ ହଠାତ୍ ଏକ ଭାଲୁର ସମ୍ମୁଖୀନ ହୋଇଥିଲେ । ଭାଲୁଟି ତୁରନ୍ତ ଆକ୍ରମଣ କରି ତାଙ୍କୁ ଗୁରୁତର ଭାବେ ଆହତ କରିଥିଲା । ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଧାଇଁ ଆସିଥିଲେ ଏବଂ ଆହତଙ୍କୁ ଉଦ୍ଧାର କରିଥିଲେ । ପରେ ଗୁରୁତର ଆହତ ଅବସ୍ଥାରେ ତାଙ୍କୁ କଣ୍ଟାବାଞ୍ଜି ଚିକିତ୍ସାଳୟକୁ ନିଆଯାଇଥିଲା ଏବଂ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଏହି ଘଟଣା ପରେ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ସହିତ ଗ୍ରାମବାସୀମାନେ ଜଙ୍ଗଲକୁ ଯିବାପାଇଁ ଭୟ କରୁଛନ୍ତି । ସ୍ଥାନୀୟ ଲୋକମାନେ ବନ ବିଭାଗକୁ ଶୀଘ୍ର ପଦକ୍ଷେପ ନେଇ ଭାଲୁ ଆତଙ୍କ ନିୟନ୍ତ୍ରଣ କରିବାକୁ ଦାବି କରିଛନ୍ତି ।

## ନିରୀକ୍ଷଣ ସାଥି ମାଗଣା ଅଟୋ ଆମ୍ବୁଲାନସ ସେବାର ଶୁଭାରମ୍ଭ

ଧରାକୋଟ ୨୭/୦୪ (ଅକ୍ଷର ଓଡିଶା )ଗର୍ଭବତୀ ମହିଳା ଓ ପ୍ରସୂତି ମା ମାନଙ୍କ ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଆରମ୍ଭ କରିଛି ଅଭିନବ ପ୍ରୟାସ। ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନ ରାଜ୍ୟର ପ୍ରଥମ ଜିଲ୍ଲା ଭାବରେ ଧରାକୋଟ ବ୍ଲକ ଅନ୍ତର୍ଗତ ଦୁର୍ଗମ ସାବା ପଞ୍ଚାୟତର ସାବା ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ମଙ୍ଗଳପୁର ଗ୍ରାମରେ ବ୍ୟଘ୍ରେଶ୍ୱର ଶୈବ ପୀଠ ନିକଟସ୍ଥ କଲ୍ୟାଣ ମଣ୍ଡପରେ ଜିଲ୍ଲାପାଳଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି ନିରୀକ୍ଷଣ ସାଥୀ ମାଗଣା ଅଟୋ ଆମ୍ବୁଲାନ୍ସ ସେବା। ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଏମ ଭି କେ ଅଶୋକ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଭି.କୀର୍ତି ଭାସନ, ଜିଲ୍ଲା ପରିଷଦ ସି.ଡି.ଓ ସମୀର ଜେନା , ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ,ସି.ଡି.ଏମ ଡାକ୍ତର ଭବାନୀ ଶଙ୍କର ମିଶ୍ର , ଡି ପି ଏମ ବୁଲୁ ନାଥ ସାହୁ,ବି.ଡି.ଓ ସଂଗ୍ରାମ କେଶରୀ ଜେନା,ତହସିଲଦାର ଲମ୍ବୋଦର ମାରାଣ୍ଡି,ବଡ଼ଗଡ଼ ଥାନା ଅଧିକାରୀ ବିମଳ କୁମାର କହଁର, ସି ଡି ପି ଓ ସୁନୀଲ ପ୍ରଭା ରଥ,ଜିଲ୍ଲା ପରିଷଦ ସଦସ୍ୟ ଟୁକୁନା ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଜିଲ୍ଲାପାଳ ଓ ଅଧ୍ୟକ୍ଷା ପତାକା ଦେଖାଇ ଏହି ଯୁଗାନ୍ତକାରୀ ସେବାର ଶୁଭାରମ୍ଭ କରିଥିଲେ । ଗଞ୍ଜାମ ଜିଲ୍ଲାର ୧୨ ଗୋଟି ବ୍ଲକର ୨୪୭ ଗୋଟି ଦୁର୍ଗମ ଓ ଅପହଞ୍ଚ ଗ୍ରାମର ଗର୍ଭବତୀ ଓ ପ୍ରସୂତି ମା ମାନଙ୍କ ସହ ଏକ ବର୍ଷର ଶିଶୁମାନଙ୍କୁ ସୁରକ୍ଷିତ, ସୁବିଧା ଜନକ ଓ ସମୟୋପଯୋଗୀ ସ୍ୱାସ୍ଥ୍ୟ ସେବା ଯଥା ଅଲଟ୍ରା ସାଉଣ୍ଡ ଓ ଜରୁରୀ କାଳୀନ ସେବା ପାଇଁ ନିରୀକ୍ଷଣ ସାଥୀ ମାଗଣା ଅଟୋ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେବ। ଉପରୋକ୍ତ ଗାଁ ଗୁଡ଼ିକର ଗର୍ଭବତୀ ଓ ପ୍ରସୂତି ମା ମାନଙ୍କ ତାଲିକା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର,ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀ ଙ୍କ ନିକଟରେ ରହିବ କାର୍ଯ୍ୟକ୍ରମ ରେ ଡାକ୍ତର ଅଶୋକ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ତହସିଲଦାର ଲମ୍ବୋଦର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଆଶା କର୍ମୀ, ଏ ଏନ୍ ଏମ୍, ଅଙ୍ଗନୱାଡ଼ି କର୍ମୀ, ସି ହେଚ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା,ପଞ୍ଚାୟତ ପ୍ରତିନିଧି ଓ ସାଧାରଣ ଜନତା ଉପସ୍ଥିତ ରହିଥିଲେ।

## କର୍କଟ ରୋଗ ପାଇଁ ରାମବାଣ କଳା ହଳଦୀ

କୋରାପୁଟ ୨୭/୦୪ (ଅକ୍ଷର ଓଡିଶା )ଜଳବାୟୁ ଓ ମୃତ୍ତିକା ଅନୁକୂଳକୋରାପୁଟ ଜିଲାରେ ପ୍ରାୟ ୩୩ ହଜାର ହେକ୍ଟର ଜମିରେସାଧାରଣ ହଳଦୀ ଚାଷ ହେଉଥିବା ବେଳେ ଔଷଧୀୟଗୁଣରେ ଭରପୁର କଳା ହଳଦୀ ଚାଷ ଏବେ ପ୍ରୋତ୍ସାହନଅପେକ୍ଷାରେ। ଗତବର୍ଷ ଜିଲାରେ ଆରମ୍ଭ ହୋଇଥିଲାକଳା ହଳଦୀ ଚାଷ। ମୁଖ୍ୟତଃ ଏହି କିସମରହଳଦୀରେ ପ୍ରଦାହ-ବିରୋଧୀ, ଆଣ୍ଟିଅକ୍ସିଡାଣ୍ଟ ଏବଂଆଣ୍ଟିମାଇକ୍ରୋବାୟଲ୍ ଗୁଣ ରହିଛି। ଏହା ପାଚନକୋରାପୁଟରେ ଅନୁକୂଳଜଳବାୟୁ, ପ୍ରୋତ୍ସାହନକୁ ଅପେକ୍ଷାସମସ୍ୟା, ଆଜମା ଏବଂ ବ୍ରୋଙ୍କାଇଟିସ୍ ଭଳି ଶ୍ୱାସକ୍ରିୟାରୋଗ ଉପଶମରେ ବେଶ ସାହାଯ୍ୟ କରିଥାଏ। ଚର୍ମ ସ୍ୱାସ୍ଥ୍ୟ,ଯନ୍ତ୍ରଣା ନିବାରଣ ଏବଂ ଥଣ୍ଡା ଓ ଜ୍ୱର ଉପଶମ ପାଇଁ ମଧ୍ୟ ଏହିହଳଦୀ ଲାଭଦାୟକ । କଳା ହଳଦୀରେ ଥିବା କରକ୍ୟୁମିନ୍କର୍କଟ କୋଷ ବୃଦ୍ଧିକୁ ରୋକିବାରେ ସହାୟକ ହୋଇଥାଏ।କଳା ହଳଦୀ ଇନ୍ସୁଲିନ ତିଆରି କରି ରକ୍ତ ଶର୍କରାକୁ କମକରିଥାଏ ଏବଂ କର୍କଟ ରୋଗ ପାଇଁ ମଧ୍ୟ ଏହା ରାମବାଣହୋଇଥାଏ ବୋଲି କହିଛନ୍ତି ସେମିଳିଗୁଡ଼ା ଓୟୁଏଟିରଗବେଷକ ଡକ୍ଟର ପର୍ଶୁରାମ ସିଆଲ। ଓୟୁଏଟି ପକ୍ଷରୁଗତବର୍ଷ କୋରାପୁଟ ଜିଲାରେ କଳା ହଳଦୀ ଚାଷ ଆରମ୍ଭକରାଯାଇଥିଲା । ଏହି କିସମର ହଳଦୀ ବିହନକୁ ଆଇଟିଡିଏକୁପ୍ରଦାନ କରାଯାଇଥିଲା। ଆଇଟିଡିଏ ଏହି ବିହନକୁଦଶମନ୍ତପୁର ବ୍ଲକର ଆଡମଣ୍ଡା, ଲମତାପୁଟ ବ୍ଲକରଦେବଗନ୍ଧଣା, ନନ୍ଦପୁର ବ୍ଲକର କୁଲାରସିଂ ଅଞ୍ଚଳରେ ବନ୍ଧନବିକାଶ ଯୋଜନାରେ ମହିଳା ଚାଷୀଙ୍କୁ ପ୍ରଦାନ କରିବା ସହଚାଷ ସମ୍ବନ୍ଧରେ ବୈଷୟିକ ଜ୍ଞାନକୌଶଳ ଯୋଗାଇଥିଲା ।ଗତବର୍ଷ ଏହି ନୂଆ କିସମର କଳା ହଳଦୀକୁ ପାଇଲଟପ୍ରୋଜେକ୍ଟ ଭାବେ ନିଆଯାଇଥିଲା। ଏହାକୁ ଅଧିକ ମାତ୍ରାରେଚାଷ କରିବା ପାଇଁ ପ୍ରୋତ୍ସାହିତ କରାଯିବ ବୋଲି ଆଇଟିଡିଏପ୍ରକଳ୍ପ ପ୍ରଶାସିକା ସ୍ନେହପ୍ରଭା ମାଝୀ କହିଛନ୍ତି। ସୂଚିତ ଯେଶୁଖୁଲା କଳା ହଳଦୀ କିଲୋ ବଜାର ଦାମ ପ୍ରାୟ ୨ ହଜାର ଟଙ୍କାରହିଛି। ଆମାଜନ ଭଳି ଇ-ମାର୍କେଟରେ ମଧ୍ୟ କଳା ହଳଦୀରବଜାର ଦର କିଲୋ ପିଛା ୧୭ ଶହରୁ ୨ ହଜାର ଟଙ୍କା ରହିଛି ।ଓଡ଼ିଶାର ରାୟଗଡ଼ା ଜିଲାର କାଶୀପୁର ଏବଂ କନ୍ଧମାଳ ଜିଲାରଦାରିଙ୍ଗବାଡ଼ି ଅଞ୍ଚଳରେ କଳା ହଳଦୀ ଚାଷ କରାଯାଉଛି।

### ଖଇରପୁଟରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି

## ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ

ମାଲକାନଗିରି, ୨୭/୪/(ପ୍ରଦୀପ ରାଉଳ)ଖଇରପୁଟ ବ୍ଲକ ପୋଡ଼ାଘାଟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମୀ ରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୀତମ ଦେବତା ପରିଚାଳନା କରିଥିବା ବେଳେ ବ୍ଲକର ବିଡିଓ, ତହସିଲଦାର ଏବଂ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୬୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା, ଯେଉଁଥିରେ ୧୦ ଟି ବ୍ୟକ୍ତିଗତ ଏବଂ ୫୯ ଟି ଗ୍ରାମ ଭିତ୍ତିକ ସମସ୍ୟା ରହିଥିଲା।ଏହି ଶିବିରରେ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପମାନ ଆୟୋଜନ କରାଯାଇଥିଲା। ଏଥିରେ ଭିନ୍ନକ୍ଷମମାନଙ୍କୁ ସହାୟତା ଉପକରଣ ପ୍ରଦାନ, ସ୍ୱାସ୍ଥ୍ୟ ପରୀକ୍ଷା, ମଧୁବାବୁ ପେନସନ ଯୋଜନାରେ ନୂତନ ଭତ୍ତା ମଞ୍ଜୁର, ଜମି ପଟ୍ଟା ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ପ୍ରଶାସନକୁ ଲୋକଙ୍କ ଦୁଆରମୁହଁରେ ପହଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ, ଯଦ୍ୱାରା ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ସରକାରୀ ସେବାର ସୁଫଳ ପାଇପାରିବେ ଏବଂ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ ।ପ୍ରଶାସନର ଏହି ପଦକ୍ଷେପକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି। ପ୍ରଶାସନକୁ ନିଜ ଦୁଆର ମୁହଁରେ ପାଇ ପୋଡ଼ାଘାଟ ଓ ଆଖପାଖ ଅଞ୍ଚଳର ଜନସାଧାରଣ ଖୁବ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ମତରେ, ପୂର୍ବରୁ ସାମାନ୍ୟ କାମ ପାଇଁ ଜିଲ୍ଲା ସଦର ମହକୁମାକୁ ଯିବାକୁ ପଡୁଥିଲା, କିନ୍ତୁ ଏବେ ବଡ଼ ବଡ଼ ଅଧିକାରୀମାନେ ଗାଁକୁ ଆସି ସମସ୍ୟା ଶୁଣୁଥିବାରୁ ସେମାନେ ଅନେକ ସମୟ ଓ ଖର୍ଚ୍ଚରୁ ରକ୍ଷା ପାଉଛନ୍ତି। ଅନୁରୂପ ଭାବେ ଅନ୍ୟାନ୍ୟ ବ୍ଲକରେ ମଧ୍ୟ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ଏବଂ ସଦର ମହକୁମାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ସଫଳତାର ସହ ସମ୍ପନ୍ନ ହୋଇଛି।

### ଗୋମାତାଙ୍କୁ 'ରାଷ୍ଟ୍ର ମାତା' ଘୋଷଣା ଦାବି

## ସୋନପୁର ତହସିଲ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ

ସୁବର୍ଣ୍ଣପୁର:୨୭।୪(ଅକ୍ଷରଓଡିଶା) ଆଜି ସାରା ଭାରତରେ ଗୋ-ହତ୍ୟା ସଂପୂର୍ଣ୍ଣ ନିଷେଧ କରିବା ଏବଂ ଗୋ-ମାତାଙ୍କୁ 'ରାଷ୍ଟ୍ର ମାତା'ର ମାନ୍ୟତା ପ୍ରଦାନ କରିବା ଦାବିରେ ସୋନପୁରଠାରେ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ଅଭିଯାନର ଅଂଶସ୍ୱରୂପ ସୋନପୁରର ଗୋ-ରକ୍ଷକ ଓ ସେବକମାନେ ଏକଜୁଟ ହୋଇ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆଜି ଦେଶର ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ତହସିଲ ଜରିଆରେ ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ପ୍ରାର୍ଥନା ପତ୍ର ପ୍ରଦାନ କରାଯାଉଛି। ଏହି କ୍ରମରେ ସୋନପୁର ତହସିଲଦାରଙ୍କ ଜରିଆରେ ଗୋ-ସେବକମାନେ ନିଜର ଦାବି ସମ୍ବଳିତ ପତ୍ରଟିକୁ ପ୍ରଦାନ କରିଛନ୍ତି। ସେବକମାନଙ୍କ କହିବା ଅନୁଯାୟୀ, ଗୋ-ସଂରକ୍ଷଣ କେବଳ ଧାର୍ମିକ ନୁହେଁ ବରଂ ସାଂସ୍କୃତିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଣୁ ଭାରତରେ ଗୋ-ହତ୍ୟା ସଂପୂର୍ଣ୍ଣ ରୂପେ ବନ୍ଦ କରାଯାଉ। ଗୋ-ମାତାଙ୍କୁ ବିଧିବଦ୍ଧ ଭାବେ 'ରାଷ୍ଟ୍ର ମାତା' ଘୋଷଣା କରାଯାଉ। ଏହି ଅଭିଯାନରେ




ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ଗୋ-ପ୍ରେମୀ ଓ ସ୍ୱେଚ୍ଛାସେବୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସାରା ଦେଶରେ ଗୋ-ସୁରକ୍ଷା ପାଇଁ ଜନଜାଗରଣ ସୃଷ୍ଟି କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ଅସହାୟ ଝିଅଙ୍କ ବିବାହରେ ସହଯୋଗ

ସମ୍ବଲପୁର-୨୭. ୪(ଦେବେନ୍ଦ୍ର ମିଶ୍ର ) ସମ୍ବଲପୁର ମହାନଗର ଓ୍ୱାର୍ଡ ନଂ-୨୭ ଦେହେରୀପାଲିର ଅସହାୟ ଝିଅ ଦୀପା ବେହେରାଙ୍କ ବିବାହ ଅବସରରେ ଏକ ଅଦ୍ଭୁତ ମାନବିକ ଦୃଶ୍ୟ ଦେଖିବାକୁ ମିଳିଲା।ସମାଜସେବୀ ତଥା ବିଜେଡ଼ି ନେତା ହରଦୀପ ସିଂହ ଭୂର୍ଜୀ (ବବି ଭାଇ) ଆଗକୁ ଆସି ଦୀପାଙ୍କ ମା ମନ୍ଦାକିନୀ ବେହେରା ଓ ବାପା ନୁରୁ ବେହେରାଙ୍କ ପରିବାରକୁ ସହଯୋଗର ହାତ ବଢାଇଥିଲେ।ବିବାହ ମାତ୍ର ଏକ ଉତ୍ସବ ନୁହେଁ, ଏହା ଦୁଇଟି ପରିବାରର ଆଶା ଓ ସ୍ୱପ୍ନର ଆରମ୍ଭ। ଏହି ମୁହୂର୍ତ୍ତକୁ ସୁନ୍ଦର କରିବା ପାଇଁ ଘରୋଇ ପ୍ରୟୋଜନୀୟ ସାମଗ୍ରୀ ଯଥା ମିକ୍ସଚର ଗ୍ରାଇଣ୍ଡର, ପ୍ରେସର କୁକର, ଇଡଲି ମେକର, ଆଇରନ୍, ହୋଟକେସ ସେଟ, ଟିସେଟ, ଡିନର ସେଟ୍, ଡ୍ରେସ୍ ମ୍ୟାଟେରିଆଲ୍, ଘଡ଼ି, କମ୍ବଳ ଇତ୍ୟାଦି ପ୍ରଦାନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ବେଣୁଧର ଦାଶ, ସତ୍ୟେନ୍ଦ୍ର କୁମାର ଦାଶ, ଯୁବ ନେତା ପ୍ରଦୋଷ ମହାନ୍ତି, ହରିହର ପାଣି, ମନୋଜ୍ ଖୁଣ୍ଟିଆ, ପ୍ରହଲ୍ଲାଦ ଗୁରୁ, ରବି ସେନାପତି, ସୁକେଶ ସିଂ, ଉପସ୍ଥିତ ରହି ଦୀପାଙ୍କୁ ଆଶୀର୍ବାଦ ଜଣାଇଥିଲେ।

## ଉଦ୍‌ଘାଟନ ଅପେକ୍ଷାରେ ଖଡ଼ିଆଳ ନୂତନ ବସଷ୍ଟାଣ୍ଡ

ନୂଆପଡା ୨୭/୦୪: -( ଅକ୍ଷର ଓଡିଶା )ଖଡ଼ିଆଳ ସହରରେ ନୂତନ ଭାବରେ ନିର୍ମିତ ନୂତନ ବସଷ୍ଟାଣ୍ଡ ଉଦଘାଟନ ଅପେକ୍ଷାରେ ରହିଛି। ଏହି ବସଷ୍ଟାଣ୍ଡ ଗତ ଜାନୁଆରୀ ମାସରେ ସମ୍ପୂର୍ଣ୍ଣ ହୋଇ ସାରିଥିବା ବେଳେ ସମ୍ପୂର୍ଣ୍ଣ ହେବାର ୪ ମାସ ପରେ ମଧ୍ୟ ଉଦଘାଟନ ହୋଇନପାରି ବନ୍ଦ ହୋଇ ରହିଛି। ଗତ ଜାନୁଆରୀ ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହି ବସଷ୍ଟାଣ୍ଡ ଉଦଘାଟନ ହେବ ବୋଲି ଚର୍ଚ୍ଚା ହେଉଥିଲା କିନ୍ତୁ ତାହା ମଧ୍ୟ ହେଲାନାହିଁ। ଖଡ଼ିଆଳ ସହର ଜିଲାର ପ୍ରମୁଖ ବାଣିଜ୍ୟିକ ସହର। ଏଠାରେ ବ୍ଲକ ଠାରୁ ଆରମ୍ଭ କରି ଜିଲାସ୍ତରୀୟ ସରକାରୀ କାର୍ଯ୍ୟାଳୟ ରହିଛି, ଏହାସହ ଏହି ସହର ଠାରୁ ରାଜ୍ୟ ଏବଂ ରାଜ୍ୟ ବାହାରରୁ ଶତାଧିକ ବସ ଯାତାୟାତ କରିଥାଏ। ହେଲେ ସ୍ଥାୟୀ ବସଷ୍ଟାଣ୍ଡ ନଥିବାରୁ ବସ ଗୁଡ଼ିକ ଏଣେତେଣେ ପାର୍କିଂ କରୁଛନ୍ତି। ଯାହାଫଳରେ ସାଧାରଣ ଯାତ୍ରୀ ମଧ୍ୟ ଅନେକ ସମୟରେ ହଇରାଣ ହରକତରେ ପଡୁଛନ୍ତି। ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ନୂତନ ବସଷ୍ଟାଣ୍ଡକୁ ଉଦଘାଟନ କରିବାକୁ ସାଧାରଣରେ ଦାବି ହେଉଛି।

## ସୁର୍କାବଡି ଓ ତାଳକଣି ପଞ୍ଚାୟତରେ କ୍ଷେତ୍ର ଦିବସ ପାଳିତ

ରଣପୁର,୨୭/୦୪(ଅକ୍ଷର ଓଡ଼ିଶା):ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ସୁର୍କାବଡି ଓ ତାଳକଣି ପଞ୍ଚାୟତ ପରିସରରେ କ୍ଷେତ୍ର ଦିବସ ପାଳିତ ହୋଇ ଯାଇଛି। ଧନେଶ୍ୱର ପାଇକରାୟଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବରେ ବିଜେପି ମଣ୍ଡଳ ସଭାପତି ରାଜସୁନାଖଳା ଜ୍ୟୋତି ରଞ୍ଜନ ସାହୁ , ସମ୍ମାନିତ ଅତିଥି ଭାବରେ ସରପଞ୍ଚ ସୁନୀତା ମହାପାତ୍ର, ସମିତି ସଭ୍ୟ ଅନୁରାଧା ମିଶ୍ର,କୃଷି ଜିଲ୍ଲା ଅଧିକାରୀ ନୟାଗଡ ନର୍ଭେସ ପଟ୍ଟନାୟକ ,ସହ କୃଷି ଅଧିକାରିଣୀ ଅର୍ପିତା ସାହୁ , ଡି ପି ଟି ନୟାଗଡ ସ୍ୱଗତିକା ପତି, କୃଷକ ସାଥୀ ରମେଶ ଚନ୍ଦ୍ର ମୁଦୁଲି ଓ ବୈକୁଣ୍ଠ ରଣା ପ୍ରମୁଖ ଯୋଗ ଦେଇଥିଲେ। ଏଥି ସହିତ ବିଭିନ୍ନ ଧରଣର ବିହନ ବିଷୟରେ ଆଲୋଚନା କରିଥିଲେ । ମାଟିକୁ ଉର୍ବର କରିବା ପାଇଁ ବିଭିନ୍ନ ଜୀବସାର ପ୍ରୟୋଗର ପ୍ରକ୍ରିୟା ଏବଂ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ ରାସାୟନିକ ଓ ଜୀବସାରର ପ୍ରୟୋଗ ବିଷୟରେ ସବିଶେଷ ବିବରଣୀ ଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୫୦ରୁ ଉର୍ଦ୍ଧ ଗ୍ରାମବାସୀମାନେ ଯୋଗ ଦେଇଥିଲେ।

## ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ଦ୍ୱାରା କୃତୀ ଛାତ୍ରୀ ସମ୍ବର୍ଦ୍ଧିତ

କଟକ ସଦର:(୨୭/୪( ଅକ୍ଷର ଓଡିଶା ) ଗତ ୨୦୨୬ ସି ବି ଏସ ଇ ବୋର୍ଡ ଦ୍ୱାରା ହୋଇଥିବା ଦଶମ ପରୀକ୍ଷାରେ, କନ୍ଦରପୁର ସ୍ଥିତ ସେଣ୍ଟ ଜାଭିଅର ହାଇସ୍କୁଲ ର ଛାତ୍ରୀ ୯୬% ରୁ ଅଧିକ ନମ୍ବର ରଖି ସ୍କୁଲ ଟପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗ୍ରାମାଞ୍ଚଳରେ ବାସକରୁଥିବା ଜଣେ ଛାତ୍ରୀର ଏଭଳି କୃତିତ୍ୱ ଏ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ସହିତ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛା ର ବାର୍ତ୍ତା ଆସିବାରେ ଲାଗିଛି। ବୟାଳିଶ ମୌଜା ଅନ୍ତର୍ଗତ କଳପଡା ଗ୍ରାମର ପିତା ଦୀପକ ପରିଡା ଓ ମାତା ମୋନାଲିନ ପରିଡାଙ୍କ କୋଳମଣ୍ଡନ କରି ଜନ୍ମିତ କନ୍ୟା ସୁଶ୍ରୀ ସୁନୟନା ପରିଡା, ସେଣ୍ଟ ଜାଭିଅର ହାଇସ୍କୁଲ, କନ୍ଦରପୁର ରେ ପିଲାଟି ଦିନରୁ ଅଧ୍ୟୟନ କରି ଜଣେ ମେଧାବୀ ଛାତ୍ରୀର ପରିଚୟ ସୃଷ୍ଟି କରିପାରିଥିଲେ। ସି ବି ସ ଇ ବୋର୍ଡ ୨୦୨୬ ଦଶମ ପରୀକ୍ଷାରେ ୯୬% ରୁ ଅଧିକ ନମ୍ବର ରଖି କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଥିବା ଖବର ଜାଣିଲା ପରେ, ବହୁ ପୁରାତନ ଅଗ୍ରଣୀ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ସଭାପତି ସରୋଜ ନଳିନୀ ପରିଜା, ସମ୍ପାଦକନାରାୟଣ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଭୟ କୁମାର ଦାସ, ବରିଷ୍ଠ ସଦସ୍ୟ ପ୍ରଭାତ ଖଟୁଆ ଓ ଅନ୍ୟ ସଦସ୍ୟମାନେ ତାଙ୍କ କଳପଡା ସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ଓ ଏଥି ସହିତ ସେଣ୍ଟ ଜାଭିଅର ହାଇସ୍କୁଲର ପ୍ରିନସିପାଲ ପ୍ରଫେସର ଖଲିକୁଜ ଜମାନ ଖାନ ଙ୍କୁ ମଧ୍ୟ ଉଚ୍ଚ ପ୍ରଶଂସା କରିବାସହ ସମ୍ବର୍ଦ୍ଧିତ କରିଥିଲେ।

## ମାରାଗୁଡ଼ା ସାହିତ୍ୟ ସଂସଦର ମୁଖପତ୍ର 'ପ୍ରଜ୍ଞା' ପତ୍ରିକା ଓ 'ଅଜବ ଦୁନିଆ' ପୁସ୍ତକ ଉନ୍ମୋଚିତ

ନୂଆପଡ଼ା -୨୭/୦୪( ଅକ୍ଷର ଓଡିଶା )ନୂଆପଡ଼ା ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ମାରାଗୁଡ଼ା ସାହିତ୍ୟ ସଂସଦ' ପକ୍ଷରୁ ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ସମ୍ମିଳନୀ କକ୍ଷରେ ଏକ ଭବ୍ୟ ସାହିତ୍ୟିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂସଦର ମୁଖପତ୍ର 'ପ୍ରଜ୍ଞା' ଏବଂ ବିଶିଷ୍ଟ ସଦସ୍ୟ ରାଧେଶ୍ୟାମ ଦାସଙ୍କ ଲଳିତ ନିବନ୍ଧ ପୁସ୍ତକ 'ଅଜବ ଦୁନିଆ' ଲୋକାର୍ପିତ ହୋଇଛି ।ଶତାଧିକ ସାହିତ୍ୟପ୍ରେମୀଙ୍କ ଗହଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗବେଷକ ତଥା ପ୍ରଶାସକ ଡ. ବାସୁଦେବ ସୁନାନୀ ଯୋଗ ଦେଇଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ ଯେ, 'ସାହିତ୍ୟ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ସମାଜ ସଂସ୍କାର ଓ ଗଠନ ପାଇଁ ଏକ ଶକ୍ତିଶାଳୀ ଆୟୁଧ। ସାହିତ୍ୟ ଓ ସୃଜନଶୀଳତାକୁ ଦୀର୍ଘସ୍ଥାୟୀ କରିବାକୁ ହେଲେ ନିୟମିତ ଅଧ୍ୟବସାୟ ଓ ଅନୁଭୂତିକୁ ରୂପାୟନ କରିବାର ଦୁର୍ବାର ଇଚ୍ଛାଶକ୍ତି ଆବଶ୍ୟକ।'ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟ ରେ ଡ. ଅଶୋକ କୁମାର ପଟ୍ଟନାୟକ ସଂସଦର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ଅଧ୍ୟକ୍ଷ ସଭାପତିତ୍ୱ କରିଥିଲେ। କେ. ଭୋଇ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ପରିଷଦ ସମ୍ମାନିତ ଅତିଥି,ସୁଶାନ୍ତ କୁମାର ମୁଣ୍ଡ ସଂସଦର ସମ୍ପାଦକ ଅତିଥି ପରିଚୟ ପ୍ରଦାନ ଓ ଡ. ଜଗତବନ୍ଧୁ ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।ପ୍ରଥମ ପର୍ଯ୍ୟାୟରେ ପୁସ୍ତକ ଉନ୍ମୋଚନ ପରେ ବିଶିଷ୍ଟ କବି ଓ ସମାଲୋଚକ ପ୍ରବୋଧ କୁମାର ହୋତା ଏବଂ ସତ୍ୟପ୍ରିୟା ପଟ୍ଟନାୟକ ଉନ୍ମୋଚିତ ପୁସ୍ତକଗୁଡ଼ିକର ସମୀକ୍ଷା



କରିଥିଲେ। ସେମାନେ 'ଅଜବ ଦୁନିଆ'ର ଭାଷା ଓ ଶୈଳୀକୁ ବେଶ୍ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଡ. ବାସୁଦେବ ସୁନାନୀଙ୍କୁ ତାଙ୍କର ସାହିତ୍ୟ ସାଧନା ପାଇଁ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ 'ସାହିତ୍ୟ ସଭା'ରେ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ସଂସଦର ସଭାପତି ପ୍ରାଧ୍ୟାପକ ରବୀନ୍ଦ୍ର ମିଶ୍ର ସଂସଦର ଆଭିମୁଖ୍ୟ ଓ 'ପ୍ରଜ୍ଞା'ର ଗ୍ରହଣୀୟତା ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଞ୍ଚଳ ର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ବଳରାମ ସୋନି ସଙ୍ଗୀତ ପରିବେଷଣ କରିଥିବା ବେଳେ ଶେଷରେ ଉପ-ସଭାପତି ଅମିୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ସାରସ୍ୱତ କର୍ମଶାଳା ନୂଆପଡ଼ା ଜିଲ୍ଲାର ସାହିତ୍ୟିକ ବାତାବରଣକୁ ଅଧିକ ଋଦ୍ଧିମନ୍ତ କରିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ସି.ପି ଆଇ ସାଲେପୁର ଜୋନାଲ କମିଟି ପକ୍ଷରୁ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ

ସାଲେପୁର ୨୭/୦୪ ( ମନୋଜ ସାମଲ ) ବିଦ୍ୟୁତ ବିଭାଗର ଉଦାସୀନତା ଓ ଜନମାରାଣ ନୀତି ବିରୁଦ୍ଧରେ ସିପିଆଇ ସାଲେପୁର ଜୋନାଲ କମିଟି ପକ୍ଷ୍ୟ ରୁ ଝଟଡଙ୍ଗଡଖ ବାଗୁଗ୍ରାମ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା, ସିପିଆଇ ଜୋନ ସମ୍ପାଦକ ସୁନାକାର ବରାଳ ଙ୍କ ନେତୃତ୍ୱ ରେ ଶତାଧିକ କର୍ମୀ ପାଗା ହାଟ ଠାରୁ ଏକ ଶୋଭାଯାତ୍ରାରେ ମଧୁ ବଜ୍ଝାର ପରିକ୍ରମା କରି ନିକଟସ୍ଥ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିବା ସହ. ଘରେ ପଶି ଆତଙ୍କିତ କରିଥିବା ଅଜଣା ବିଦ୍ୟୁତ କର୍ମଚାରୀଙ୍କ ନାମରେ ଅଇନି ଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ସୌଭାଗ୍ୟ ଯୋଜନାରେ ଦିଆଯାଇଥିବା ବିଦ୍ୟୁତ ସଂଯୋଗକୁ ନିୟମିତ କରିବା ଓ ସ୍ମାଟମିଟର ନ ବସାଇ ନର୍ମାଲ ମିଟର ବସାଇବା, ସ୍ମାଟ ମିଟର କୁ ସମ୍ପୂନ ବାତିଲ କରିବା ସହ ଚଞ୍ଚ କତା କରି ପ୍ରତି ଗାଁ ରେ ବସାଇଥିବା ସ୍ମାର୍ଟ ମିଟରକୁ ପ୍ରତ୍ୟାହାର କରିବା ଘନ ଘନ ବିଦ୍ୟୁତ କାଟ ଓ ଉକ୍ଟ ଲୋ ଭୋଲଟ୍ଟେଜ ସମସ୍ୟା ଦୂର କରିବା ଏବଂ ଅଚଳ ହୋଇପଡିଥିବା ମଧୁବଜ୍ଝାର, କାଯିବଜାର, ବହୁଗ୍ରାମ, ସାଲେପୁର, ପିରବଜାର ଷ୍ଟ୍ରିଟ ଲାଇଟ ଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ୭ଦଫା ଦାବି ସମ୍ବଳିତ ଦାବିପତ୍ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା, ଉକ୍ତ ବିକ୍ଷୋଭ ରେ ବାମପନ୍ଥୀ ନେତା ଉଦୟ କେଶରୀ ବର୍ମା, ତ୍ରୈଲୋକ୍ୟ ନାଥ, ଜୟ ସିଂ, ରଶ୍ମି ରଞ୍ଜନ ତ୍ରିପାଠୀ, ରମେଶ ନାୟକ ଏବଂ ସ୍ଥାନୀୟ ଯୁବ ନେତା ସୁବାସ ଚନ୍ଦ୍ର ମଲ୍ଲ, ରତ୍ନାକର ପରିଡା, ସସ୍ମିତା ବେହୁରା, ହାଡ଼ିବନ୍ଧୁ ଦାସ,ମନୋଜ ପରିଡା, ଜୟନ୍ତ ପରିଡା ଅକ୍ଷୟ ମାଝୀ ପ୍ରମୁଖ ଯୋଗ ଦେଇଥିଲେ.

## ତୁରେକେଲ ସେତୁ ନିର୍ମାଣ ଦାବିରେ କଂଗ୍ରେସର ଅନିର୍ଦ୍ଦିଷ୍ଟକାଳୀନ ଗଣଧାରଣା

ଭବାନୀପାଟଣା, ୨୭/୦୪ (ଅକ୍ଷର ଓଡିଶା) :ତୁରେକେଲ ସେତୁର ତୁରନ୍ତ ନିର୍ମାଣ ଦାବିକୁ ନେଇ କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜିଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଆରମ୍ଭ ହୋଇଛି। ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ହୋଇଥିବା ଏହି ସେତୁ ନିର୍ମାଣ ନେଇ ସରକାରଙ୍କ ଅବହେଳା ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲ, ବରିଷ୍ଠ ନେତା ବ୍ରଜ ସାହୁ, ସୁବାଷ ପ୍ରଧାନ, ଯୁବ ନେତା ମହମ୍ମଦ ସାହେବ, ସୁକାନ୍ତ ବିଶି, ବାବା ଖାନ, ସନ୍ତୋଷ ପଣ୍ଡା, ମହିଳା ନେତ୍ରୀ ମନ୍ଦାକିନୀ ବାଣୁଆ, ସୁକାନ୍ତି ସରାଫ, ମାଣିକ୍ୟ ସୁନା ଓ ସନ୍ତୋଷ ପ୍ରଧାନ ସହିତ ଅନେକ କର୍ମୀ ଉପସ୍ଥିତ ଥିଲେ ।ନେତାମାନେ ତୁରେକେଲ ସେତୁ ନିର୍ମାଣକୁ ତୁରନ୍ତ ଆରମ୍ଭ କରିବାକୁ ଦାବି କରିଥିବା ବେଳେ, ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଚେତନ କରିଥିଲେ। ସେମାନେ କହିଥିଲେ ଯେ, ସେତୁ ନିର୍ମାଣ ହେଲେ ଅଞ୍ଚଳର ଯାତାୟାତ ସୁବିଧା ବଢିବା ସହ ଅର୍ଥନୈତିକ ଓ ସାମାଜିକ ଉନ୍ନତି ହେବ ।ସ୍ଥାନୀୟ ଲୋକମାନେ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ କରିଥିବା ଦେଖାଯାଇଥିଲା।

## ବସନ୍ତପୁରରେ ବିଶ୍ୱ ଶାନ୍ତି ହରିହାଟ ମହାଯଜ୍ଞ

ପଣ୍ଡାପଡା , ୨୭। ୪(ପୁରୁଷୋତ୍ତମ ମହାନ୍ତ )ବସନ୍ତପୁର ଗାଁରେ ଚାଲିଛି ବିଶ୍ୱ ଶାନ୍ତି ହରି ହାଟ ମହାଯଜ୍ଞ ।ତା ୧୩। ୪ ଠାରୁ ୧୩। ୫ରିଖ ପର୍ଯ୍ୟନ୍ତ ଗାଁ ସମାଜ ଆବଶ୍ୟକ କରୁଥିବା ସୁଧାର ସଂସ୍କାର ଓ ଆଧ୍ୟାତ୍ମିକ ମାର୍ଗ ଦର୍ଶନ ସହିତ ଶାନ୍ତିକୁ ବିଚାରକୁ ନେଇ ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ବିଶ୍ୱର କଲ୍ୟାଣ ନିମନ୍ତେ ଷାଠିଏଟି ସଂକୀର୍ତ୍ତନ ମଣ୍ଡଳୀକୁ ନେଇ ଦୁଇଶହ ଚାଳିଶ ପ୍ରହର ଅଖଣ୍ଡ ମହାମନ୍ତ୍ର ବିଶ୍ୱ ଶାନ୍ତି ହରିହାଟ ମହାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି ।ପ୍ରକାଶ ଥାଉକି ଘଟଗାଁ ବ୍ଲକ ବସନ୍ତପୁର ପଞ୍ଚାୟତ ବସନ୍ତପୁର ଗାଁ ନିକଟ ପୁଣ୍ୟ ତୋୟା କାଣିଝରି କୂଳରେ ବିଶ୍ୱ ଶାନ୍ତି ହରିହାଟ ମହାଯଜ୍ଞ ସମିତି ଓ ପଡୋଶୀ ଗ୍ରାମ ବାସୀଙ୍କ ସହଯୋଗରେ ଗତ ତା ୧୩। ୪ରିଖ ଅଧିବାସ ତା ୧୪। ୪ ରିଖ ନାମଯଜ୍ଞ ଆରମ୍ଭ ହୋଇଛି ।ଏହି ହରି ହାଟର ଆସନ୍ତା ତା ୧୩।୫। ୨୦୨୬ ରିଖ ପୂର୍ଣ୍ଣାହୁତି ନଗର କୀର୍ତ୍ତନ କାର୍ଯ୍ୟକ୍ରମ ରହିଛି ।ଦୀର୍ଘ ଏକମାସ ବ୍ୟାପି ଚାଲିବାକୁ ଥିବା ପ୍ରଭୁଙ୍କ ଅଖଣ୍ଡ ମହାମନ୍ତ୍ର ହରି ହାଟରେ ସଂକଳ୍ପ କର୍ତ୍ତା ଭାବେ ଭରତ ଚନ୍ଦ୍ର ନାଏକ ଓ ସହ ଧର୍ମିଣୀ ଭାରତୀ ବିଶ୍ୱାଳ ବସିଥିବା ବେଳେ ପୂଜକ ଚକ୍ରଧର ପତି, ଚିତ୍ତରଞ୍ଜନ ଦାସ ଓ ସୁଶାନ୍ତ ଦାସ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ତୁଲାଉଛନ୍ତି।

## ୧୪୮ ଲିଟର ଚୋରା ମଦ ଜବତ ୦୬ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ୨୭/୦୪ : ( ଅଲେଖ ନାୟକ ) କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ରୋମିତା ଗ୍ରାମର ସଂଗ୍ରାମ ପ୍ରଧାନ (ବୟସ-୨୩) ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ, ନରହରିପୁର ଗ୍ରାମର ରଜନୀକାନ୍ତ ଦାସ (ବୟସ-୪୮)ଙ୍କ ଠାରୁ ୩୪ ଲିଟର ବିଦେଶୀ ମଦ, ପାଟକୁରା ଗ୍ରାମର ରଞ୍ଜନ କୁମାର ପରିଡା (ବୟସ-୫୪)ଙ୍କ ଠାରୁ ୨୧ ଲିଟର ବଦେଶୀ ମଦ, ରାଜନଗର ଗ୍ରାମର ମଙ୍ଗୁଳି ଚରଣ ସ୍ୱାଇଁ (ବୟସ-୩୭)ଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ, କୁରନ୍ତି ଗ୍ରାମର ପ୍ରଦୀପ କୁମାର ନରେନ୍ଦ୍ର (ବୟସ-୫୬)ଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ ଜବତ ଏବଂ ଡେରାବିଶି ଥାନା ଅନ୍ତର୍ଗତ କେଉଟ ଖଣ୍ଡିଆ ଗ୍ରାମର ସନ୍ତୋଷ କୁମାର ସେଠିଙ୍କ ଠା ରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି ।

## ସୋଲାର ଜଳ ପ୍ରକଳ୍ପ ଅଚଳ

### ପାଣି ପାଇଁ ହହଳବିକଳ ଗ୍ରାମବାସୀ, ତୁରନ୍ତ ମରାମତି ଦାବି

ଫିରିଙ୍ଗିଆ, ୨୭/୦୪ (ମନୋଜ ସାହୁ):କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସୁମରବନ୍ଧ ପଞ୍ଚାୟତର ସାଉଲିପଡା ଗାଁରେ ନିର୍ମିତ ସୋଲାର ଜଳ ଯୋଗାଣ ପ୍ରକଳ୍ପ ପ୍ରାୟ ଗୋଟିଏ ସପ୍ତାହ ଧରି ଅଚଳ ହୋଇ ପଡ଼ି ରହିଛି। ଏହା ସହ ସାରୁଦୋଲି ସାହିରେ ମଧ୍ୟ ସୋଲାର ଜଳ ପ୍ରକଳ୍ପର ଟାଙ୍କି ଫାଟିଯାଇଥିବାରୁ ସ୍ଥାନୀୟ ଲୋକେ ଗୁରୁତର ପାନୀୟ ଜଳ ସଂକଟର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ, ସାଉଲିପଡା ଗାଁରେ ପିଇବା ପାଣି ପାଇଁ ବିକଳ୍ପ ବ୍ୟବସ୍ଥା ନଥିବାରୁ ପ୍ରଶାସନ ପକ୍ଷରୁ ସୋଲାର ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ପ୍ରକଳ୍ପଟି ଅଚଳ ହୋଇ ପଡ଼ିଥିବାରୁ ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ।ଏହି ପରିସ୍ଥିତିରେ ତୁରନ୍ତ ସୋଲାର ଜଳ ପ୍ରକଳ୍ପର ମରାମତି କରି ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଇବାକୁ ସେମାନେ ଦାବି କରିଛନ୍ତି ।ଗ୍ରାମବାସୀଙ୍କ ଏହି ଦାବି ପ୍ରତି ପ୍ରଶାସନ କେବେ ସତ୍ୱର ପଦକ୍ଷେପ ନେବ, ସେଥିପାଇଁ ସମସ୍ତଙ୍କ ଦୃଷ୍ଟି ରହିଛି। ଏହି ବିଷୟ ରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଚାରିବାରୁ ସମସ୍ୟା ରହିଛି ଖୁବ୍ ଶୀଘ୍ର ମରାମତି କରାଯିବ କହିଛନ୍ତି ।

### ରାତ୍ର ସମୟରେ ମୁଗ କିଆରୀରେ ଲାଗିଲା ନିଆଁ

## ବାଣ ପଡ଼ି ନିଆଁ ଲାଗିଥିବା ସନ୍ଦେହ

ଅସ୍ତରଙ୍ଗ ୨୭/୪(ଅକ୍ଷର ଓଡ଼ିଶା):ଅସ୍ତରଙ୍ଗ ବ୍ଲକ କାକଟପୁର ଥାନା ଅନ୍ତର୍ଗତ ଖଣ୍ଡାସାହି ଅଞ୍ଚଳ ରେ ରବିବାର ରାତ୍ର ସମୟରେ ଅନେକ ଚାଷୀଙ୍କ ମୁଗ କିଆରୀରେ ହଟାତ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଥିଲା.ଏହି ଘଟଣାକୁ ଆଖିରେ ଦେଖି କିଛି ସ୍ଥାନୀୟ ଲୋକ ଦମକଳ ବାହିନୀଙ୍କୁ ଖବର ଦେବା ପରେ ଘଟଣା ସ୍ଥଳରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମାତ୍ର ସେତେବେଳେ ଅନେକ ଚାଷୀଙ୍କ ମୁଗ ଯାହା ଅମଳ ହେବାପାଇଁ ରହିଥିଲା ତାହା ଜଳିପୋଡି ପାଉଁଶ ହୋଇଯାଇଥିଲା.ନିଆଁ କୁ ଆୟତ୍ତ କରାଯିବା ପରେ ପାଖା ପାଖି ବର୍ତ୍ତିଗଲା ଶହ ଶହ ଏକର ଅମଳ ହେଉଥିବା ମୁଗ ।ବରଯାତ୍ରୀ ଗାଁ କୁ ଆସୁଥିବା ବେଳେ ବାଣୁଆଙ୍କ ବାଣରୁ ନିଆଁ ଝଡ଼ିବା ଯୋଗୁ ଏହିଭଳି ଘଟଣା ଘଟିଛି ବୋଲି ଅଞ୍ଚଳ ରେ ଚର୍ଚ୍ଚା କରୁଥିବା ବେଳେ ଅଗ୍ନିଶମ ବାହିନୀ ନିକଟରେ ସଠିକ ତଥ୍ୟ ନାହିଁ କିପରି ନିଆଁ ଲାଗିଛି ବୋଲି ମତାମତ ମାଧ୍ୟମ ରେ ଜଣାଇଛନ୍ତି.ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତଘଟଣା ସ୍ଥଳରେ ପହଞ୍ଚି ନିଆଁ କୁ କରିଥିଲା ଆୟତ୍ତ ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ବୈପାରିଗୁଡା ୨୭. ୦୪.(ଅକ୍ଷର ଓଡିଶା )ବୈପାରିଗୁଡା ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଉପଜିଲ୍ଲାପାଳ ଯଦୁମଣି ନାୟକ, ସିଡିଓ ବେଣୁଧର ଶବର, ପିଏ ଆଇଟିଡିଏ ତୃପ୍ତି ବରାଇ, ଡାକ୍ତର ଶିବସାଇ ସ୍ୱରୁପ, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ବିଡ଼ିଓ ଶକ୍ତି ମହାପାତ୍ର, ତହସିଲଦାର ସ୍ନିଗ୍ଧା ଚୌଧୁରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ



୪୯ଟି ଅଭିଯୋଗ ମଧ୍ୟରୁ ୧୯ଟି ସାମୁହିକ ଏବଂ ୩୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏହି ଶିବିରକୁ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ ଏବଂ ବିପିସି ପ୍ରଦୀପ କୁମାର ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



ମଙ୍ଗଳବାର ୨୮।୦୪।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ସୁପର ଓଭରରେ ଲକ୍ଷ୍ନୌକୁ ପରାସ୍ତ କଲା କୋଲକାତା




ଲକ୍ଷ୍ନୌ, ୨୭/୪- ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଉନ୍ନବିଂଶ ସଂସ୍କରଣର ୩୮ତମ ମୁକାବିଲା ରୋମାଞ୍ଚକର ହୋଇଛି। ଲକ୍ଷ୍ନୌ ଏବଂ କୋଲକାତା ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ ଟାଇ ହେଲା ପରେ ସୁପର ଓଭର ଖେଳାଯାଇଛି। ସୁପର ଓଭରରେ ଫଳାଫଳ ବାହାରିଛି। ସୁପର ଓଭରରେ ଲକ୍ଷ୍ନୌ ବ୍ୟାଟିଂ କରିଥିଲା। ଦଳ ମାତ୍ର ୧ ରନ୍ ସଂଗ୍ରହ କରିଥିଲା। କୋଲକାତାର ସୁନୀଲ ନାରାୟଣଙ୍କୁ ଲକ୍ଷ୍ନୌର ବୋଲରମାନେ ସାମ୍ନା କରିପାରି ନଥିଲେ। କୋଲକାତା ୨ ରନ୍‌ର ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିଥିଲା। ସୂଚନାଯୋଗ୍ୟ ଚଳିତ ଆଇପିଏଲ୍‌ରେ ଏହା ଥିଲା ପ୍ରଥମ ସୁପର ଓଭର ମ୍ୟାଚ୍। କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ମିଳିଥିବା ୧୫୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ବ୍ୟାଟିଂ କରିଥିଲା। ହାତରେ ଭରପୁର ୱିକେଟ୍ ଥିବା ସତ୍ତ୍ୱେ ଲକ୍ଷ୍ନୌ ୧୦ ଓଭର ଶେଷ ବେଳକୁ ୬୩ ରନ୍ ସଂଗ୍ରହ କରିଥିଲା। ଋଷଭ ପନ୍ତଙ୍କ ଦଳ ୮ ରନ୍‌ରେ ପ୍ରଥମ ୱିକେଟ ଭାବେ ମଚେଲ ମାର୍ସଙ୍କୁ ହରାଇଥିଲା ବେଳେ କୋଲକାତାର ୨ୟ ଶିକାର ହୋଇଥିଲେ ଐଡେନ ମାର୍କରାମ। ମାର୍ସ ମାତ୍ର ୨ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ମାର୍କରାମଙ୍କ ବ୍ୟାଟରୁ ୩୧ ରନ୍ ଅମଳ ହୋଇଥିଲା। ଋଷଭ ପନ୍ତ ୩୮ଟି ବଲ୍ ଖେଳି ୪ଟି ଚୌକା ଏବଂ ଗୋଟିଏ ଛକା ବଳରେ ୪୨ ରନ୍ ସଂଗ୍ରହ କରିଥିଲେ। ଶେଷ ଓଭରରେ ଲକ୍ଷ୍ନୌକୁ ବିଜୟ ପାଇଁ ୧୭ ରନ୍ ଦରକାର ଥିଲା ବେଳେ ୧୬ ରନ୍ କରିପାରିଥିଲା। ଲକ୍ଷ୍ନୌକୁ ଶେଷ ବଲରେ ୭ ରନ୍ ଦରକାର ଥିଲା। ମହମ୍ମଦ ସାମି ଏହାକୁ ଛକ ମାରିଥିଲେ। ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୫୫ ରନ୍ ସଂଗ୍ରହ କରିଥିଲା। ଫଳରେ ମ୍ୟାଚ୍ ଟାଇ ହୋଇଥିଲା। ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମରେ ଲକ୍ଷ୍ନୌ ଟସ୍ ଜିଣି ବୋଲି ନିଷ୍ପତ୍ତି ନେଇଥିଲା। ଫଳରେ ଆଜିଙ୍କ୍ୟ ରହାଣେଙ୍କ ନେତୃତ୍ୱରେ କୋଲକାତା ବ୍ୟାଟିଂ କରିଥିଲା। କୋଲକାତା ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ ହରାଇ ୧୫୫ ରନ୍ ସଂଗ୍ରହ କରିଥିଲା। କୋଲକାତା ପକ୍ଷରୁ ରିଙ୍କୁ ସିଂହ ଅର୍ଦ୍ଧଶତକ ହାସଲ କରିଥିଲେ। ନିଜ ଦଳର ବ୍ୟାଟରମାନେ ବିପର୍ଯ୍ୟୟର ସାମ୍ନା କରୁଥିଲା ବେଳେ ରିଙ୍କୁ ସିଂହ ପ୍ରଥମେ ଧୈର୍ଯ୍ୟର ସହିତ ଖେଳିଥିଲେ। ଶେଷ ସମୟରେ ସେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଅପରାଜିତ ରହି ୮୩ ରନ୍ ସଂଗ୍ରହ କରିଥିଲେ। ଏଥି ପାଇଁ ସେ ୫୧ଟି ବଲ୍ ଖେଳିଥିଲେ, ଯେଉଁଥିରୁ ୭ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ଲକ୍ଷ୍ନୌରେ କୋଲକାତାର ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ଦଳୀୟ ସ୍କୋର ୩ ରନ୍‌ରେ କୋଲକାତା ପ୍ରାରମ୍ଭିକ ବ୍ୟାଟର ଟିମ୍ ସେଫର୍ଡ, ୧୬ ରନ୍‌ରେ ଅଧିନାୟକ ଆଜିଙ୍କ୍ୟ ରହାଣେ, ୨୭ ରନ୍‌ରେ ଅଗ୍ନିକ୍ରିଶ ରଘୁବଂଶୀ ଏବଂ ୩୧ ରନ୍‌ରେ ରୋଭମ୍ୟାନ ପାୱେଲଙ୍କୁ ହରାଇଥିଲା। ପଞ୍ଚମ ୱିକେଟ ପାଇଁ କୋଲକାତା ୪୨ ରନ୍‌ର ଭାଗିଦାରୀ କରିଥିଲା। କେମରନ ଗ୍ରିନ ଏବଂ ରିଙ୍କୁ ସିଂହ ଏହି କାମ କରିଥିଲେ। କେମରନ ଗ୍ରିନ ବ୍ୟକ୍ତିଗତ ଭାବେ ୩୪ ରନ୍ ସଂଗ୍ରହ କରିଥିଲେ। ସେ ୨୧ଟି ବଲ୍ ଖେଳି ୩ଟି ଛକା ମାରିଥିଲେ। ସ୍କୋର ୭୩ ରନ୍‌ରେ କୋଲକାତା କେମରନ ଗ୍ରିନଙ୍କ ସମେତ ଅନୁକୂଳ ରୟଙ୍କୁ ମଧ୍ୟ ହରାଇଥିଲା। ଲକ୍ଷ୍ନୌର ସପ୍ତମ ଶିକାର ହୋଇଥିଲେ ରମଣଦୀପ ସିଂହ। ସେ ୧୧ଟି ବଲ୍ ଖେଳି ମାତ୍ର ୬ ରନ୍ ସଂଗ୍ରହ କରିଥିଲେ।

# ବେଙ୍ଗାଲୁରୁ ୯ ୱିକେଟରେ ବିଜୟୀ



ଦିଲ୍ଲୀ:୨୭/୦୪- ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୯ତମ ମ୍ୟାଚ୍‌ରେ ରଜତ ପଟ୍ଟିଦାରଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଅରୁଣ ଜେଟଲୀ ଷ୍ଟାଡିୟମରେ ଘରୋଇ ଦିଲ୍ଲୀ ଟିମ୍‌କୁ ବେଙ୍ଗାଲୁରୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଦିଲ୍ଲୀ ଟିମ୍ ୧୬.୩ ଓଭରରେ ସମସ୍ତ ୱିକେଟ ହରାଇ ୭୫ ରନ୍ ସଂଗ୍ରହ କରିଥିଲା। ଫଳରେ ବେଙ୍ଗାଲୁରୁକୁ ଏହି ମ୍ୟାଚ୍ ବିଜୟ ପାଇଁ ୭୬ ରନ୍‌ର ଲକ୍ଷ୍ୟ ମିଳିଥିଲା। ଏହି ମ୍ୟାଚରେ କେଏଲ୍ ରାହୁଲ, ନିତିଶ ରାଣା, ସମୀର ରିଜ୍‌ଭି, ତ୍ରିସ୍ତାନ ଷ୍ଟବ୍ସ ଏବଂ ଅକ୍ଷର ପଟେଲ ଭଳି ତାରକା ତଥା ଯୁବ ବ୍ୟାଟରମାନେ ଦମ୍ଭ ଦେଖାଇପାରି ନଥିଲେ। ଦ୍ରୁତ ବୋଲର ଜୋସ୍ ହାଜେଲଉଡ୍ ୪ ଏବଂ ଭୁବନେଶ୍ୱର କୁମାର ୩ ଦିଲ୍ଲୀ ଖେଳାଳିଙ୍କୁ ଆଉଟ୍ କରିଥିଲେ। ରସିକ ସାଲମ ଡାର, ସୂୟାଂଶ ଶର୍ମା ଏବଂ କ୍ରୁଣାଳ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଦିଲ୍ଲୀ ଟିମ୍ ୧୬.୩ ଓଭରରେ ସମସ୍ତ ୱିକେଟ ହରାଇ ୭୫ ରନ୍ ସଂଗ୍ରହ କରିଛି। ଫଳରେ ବେଙ୍ଗାଲୁରୁକୁ ଏହି ମ୍ୟାଚ୍ ବିଜୟ ପାଇଁ ୭୬ ରନ୍‌ର ଲକ୍ଷ୍ୟ ମିଳିଛି। ଦିଲ୍ଲୀର ରନ୍ ଚଳିତ ଆଇପିଏଲ୍‌ରେ ସର୍ବନିମ୍ନ ସ୍କୋର ଭାବେ ରେକର୍ଡ ହୋଇଛି। ଦିଲ୍ଲୀ ପାଇଁ ସାହିଲ ପ୍ରକାଶ ଏବଂ କେଏଲ୍ ରାହୁଲ ଇନିଂସ ଆରମ୍ଭ କରିଥିଲେ। ଉଭୟ ବ୍ୟାଟର ବିପର୍ଯ୍ୟୟର ସାମ୍ନା କରିଥିଲେ। ସାହିଲ ଖାତା ଖୋଲି ପାରିନଥିଲା ବେଳେ କେଏଲ୍ ରାହୁଲ ମାତ୍ର ୧ ରନ୍ ସଂଗ୍ରହ କରି ପାଭିଲିଅନ୍‌କୁ ଫେରି ଆସିଥିଲେ। ସାହିଲ ୨ଟି ଏବଂ କେଏଲ୍ ରାହୁଲ ୩ଟି ବଲ୍ ସାମ୍ନା କରିଥିଲେ। ବେଙ୍ଗାଲୁରୁର ତୃତୀୟ ଏବଂ ଚତୁର୍ଥ ଶିକାର ଯଥାକ୍ରମେ ସମୀର ରିଜ୍‌ଭି (ଶୂନ୍ୟ ରନ୍) ଏବଂ ତ୍ରିସ୍ତାନ ଷ୍ଟବ୍ (୫ରନ୍) ହୋଇଥିଲେ। ଦଳର ଆଗଧାଡ଼ିର ୪ଜଣ ଖେଳାଳି ଆଉଟ୍ ହେଲା ପରେ ମଧ୍ୟ ଅଧିନାୟକ ଅକ୍ଷର ପଟେଲ ଧୈର୍ଯ୍ୟର ସହିତ ବ୍ୟାଟିଂ କରିବାରେ ବିଫଳ ହୋଇଥିଲେ। ସେ ୩ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲିପାରି ନଥିଲେ। ଯୁବ ଏବଂ ବିସ୍ଫୋରକ ବ୍ୟାଟର ନିତିଶ ରାଣା ମଧ୍ୟ ୯ଟି ବଲ୍ ଖେଳି ମାତ୍ର ୧ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। ଦ୍ୱିତୀୟରେ ବ୍ୟାଟିଙ୍ଗ କରି ବେଙ୍ଗାଲୁରୁ ୬.୩ ଓଭରରେ ଏକ ୱିକେଟ ହରାଇ ୭୭ ରନ୍ କରି ସହଜ ବିଜୟ ଲାଭ କରିଛି। ଦେବଦତ୍ତ ପାଡ଼ିକାଲ ଅପରାଜିତ ୧୩ ବଲ୍‌ରେ ୩୪ ରନ, କୋହଲି ଅପରାଜିତ ୧୫ ବଲରେ ୨୩ ରନ କରି ମ୍ୟାଚ୍ ହାତେଇ ନେଇଥିଲେ।

## ସ୍ୱତନ୍ତ୍ର ଅଲିମ୍ପିକ୍ସ ଜାତୀୟ ବୋଲିଂ
## ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୧ କାଂସ୍ୟ

ଭୁବନେଶ୍ୱର, ୨୭/୪- ନୂଆଦିଲ୍ଲୀର ଜୋରେକୋ ଆର୍ କ୍ୟୁବ ମଲ୍‌ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତର ଜାତୀୟ ବୋଲିଂ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ଚମତ୍କାର ପ୍ରଦର୍ଶନ କରିଛନ୍ତି। ୩ ସ୍ୱର୍ଣ୍ଣ ଓ ୧ କାଂସ୍ୟ ପଦକ ଜିତି ଅପୂର୍ବ ସଫଳତା ପାଇଛନ୍ତି। ଓଡ଼ିଶାର ଅଂଶଗ୍ରହଣ କରିଥିବା ସମସ୍ତ ୪ ଜଣ ପଦକ ଜିତିବାର ସୌଭାଗ୍ୟ ମଧ୍ୟ ଅର୍ଜନ କରିଛନ୍ତି। ସତ୍ୟବ୍ରତ ଦାଶ ଓ ସୁଶ୍ରୀ ସଂଗୀତା ନାୟକ ଯଥାକ୍ରମେ ପୁରୁଷ ଓ ମହିଳା ଏକକରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଦେବାଶିଷ ଓ ସତ୍ୟବ୍ରତ ଦାଶ ପୁରୁଷ ଯୁଗଳରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସାଗରିକା ଓ ସୁଶ୍ରୀ ସଂଗୀତା ମହିଳା ଯୁଗଳରେ କାଂସ୍ୟ ପଦକ ହାସଲ କରିଛନ୍ତି। ଗୀତା ପଣ୍ଡା ମୁଖ୍ୟ ପ୍ରଶିକ୍ଷକ ଓ ଲକ୍ଷ୍ମଣ ଗୌଡ଼ ସହ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶାରେ ଏହି କ୍ରୀଡ଼ାର ଭିତ୍ତିଭୂମି ଅଭାବ ଥିବା ସତ୍ତ୍ୱେ ଏହି ସଫଳତା ଖେଳାଳି ଓ ପ୍ରଶିକ୍ଷକଙ୍କ ସଙ୍କଳ୍ପବଦ୍ଧ ମାନସିକତାକୁ ପ୍ରତିଫଳିତ କରିଛି। ଖେଳାଳିମାନଙ୍କୁ ସ୍ୱତନ୍ତ୍ର ଅଲିମ୍ପିକ୍ ଓଡ଼ିଶାର ଅଧକ୍ଷା ସୁନୀତି ମୁଣ୍ଡ, କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଥ, ଉପାଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ, ମନସ୍ତତ୍ୱବିତ୍ ମନତୋଷ ବେହେରା, କ୍ରୀଡ଼ାବିତ୍ ସରିତା ରାଉତରାୟ, ଅଭିଭାବକ ଦୀପ୍ତି ରାଉତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଲମ୍ବା ଆଇପିଏଲ୍ ମ୍ୟାଚ୍ ନେଇ ଗାଭାସ୍କରଙ୍କ ଚିନ୍ତା



ମୁମ୍ବାଇ, ୨୭/୪- ଆଇପିଏଲ୍ ମ୍ୟାଚ୍‌ଗୁଡ଼ିକ ଲମ୍ବା ହୋଇଯାଉଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ପୂର୍ବତନ ଅଧିନାୟକ ତଥା କିମ୍ବଦନ୍ତି ବ୍ୟାଟର୍ ସୁନୀଲ ଗାଭାସ୍କର। ପଡ଼ିଆ ମଧ୍ୟରେ ଅଯଥା ଅନାବଶ୍ୟକ ଲୋକଙ୍କୁ ପ୍ରବେଶ କରିବା ଉପରେ କଠୋର କଟକଣା ଲାଗୁ କରିବାକୁ ସେ ପରାମର୍ଶ ଦେଇଛନ୍ତି। ୩ ଘଣ୍ଟା ମଧ୍ୟରେ ଏକ କ୍ରିକେଟ୍ ମ୍ୟାଚ୍ ଶେଷ କରିବାକୁ ଟ୍ୱେଣ୍ଟି-୨୦ର ପରିକଳ୍ପନା କରାଯାଇଥିଲା, କିନ୍ତୁ ଅଧିକାଂଶ ଆଇପିଏଲ୍ ମ୍ୟାଚ୍ ୩ ଘଣ୍ଟା ମଧ୍ୟରେ ଶେଷ ହେଉନାହିଁ। ଏପରିକି ସିଏସ୍‌କେ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏକ ମ୍ୟାଚ୍ ୪ ଘଣ୍ଟା ୨୨ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ପୁଣି ବିନା ସୁପରଓଭରରେ ଏହି ମ୍ୟାଚ୍‌ଟି ଏତେ ଲମ୍ବା ଚାଲିଥିଲା। ଏ ନେଇ ଗାଭାସ୍କର କହିଛନ୍ତି ଯେ ବିସିସିଆଇ ଏଥିରେ ହସ୍ତକ୍ଷେପ କରିବା ସହ ଠିକ୍ ସମୟରେ ମ୍ୟାଚ୍ ଶେଷ କରିବା ନେଇ କଡ଼ା ନିର୍ଦ୍ଦେଶ ଜାରି କରିବା ଉଚିତ୍। ଷ୍ଟାଟର୍ଜିକ୍ ଟାଇମ୍‌ଆଉଟ୍ ଓ ପଡ଼ିଆରେ ଖେଳାଳି ଓ ଅମ୍ପାୟାରଙ୍କ ବ୍ୟତୀତ ଅନ୍ୟମାନଙ୍କ ଅନାବଶ୍ୟକ ପ୍ରବେଶକୁ ଦୂର କରାଯିବା ଉଚିତ୍। '' ଦେଖାଯାଉଛି ଯେ ଷ୍ଟାଟର୍ଜିକ୍ ଟାଇମ୍‌ଆଉଟ୍‌ରେ ପ୍ରାୟ ଅଧଡଜନ ଲୋକ ପଡ଼ିଆରେ ପ୍ରବେଶ କରୁଛନ୍ତି। ଏପରିକି ବେଳେବେଳେ ଆଗକୁ ବ୍ୟାଟିଂ କରିବାକୁ ଆସିବାକୁ ଥିବା ବ୍ୟାଟର୍ ବି ପଡ଼ିଆ ଭିତରେ ପ୍ରବେଶ କରୁଛନ୍ତି। ଦଳମାନେ ଦିଆଯାଇଥିବା ସାଧୀନତାର ଅପବ୍ୟବହାର କରୁଛନ୍ତି। ଏହାକୁ ବନ୍ଦ କରାଯିବା ଆବଶ୍ୟକ। କେବଳ ପାଣି ବୋତଲ ସହ ଦୁଇଜଣ ସଂରକ୍ଷିତ ଖେଳାଳି କିମ୍ବା ଦୁଇ ଜଣ ପ୍ରଶିକ୍ଷଣ କର୍ମୀଙ୍କୁ ପ୍ରବେଶ ଅନୁମତି ରହିବା ଆବଶ୍ୟକ'' ସେ କହିଛନ୍ତି।

## ରାଜ୍ୟ କନିଷ୍ଠ ମହିଳା ହକି

# ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ବିଜେତା




ରାଉରକେଲା, ୨୭/୪- ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୫ମ ରାଜ୍ୟସ୍ତରୀୟ କନିଷ୍ଠ ମହିଳା ହକି ପ୍ରତିଯୋଗିତାକୁ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ଜିତିଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଦଳ ୨-୧ ଗୋଲ୍‌ରେ ସୁନ୍ଦରଗଡ଼କୁ ପରାସ୍ତକରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଅପରପକ୍ଷରେ ନୟାଗଡ଼କୁ ୩-୨ ଗୋଲ୍‌ରେ ପରାସ୍ତକରି ରାଉରକେଲା କ୍ରୀଡ଼ା ଛାତ୍ରାବାସ ତୃତୀୟ ସ୍ଥାନ ଅଧିକାର କରିଛି। ରବିବାର ଅପରାହ୍ନରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ମ୍ୟାଚ୍‌ର ୨୦ତମ ମିନିଟ୍‌ରେ କ୍ରୀଡ଼ା ଛାତ୍ରାବାସକୁ ଏକ ପେନାଲ୍ଟି କର୍ଣ୍ଣର୍ ସୁଯୋଗ ମିଳିଥିଲା। ଏହାକୁ ଅଙ୍କିତା ମିଞ୍ଜ୍ ଗୋଲ୍‌ରେ ପରିଣତକରି ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଥିଲେ। ୩୪ ମିନିଟ୍‌ରେ ପୁଣି ଏକ ପେନାଲ୍ଟି କର୍ଣ୍ଣର୍ ସୁଯୋଗକୁ ହାତଛଡ଼ା ନକରି ଅଙ୍କିତା ଗୋଲ୍ ଦେଇ ସ୍କୋର୍‌କୁ ୨-୦ ଗୋଲ୍‌ରେ ପହଞ୍ଚାଇଥିଲେ। ତେବେ ୩୮ତମ ମିନିଟ୍‌ରେ ସୁନ୍ଦରଗଡ଼ର ନମ୍ରତା ମିଞ୍ଜ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ବ୍ୟବଧାନକୁ ହ୍ରାସ କରିଥିଲେ। ଶେଷ କ୍ୱାର୍ଟର୍‌ରେ ଉଭୟ ଦଳ ଆକ୍ରମଣକୁ ଶାଣିତ କରିଥିଲେ ମଧ୍ୟ କେହି ଗୋଲ୍ ସ୍କୋର୍ କରିନପାରିବାରୁ କ୍ରୀଡ଼ା ଛାତ୍ରାବାସ ୨-୧ରେ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ୍‌କୁ ସୌଭାଗ୍ୟଲକ୍ଷ୍ମୀ ସାହୁ ଓ ଲକ୍ଷ୍ମୀ ଏକ୍କା ପରିଚାଳନା କରିଥିବାବେଳେ ସଞ୍ଚିତା ସାଇଁ, ମାତୃଶକ୍ତି ରଣା, ଲିଟୁନା ପଣ୍ଡା ଓ ପିଙ୍କି ନାଏକ ସହଯୋଗ କରିଥିଲେ। ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସର ଅଙ୍କିତା ମିଞ୍ଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ଅଜିତା ଏକ୍କା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ଗୋଲ୍‌କିପର ସାଗରିକା ଖାଡ଼ିଆ (ରାଉରକେଲା କ୍ରୀଡ଼ା ଛାତ୍ରାବାସ), ଶ୍ରେଷ୍ଠ ଡିଫେଣ୍ଡର୍ ସାନିଆ ମିଞ୍ଜ (ସୁନ୍ଦରଗଡ଼), ଶ୍ରେଷ୍ଠ ମିଡ୍‌ଫିଲ୍ଡର ଜାହ୍ନବୀ ବାବା (ନୟାଗଡ଼) ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି କୃଷି ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଦୀପ୍ତି ପଟେଲ, ଅଲିମ୍ପିଆନ ଲାଜରୁସ ବାର୍ଲା, ବରିଷ୍ଠ ପ୍ରଶିକ୍ଷକ ତଥା ରାଉରକେଲା କ୍ରୀଡ଼ା ଛାତ୍ରାବାସ ଅଧିକାରୀ କାଳୁ ଚରଣ ଚୌଧୁରୀ, ହକି ଓଡ଼ିଶା ନିର୍ଦ୍ଦେଶକ ବି.ଜେ. କାରିଆପ୍ପା ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ କୀର୍ତ୍ତିମାନ: ଦୁଇ ଘଣ୍ଟାରୁ କମ୍ ସମୟରେ ମାରାଥନ ଅତିକ୍ରମ କଲେ କେନିୟା ଧାବକ




ଲଣ୍ଡନ, ୨୭/୪- କେନିୟା ଧାବକ ସେବାଷ୍ଟିଆନ୍ ସାୱେଙ୍କ ନାମ କ୍ରୀଡ଼ା ଇତିହାସରେ ଲିପିବଦ୍ଧ ହୋଇଯାଇଛି। ଦୁଇ ଘଣ୍ଟାରୁ କମ୍ ସମୟ ମଧ୍ୟରେ ମାରାଥନ୍ ଅତିକ୍ରମ କରିବାରେ ସେ ବିଶ୍ୱର ପ୍ରଥମ ଧାବକ ହୋଇଛନ୍ତି। ଲଣ୍ଡନ ମାରାଥନ୍‌କୁ ସେ ୧ ଘଣ୍ଟା ୫୯ ମିନିଟ୍ ୩୦ ସେକେଣ୍ଡରେ ଅତିକ୍ରମ କରି ନିଜ ଟାଇଟେଲ୍ ବଜାୟ ରଖିଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ଇଥିଓପିଆର ୟୋମିଫ୍ କେଜେଲ୍‌ଚା ମଧ୍ୟ ଏହି ମାରାଥନ୍‌କୁ ୧ ଘଣ୍ଟା ୫୯ ମିନିଟ୍ ୪୧ ସେକେଣ୍ଡରେ ପୂରଣ କରିଥିଲେ। ଅର୍ଥାତ୍ ପ୍ରଥମ ଓ ଦ୍ୱିତୀୟ ଧାବକ ମାରାଥନ୍‌କୁ ୨ ଘଣ୍ଟାରୁ କମ ସମୟରେ ପୂରଣ କରିଛନ୍ତି। ତୃତୀୟ ସ୍ଥାନରେ ରହିଥିବା ଉଗାଣ୍ଡାର ଜାକବ୍ କିପ୍ଲିମୋ ୨.୦୦.୨୮ରେ ମାରାଥନ ଦୂରତ୍ୱ ଅତିକ୍ରମ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ତିନିଜଣ ଧାବକ ୨୦୨୩ରେ କେନିୟାର କେଲ୍‌ଭିନ୍ କିପ୍ଟମ୍‌ଙ୍କ ଦ୍ୱାରା ସ୍ଥାପିତ ବିଶ୍ୱ କୀର୍ତ୍ତିମାନ (୨.୦୦.୩୫) ଅତିକ୍ରମ କରିଛନ୍ତି। ରୋଚକ କଥା ହେଉଛି ୨୦୧୯ରେ କେନିୟାର ଏଲ୍ୟୁଡ୍ କିପ୍‌ଚୋଗେ ମଧ୍ୟ ଦୁଇ ଘଣ୍ଟାରୁ କମ ସମୟରେ ( ୧.୫୯.୪୦) ମାରାଥନ ଅକିକ୍ରମ କରିଥିଲେ। କିନ୍ତୁ ତାହାକୁ ବିଶ୍ୱ ରେକର୍ଡ ବୋଲି ଗ୍ରହଣ କରାଯାଇନଥିଲା। କାରଣ ସେ ସ୍ୱତନ୍ତ୍ର ଜୋତା ପିନ୍ଧିଥିଲେ, ତାହା ଏକ ମୁକ୍ତ ପ୍ରତିଯୋଗିତା ନଥିଲା ଓ ମାରାଥନ ପ୍ରତିଯୋଗିତାର ଧାର୍ଯ୍ୟ ନିୟମକୁ ପାଳନ କରାଯାଇନଥିଲା।

# କେନ୍ଦୁଝରର ଖେଳାଳି ଓସିଏ ଆବାସିକ ଏକାଡେମୀ ପାଇଁ ମନୋନୀତ



କେନ୍ଦୁଝର, ୨୭/୦୪(ଦିଲ୍ଲୀପ କୁମାର ସାହୁ) - ରାଜ୍ୟର କୋଣ ଅନୁକୋଣରୁ ତୃଣମୂଳ ସ୍ତରରୁ କ୍ରିକେଟ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଗୋଟେ ଛାତ ତଳେ ସମବେତ କରି ସେମାନଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ସହ ଆଗାମୀ ଦିନରେ ଏଠାରୁ ରାଜ୍ୟରେ ନୂତନ କ୍ରିକେଟ ପ୍ରତିଭା ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟରେ ପ୍ରଥମ ଥର ପାଇଁ ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏକ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି । ଡ଼. ହରେକୃଷ୍ଣ ମହତାବଙ୍କ ନାମରେ ଉତ୍ସର୍ଗୀକୃତ ଏହି ଏକାଡେମୀ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୬୦ ଜଣ ବାଳକ ଏବଂ ୧୫ ଜଣ ବାଳିକା ଖେଳାଳିଙ୍କୁ ମନୋନୀତ କରାଯାଇଛି । ଏଥିରେ କେନ୍ଦୁଝର ଜିଲ୍ଲାର ଏକମାତ୍ର ଖେଳାଳୀ ଭାବେ ଆଦିଦେବ ସାହୁ ଓସିଏ ରେସିଡେନ୍‌ସିଆଲ ଏକାଡେମୀ ପାଇଁ ମନୋନୀତ ହୋଇଛନ୍ତି। ସେ ଭୁବନେଶ୍ୱର କିଟ ପରିସରରେ ରହି ନିୟମିତ ଶିକ୍ଷାଗ୍ରହଣ ସହ କ୍ରିକେଟ ପ୍ରଶିକ୍ଷଣ ନେବେ। ଓସିଏ ଓ କିଟର ଯୁଗ୍ମ ପରିଚାଳନାରେ ଡଃ ହରେକୃଷ୍ଣ ମହତାବ ଫିଡ଼ର ସେଣ୍ଟର ପାଇଁ ଆଦିଦେବ ମନୋନୀତ ହୋଇଛନ୍ତି ବୋଲି ଓସିଏର ସମ୍ପାଦକ ସଞ୍ଜୟ କୁମାର ବେହେରାଙ୍କ ଠାରୁ ପ୍ରକାଶ । ଆଦିଦେବ ଗତ ଫେବୃଆରୀ ମାସରେ କଟକ ଠାରେ ଅନୁଷ୍ଠିତ ଆନ୍ତଃ ଜିଲ୍ଲା ୧୪ବର୍ଷରୁ କମ କ୍ରିକେଟରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ। ଫେବୃଆରୀ ୯ତାରିଖରୁ କିଟ ଷ୍ଟାଡିଅମରେ ଆୟୋଜିତ ନେଟ୍‌ସରେ ସେ କେନ୍ଦୁଝର ଜିଲ୍ଲାର ଏକମାତ୍ର ଖେଳାଳୀ ଭାବେ ସ୍ଥାନ ପାଇଥିଲେ। ଆଦିଦେବଙ୍କ ଏହି ମନୋନୟନ ସମ୍ପର୍କରେ ଓଡିଶା କ୍ରିକେଟ ଆସୋସିଏସନ ଜିଲ୍ଲା କ୍ରୀଡା ସଂସ୍ଥାର ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କୁ ମେଲ ଯୋଗେ ଜଣାଇଛନ୍ତି।

## ଶଙ୍କଟମୋଚନଙ୍କ ବର୍ଷିକ ଉତ୍ସବ

ରଘୁନାଥପୁର, ୨୭/୦୪ (ଅକ୍ଷର ଓଡିଶା )ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଅଞ୍ଚଳ ସ୍ଥିତ ବାସନ୍ତା ଗ୍ରାମରେ ହନୁମାନ ଜୀଉଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ତିନିଦିନଧରି ଚାଲିଥିଲା, ନାମୀ ଦାମୀ କଳାକାରଙ୍କ ମାଧ୍ୟମରେ ପ୍ରତିଦିନ ସନ୍ଧ୍ୟାରେ ସଂଗୀତ ପ୍ରଦଶନ କରାଯାଏ ଏବଂ କୋଟକଣା ଗ୍ରାମର ପଚିମ ସାଇ ସ୍ଥିତ ନିରଞ୍ଜନ ସ୍ୱାଇଁ କିର୍ତ୍ତନମଣ୍ଡଳି ପ୍ରଭୁ ହନୁମାନଙ୍କ ପୀଠରେ ରାତିଦିନ କିର୍ତ୍ତନ ପରିବେଷଣ ହୁଏ। ହନୁମାନ ଜୀଉ ପୀଠକୁ କୋଟକଣା, କଦରାପାଡି, ଧରାଧରପୁର. ପାଟଣା ଅଞ୍ଚଳମାନଙ୍କରୁ ସହ ସହ ଲୋକ ଆସି ପ୍ରଭୁଙ୍କ କୃପା ଲାଭପାଇଁ ଆସିଥାନ୍ତି ।

# ରାଜ୍ୟରେ ପ୍ରଥମ ଗ୍ରାମୀଣ ଆବାସ ଯୋଜନାରେ ରୂପାୟନ




ଦେବଗଡ଼, ୨୭।୪(ଅକ୍ଷର ଓଡ଼ିଶା): ଆର୍ଥିକ ୨୦୨୫-୨୬ ବର୍ଷରେ ଗ୍ରାମୀଣ ଆବାସ ଯୋଜନାରେ ସଫଳ ରୂପାୟନ କରି ଦେବଗଡ଼ ଜିଲ୍ଲା ଅନନ୍ୟ ସଫଳତା ଅର୍ଜନ କରିଛି। ରାଜ୍ୟ ସ୍ତରରେ ଅନ୍ୟ ୨୯ ଟି ଜିଲ୍ଲାକୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସଫଳତା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ପଞ୍ଚାୟତିରାଜ ଦିବସ ଅବସରରେ ଦେବଗଡ଼ ଜିଲ୍ଲା ପରିଷଦକୁ ପୁରସ୍କୃତ କରିଛନ୍ତି। ଦେବଗଡ଼ ଜିଲ୍ଲା ପରିଷଦର ସଭାପତି କୌସିକ ପ୍ରଧାନ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ ମୁଖ୍ୟମନ୍ତ୍ରୀଙ୍କ ଠାରେ ମାନପତ୍ର ସହ ୧୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ।

# ମକରଝୋଳ ପଞ୍ଚାୟତରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ହିଞ୍ଜିଳିକାଟୁ, ୨୭/୪ (ଅବନି କାନ୍ତ ପଟ୍ଟନାୟକ)ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ମାକରଝୋଳ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଦ୍ୱିତୀୟ ପର୍ଯ୍ୟାୟର ପଞ୍ଚାୟତ ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲମ୍ବୋଦର ଗୌଡ ପରିଚାଳନା କରିଥିବାବେଳେ ଆୟୋଜିତ କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ତହସିଲଦାର ତପନ କୁମାର ମହାପାତ୍ର, ହିଞ୍ଜିଳିକାଟୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଲକ୍ଷ୍ମୀ ପାଢ଼ୀ, ସ୍ଥାନୀୟ ସରପଞ୍ଚ ଗଣପତି ସାହୁ,ସମିତି ସଭ୍ୟ, ଜି ମୋହନ ରାଓ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗକୁ ଶୁଣିଥିଲେ। ବିଭିନ୍ନ ଅଭିଯୋଗକୁ ନେଇ ମକରଝୋଳ ପଞ୍ଚାୟତରେ ମୋଟ ୨୭ ଅଭିଯୋଗ ଦାଖଲ ହୋଇଛି । ସେଥି ମଧ୍ୟରେ ୧୦ ଗ୍ରାମୀଣ ଆବାସ , ୬ ରେସନ କାର୍ଡ, ୦୧ ରାଜସ୍ୱ, ୨ ବିକାଶ ମୂଳକ, ୭ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ୧ କୃଷି ସମ୍ବନ୍ଧିତ ରହିଥିଲା। ଏହି କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନ, ଜଳ ସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ଅରୁଣ କୁମାର ପଟ୍ଟନାୟକ,ଏଡି ଇଓ ପଞ୍ଚାନନ ସେଠି, ନାୟବ ସରପଞ୍ଚ ସବିତା ସ୍ୱାଇଁ ଆଦି ପ୍ରମୁଖଙ୍କ ସହ ସମସ୍ତ ବ୍ଲକ ବିଭାଗୀୟ ଅଧିକାରୀ ଏବଂ ସମସ୍ତ ପଞ୍ଚାୟତ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଜନ ଶୁଣାଣୀ ହୋଇଥିଲା।

# ତିନୋଟି ଷ୍ଟେସନକୁ 'ଇଟ୍ ରାଇଟ୍ ଷ୍ଟେସନ' ଭାବରେ ପ୍ରମାଣିତ




ସମ୍ବଲପୁର, ୨୭/୦୪( ଦେବେନ୍ଦ୍ର ମିଶ୍ର ) ନିରାପଦ ଏବଂ ପରିଷ୍କାର ଖାଦ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ସ୍ୱରୂପ, ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ସମ୍ବଲପୁର, ଟିଟଲାଗଡ଼ ଏବଂ ବରଗଡ଼ ରୋଡ୍ ରେଳ ଷ୍ଟେସନଗୁଡ଼ିକୁ 'ଇଟ୍ ରାଇଟ୍ ଷ୍ଟେସନ' ଭାବରେ ପ୍ରମାଣିତ କରାଯାଇଛି ।୩୦ ମାର୍ଚ୍ଚ ୨୦୨୬ ରୁ ୨୯ ମାର୍ଚ୍ଚ ୨୦୨୮ ପର୍ଯ୍ୟନ୍ତ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (FSSAI)ଦ୍ୱାରା ପ୍ରତିଷ୍ଠିତ ମାର୍ଗଦର୍ଶିକା ଅନୁଯାୟୀ ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି ମାନ୍ୟତା ରେଳ ଷ୍ଟେସନରେ ଯାତ୍ରୀମାନଙ୍କୁ ନିରାପଦ, ପରିଷ୍କାର ଏବଂ ପୁଷ୍ଟିକର ଖାଦ୍ୟ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ମଣ୍ଡଳର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।, ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସମ୍ବଲପୁର, ଟିଟଲାଗଡ଼ ଏବଂ ବରଗଡ଼ ରୋଡ୍ ଷ୍ଟେସନର ଷ୍ଟେସନ ପ୍ରବନ୍ଧକମାନଙ୍କୁ ପ୍ରମାଣପତ୍ର ହସ୍ତାନ୍ତରିତ କରିଥିଲେ। କ୍ୟାଟରିଂ ୟୁନିଟ୍ ଏବଂ ଷ୍ଟେସନ ପରିସରରେ ଖାଦ୍ୟ ସୁରକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତାର ଉଚ୍ଚ ମାନ ବଜାୟ ରଖିବାରେ ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସକୁ ସେ ପ୍ରଶଂସା କରିଥିଲେ ।ଖାଦ୍ୟ ସୁରକ୍ଷା ମାନଦଣ୍ଡ, ପରିଷ୍କାର ପରିଶ୍ରମ ଏବଂ ଖାଦ୍ୟ ସେବାର ସାମଗ୍ରିକ ଗୁଣବତ୍ତାର କଠୋର ଅନୁପାଳନ ଉପରେ ଆଧାର କରି ଇଟ୍ ରାଇଟ୍ ଷ୍ଟେସନ୍ ପ୍ରମାଣପତ୍ର ପ୍ରଦାନ କରାଯାଏ। ଖାଦ୍ୟ ପରିଚାଳନା, ସଂରକ୍ଷଣ, ଖାଦ୍ୟ ପରିଚାଳନାକାରୀଙ୍କ ବ୍ୟକ୍ତିଗତ ପରିଚ୍ଛନ୍ନତା ଏବଂ ସୁରକ୍ଷା ମାନଦଣ୍ଡ ପାଳନ ଭଳି ପାରାମିଟର ଉପରେ ଷ୍ଟେସନଗୁଡ଼ିକର ମୂଲ୍ୟାଙ୍କନ କରାଯାଏ। ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବାର ଭାରତୀୟ ରେଳବାଇର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି, ସେବା ପ୍ରଦାନରେ ଉତ୍କର୍ଷତା ପାଇଁ ମଣ୍ଡଳ ପ୍ରୟାସ ଜାରି ରଖିଛି।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera